ପୃଷ୍ଠା-୧୨+୮

48 ୪୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨୫/୨୦୨୧ (୧୨+୮=୨୦ ପୃଷ୍ଠା) | Bhubaneswar, Thursday, November 25/2021 | ★★★★★★

୪୮ଶ ଭାଗ ୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ଦିନ ଗଣୁଛନ୍ତି ମୌନି**

ଆସନ୍ତାବର୍ଷ ବିବାହ କରି ସେକେଣ୍ଡ ଇନିଂସ ଆରମ୍ଭ କରିବେ ଅଭିନେତ୍ରୀ ମୌନି ରୟ୍। ଏଥିଲାଗି ଏବେଠୁ ସେ ପ୍ରସ୍ତୁତ ହେଉଛନ୍ତି। ୦୭

୧୧

**ପୋଲାଣ୍ଡକୁ ଜିତାଇଲେ ଏରିକ୍**

କାନାଡ଼ା ବିପକ୍ଷ ଜୁନିୟର ପୁରୁଷ ହକି ବିଶ୍ୱକପ୍ ମ୍ୟାଚରେ ଏକମାତ୍ର ଗୋଲଦେଇ ବେମ୍ନେନିକ୍ ଏରିକ୍ ପୋଲାଣ୍ଡକୁ ଜିତାଇଛନ୍ତି।



## ବରଯାତ୍ରୀଙ୍କ ଉପରେ ମାଡ଼ିଗଲା ଟ୍ରକ୍
### ସରପଞ୍ଚଙ୍କ ସମେତ ୪ ମୃତ

**ମାଲକାନଗିରି,୨୪।୧୧(ଡି.ଏନ.ଏ.)**

ବାହାଘର ସ୍ଥଳକୁ ଯିବା ପାଇଁ ବୋଲେରୋରେ ବସି ଯାଇଥିଲେ ବରଯାତ୍ରୀ। ଗାଡ଼ି ଆଗରେ ଥିଲେ ବ୍ୟାଣ୍ଡପାର୍ଟି। ଏହି ସମୟରେ ଏକ ଟ୍ରକ ଦ୍ରୁତଗତିରେ ଆଗପଟୁ ଆସି ମାଡ଼ି ଯାଇଥିଲା। ଫଳରେ ୪ଜଣ ବରଯାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ବରଙ୍କ ବାପା ପାଣ୍ଡ୍ରିପାଣି ସରପଞ୍ଚ ଏବଂ ୩ ଜଣ ପ୍ରସେଶନ ପାର୍ଟିର ରହିଛନ୍ତି। ୫ଜଣ ଗୁରୁତର ହୋଇଛନ୍ତି। ଏପରି ଘଟଣା ମାଲକାନଗିରି ବ୍ଲକ୍ ପାଣ୍ଡ୍ରିପାଣି ଅଞ୍ଚଳରେ ବୁଧବାର ଘଟିଛି। ଖବରରୁ ଜଣାପଡ଼ିଛି ପାଣ୍ଡ୍ରିପାଣି ସରପଞ୍ଚ ଶିବ ଖେମୁଡୁଙ୍କ ପୁଅ ବାହାଘର ବରଯାତ୍ରୀ ଯିବା ପାଇଁ ସମସ୍ତେ ପ୍ରସ୍ତୁତ ହେଉଥିଲେ। ବାହାଘର ବୈପାରୀଗୁଡ଼ାରେ ସ୍ଥିର ହୋଇଥିଲା। ଝିଅ ଘର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଦକ୍ଷିଣପୂର୍ବ ଏସିଆ ଓ ପ୍ରବାସୀ ଶ୍ରମିକ**

# ଜୁନିୟର ହକି ବିଶ୍ୱକପ ଉଦ୍‌ଘାଟିତ

**ଭୁବନେଶ୍ୱର,୨୪।୧୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ହକି ଇତିହାସରେ ଯୋଡ଼ି ହୋଇଛି ଏକ ନୂଆ ଫର୍ଦ୍ଦ। କଳିଙ୍ଗ ଷ୍ଟାଡିୟମରେ ବୁଧବାର ଉଦ୍‌ଘାଟିତ ହୋଇଛି ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ। ପୂର୍ବରୁ ଚାମ୍ପିୟନ୍ସ ଟ୍ରଫିଠାରୁ ଆରମ୍ଭ କରି ସିନିୟର ହକି ବିଶ୍ୱକପ ପର୍ଯ୍ୟନ୍ତ ଅଧ ଡଜନରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିଥିବା ଓଡ଼ିଶା ଏବେ ବିଶ୍ୱର ଶ୍ରେଷ୍ଠ ରାଇଜିଂ ଷ୍ଟାରଙ୍କୁ ନେଇ ଏହି ମେଗା ପ୍ରତିଯୋଗିତାକୁ ସୁରକ୍ଷିତଭାବେ ସମ୍ପୂର୍ଣ୍ଣ କରିବାକୁ ଦୃଢ଼ପରିକର। ୧୬ଦଳର ଅଧିନାୟକଙ୍କ ଉପସ୍ଥିତିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଟ୍ରଫି ଉନ୍ମୋଚନ କରିବା ସହ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ସଭାପତି ନରିନ୍ଦର ଧ୍ରୁବ ବାତ୍ରା, ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ସଚିବ ଓ କମିଶନର ଆର. ଭିନିଲ କ୍ରିଷ୍ଣା, ହକି ପ୍ରମୋଶନ କାଉନସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ, ହକି ଇଣ୍ଡିଆ ସଭାପତି ଜ୍ଞାନେନ୍ଦ୍ରୋ ନିଙ୍ଗୋମବାମ୍,




କଳିଙ୍ଗ ଷ୍ଟାଡିୟମରେ ବୁଧବାର ଜୁନିୟର ପୁରୁଷ ହକି ବିଶ୍ୱକପ ଟ୍ରଫି ଉନ୍ମୋଚନ ଅବସରରେ ୧୬ ଦଳର ଅଧିନାୟକଙ୍କ ସହ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ନରିନ୍ଦର ଧ୍ରୁବ ବାତ୍ରା, ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ସଚିବ ଓ କମିଶନର ଆର. ଭିନିଲ କ୍ରିଷ୍ଣା, ହକି ପ୍ରମୋଶନ କାଉନସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ ଓ ହକି ଇଣ୍ଡିଆ କର୍ମକର୍ତ୍ତା ଉପସ୍ଥିତ ଅଛନ୍ତି।

### ୧୬ ଅଧିନାୟକଙ୍କ ଉପସ୍ଥିତିରେ ଟ୍ରଫି ଉନ୍ମୋଚନ କଲେ ରାଜ୍ୟପାଳ

ସମ୍ପାଦକ ରାଜିନ୍ଦର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏଫ୍‌ଆଇଏଚ୍ ସଭାପତି ନିଙ୍ଗୋମବାମ୍ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଜୁନିୟର ହକି ବିଶ୍ୱକପର ଏକ ପ୍ରତିକୃତି ପ୍ରଦାନ କରିଥିଲେ। ଶେଷରେ ଆକର୍ଷଣୀୟ ଆତସବାଜି କାର୍ଯ୍ୟକ୍ରମ ମନ ମୋହିଥିଲା। '' ଓଡ଼ିଶାକୁ ଏହି ମେଗା ଇଭେଣ୍ଟ ଆୟୋଜନ ସୁଯୋଗ ଦିଆଯାଇଥିବାରୁ ମୁଁ ବହୁତ ଖୁସି। ହକି ସହ ଓଡ଼ିଶା ଓତପ୍ରୋତଭାବେ ଜଡ଼ିତ। ଗତ କିଛିବର୍ଷ ମଧ୍ୟରେ ଦେଶରେ କ୍ରୀଡ଼ାର ପ୍ରାଧାନ୍ୟ ବଢ଼ିଛି ଏବଂ ଓଡ଼ିଶା ହକି ହବ୍‌ରେ ପରିଣତ ହୋଇଛି'' ବୋଲି ରାଜ୍ୟପାଳ ପ୍ରକାଶ କରିଥିଲେ। ଓଡ଼ିଶା ୨୦୧୮ ସିନିୟର ବିଶ୍ୱକପ ଆୟୋଜନ କରିଛି ଏବଂ ୨୦୨୩ ବିଶ୍ୱକପ ☞ପୃଷ୍ଠା-୪



# ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍-୨୦୨୧

# କ୍ଲାଇମେଟ୍ ଚେଞ୍ଜ: ଫୋକସ୍ ଓଡ଼ିଶା






'ଧରିତ୍ରୀ'ର ୪୮ତମ ଜନ୍ମଦିବସ ଅବସରରେ ବୁଧବାର ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମଠାରେ ଆୟୋଜିତ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ଯୁବ ସମ୍ମିଳନୀର ପ୍ରଥମ ଅଧିବେଶନରେ ଉପସ୍ଥିତ ଅତିଥି (ବାମରୁ) ବକୁଳ ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା ସମ୍ପାଦକ ତଥା କାର୍ଯ୍ୟକ୍ରମର ସଂଚାଳକ ସୁଜିତ ମହାପାତ୍ର, ୟୁନିସେଫ୍ ଓଡ଼ିଶା କ୍ଷେତ୍ର କାର୍ଯ୍ୟାଳୟ ମୁଖ୍ୟ ମୋନିକା ନେଲସନ୍, କୋଲକାତାସ୍ଥିତ ବ୍ରିଟିଶ ଡେପୁଟି ହାଇକମିଶନର ନିକ୍ ଲୋ, ଯୁବ ପରିବେଶ କର୍ମୀ ସୌମ୍ୟରଞ୍ଜନ ବିଶ୍ୱାଳ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଏବଂ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ।



ଯୁବ ସମ୍ମିଳନୀରେ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ସ୍ୱାଗତ ଭାଷଣ ଦେଉଛନ୍ତି।




ସମ୍ମିଳନୀରେ ଯୋଗଦେଇଥିବା ବ୍ରହ୍ମପୁରର ସବୁଜ ବାହିନୀ ଓ ଆଞ୍ଚଳିକ ବିକାଶ ପରିଷଦର ସଦସ୍ୟ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ସ୍କାଉଟସ୍ ଓ ଗାଇଡ୍‌ସ ପିଲା, ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଉପସ୍ଥାପିକା ଶୋଭ୍‌ନା ମିଶ୍ର ସେଲ୍‌ଫି ନେଉଛନ୍ତି।



ଭୁବନେଶ୍ୱର ଏମ୍ସରୁ ଆସିଥିବା ଛାତ୍ରୀଛାତ୍ରଙ୍କ ସହ ଆଇଏମ୍‌ଡି ଡିଜି ଡ. ମୃତ୍ୟୁଞ୍ଜୟ ମହାପାତ୍ର ଆଲୋଚନା କରୁଛନ୍ତି।

# ନେତୃତ୍ୱ ନିଅନ୍ତୁ ଯୁବପିଢ଼ି

## 'ଧରିତ୍ରୀ'ର ଜଳବାୟୁ ପରିବର୍ତ୍ତନ ଯୁବ ସମ୍ମିଳନୀ

**ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)**

ବିଶ୍ୱ ସମ୍ମୁଖରେ ବଡ଼ ଆହ୍ୱାନ ଭାବେ ଉଭା ହୋଇଥିବା ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ ହେବା ଦରକାର। ଏ ଦିଗରେ ବିଶେଷକରି ଯୁବପିଢ଼ି ଆଗକୁ ଆସି ନେତୃତ୍ୱ ନେବାର ସମୟ ଉପନୀତ ବୋଲି 'ଧରିତ୍ରୀ'ର ୪୮ତମ ଜନ୍ମ ଦିବସ ଉପଲକ୍ଷେ ଆୟୋଜିତ ୟୁଥ୍ କନ୍‌କ୍ଲେଭ୍ ବା ଯୁବ ସମ୍ମିଳନୀରେ ମତପ୍ରକାଶ ପାଇଛି।

ବୁଧବାର ଭୁବନେଶ୍ୱରର ସ୍ୱସ୍ତି ପ୍ରିମିୟମ୍‌ଠାରେ ଅନୁଷ୍ଠିତ 'କ୍ଲାଇମେଟ୍ ଚେଞ୍ଜ: ଫୋକସ୍ ଓଡ଼ିଶା' ଶୀର୍ଷକ ସମ୍ମିଳନୀରେ ଦୁଇଟି ଅଧିବେଶନରେ ଆଲୋଚନା ହୋଇଥିଲା। ପ୍ରଥମ ଅଧିବେଶନରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଜଳବାୟୁ ପରିବର୍ତ୍ତନକୁ ନିଜେ କିପରି ଅନୁଭବ କରିଥିଲେ ସେ ନେଇ ବକ୍ତବ୍ୟ ରଖିଥିଲେ। ୨୦ ବର୍ଷରେ ଓଡ଼ିଶା ୯ଟି ବାତ୍ୟା ଦେଖିଥିବା ବେଳେ ଗତ ୩ ବର୍ଷରେ ୬ଟି ବାତ୍ୟା ଦେଖିଛି। କିନ୍ତୁ ରାଜ୍ୟ ସରକାରଙ୍କ ଉଚିତ ପଦକ୍ଷେପ ଯୋଗୁ ବିପର୍ଯ୍ୟୟକୁ ମୁକାବିଲା କରିବାରେ ସଫଳ ହୋଇପାରିଛୁ। ତେବେ କେବଳ ସରକାର ନୁହେଁ, ଜନସାଧାରଣଙ୍କ ସହଯୋଗ ନିହାତି ଲୋଡ଼ା। ବିପର୍ଯ୍ୟୟ ବେଳେ ସାଧାରଣତଃ ଦୁଇଟି ଶବ୍ଦ ପୋଷ୍ୟ ଓ ପ୍ରଶମନ କଥା ଆଲୋଚନା ହୁଏ। ଜଳବାୟୁ ପରିବର୍ତ୍ତନ ଲଢ଼େଇରେ ସାମିଲ ହେବା ଲାଗି ବ୍ୟକ୍ତିଗତ ସ୍ତରରୁ ସାମୂହିକ ପ୍ରଚେଷ୍ଟାର ଆବଶ୍ୟକତା ରହିଛି ବୋଲି ଉନ୍ନୟନ କମିଶନର କହିଥିଲେ। ୟୁନିସେଫ୍ ଓଡ଼ିଶାର କ୍ଷେତ୍ର କାର୍ଯ୍ୟାଳୟ ମୁଖ୍ୟ ମୋନିକା ଓ. ନେଲ୍‌ସନ କହିଥିଲେ, ଜଳବାୟୁ ପରିବର୍ତ୍ତନର ପ୍ରଭାବ ଓଡ଼ିଶା ସମେତ ସମଗ୍ର ବିଶ୍ୱ ଉପରେ ପଡ଼ିଛି। ପପୁଆ ଆଣ୍ଡ୍ ନ୍ୟୁ ଗିନିରେ କାର୍ଯ୍ୟ କରୁଥିବା ସମୟରେ ସେଠାକାର ପିଲାମାନେ ଗୋଟିଏ ସ୍ଥାନରେ ପଢୁଥିଲେ। ବିପର୍ଯ୍ୟୟ ଯୋଗୁ କିଛି ଦିନ ପରେ ସେମାନେ ଆଉ ଗୋଟେ ସ୍ଥାନରେ ପଢୁଥିବା ସେ ଦେଖିବାକୁ ପାଇଥିଲେ। ସେହିଠାରୁ ସେ ଜଳବାୟୁ ପରିବର୍ତ୍ତନ କିଭଳି ପିଲାଙ୍କ ଉପରେ ପ୍ରଭାବ ପକାଇଥିଲା ତାହା ଅନୁଭବ କରିଥିଲେ। କୋଲକାତାସ୍ଥିତ ବ୍ରିଟିଶ ଡେପୁଟି ହାଇ କମିଶନର ନିକ୍ ଲୋ କାର୍ଯ୍ୟକ୍ରମରେ ଭାଗନେଇ 'ଧରିତ୍ରୀ'ର ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଯୁବପିଢ଼ି ଜଳବାୟୁ ପରିବର୍ତ୍ତନ ଲଢ଼େଇରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଅସ୍ତରଙ୍ଗର ଯୁବ ପରିବେଶକର୍ମୀ ସୌମ୍ୟ ରଞ୍ଜନ ବିଶ୍ୱାଳ ଜଳବାୟୁ ପରିବର୍ତ୍ତନକୁ ନିଜ ଗାଁରୁ ଅନୁଭବ କରିଥିଲେ ବୋଲି ମତ ଦେଇଥିଲେ। ସେ କହିଥିଲେ, ଆମ ଗାଁ ନିକଟରେ ଥିବା ଦେବୀ ନଦୀରେ ପୂର୍ବରୁ ଅଲିଭ୍ ରିଡ୍‌ଲେ ସାମୂହିକ ଅଣ୍ଡାଦାନ କରିବାକୁ ଆସନ୍ତି। କିନ୍ତୁ ଗତ କିଛିବର୍ଷ ହେବ ବେଆଇନ ଟ୍ରଲର ଚଳାଚଳ ଯୋଗୁ ଏଠାରେ ପ୍ରତିବର୍ଷ ପ୍ରାୟ ୩୦ହଜାର ଅଲିଭ୍ ରିଡ୍‌ଲେଙ୍କର ମୃତ୍ୟୁ ଘଟୁଛି। ଯଦି ସେମାନଙ୍କ ସୁରକ୍ଷା ପାଇଁ ଆମେ ଚିନ୍ତା ନ କରିବା ତେବେ ଆଗକୁ ଏହି ମୁହାଣରେ ଆଉ ଅଲିଭ୍ ରିଡ୍‌ଲେ ଦେଖିବାକୁ ମିଳିବେ ନାହିଁ। ଜଳବାୟୁ ପରିବର୍ତ୍ତନ ଦ୍ୱାରା ଉପୁଜୁଥିବା ସମସ୍ୟାଗୁଡ଼ିକୁ ଚିହ୍ନି ଏହିଭଳି ଛୋଟ ପଦକ୍ଷେପ ନେବା ପାଇଁ ନେତୃତ୍ୱ ନିଆଯାଇପାରିଲେ, ଏଭଳି ଗମ୍ଭୀର ସଙ୍କଟକୁ ଏଡ଼ାଇ ଦିଆଯାଇପାରିବ।

ଦ୍ୱିତୀୟ ଅଧିବେଶନରେ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର କହିଥିଲେ, ଦିନକୁ ଦିନ ପରିବେଶରେ ଅତ୍ୟଧିକ କାର୍ବନ ଫୁଟ୍‌ପ୍ରିଣ୍ଟ ବା ଅଙ୍ଗାରକାମ୍ଳ ଭାଗ ବଢୁଛି। ତାପଜ ବିଦ୍ୟୁତ୍ ଶକ୍ତି ଯୋଗୁ ଏହାର ମାତ୍ରା ବୃଦ୍ଧି ପାଉଛି। ଦୁଇଟି ଉପାୟରେ ମାଇକ୍ରୋ ଓ ମାକ୍ରୋ ସ୍ତରରେ ପଦକ୍ଷେପ ନିଆଗଲେ ଏହାକୁ ନିୟନ୍ତ୍ରଣରେ ରଖାଯାଇପାରିବ। ଏ ଦିଗରେ ପବ୍ଲିକ୍ ଟ୍ରାନ୍ସପୋର୍ଟ ବ୍ୟବହାର, ପ୍ଲାଷ୍ଟିକ ବ୍ୟବହାରକୁ ରୋକିବା ଏବଂ ଜଙ୍ଗଲ ସଂରକ୍ଷଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଆଇଏମ୍‌ଡି ମହାନିର୍ଦ୍ଦେଶକ କହିଥିଲେ। ଏଥିରେ ଓଡ଼ିଶାର ଜଳ ମାନବ ରଞ୍ଜନ କୁମାର ପଣ୍ଡା ଯୋଗଦେଇ କହିଥିଲେ, ଜଳବାୟୁ ପରିବର୍ତ୍ତନ ଦ୍ୱାରା ସମୁଦ୍ରର ଜଳସ୍ତର ବୃଦ୍ଧି ପାଇ ସାତଭାୟା ସମେତ ଉପକୂଳ ଅଞ୍ଚଳର କେତେକ ସ୍ଥାନରେ ଗାଁ ନିଶ୍ଚିହ୍ନ ହୋଇଗଲାଣି। ଅନ୍ୟପକ୍ଷରେ ପାଣିର ଗୁରୁତ୍ୱକୁ ଅନେକେ ହୃଦୟଙ୍ଗମ କରିପାରୁ ନାହାନ୍ତି। ଆଜିର ସମୟରେ ଶିକ୍ଷିତ ମୂର୍ଖଙ୍କ ସଂଖ୍ୟା ବଢ଼ିଚାଲିଛି। କୌଣସି ବିଷୟକୁ ଗମ୍ଭୀରତାର ସହ ଗ୍ରହଣ ନ କରି ଉପରଠାଉରିଆ ଭାବେ ଦେଖାଯାଉଥିବାରୁ ସମସ୍ୟାର ଉଚିତ ସମାଧାନ କରାଯାଇପାରୁ ନାହିଁ। ତେଣୁ ଏବେଠାରୁ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ କରାଯିବା ଦରକାର ବୋଲି ରଞ୍ଜନ କହିଛନ୍ତି। ଜାତିସଂଘ ଜଳବାୟୁ ପରିବର୍ତ୍ତନର ଯୁବପରାମର୍ଶଦାତା ଗୋଷ୍ଠୀର ସଦସ୍ୟ ଅର୍ଚ୍ଚନା ସୋରେଙ୍ଗ କହିଥିଲେ, ଜଳବାୟୁ ପରିବର୍ତ୍ତନ ଲଢ଼େଇ ପାଇଁ ଯେଉଁ ଆକ୍ସନ ପ୍ଲାନ ପ୍ରସ୍ତୁତ ହେଉଛି, ସେଥିରେ ଯୁବପିଢ଼ି ବିଶେଷକରି ମହିଳାମାନଙ୍କୁ ଗୁରୁତ୍ୱ ଦିଆଯିବା ଉଚିତ। ମହିଳାମାନେ ଏବେ ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନର ସୂତ୍ରଧର ପାଲଟିଲେଣି। ବର୍ତ୍ତମାନ ଆମେ ଏକାଠି ହୋଇ କାମ କରିବାର ସମୟ ଆସିଛି। ପରମ୍ପରାକୁ ବଜାୟ ରଖି ପଦକ୍ଷେପ ନିଆଗଲେ ଆମ୍ଭେମାନେ ଜଳବାୟୁ ପରିବର୍ତ୍ତନକୁ ଅନେକାଂଶରେ କମାଇବାରେ ସଫଳ ହୋଇପାରିବା। ଏକ ଉଦାହରଣ ଦେଇ ସେ କହିଥିଲେ, ଆଦିବାସୀଙ୍କ ଜୀବନଚର୍ଯ୍ୟାରେ ଜଙ୍ଗଲର ପ୍ରମୁଖ ଭୂମିକା ରହିଥିଲା। ଏବର ପିଢ଼ି ବାଉଁଶ ଦାନ୍ତକାଠି ଜାଣି ପାରୁନାହାନ୍ତି। ପ୍ଲାଷ୍ଟିକ ବ୍ରଶ୍‌ରେ ଦାନ୍ତ ଘଷୁଥିବା ଲୋକଙ୍କୁ ଯଦି ବିକଳ୍ପ ଭାବେ ବାଉଁଶ କାଠିରେ ଦାନ୍ତ ଘଷିବାକୁ କୁହାଯାଏ ଏବଂ ତାହାକୁ ସବୁଜ ପରିବର୍ତ୍ତନର ଆଖ୍ୟା ଦିଆଯାଏ, ତେବେ ସେଥିରେ କିଛି ନୂତନତ୍ୱ ରହିଛି ବୋଲି କୁହାଯାଇ ପାରିବ ନାହିଁ। କାରଣ ଆଗରୁ ଆମର ବାପା ଜେଜେବାପା ଜଙ୍ଗଲଜାତ ଦ୍ରବ୍ୟକୁ ନେଇ ବଞ୍ଚୁଥିଲେ। ଏହି ଅବସରରେ ସେ ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ ମଞ୍ଚରେ ଭାଗ ନେଇ ଅର୍ଜନ କରିଥିବା ଅଭିଜ୍ଞତାକୁ ବଖାଣିଥିଲେ।

ଏହି କାର୍ଯ୍ୟକ୍ରମରେ ପ୍ରଥମ ଅଧିବେଶନକୁ ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ସମ୍ପାଦକ ସୁଜିତ ମହାପାତ୍ର ଏବଂ ଦ୍ୱିତୀୟ ଅଧିବେଶନକୁ ବରିଷ୍ଠ ମୁକ୍ତବୃତ୍ତି ସାମ୍ବାଦିକ ସମ୍ପଦ ପଟ୍ଟନାୟକ ସଞ୍ଚାଳନା କରିଥିଲେ। ଏଥିରେ ୧୦ଟି ଉଚ୍ଚଶିକ୍ଷାନୁଷ୍ଠାନର ୧୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଜଳବାୟୁ ସଂକ୍ରାନ୍ତୀୟ ନିଜ ବ୍ୟକ୍ତିଗତ ଅଭିଜ୍ଞତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ମୁମ୍ବାଇରୁ ଆସିଥିବା କବି ତଥା ଗୀତିକାର କାବିସ୍ ସେଠ୍ ସ୍ୱରଚିତ କବିତା ଆବୃତ୍ତି କରିବା ସହ ସଙ୍ଗୀତ ପରିବେଷଣ କରିଥିଲେ। ସମ୍ମିଳନୀରେ ସ୍ନେହାଶିଷ ଦାସ ଓ ଶାଶ୍ୱତ ପତିଙ୍କ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ଡକ୍ୟୁମେଣ୍ଟାରି ପ୍ରଦର୍ଶନ କରାଯାଇଥିଲା। 'ଫ୍ରାଇଡେ୍‌ଜ୍ ଫର୍ ଫ୍ୟୁଚର' ଓଡ଼ିଶା ଶାଖାର ସଦସ୍ୟଙ୍କ ଦ୍ୱାରା ନୃତ୍ୟାଭିନୟ ପରିବେଷଣ କରାଯାଇଥିଲା।

କାର୍ଯ୍ୟକ୍ରମ ପ୍ରାରମ୍ଭରେ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ' ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ସ୍ୱାଗତ ଭାଷଣ ଦେଇ ସମ୍ମିଳନୀ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ତଥାଗତ ସତପଥୀ କହିଥିଲେ, ଜଳବାୟୁ ପରିବର୍ତ୍ତନ ଲଢ଼େଇରେ 'ଧରିତ୍ରୀ' ଗୁଣ୍ଡୁଚି ମୂଷା ଭୂମିକା ନିର୍ବାହ କରୁଛି। ଆଗକୁ ମଧ୍ୟ ଏହା ଜାରି ରହିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସେ ଅତିଥିମାନଙ୍କୁ ମେମେଣ୍ଟୋ ଏବଂ ଯୁବବକ୍ତାଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶୋଭନା ମିଶ୍ର ସଂଯୋଜନା କରିଥିଲେ।

ଏହି ଯୁବ ସମ୍ମିଳନୀର ଓଡ଼ିଶା ଖଣି ନିଗମ(ଓଏମ୍‌ସି) ମୁଖ୍ୟ ପ୍ରାୟୋଜକ ଥିବା ବେଳେ 'ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ୍', 'ଜେଏସ୍‌ଡବ୍ଲ୍ୟୁ', ' ଜିନ୍ଦଲ ପାୱାର' ଓ 'ବେଦାନ୍ତ' ସହକାରୀ ପ୍ରାୟୋଜକ ଥିଲେ। ସେହିପରି କୋଲକାତା ସ୍ଥିତ ବ୍ରିଟିଶ ଡେପୁଟି ହାଇକମିଶନ, ବକୁଳ ଫାଉଣ୍ଡେଶନ, ୱାଟର ଇନିସିଏଟିଭ୍, ଓଡ଼ିଶା ପରିବେଶ କଂଗ୍ରେସ, ଫ୍ରାଇଡେ୍‌ଜ୍ ଫର୍ ଫ୍ୟୁଚର, ଓଡ଼ିଶା ଲୋକାଲ, ଓଡ଼ିଶା ପରିବେଶ ସମିତି ପାର୍ଟନର ରହିଥିଲେ।





ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ରୀଛାତ୍ର ଓ ଦର୍ଶକ।

# ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍-୨୦୨୧

# କ୍ଲାଇମେଟ୍ ଚେଞ୍ଜ: ଫୋକସ୍ ଓଡ଼ିଶା

## ଯୁବ ବକ୍ତା


ପୂଜା ମହାନ୍ତି


ଶ୍ରୀଶିତା ପଟ୍ଟନାୟକ


ସୋନାଲି ଗିରି


ଶୁଚିସ୍ମିତା ସେନାପତି


ବର୍ଷା ପ୍ରିୟଦର୍ଶିନୀ କର


ପଦ୍ମଜା ଦାସ


ଆରାଧନା ମନସ୍ୱିନୀ


ପ୍ରେରଣା ମିଶ୍ର


ସଞ୍ଚିତା ଦାସ


ବିଶ୍ୱକସେନ୍ ଦାଶ



**ଦ୍ୱିତୀୟ ଅଧିବେଶନ:** (ବାମରୁ) ମୁକ୍ତବୃତ୍ତି ସାମ୍ବାଦିକ ତଥା ସଂଚାଳକ ସମ୍ପଦ ପଟ୍ଟନାୟକ, ଜଳମାନବ ରଞ୍ଜନ ପଣ୍ଡା, ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର, ଜାତିସଂଘ ଜଳବାୟୁ ପରିବର୍ତ୍ତନର ଯୁବ ପରାମର୍ଶଦାତା ଗୋଷ୍ଠୀର ସଦସ୍ୟ ଅର୍ଚ୍ଚନା ସୋରେଙ୍ଗ ଏବଂ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଉପସ୍ଥିତ।



'ଫ୍ରାଇଡେଜ୍ ଫର ଫ୍ୟୁଚର' ଭୁବନେଶ୍ୱର ଶାଖାର ଆର୍ଯ୍ୟା ମହାପାତ୍ରଙ୍କ ଉଦ୍‌ବୋଧନ ଏବଂ ଅନ୍ୱେଷା ଦାସ ଓ ପ୍ରଜ୍ୱଳ ମହାନ୍ତିଙ୍କ ନୃତ୍ୟାଭିନୟ।


ମୁମ୍ବାଇର କବି ତଥା ଗୀତିକାର କଭିସ୍ ଶେଠ୍ ନିଜ ଦ୍ୱାରା ଉଦ୍ଭାବିତ 'ନୋରୀ' ବାଦ୍ୟଯନ୍ତ୍ର ସହ ସଙ୍ଗୀତ ପରିବେଷଣ କରୁଛନ୍ତି।


ସ୍ନେହାଶିଷ ଦାସଙ୍କ ଡକ୍ୟୁମେଣ୍ଟାରୀର ଏକାଂଶ।


'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଯୁବ ପରିବେଶ କର୍ମୀ ସୌମ୍ୟ ଓ ଅର୍ଚ୍ଚନାଙ୍କୁ ମେମେଣ୍ଟୋ ପ୍ରଦାନ କରୁଛନ୍ତି।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ଏକ ବିଶେଷ ମୁହୂର୍ତ୍ତରେ ଅତିଥିମାନେ।

## ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଯୁବ ବକ୍ତାଙ୍କ ବାର୍ତ୍ତା

### ମିଳିତ ଲଢ଼େଇ ଜରୁରୀ

ଜଳବାୟୁ ପରିବର୍ତ୍ତନ ବିଭିନ୍ନ ଦେଶ ସାମ୍ନାରେ ଏକ ଚିନ୍ତାର କାରଣ ପାଲଟିଛି। ଏଥିଲାଗି ସମସ୍ତ ଅଂଶୀଦାର ମିଳିତ ଭାବେ ଲଢ଼େଇ କରିବାର ଆବଶ୍ୟକତା ରହିଛି। ଏ କ୍ଷେତ୍ରରେ ପ୍ରତ୍ୟେକ ବ୍ୟକ୍ତିବିଶେଷ ଦାୟିତ୍ୱବାନ ଭାବେ ଯୋଗଦାନ ରଖିବାକୁ ହେବ।

**–ପୂଜା ମହାନ୍ତି, ରେଭେନ୍ସା ବିଶ୍ୱବିଦ୍ୟାଳୟ**

### ବ୍ୟକ୍ତିଗତ ସ୍ତରରେ ଯୋଗଦାନ ଆବଶ୍ୟକ

ସମୟ ଥିଲା ଘରକୁ ଘରଚଟିଆ ଆସୁଥିଲେ। ଏହା ସହ ଅନ୍ୟ ପକ୍ଷୀ ମଧ୍ୟ ଆସୁଥିଲେ। ଏହା ଏବେ ଦେଖିବାକୁ ମିଳୁନାହିଁ। ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପନ ଏବଂ ଜଳବାୟୁ ସହ ଜଡ଼ିତ ବିଭିନ୍ନ ଦିଗକୁ ଦେଖିଲେ ଚିନ୍ତା ଲାଗେ। ନିଜ ନିଜ କ୍ଷେତ୍ରରେ ଆଲୋଚନା ପର୍ଯ୍ୟାଲୋଚନା ଦ୍ୱାରା ସଚେତନତା ସୃଷ୍ଟି କରିବାକୁ ହେବ।

**–ଶ୍ରୀଶିତା ପଟ୍ଟନାୟକ, ଏସ୍‌ସିବି ମେଡିକାଲ କଲେଜ, କଟକ**

### ଚିନ୍ତା କରିବାର ବେଳ ଆସିଛି

ଜଳବାୟୁ ପରିବର୍ତ୍ତନ ଦିଗକୁ ବିସ୍ତୃତ ଭାବେ ଚିନ୍ତା କରିବାକୁ ହେବ। ନିଜ ଢଙ୍ଗରେ ହେଉ ପଛେ କିଛି କିଛି କାମ କରି ଯୋଗଦାନ ବଢ଼ାଇବା ଉଚିତ। ଯୁବପିଢ଼ିଙ୍କ ଲାଗି ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଅନେକ କାମ କରିବାକୁ ପଡ଼ିବ। ମିଳିତ ହୋଇ ଲଢ଼େଇ କରିବାକୁ ପଡ଼ିବ।

**– ସୋନାଲି ଗିରି, ଉତ୍କଳ ବିଶ୍ୱବିଦ୍ୟାଳୟ**

### ଏହି କାର୍ଯ୍ୟକ୍ରମ ଉତ୍ସାହ ବଢ଼ାଇବ

ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଯୁବବର୍ଗଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଧରିତ୍ରୀ ପକ୍ଷରୁ ଗ୍ରହଣ କରାଯାଇଥିବା ଏଭଳି କାର୍ଯ୍ୟକ୍ରମରେ ସାମିଲହୋଇ ଅତ୍ୟନ୍ତ ଖୁସି। ଓଡ଼ିଶାରେ ଏଭଳି ଏକ କାର୍ଯ୍ୟକ୍ରମ ଯୁବବର୍ଗଙ୍କୁ ପରିବେଶ ଏବଂ ଜଳବାୟୁ ସମ୍ପର୍କରେ ଚିନ୍ତା କରିବା ଲାଗି ଉତ୍ସାହିତ କରିବ। ସମସ୍ତେ କିଛି କିଛି ଚିନ୍ତାକଲେ ବୃହତ୍ ଭାବେ ଯୋଗଦାନ ରଖିପାରିବେ।

**–ଶୁଚିସ୍ମିତା ସେନାପତି, ସାଇ ଇଣ୍ଟରନ୍ୟାଶନାଲ କଲେଜ**

### ଗଭୀର ଆତ୍ମଚିନ୍ତନ ଲୋଡ଼ା

ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ସାରା ବିଶ୍ୱ ପାଇଁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଏ ନେଇ ବିଭିନ୍ନ ପଦକ୍ଷେପ ନେବାର ଲୋଡ଼ା ରହିଛି। ବ୍ୟକ୍ତିଗତ ସ୍ତରରୁ ଏଥିଲାଗି ଉଦ୍ୟମ କରିବା ଉଚିତ। ଗଭୀର ଆତ୍ମଚିନ୍ତନ ସହ ପରିବେଶକୁ ହାନି ପହଞ୍ଚାଇବା ଭଳି କାମ ଛାଡ଼ିବାକୁ ହେବ। ଛୋଟ ପଦକ୍ଷେପ ଦିନେ ବଡ଼ ସୁଫଳ ପ୍ରଦାନ କରିବ।

**– ବର୍ଷା ପ୍ରିୟଦର୍ଶିନୀ କର, ବେସିକ୍ ସାଇନ୍ସ କଲେଜ, ଭୁବନେଶ୍ୱର**

### ଆହୁରି ଜାଗ୍ରତ ହେବାକୁ ପଡ଼ିବ

ଏବେଠାରୁ ସଜାଗ ହୋଇ କିଛି କାମ କରିବାକୁ ହେବ। ନିଜ ନିଜ ଅଞ୍ଚଳରୁ ଏ ନେଇ କାମ ଆରମ୍ଭ କରିବାକୁ ହେବ। ଏ କ୍ଷେତ୍ରରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ଆମେ କ'ଣ କରିପାରିବୁ ତାକୁ ଧ୍ୟାନଦେବାକୁ ହେବ।

**– ପଦ୍ମଜା ଦାସ, ବିଜେବି ଅଟୋନୋମସ୍ କଲେଜ**

### ବିନ୍ଦୁଟିଏ ହୋଇ ଯୋଗଦେଇ ହେବ

ଜଳବାୟୁ ପରିବର୍ତ୍ତନ ପାଇଁ ମାନବଜାତି ହିଁ ଦାୟୀ। ଜଳବାୟୁ ପରିବର୍ତ୍ତନ ଯୋଗୁ ଉପୁଜୁଥିବା ସମସ୍ୟାର ସମାଧାନ ଏବଂ ପରିବେଶ ସୁରକ୍ଷା ଦିଗରେ କିଏ ଆଗକୁ ଆସୁ କି ନ ଆସୁ କିନ୍ତୁ ନିଜ ସ୍ତରରେ ଚେଷ୍ଟା କରିବା ଆବଶ୍ୟକ। କାରଣ ଗୋଟିଏ ଗୋଟିଏ ବିନ୍ଦୁ ହିଁ ସିନ୍ଧୁ ସୃଷ୍ଟି କରିଥାଏ।

**–ଆରାଧନା ମନସ୍ୱିନୀ, ଏମ୍ସ, ଭୁବନେଶ୍ୱର**

### ମିଳିତ ଲଢ଼େଇର ଆବଶ୍ୟକତା ରହିଛି

ଜଳବାୟୁ ପରିବର୍ତ୍ତନ ଯୋଗୁ ସାରା ବିଶ୍ୱ ସମେତ ଓଡ଼ିଶା ବହୁ କ୍ଷତି ସହୁଛି। ବର୍ତ୍ତମାନ ପ୍ରାୟ ପ୍ରତିବର୍ଷ କିଛି ନା କିଛି ପ୍ରାକୃତିକ ବିପର୍ଯ୍ୟୟ ଆମ ରାଜ୍ୟ ସାମ୍ନା କରୁଛି। ପାଣିପାଗ ପରିବର୍ତ୍ତନ କ୍ଷେତ୍ରରେ ଉଭୟ ଜନସାଧାରଣ ଏବଂ ସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବାର ଆବଶ୍ୟକତାକୁ ବୁଝିବାକୁ ସମୟ ଆସିଛି।

**–ପ୍ରେରଣା ମିଶ୍ର, କିଟ୍ ବିଶ୍ୱବିଦ୍ୟାଳୟ**

### ଏବେଠୁ କାମ କରିବାର ବେଳ

ମାନବ ସମାଜର କାର୍ଯ୍ୟକଳାପ ଲାଗି ପ୍ରକୃତିର ସନ୍ତୁଳନ ବିଗିଡ଼ିଯାଇଛି। ଏବେ ସମୟ ଭାବିବାର କି ଚିନ୍ତା କରିବାର ନୁହେଁ। ଏବେର ସମୟ କାମ କରିବାର। ଯାହା କିଛି ବି କରିହେବ ତାକୁ ପ୍ରାଥମିକତା ଦେବାକୁ ପଡ଼ିବ।

**–ସଞ୍ଚିତା ଦାସ, ଏକ୍ସଆଇଏମ୍‌ବି**

### ଏବେ ବି ରହିଛି ସୁଯୋଗ

ମଣିଷ ନିଜର ସ୍ୱାର୍ଥ ସାଧନ କରି ବିଭିନ୍ନ ଉପାୟରେ ପ୍ରକୃତି ଏବଂ ପରିବେଶକୁ କ୍ଷତି ପହଞ୍ଚାଇବାରେ ଲାଗିଛି। ଫଳରେ ଏହାର କୁଫଳ ଭୋଗିବାକୁ ପଡୁଛି। ଆମ ପାଇଁ ଏବେ ବି ଅନେକ ସୁଯୋଗ ରହିଛି। ସୁଚିନ୍ତିତ ପଦକ୍ଷେପ ଦ୍ୱାରା ସବୁ କିଛି ସମ୍ଭାଳିବାକୁ ପଡ଼ିବ।

**–ବିଶ୍ୱକସେନ୍ ଦାଶ, ସିଇଟି, ଭୁବନେଶ୍ୱର**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୫ ନଭେମ୍ବର, ୨୦୨୧

**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାର ଯଦି କଶ୍ମୀରକୁ ରଖିବାକୁ ଚାହୁଁଛନ୍ତି ତେବେ ଅନୁଚ୍ଛେଦ ୩୭୦କୁ ପୁନଃ ଅବସ୍ଥାପିତ କରିବାକୁ ପଡ଼ିବ। ଲୋକେ ଏକାଠି ହୋଇ ନିଜ ପରିଚୟ ଓ ସମ୍ମାନ ପାଇଁ ଲଢ଼େଇ ଜାରି ରଖିବେ। **–ମେହବୁବା ମୁଫ୍‌ତି, ପିଡିପି ଅଧକ୍ଷା**"




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ସୋନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଇଂଲିଶ ଚ୍ୟାନେଲରେ ବୋଟ୍ ବୁଡ଼ି ୨୦ ମୃତ

ପ୍ୟାରିସ, ୨୪।୧୧: ଇଂଲିଶ ଚ୍ୟାନେଲରେ ଏକ ବୋଟ୍ ବୁଡ଼ିଯିବାରୁ ୨୦ରୁ ଊର୍ଦ୍ଧ୍ୱ ପ୍ରବାସୀଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ କେତେଜଣ ନିଖୋଜ ଅଛନ୍ତି। ଫ୍ରାନ୍ସ ଗୃହମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ମତ୍ସ୍ୟଜୀବୀମାନେ ୧୫ ମୃତଦେହ ବାହାର କରିଥିବାବେଳେ ଫ୍ରାନ୍ସ ନୌସେନାକୁ ୫ ମୃତଦେହ ମିଳିଛି। ଅନ୍ୟ ୫ ଜଣଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରାଯାଇଛି। ପ୍ରବାସୀମାନେ ବୁଧବାର ଫ୍ରାନ୍ସରୁ ଇଂଲିଶ ଚ୍ୟାନେଲ ଦେଇ ଇଂଲଣ୍ଡ ଯାଉଥିବାବେଳେ କାଲାଇସ୍ ବନ୍ଦର ନିକଟରେ ସେମାନଙ୍କ ବୋଟ୍ ବୁଡ଼ିଯାଇଥିଲା। ଉଦ୍ଧାର କାର୍ଯ୍ୟରେ ୩ ହେଲିକପ୍ଟର ଏବଂ ୩ଟି ବୋଟ୍‌କୁ ନିୟୋଜିତ କରାଯାଇଥିଲା। ଦୁର୍ଘଟଣା ପାଇଁ ଫ୍ରାନ୍ସ ପ୍ରଧାନମନ୍ତ୍ରୀ ଜନ୍ କାଷ୍ଟେକ୍ସ ଦୁଃଖ ପ୍ରକାଶ କରିଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢୁଆ ଧରିବାକୁ ପାଞ୍ଚଜଣ**
**ଗୀତ ବୋଲିବାକୁ ଜଣେ।**

ପାଲାରେ ଗାହାଣ ବା ଗାୟକ ଗୀତ ବୋଲୁଥିବାବେଳେ ପାଳିଆମାନେ ତା'ର ପାଳି ଧରୁଥିବା ଦେଖିବାକୁ ମିଳିଥାଏ। ଅନ୍ୟ ଅର୍ଥରେ ଜଣେ ନେତା ବା କାମିକାଲୋକଙ୍କର ଅନେକ ଅନୁଚର ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଢାମଣା ଗାତରେ ପଶିଚି ମୂଷା**
**ସିଂହ କୋରଡ଼ରେ ପଶିଚି ଶଶା।**

ସାଧାରଣତଃ ଢମଣା ଗାତରେ ମୂଷା ପଶିଲେ ବା ସିଂହ ଗୁମ୍ଫାରେ ଠେକୁଆ ପଶିଲେ ସେଠାରୁ ଅକ୍ଷତ ଅବସ୍ଥାରେ ଉଦ୍ଧାର ପାଇବା ନିହାତି ଅସମ୍ଭବ ହୋଇଥାଏ। ତେଣୁ ଯେତେ ସରଳ ଓ ନିଷ୍କପଟ ହୋଇଥିଲେ ମଧ୍ୟ ଭୟଙ୍କର ସ୍ଥାନରେ ପ୍ରବେଶ କଲେ ସେଠାରୁ ରକ୍ଷା ପାଇବା ଅତ୍ୟନ୍ତ କଷ୍ଟକର ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଟିଏମ୍‌ସିରେ ସାଙ୍ଗମାଙ୍କ ସମେତ ୧୨ କଂଗ୍ରେସ ବିଧାୟକ

ନୂଆଦିଲ୍ଲୀ, ୨୪।୧୧

ଉତ୍ତରପୂର୍ବାଞ୍ଚଳରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସ୍ଥିତି ମଜଭୁତ ହେବାରେ ଲାଗିଛି। ମେଘାଳୟର ପୂର୍ବତନ ମୁଖ୍ୟମନ୍ତ୍ରୀ ମୁକୁଲ ସାଙ୍ଗମାଙ୍କ ସମେତ କଂଗ୍ରେସର ୧୨ ଜଣ ବିଧାୟକ ବୁଧବାର ଟିଏମ୍‌ସିରେ ଯୋଗ ଦେଇଛନ୍ତି। ଫଳରେ ଟିଏମ୍‌ସି ରାଜ୍ୟ ବିଧାନସଭାରେ ମୁଖ୍ୟ ବିରୋଧୀ ଦଳର ପରିଚୟ ହାସଲ କରିବାକୁ ଯାଉଛି। ଟିଏମ୍‌ସିରେ ଏହି ନେତାମାନଙ୍କ ଯୋଗଦାନ ସମ୍ପର୍କରେ ଗୁରୁବାର ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ। ଏହା ଉପରେ ଅଧିକ କିଛି କହିବାକୁ ସାଙ୍ଗମା ମନା କରିଦେଇଛନ୍ତି। କଂଗ୍ରେସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସାଙ୍ଗମା ଓ ଅନ୍ୟ ୧୧ ଜଣ ବିଧାୟକ ବୁଧବାର ସନ୍ଧ୍ୟାରେ ବିଧାନସଭା ବାଚସ୍ପତି ମେଟ୍‌ବା ଲିଙ୍ଗଡୋଙ୍କୁ ସେମାନଙ୍କ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଆମେ କଂଗ୍ରେସ ଛାଡ଼ି ଟିଏମ୍‌ସିରେ ଯୋଗଦେଇଛୁ ବୋଲି ସାଙ୍ଗମାଙ୍କ ଜଣେ ଘନିଷ୍ଠ ସହଯୋଗୀ ଗଣମାଧ୍ୟମକୁ କହିଛନ୍ତି। କଂଗ୍ରେସ ଛାଡ଼ିଥିବା ବିଧାୟକଙ୍କ ମଧ୍ୟରୁ ୮ ଜଣ ଗାରୋ ହିଲ୍ସ ଅଞ୍ଚଳର ହୋଇଥିବାବେଳେ ୪ ଜଣ ଖାସି ଜଇନ୍ତିଆ ପାର୍ବତ୍ୟାଞ୍ଚଳର। ପ୍ରକାଶ ଯେ, ୨୦୨୨ରେ ଗୋଆ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ୨୦୨୩ରେ ମେଘାଳୟ ଓ ତ୍ରିପୁରାରେ ଭୋଟ ହେବ। ଉତ୍ତରପୂର୍ବର ଏହି ୩ ରାଜ୍ୟରେ କଂଗ୍ରେସର ସ୍ଥିତି କ୍ରମଶଃ ଦୁର୍ବଳ ହେବାରେ ଲାଗିଥିବାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟିଏମ୍‌ସିର ବଳ ବଢ଼ାଇ ଚାଲିଛନ୍ତି। ନିକଟରେ ତ୍ରିପୁରା ଓ ଗୋଆର ଏକାଧିକ ତୁଙ୍ଗ ନେତା କଂଗ୍ରେସରୁ ଟିଏମ୍‌ସିକୁ ଡିଆଁ ମାରିଛନ୍ତି। ଫଳରେ ଏହି ୩ ରାଜ୍ୟର ନିର୍ବାଚନ 'ମମତା ବନାମ ମୋଦି' ହେବ ବୋଲି ବିଶ୍ଳେଷକମାନେ ଆକଳନ କରୁଛନ୍ତି।



ମୁକୁଲ ସାଙ୍ଗମା

# ଅମ୍ବାନୀଙ୍କୁ ପଛରେ ପକାଇଲେ ଆଦାନୀ

ନୂଆଦିଲ୍ଲୀ, ୨୪।୧୧

ଆଦାନୀ ଗ୍ରୁପ ଅଧକ୍ଷ ଗୌତମ ଆଦାନୀ ଏସିଆର ସବୁଠୁ ଧନୀ ବ୍ୟକ୍ତି ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧକ୍ଷ ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇ ଦେଇଛନ୍ତି। ନେଟୱର୍ଥ କ୍ଷେତ୍ରରେ ଆଦାନୀ ମୁକେଶ ଅମ୍ବାନୀଙ୍କଠାରୁ ଆଗରେ ରହିଛନ୍ତି। ପ୍ରଥମ ଥର ଲାଗି ଆଦାନୀ ଏଭଳି ଉପଲବ୍ଧି ହାସଲ କରିଛନ୍ତି। ବୁଧବାର ଆଦାନୀ ଗ୍ରୁପ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜୀକରଣ ୧୦ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହି ସମୟରେ ରିଲାଏନ୍ସ ଗ୍ରୁପର ବଜାର ପୁଞ୍ଜୀକରଣ ୧୪.୯ ଲକ୍ଷ କୋଟି ରହିଛି। ବଜାର ପୁଞ୍ଜୀକରଣ ଦୃଷ୍ଟିରୁ ରିଲାଏନ୍ସ ଏବେ ବି ଆଗରେ ରହିଛି। ମାତ୍ର ଗୌତମ ଆଦାନୀଙ୍କର ନିଜ କମ୍ପାନୀରେ ରହିଥିବା ଅଂଶଧନ ରିଲାଏନ୍ସ ଗ୍ରୁପ କମ୍ପାନୀରେ ମୁକେଶଙ୍କ ଥିବା ଅଂଶଧନଠାରୁ ଅଧିକ। ଏହାକୁ ଦେଖିଲେ ସେ ମୁକେଶଙ୍କଠାରୁ ଅଧିକ ଧନୀ ବୋଲି କୁହାଯାଉଛି। ସାଉଦି ଆରାମକୋ ଡିଲ୍ ଅଟକିବା ପରେ ରିଲାଏନ୍ସ ଶେୟାର କାରବାର ଗଭୀର ଭାବେ ପ୍ରଭାବିତ ହୋଇଛି। ଫଳରେ ଆଦାନୀ ନେଟୱର୍ଥରେ ଆଗକୁ ବଢ଼ିଯାଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଜୁନିୟର ହକି ବିଶ୍ୱକପ ...

ଆୟୋଜନ କରିବାକୁ ଯାଉଛି। ଦେଶ ପକ୍ଷରୁ ଜୁନିୟର ହକି ବିଶ୍ୱକପରେ ପ୍ରତିନିଧିତ୍ୱ କରୁଥିବା ସବୁ ଖେଳାଳିଙ୍କୁ ଅଭିନନ୍ଦନ ଜଣାଉଛି। ଅଂଶଗ୍ରହଣକାରୀ ସବୁ ଦଳର ସଦସ୍ୟଙ୍କୁ ମୁଁ ସ୍ୱାଗତ କରୁଛି ବୋଲି ରାଜ୍ୟପାଳ ପ୍ରକାଶ କରିଥିଲେ। କରୋନା ମହାମାରୀକୁ ଦୃଷ୍ଟିରେ ରଖି ଏଥର ବିନା ଦର୍ଶକରେ ଟୁର୍ନାମେଣ୍ଟ ଆୟୋଜନ ହେଉଛି। ତେଣୁ ଷ୍ଟାଡିୟମରେ ପୂର୍ବର ଦର୍ଶକ କୋଳାହଳ ନାହିଁ। ପ୍ରଥମ ଦିବସରେ ବୁଧବାର ମୋଟ ୫ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଘରୋଇ ଭାରତ ପ୍ରଥମ ମ୍ୟାଚରେ ଫ୍ରାନ୍ସ ନିକଟରୁ ହାରି ଯାଇଥିବାବେଳେ ବେଲଜିୟମ, ଜର୍ମାନୀ, ମାଲେସିଆ ଓ ପୋଲାଣ୍ଡ ବିଜୟୀ ହୋଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ହକିକୁ ପ୍ରୋତ୍ସାହନ ଦେଇ ଆସୁଥିବା ଓଡ଼ିଶା ସରକାର ୨୦୧୮ରୁ ଭାରତୀୟ ହକି ଦଳର ପ୍ରାୟୋଜକ ରହି ଆସିଛନ୍ତି। ପୂର୍ବରୁ ଅନ୍ତର୍ଜାତୀୟ ପ୍ରତିଯୋଗିତା ଗୁଡ଼ିକୁ ସଫଳତାର ସହ ଆୟୋଜନ କରି ପ୍ରଶଂସା ସାଉଁଟିଥିବା ରାଜ୍ୟ ସରକାର ଏଥର କୋଭିଡ ମହାମାରୀକୁ ଦୃଷ୍ଟିରେ ରଖି ଅନେକ ପଦକ୍ଷେପ ନେଇଛନ୍ତି। ସମସ୍ତଙ୍କ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆ ଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହକିକୁ ପ୍ରୋତ୍ସାହନ ଦେଉଥିବାରୁ ପୁରସ୍କାର ସ୍ୱରୂପ ୨୦୨୩ ସିନିୟର ପୁରୁଷ ହକି ବିଶ୍ୱକପ ଆୟୋଜନ ଅଧିକାର ଓଡ଼ିଶାକୁ ମିଳିଛି।

### ବରଯାତ୍ରୀଙ୍କ ଉପରେ ...



ଦୁର୍ଘଟଣା ଘଟାଇଥିବା ଟ୍ରକ୍

ବୈପାରୀଗୁଡ଼ାରୁ ଆସି ପାଣ୍ଡ୍ରିପାଣି ନିକଟସ୍ଥ କଟାମେଟାସ୍ଥିତ ଶିବମନ୍ଦିରଠାରେ ଥିଲେ। ସରପଞ୍ଚଙ୍କ ସମେତ ଅନ୍ୟମାନେ ବରଯାତ୍ରୀଙ୍କୁ ଧରି କଟାମେଟା ଯିବାକୁ ପ୍ରସ୍ତୁତ ହେଉଥିଲେ। ପାଣ୍ଡ୍ରିପାଣି ଶିଶୁମନ୍ଦିର ନିକଟରେ ଗାଡିଟି ଛିଡା ହୋଇଥିଲା। କିଛି ସମୟ ପରେ ସମସ୍ତେ କଟାମେଟା ଅଭିମୁଖେ ଯାଇଥାନ୍ତେ। ମାତ୍ର ବିଧିର ବିଧାନ ଥିଲା ଅଲଗା। ଏହି ସମୟରେ ଏକ ଟ୍ରକ୍ ଦ୍ରୁତଗତିରେ ଆସି ବୋଲେରୋକୁ ଧକ୍କା ଦେଇଥିଲା। ଫଳରେ ସରପଞ୍ଚଙ୍କ ସମେତ ୪ଜଣଙ୍କ ମୃତ୍ୟୁ ହୋଇଥିଲା। ଗୁରୁତରଙ୍କୁ ମାଲକାନଗିରି ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ୪ ଜଣଙ୍କ କଥାରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଭାବନାକୁ କୁଠାରାଘାତ କରୁଛନ୍ତି : କଂଗ୍ରେସ

ଭୁବନେଶ୍ୱର, ୨୪।୧୧ (ବ୍ୟୁରୋ)

ରାଜ୍ୟରେ ବଢୁଥିବା ଅପରାଧ, ନାରୀ ନିର୍ଯାତନା, ଅପହରଣ ଓ ହତ୍ୟାକୁ ନେଇ ରାଜ୍ୟସାରା ଆଲୋଡ଼ନ ସୃଷ୍ଟି ହେଉଥିବାବେଳେ ମୁଖ୍ୟମନ୍ତ୍ରୀ ନିଦାବିଷ୍ଣୁ ସାଜି ଚୁପ୍ ରହିବା ମହିଳାଙ୍କ ଲାଗି ଚରମ ଅପମାନ ବୋଲି କଂଗ୍ରେସ ଅଭିଯୋଗ କରିଛି। ପିସିସି ପକ୍ଷରୁ ବୁଧବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ପଦ୍ମାକର ଗୁରୁ ଓ ପ୍ରଦେଶ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ବନ୍ଦିତା ପରିଡ଼ା ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଗୁରୁ କହିଛନ୍ତି, ମମିତା ମେହେର ହତ୍ୟା ପ୍ରସଙ୍ଗ କ୍ରମଶଃ ରାଜ୍ୟ ବାତାବରଣକୁ ଅତିଶୟ ପ୍ରଭାବିତ କରିଥିବାବେଳେ ଏନେଇ ଜନସାଧାରଣଙ୍କ ଆକ୍ରୋଶକୁ ମୁଖ୍ୟମନ୍ତ୍ରୀ ବୁଝି ନ ପାରିବା ଅତ୍ୟନ୍ତ ପୀଡ଼ାଦାୟକ। କିଛିବର୍ଷ ଧରି ମୁଖ୍ୟମନ୍ତ୍ରୀ ହାତଗଣତି ୪ ଜଣଙ୍କ କଥାରେ ପଡ଼ି ରାଜ୍ୟର ତଥା ରାଜ୍ୟବାସୀଙ୍କ ଭାବନାକୁ କୁଠାରାଘାତ କରୁଛନ୍ତି। ସତେଯେପରି ବିଜୁ ଜନତା ଦଳ ଏବେ ବବି ଜନତା ଦଳରେ ପରିଣତ ହୋଇଛି। ମୁଖ୍ୟମନ୍ତ୍ରୀ ବବି, ପାଣ୍ଡିଆନ, ପ୍ରତାପ ଓ ଦିବ୍ୟଶଙ୍କରଙ୍କଠାରୁ ଦୂରେଇ ନ ରହିଲେ ରାଜ୍ୟବାସୀ ଅଣ୍ଡା, ଝଣ୍ଡାରେ ତାଙ୍କୁ ଓ ମନ୍ତ୍ରୀଙ୍କୁ ସାରା ରାଜ୍ୟରେ ବିରୋଧ କରିବେ। ନାରୀ ଜାତିର ସମ୍ମାନ, ସ୍ୱାଭିମାନ ସୁରକ୍ଷା ଓ ଭବିଷ୍ୟତ ଆଜି ବିପନ୍ନ। ଅପରାଧୀଙ୍କୁ ସଜା ଦେବାରେ ରାଜ୍ୟ ବହୁ ପଛରେ। ସେଥିଲାଗି ବିଧାନସଭା ଭିତରେ ଓ ବାହାରେ କଂଗ୍ରେସ ଦଳ ପ୍ରତିବାଦ ସହ ବିପ୍ଳବ ଜାରି ରଖିବ। ଆଗାମୀ ବିଧାନସଭାରେ ସରକାର ଏକ ଶ୍ୱେତପତ୍ର ଦାଖଲ କରନ୍ତୁ ବୋଲି ମୁଖପାତ୍ର ଗୁରୁ ଦୃଢ଼ ଦାବି କରିଛନ୍ତି।



ଖବରଦାତା ସମ୍ମିଳନୀରେ ପଦ୍ମାକର ଗୁରୁ ଓ ବନ୍ଦିତା ପରିଡ଼ା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** – ମନ ଚାହୁଁଥିବା ଜିନିଷ ଲାଭ କରିବା ଦିଗରେ ଉଦ୍ୟମ କରି ଆଶା ଚରିତାର୍ଥ କରିବେ। ବ୍ୟବସାୟ, ସଭାସମିତି, ଯାତ୍ରା ଓ ବନ୍ଧୁମିଳନ କ୍ଷେତ୍ରରେ ସମୟ କଟାଇବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ପୁରୁଣା କଥାକୁ ବାରମ୍ବାର ଆଲୋଚନା କରି ସମସ୍ୟାକୁ ବଢ଼ାଇ ପାରନ୍ତି।

**ବୃଷ** – ଶାରୀରିକ ଦୁର୍ବଳତା ଯୋଗୁ କୌଣସି କାମ କରିବାକୁ ଆଗ୍ରହ ଲାଗିବ ନାହିଁ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ଜମିଜମା,କଚେରି ମାମଲା, ଆଲୋଚନା ସଭା ଓ ଲେଖାପଢ଼ା ଦିଗରୁ ଉପକୃତ ହେବେ। ଦୂରସ୍ଥ ସନ୍ତାନଙ୍କ ବିଷୟ ଚିନ୍ତା କରି ମନ ଛଟପଟ ହେବ।

**ମିଥୁନ** – ଆଜି ବନ୍ଧୁଙ୍କ ସାହାଯ୍ୟରୁ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ଜଣେ ଆତ୍ମୀୟଙ୍କ ସହଯୋଗ ଦ୍ୱାରା ଅର୍ଥଲାଭ ଓ ସମ୍ମାନ ସାଙ୍ଗକୁ ବାଲ୍ୟବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ରହିବେ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଇପାରେ।

**କର୍କଟ** – ଅଫିସ୍ କାମରେ ଭାବପ୍ରବଣବଶତଃ ବିରକ୍ତିକର କଥା କହି ଅପଦସ୍ଥ ହେବେ। ଆକସ୍ମିକ ଆଗନ୍ତୁକ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ସତ୍‌ସଙ୍ଗ କିମ୍ବା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ସ୍ଥାପନ କରି ଖୁସି ହେବେ।

**ସିଂହ** – ମାନସିକ ଅବସାଦ ବଢ଼ିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଈର୍ଷା ପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବ୍ୟବସାୟରେ ସନ୍ତୋଷଜନକ ଫଳ ଦେଖାଦେଇପାରେ। ମାନସିକ ସ୍ତରରେ କଷ୍ଟ ପାଇଲେ ମଧ୍ୟ ଅନ୍ୟାନ୍ୟ କେତେକ ଦିଗରୁ ଲାଭବାନ୍ ହେବେ।

**କନ୍ୟା** – ଆଜି ଯେଉଁ କାମରେ ହାତ ଦେବେ, ସେଥିରେ ସଫଳତା ଅବଶ୍ୟମ୍ଭାବୀ। ସାମାଜିକ ଜୀବନରେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇ ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ଆକସ୍ମିକ ଭାବରେ ଖର୍ଚ୍ଚାନ୍ତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି।

**ତୁଳା** – ପରିବାର ଭିତରେ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରି ସଫଳତା ହାସଲ କରିବେ। ବନ୍ଧୁମାନଙ୍କ ସହ ହସ ଖୁସି ଓ ବିଳାସ ବ୍ୟସନରେ ସମୟ ଅତିବାହିତ ହେବ। ପୁରାଣ ପଠନ, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଓ ନୃତ୍ୟ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସହିତ ପାରିବାରିକ ସମସ୍ୟା ମଧ୍ୟ ସମାଧାନ ହୋଇଯିବ।

**ବିଛା** – ଆଳସ୍ୟ ଓ ଅବହେଳା କାରଣରୁ ଗୁରୁତ୍ୱପୂର୍ଣ୍ଣ କାମ ଗୁଡ଼ିକ ପାଇଁ ଅନୁତପ୍ତ ରହିବେ। ଦୀର୍ଘ ସମୟର କାର୍ଯ୍ୟବ୍ୟସ୍ତତା ହେତୁ ଶାରୀରିକ କ୍ଳାନ୍ତି ଅନୁଭବ କରିବେ। ବନ୍ଧୁଙ୍କ ଆମନ୍ତ୍ରଣ କ୍ରମେ ଯାତ୍ରା କରିବାକୁ ପ୍ରସ୍ତୁତ ହୋଇପାରନ୍ତି। ଗବେଷଣା, ରଚନାତ୍ମକ କାମ, ସେବା ଓ ପରୋପକାର ହେତୁ ସାମାଜିକ ପ୍ରତିଷ୍ଠା ବଢ଼ିବ।

**ଧନୁ** – କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହେବାର ବହୁତ ସମ୍ଭାବନା ରହିଛି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା କରି କେତେକାଂଶରେ ଉପକୃତ ହେବେ। ଦୀର୍ଘ ଦିନର ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ।

**ମକର** – କର୍ମକ୍ଷେତ୍ରରେ ପୃଷ୍ଠ ସାହାଯ୍ୟ ଲାଭକରି ମନୋବଳ କ୍ରମଶଃ ବୃଦ୍ଧି ପାଇବ। ଆଜି ଫେରନ୍ତା ବାଟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ବିବାଦୀୟ ଘଟଣାରେ ବନ୍ଧୁଙ୍କ ମଧ୍ୟସ୍ଥତା ଭଲ କାମ ଦେବ ଓ ମାମଲା ଫଇସଲା ହୋଇଯିବ। ସାମୟିକ ଭାବରେ ପିଲାମାନଙ୍କ ସମସ୍ୟାକୁ କେନ୍ଦ୍ରକରି ଅଶାନ୍ତ ରହିବେ।

**କୁମ୍ଭ** – ଦୀର୍ଘ ଦିନ ଉପରାନ୍ତେ ଆଜି ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବ। ବ୍ୟବସାୟରେ କ୍ଷତିର ଆଶଙ୍କା ରହିଛି, ମାତ୍ର ଜଣେ ବନ୍ଧୁଙ୍କ ସାହାଯ୍ୟକୁ ଭୁଲିପାରିବେ ନାହିଁ। କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଘର ସାଜସଜ୍ଜାରେ, ନିର୍ମାଣରେ, ଆନୁଷ୍ଠାନିକ କାମରେ, ନୃତ୍ୟ ଓ ସଙ୍ଗୀତରେ ମଜି ରହିପାରନ୍ତି।

**ମୀନ** – ଆଜି ହଠାତ୍ ପ୍ରତ୍ୟୁଷରେ ଯାତ୍ରା କରି ଆଶା କରୁଥିବା ଜିନିଷ ଲାଭ କରିପାରନ୍ତି। ପାରିବାରିକ ଦିଗରୁ କେତେକ ବ୍ୟତିକ୍ରମ ସୃଷ୍ଟି ହେବାର ସମ୍ଭାବନା ରହିଛି। ପରୋକ୍ଷ ଶତ୍ରୁତା କାରଣରୁ ଯେତେ ଭଲ କାମ କଲେ ମଧ୍ୟ କର୍ମକ୍ଷେତ୍ରରେ ସମାଲୋଚିତ ହେବେ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ପ୍ରଶାସନ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।


# classifieds Everyday
0674-2580101, 2549302



**SALE**

ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300 mtr distance ସ୍ଥିତିବାନ ପ୍ଲଟ୍ ମିଳୁଅଛି। 8908122121. D-71729

Gharabari residential plot for sale at Balianta, 5k.m. distance from Hanspal, 11k.m. distance from Vani Vihar, immediate possession and registration. 7789912004, 9348577408. D-68284

Sum Hospital ପାଖ ଘଙ୍ଗାପାଟନାରେ ସ୍ଥିତିବାନ ପ୍ଲଟ୍ ୩୦ଫୁଟ ରୋଡ୍, ଇଲେକ୍ଟ୍ରି ସହ ମିଳୁଛି। 7653997595. D-71737

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (outright). 9439660381. D-22344

Bhubaneswar infocity-2 200' road side near NH-5 gharabari plot sqft. 1450/- Bank finance ଥାଇ ମିଳୁଛି। 7978230118, 9237480561, 8260722312. D-71717



To-Let 60000 sqft. Commercial Space between Cuttack and Bhubaneswar Highway. Contact 7008175963/ 9776050040. D-22211



Ashirvaad Saloon and SPA get good massage for your health tha best therapy. 7077181074. D-71823

One hour any therapy by expert therapist @800 only. 9078484455. D-71437

Newly Open Saikrupa Panchakarma Spa positively health benefits with Expert. 8984068077. D-22247

Newly open SPA Offer price @ 599/-, positively health benefits. 8455987557. D-71442

Refreshing your mind and body with the best therapy. 7873794731. D-71907

@1199 full body massage, mind refreshing joint pain, positively give health benefit by expert therapist, ladies/gents. Contact: 7205058838. D-71910

**LOST**

ମୁଁ ଶ୍ରୀ ବସନ୍ତ କୁମାର ରାଉତ, ପିତା– ୰ବଂଶୀଧର ରାଉତ, ଗ୍ରାମ–ଧୂମପୁର, ପୋ–ଚନ୍ଦ୍ରପଡ଼ା, ଜିଲ୍ଲା– ବାଲେଶ୍ୱର ଅଟେ। ଗତ ତା ୧୫।୧୧।୨୧ରିଖ ସୋମବାର ସକାଳ ୯ଟାରେ ଘରୁ ମୋଟର ସାଇକେଲ ଯୋଗେ ଅଡ଼ା–ମାର୍କୋଣା ରାସ୍ତାରେ ଆସୁଥିବା ବେଳେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସମେତ ଜମିବାଡ଼ିର ଖତିୟାନ ବ୍ୟାଗଟି ରାସ୍ତାରେ ଖସି ପଡ଼ିଛି। ଏହି ଖତିୟାନ ନଂ.–୧୨୪/୫୦ ଓ ପ୍ଲଟ ନଂ.–୩୦୯/୫୦୮ ଅଟେ।
ବସନ୍ତ କୁମାର ରାଉତ
ମୋ– ୬୩୭୦୮୬୧୮୨୫
ଧ– ୨୨୩୭୯

**AFFIDAVIT**

In The Court of Executive Magistrate, Hindol, I Smt. Prabhati Behera W/o- Gobinda Chandra Sahoo, Vill/ PO/P.S/ - Rasol, Dist.- Dhenkanal, change my surname from Behera to Sahoo, after marriage. Henceforth, I shall be known as Smt. Prabhati Sahoo for all purpose. D-22370

Affidavit before Notary Public, Berhampur, I Laxmi Bishoyi (As per Aadhaar Card 637524167870), W/o- Prafulla Kumar Bishoyi, Boguli Street, Gatebazar, Berhampur inavertently mentioned in my passport as Lashmi Bishoyi, both the name are of one and same person ie. myself. D-66666

By virtue of an affidavit sworn before the Notary Public, Kuchinda, I Sukha Sahu, W/o. Late Sundarlal Gountia, R/o. Village- Gopalpali, PO. Bankey, Dist. Sambalpur declared that in family pension book of my deceased husband his name has been recorded as Sundarlal Gountia and in his Aadhaar card and Voter ID card his name has been mentioned as Sundarlal Sahu. That, as such my husband is one and same person by name has surname Sundarlal Gountia @ Sundarlal Sahu. D-22366

Affidavit before Executive Magistrate, Dhenkanal, I Amitish Soni, S/o. Kedar Prasad Verma, resident of Dakhinakali Road, Dhenkanal, Odisha. In my educational document it is mentioned as Amit Kumar Verma. That my name be treated as Amitish Soni instead of Amit Kumar Verma for all purposes, and its stands for the same and one person. D-70371

**Birthday Wish**





(Soni)
**Kasturi Priyambada Sahoo**
(Brit Colony, Bhubaneswar)
You are my life, my sunshine, my everything. You give me reason to smile. Wishing you to have a special birthday. Happy Birthday Jhua Wishes from Maa, Bapa, Babuna, Rani, Pua, Friends and relatives.
D-71911

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ନ୍ୟାୟ ପାଇଁ ଯୁବତୀଙ୍କ ଧାରଣା ୩ ଦିନରେ

## ବିବାହକୁ ସ୍ୱୀକାର କଲେ ସ୍ୱାମୀ

ବ୍ରହ୍ମପୁର ଅଫିସ, ୨୪।୧୧

ପ୍ରେମ ପରେ ପ୍ରତାରିତ ହୋଇ ନ୍ୟାୟ ପାଇଁ ବ୍ରହ୍ମପୁର ବ୍ରହ୍ମାନଗରରେ ପ୍ରେମିକ ଘର ସମ୍ମୁଖରେ ଛତ୍ରପୁରର ତପସ୍ୱିନୀ ଦାସ ୩ ଦିନ ହେଲା ଧାରଣାରେ ବସିଛନ୍ତି। ତପସ୍ୱିନୀଙ୍କ ସମ୍ପର୍କୀୟ ପୋଲିସକୁ ଦୁର୍ବ୍ୟବହାର କରିଥିବାରୁ ମଙ୍ଗଳବାର ତାଙ୍କ ବାପା ଓ ଭାଇଙ୍କୁ ପୋଲିସ ଥାନାକୁ ଉଠାଇ ନେଇଥିଲା। ବୁଧବାର ସେମାନଙ୍କୁ ପୋଲିସ ଛାଡି ଦେଇଛି। ଅନ୍ୟପଟେ ତପସ୍ୱିନୀଙ୍କୁ କୋର୍ଟରେ ବିବାହ କରିଥିଲେ ବୋଲି ତାଙ୍କ ସ୍ୱାମୀ ସୁମିତ କୁମାର ସାହୁ କହିଛନ୍ତି। ସେହିପରି ଶ୍ୱଶୁର ପ୍ରମୋଦ କୁମାର ସାହୁ ମଧ୍ୟ ଧାରଣାସ୍ଥଳକୁ ଯାଇ ବୋହୂ ତପସ୍ୱିନୀଙ୍କ ସହ ଆଲୋଚନା କରିଥିଲେ। ତଥାପି ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ନିର୍ଯାତନା ଦିଆଯାଉଥିବା ନେଇ ବୋହୂ ମହିଳା ଥାନାରେ ଅଭିଯୋଗ କରିଥିଲେ। ଆମେ ଜାମିନରେ ଆସିଛୁ। ତପସ୍ୱିନୀଙ୍କୁ ନିର୍ଯାତନା ଦିଆଯାଇନାହିଁ ବୋଲି ଶ୍ୱଶୁର ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ବୃଦ୍ଧଙ୍କୁ ଦଳି ମାରିଦେଲା ଦନ୍ତାହାତୀ

ଦେବଗଡ଼, ୨୪।୧୧(ଡି.ଏନ.ଏ.)

ଦେବଗଡ଼ ଥାନା କାଳକାଠ ଗ୍ରାମ କିସାନ ସାହିର ଚେରୁ କିସାନ(୬୦)ଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ଦଳି ମାରିଦେଇଛି। ରାତି ୩ଟାରେ ବାଡ ଭାଙ୍ଗି ଚେରୁଙ୍କ ଘର ଭିତରକୁ ହାତୀ ପଶିବାକୁ ଉଦ୍ୟମ କରିଥିଲା। ଏଥିରେ ଭୟଭୀତ ହୋଇ ଚେରୁ ଘର ଭିତରୁ ବାହାରକୁ ଦୌଡି ପଳାଉଥିବା ବେଳେ ଦନ୍ତା ତାଙ୍କୁ କଚାଡି ମାରି ଦେଇଥିଲା। ଖବର ପାଇ ଦେବଗଡ ରେଞ୍ଜର ଦେବଦତ୍ତ ନନ୍ଦ ଓ ବିଭାଗୀୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

**ସଂକ୍ଷେପରେ**

## ଧାନ ବିଲରେ ଗାଈ ପଶିବାରୁ ହତ୍ୟାକାଣ୍ଡ

**ଢେଙ୍କାନାଳ ଅଫିସ,୨୪।୧୧:** ଧାନ ବିଲରେ ଗାଈ ପଶିବାକୁ ନେଇ ଢେଙ୍କାନାଳ ସଦର ଥାନା ବଡ଼ନାଗେନା ଗ୍ରାମରେ ବୁଧବାର ଅପରାହ୍ନରେ ଏକ ହତ୍ୟାକାଣ୍ଡ ଘଟିଛି। ବିଲରେ ବାରମ୍ବାର ଗାଈ ପଶିବାର ବିରୋଧ କରିବାରୁ ଗ୍ରାମର ମୁରଲୀଧର ପାଣି(୫୫)ଙ୍କୁ ପଡ଼ୋଶୀ ଘରର ୨ଜଣ କାଠଫାଳିଆରେ ପିଟି ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ, ମୁରଲୀଧରଙ୍କ ଧାନ ଜମିରେ ପଡ଼ୋଶୀଙ୍କ ଗାଈ ପଶି ଫସଲ ନଷ୍ଟ କରୁଥିଲା। ସେ ଏହାର ପ୍ରତିବାଦ କରିଥିଲେ। ଏପରିକି ଭାଇଙ୍କ ସହ ମିଶି ମଙ୍ଗଳବାର ଥାନାକୁ ଯାଇ ଅଭିଯୋଗ ମଧ୍ୟ କରିଥିଲେ। କିନ୍ତୁ ପଡ଼ୋଶୀ ଏଥିପ୍ରତି ଧ୍ୟାନ ଦେବା ତ ଦୂରର କଥା ବରଂ ବୁଧବାର ପୁଣି ଧାନ ଜମିରେ ଗାଈ ପଶିଥିବା ମୁରଲୀ ଦେଖିବାକୁ ପାଇଥିଲେ। ଏହାର ବିରୋଧ କରିବାରୁ ବିପକ୍ଷ ଗୋଷ୍ଠୀର ୨ଜଣ କାଠଫାଳିଆରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ମୁରଲୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଖବରପାଇ ସଦର ଥାନା ଅଧିକାରୀ ଅଭିନବ ଡାଲୁଆ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଅଭିଯୋଗ ଶୁଣିବ ଜନଶୁଣାଣି ପୋର୍ଟାଲ

- ଟେକ୍ନୋଲୋଜି ମୁଖ୍ୟ ଆଧାର: ମୁଖ୍ୟମନ୍ତ୍ରୀ
- ଓଡ଼ିଆଙ୍କୁ ଯୋଡ଼ିବ ଓଡ଼ିଆ ଭର୍ଚୁଆଲ ଏକାଡେମୀ ପୋର୍ଟାଲ
- ସ୍ଥାନିତ ହୋଇଛି ୨୭୦୦ ବିରଳ ପୁସ୍ତକ, ୧୩ ଜିଲାର ରାଜପତ୍ର

**ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)**

କୌଣସି କାର୍ଯ୍ୟାଳୟକୁ ନ ଯାଇ ହାତପାଆନ୍ତାରେ ମିଳିବ ସେବା। ଲୋକମାନେ ଡିଜିଟାଲ ପ୍ଲାଟ୍‌ଫର୍ମରେ ନିଜର ଅଭିଯୋଗ ଦାଖଲ କରିପାରିବେ। ପୁରାତନ ପୁସ୍ତକ, ବିରଳ ସାହିତ୍ୟକୃତି ବିଷୟରେ ଜାଣିପାରିବେ। ଏସବୁ ଉପଲବ୍ଧ ହେବ ଡିଜିଟାଲ ଫର୍ମାଟ୍‌ରେ। ଏଭଳି ମହତ୍ ଉଦ୍ଦେଶ୍ୟ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭର୍ଚୁଆଲ ମୋଡ୍‌ରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଜନଶୁଣାଣି ପୋର୍ଟାଲ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଓଡ଼ିଆ ଭର୍ଚୁଆଲ ଏକାଡେମୀ ପୋର୍ଟାଲର ଲୋକାର୍ପଣ କରିଛନ୍ତି। ଏହି ଦୁଇ ୱେବ୍ ପୋର୍ଟାଲ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ଟେକ୍ନୋଲୋଜି ହେଉଛି ମୁଖ୍ୟ ଆଧାର। ୫-ଟି କାର୍ଯ୍ୟକ୍ରମ ଜରିଆରେ ବୈଷୟିକ ଜ୍ଞାନକୌଶଳ ସହାୟତାରେ ଲୋକଙ୍କ ପାଖରେ ସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। କୌଣସି ସରକାରୀ କାର୍ଯ୍ୟାଳୟକୁ ନ ଯାଇ ସରକାରଙ୍କଠାରୁ ସେବା ପାଇବାର ସ୍ୱାଧୀନତା ଲୋକଙ୍କୁ ଦିଆଯାଇପାରିଛି। ଏହି ନୂତନ ପୋର୍ଟାଲ ଦ୍ୱାରା ଲୋକମାନେ ବିଭିନ୍ନ ଡିଜିଟାଲ ପ୍ଲାଟ୍‌ଫର୍ମରେ ଅଭିଯୋଗ ଦାଖଲ କରିପାରିବେ। ଏହାର ପ୍ରତିକାର ଲାଗି ସମ୍ପୃକ୍ତ ବିଭାଗ ତ୍ୱରିତ ପଦକ୍ଷେପ ନେବ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ମେଶିନ ଲର୍ନିଂ ଭଳି ଅତ୍ୟାଧୁନିକ ଜ୍ଞାନକୌଶଳ ଉପଯୋଗ କରି ଏଭଳି ବ୍ୟବସ୍ଥା କରାଯାଇଛି। ଏଥିଲାଗି ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ପ୍ରଶଂସାର ହକ୍‌ଦାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଜନଶୁଣାଣି ପୋର୍ଟାଲ ଜରିଆରେ ଯେକୌଣସି ସ୍ଥାନରୁ ଯେ କୌଣସି ସମୟରେ ଅନ୍‌ଲାଇନ୍‌ରେ ଅଭିଯୋଗ ଦାଖଲ କରାଯାଇପାରିବ। ଏହି ଏକୀକୃତ ପୋର୍ଟାଲରେ ଅଭିଯୋଗକାରୀ ନିଜର ଅଭିଯୋଗର ସ୍ଥିତି ବିଷୟରେ ମଧ୍ୟ ଜାଣିପାରିବେ। ସେମାନଙ୍କୁ ଏସ୍ଏମ୍ଏସ୍, ହ୍ୱାଟ୍ସଆପ୍ ଜରିଆରେ ଅଭିଯୋଗର ଅଗ୍ରଗତି ସମ୍ପର୍କରେ ସୂଚନା ଦିଆଯିବ।

ସେହିପରି ୨୦୧୮ ଅକ୍ଟୋବର ୨୬ରେ ଓଡ଼ିଆ ଭର୍ଚୁଆଲ ଏକାଡେମୀ କାର୍ଯ୍ୟକ୍ଷମ ହୋଇଥିଲା। ଏହାକୁ ଲୋକାଭିମୁଖୀ କରିବା ଲାଗି ଓଡ଼ିଆ ଭର୍ଚୁଆଲ ଏକାଡେମୀ ପୋର୍ଟାଲ ପ୍ରସ୍ତୁତ କରାଯାଇଛି। ଅଦ୍ୟାବଧି ଏଥିରେ ୨୭୦୦ ବିରଳ ପୁସ୍ତକକୁ ୟୁନିକୋଡ୍ ଫର୍ମାଟରେ ଡିଜିଟାଇଜ୍ କରାଯାଇ ସ୍ଥାନିତ କରାଯାଇଛି। ଏଥିସହ ୧୦ ହଜାର ପୁସ୍ତକର ପିଡିଏଫ୍ ପ୍ରତିଲିପିକୁ ସଂରକ୍ଷିତ କରିବା ଲାଗି ପ୍ରକ୍ରିୟା ଜାରି ରହିଛି। ପଞ୍ଚଦଶ ଶତାବ୍ଦୀରୁ ଆରମ୍ଭ କରି ଏକବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ବିଶିଷ୍ଟ କବି, କଥାକାର, ଭାଷାବିତ୍ ଓ ଗବେଷକଙ୍କ ସର୍ବଶ୍ରେଷ୍ଠ କୃତି ସମେତ ଓଡ଼ିଶା ଜନଜାତି ଶବ୍ଦକୋଷ, ପ୍ରଶାସନିକ ଶବ୍ଦକୋଷ, ଆନିମେଶନ ମାଧ୍ୟମରେ ଅଭିନବ ବର୍ଣ୍ଣବୋଧ, ଅବିଭକ୍ତ ୧୩ ଜିଲାର ରାଜପତ୍ର ମଧ୍ୟ ପୋର୍ଟାଲରେ ସ୍ଥାନ ପାଇଛି। ଅପ୍ରକାଶିତ, ବିଲୁପ୍ତପ୍ରାୟ ଦୁର୍ଲଭ ପୁସ୍ତକ, ପାଣ୍ଡୁଲିପିଗୁଡିକୁ ୱେବସାଇଟରେ ସ୍ଥାନିତ କରି ପୋର୍ଟାଲକୁ ସମୃଦ୍ଧ କରିବାପାଇଁ ପ୍ରୟାସ ଜାରି ରହିଛି ।

ଆଲୋଚନାରେ ଅଂଶଗ୍ରହଣ କରି ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଲେ, ମୁଖ୍ୟମନ୍ତ୍ରୀ ଜନଶୁଣାଣି ୱେବ୍ ପୋର୍ଟାଲ ଲୋକଙ୍କୁ ସୁବିଧାରେ ସେବା ଯୋଗାଇଦେବ। ଓଡ଼ିଆ ଭର୍ଚୁଆଲ ଏକାଡେମୀର ନୂତନ ପୋର୍ଟାଲ ଓଡ଼ିଆ ଭାଷାକୁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇବ। ୫-ଟି ସଚିବ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ସଚିବ ମନୋଜ ମିଶ୍ର, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା ପ୍ରମୁଖ ଉପସ୍ଥିତ ଥିଲେ।




# ଭାରି ଯାନକୁ ଧକ୍କାଦେଲା ବୋଲେରୋ: ୩ ମୃତ

**ବଲାଙ୍ଗୀର ଅଫିସ, ୨୪।୧୧**

ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥର ରଣ୍ଡାଛକରେ ବୁଧବାର ଭୋର ସମୟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ରାସ୍ତାକଡ଼ରେ ଠିଆହୋଇଥିବା ଭାରି ଯାନକୁ ପଛପଟରୁ ଧକ୍କା ଦେବାରୁ ବୋଲୋରୋରେ ଥିବା ୩ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଚାଣ୍ଡିମୁଣ୍ଡା ଗ୍ରାମର ଅଭିଷେକ ଭୋଇ, ବିଡିଘାଟ ଗ୍ରାମର ଭଗବାନ୍ ନାଗ ଓ ଚିକଲବାହାଲ ଗ୍ରାମର ଘନଶ୍ୟାମ ହାତୀ। ଅନ୍ୟ ୫ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କୁଡାସିଂହା, ଭୁତିଆରବାହାଲ, ବିଡ଼ିଘାଟ, ସାଆନ୍ତମୁଣ୍ଡା ଆଦି ଗାଁରୁ ୮ଜଣ ଯୁବକ ଖଣ୍ଡାଧାର ବୁଲିବାକୁ ଯାଇଥିଲେ। ସେଠାରେ ପିକ୍‌ନିକ୍ କରି ଗାଁକୁ ଫେରିବା ବେଳେ ରଣ୍ଡାଛକ ନିକଟରେ ଦୁର୍ଘଟଣା ଘଟିଥିଲା। ଘନ କୁହୁଡି ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ଦୁର୍ଘଟଣାସ୍ଥଳରେ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଅନ୍ୟ ଜଣଙ୍କ ମୃତ୍ୟୁ ଘଟିଛି। ଆହତ ୫ ଜଣଙ୍କ ମଧ୍ୟରୁ ଦୁଇଜଣଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

# ‘ଅନ୍ତର୍ଜାତୀୟ ପ୍ରବେଶିକା ପରୀକ୍ଷାରେ ଲାଭ ପାଇବେ ପିଲା’

**ଅନ୍‌ଏକାଡେମୀ ସହ ଗଣଶିକ୍ଷା ବିଭାଗର ଏମ୍ଓୟୁ**

- ୩ବର୍ଷ ଯାଏ ୩ ହଜାର ଛାତ୍ରୀଛାତ୍ର ଉପକୃତ ହେବେ

**ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଅନ୍‌ଏକାଡେମୀ ମଧ୍ୟରେ ବୁଧବାର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଉନ୍ନୟନ କମିଶନର ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟ ଛାତ୍ରୀଛାତ୍ରମାନଙ୍କ ମାନସିକ ଦକ୍ଷତାର ବିକାଶ ତଥା ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ଷେତ୍ରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ଓ ପ୍ରବେଶିକା ପରୀକ୍ଷାଗୁଡ଼ିକରେ ସଫଳତା ଲାଗି ଏହାଦ୍ୱାରା ଲାଭ ମିଳିବ। ଏହି ସଫଳତା ହାସଲ ଲାଗି ଗଣଶିକ୍ଷା ବିଭାଗ ଏବଂ ବେଙ୍ଗାଲୁରୁରେ ଅବସ୍ଥାପିତ ସୁପରିଚିତ ଅନୁଷ୍ଠାନ ଅନ୍‌ଏକାଡେମୀ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି। ସରକାରୀ ବିଦ୍ୟାଳୟରେ ପଢୁଥିବା ଦଶମ, ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନେ ଏହି ଅନୁଷ୍ଠାନ ଦ୍ୱାରା ପ୍ରତ୍ୟକ୍ଷ ଭାବେ ଅନ୍‌ଲାଇନ ମାଧ୍ୟମରେ ଦେଶର ସୁନାମଧନ୍ୟ ଏବଂ ଉଚ୍ଚ ଯୋଗ୍ୟତାସମ୍ପନ୍ନ ଶିକ୍ଷକଙ୍କଠାରୁ ଶିକ୍ଷାଦାନ ପାଇବାର ସୁଯୋଗ ପାଇବେ। ଭବିଷ୍ୟତରେ ବିଭିନ୍ନ ପ୍ରତିଯୋଗିତାମୂଳକ ତଥା ପ୍ରବେଶିକା ପରୀକ୍ଷା ନିମନ୍ତେ ନିଜକୁ ପ୍ରସ୍ତୁତ ମଧ୍ୟ କରିପାରିବେ। ଏହି ବୁଝାମଣାପତ୍ରର ଅବଧି ୩ ବର୍ଷ ରହିଛି। ବର୍ଷକୁ ହଜାରେ ଲେଖାଏଁ ୩ ହଜାର ଛାତ୍ରୀଛାତ୍ର ଏହି ସୁଯୋଗ ଉପଭୋଗ କରିପାରିବେ ବୋଲି ଉନ୍ନୟନ କମିଶନର କହିଛନ୍ତି। ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି, ଏହି କାର୍ଯ୍ୟକ୍ରମର ସଫଳତା ନିମନ୍ତେ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡ଼ିକର ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ବିନା ମୂଲ୍ୟରେ ମାନସିକ ଦକ୍ଷତା ଏବଂ ପ୍ରବୃତ୍ତି ଆଧାରିତ ପରୀକ୍ଷା ପରିଚାଳନା କରାଯିବ। ଏହାର ଫଳାଫଳକୁ ଆଧାର କରି ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପ୍ରବେଶିକା ପରୀକ୍ଷା ନିମନ୍ତେ ଅନ୍‌ଏକାଡେମୀ ଗ୍ରହଣ କରିବାକୁ ଥିବା ପ୍ରୟାସକୁ ପ୍ରଶଂସା ସେ କରିଛନ୍ତି। ବୁଝାମଣାପତ୍ର ଅନୁସାରେ ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡ଼ିକରେ ଯୋଗ୍ୟ ଛାତ୍ରୀଛାତ୍ରଙ୍କ ପ୍ରବେଶିକା ପରୀକ୍ଷା ନିମନ୍ତେ ପ୍ରସ୍ତୁତ ହେବା ପାଇଁ ଅନୁପ୍ରେରିତ ତଥା ତ୍ୱରାନ୍ୱିତ କରିବା ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ସମସ୍ତ ବିଭାଗୀୟ ନିର୍ଦ୍ଦେଶକ ତଥା ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ସମଗ୍ର ଶିକ୍ଷାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା ଓ ଅନ୍‌ଏକାଡେମୀ ତରଫରୁ ବରିଷ୍ଠ ଉପସଭାପତି ଜୟନ ମୋଦି ଉକ୍ତ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି।















ହତାଶା କେବେ ବି ଅଗ୍ରଗତି ଲାଗି ଆବଶ୍ୟକ ନୁହେଁ। ଏହା ସର୍ବଦା ଏକ ଦୁର୍ବଳତା ଓ ତାମସିକତାର ଲକ୍ଷଣ। ଏହା ଜଣାଇଦିଏ ଯେ, ଏକ ବିରୋଧୀ ଶକ୍ତି ତୁମ ଭିତରେ ପ୍ରବେଶ କରିଛି। ଏହି ବିରୋଧୀ ଶକ୍ତି ତୁମ ସାଧନା ବିରୋଧରେ କାର୍ଯ୍ୟ କରେ। –ଶ୍ରୀମା

# ଦକ୍ଷିଣପୂର୍ବ ଏସିଆ ଓ ପ୍ରବାସୀ ଶ୍ରମିକ



ଏମ୍.ନିଆଜ ଅସଦୁଲ୍ଲା

କୋଭିଡ୍-୧୯ ମହାମାରୀ ବିଶ୍ୱ ଅର୍ଥନୀତିକୁ ମାନ୍ଦା କରିଦେଇଛି। ସବୁଆଡ଼େ ଶ୍ରମ ବଜାର ଛାରଖାର ହୋଇଯାଇଛି । ଏହାଯୋଗୁ ବିଶ୍ୱରେ ଶ୍ରମ ଶକ୍ତିର ଅଭାବ ମଧ୍ୟ ପରିଲକ୍ଷିତ ହୋଇଛି। ମହାମାରୀର ପ୍ରାରମ୍ଭିକ ମାସଗୁଡ଼ିକରେ ଦିଲ୍ଲୀ ଓ ଢାକା ଭଳି ଅନ୍ୟ ମହାନଗରୀଗୁଡ଼ିକରୁ ଲକ୍ଷ ଲକ୍ଷ ଗ୍ରାମୀଣ ପ୍ରବାସୀ ଶ୍ରମିକ ଛାଡ଼ି ଚାଲିଗଲେ। ଗ୍ଲୋବାଲ୍ ନର୍ଥ ବା ପୃଥିବୀର ଉତ୍ତରଭାଗରେ ରହିଥିବା ଶିଳ୍ପୋନ୍ନତ ତଥା ବିକଶିତ ଦେଶଗୁଡ଼ିକ ମଧ୍ୟରୁ ଇଂଲଣ୍ଡରେ ପ୍ରବାସୀ ଶ୍ରମଶକ୍ତିର ଯେଭଳି ହ୍ରାସ ଘଟିଲା ସେଭଳି ସ୍ଥିତି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ କେବେ ବି ଦେଖାଯାଇ ନ ଥିଲା। କେବଳ ଗ୍ଲୋବାଲ୍ ନର୍ଥ ନୁହେଁ, ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ସଂଘ (ଆସିଆନ) ଦେଶଗୁଡ଼ିକ ମଧ୍ୟ ମହାମାରୀରେ ପ୍ରଭାବିତ ହୋଇଛନ୍ତି। ଭିଏତ୍‌ନାମର ହୋ ଚି ମିଞ୍ଚ୍ ସହରରେ ଯାତ୍ରା କଟକଣା କୋହଳ ହେବାରୁ ପ୍ରବାସୀ ଶ୍ରମିକମାନେ ସେମାନଙ୍କ ଦେଶକୁ ଚାଲିଯାଇଛନ୍ତି ଓ ଏହାଦ୍ୱାରା ଦେଶରେ ଶ୍ରମିକ ସଙ୍କଟ ଆହୁରି ଖରାପ ହୋଇଯାଇଛି। ତେବେ ଉଚ୍ଚ ଆୟବର୍ଗର ଦେଶଗୁଡ଼ିକ ସେମାନଙ୍କ ଜାତୀୟ ପୁନର୍ବିକାଶ ଯୋଜନାଗୁଡ଼ିକୁ ଆଗକୁ ନେବା ଲାଗି ବିକାଶଶୀଳ ଏସୀୟ ଦେଶଗୁଡ଼ିକରୁ ପୁଣି ପ୍ରବାସୀ ଶ୍ରମିକମାନଙ୍କୁ ଫେରାଇ ଆଣିବାକୁ ଚେଷ୍ଟା କରୁଛନ୍ତି। ବିଶେଷକରି, ସିଙ୍ଗାପୁର ଏବଂ ମାଲେସିଆ ଭଳି ଆସିଆନ ଦେଶଗୁଡ଼ିକରୁ ବହୁ ଶ୍ରମିକ ବାହାର ଦେଶକୁ ଯାଇଥାଆନ୍ତି ଏବଂ ଏଭଳି ସ୍ଥିତି ଯୋଗୁ ସେମାନେ ଜଟିଳ ପରିସ୍ଥିତିର ସାମ୍ନା କରୁଛନ୍ତି। ବାହାର ଦେଶକୁ ଯାଉଥିବା ଶ୍ରମିକମାନଙ୍କୁ ସେମାନେ ରୋକିବା ଉଚିତ ନା ବୃହତ୍ ଶ୍ରମ ପରିଚାଳନାକୁ ଉତ୍ସାହିତ କରିବା ଉଚିତ, ତାହା ହିଁ ମୁଖ୍ୟ ପ୍ରଶ୍ନ।

ଅଷ୍ଟ୍ରେଲିଆ ସରକାର କୃଷି ଶ୍ରମିକଙ୍କ ଅଭାବ ପୂରଣ କରିବାକୁ ଏକ ଭିଜା ସ୍କିମ୍ ବା ଯୋଜନା ଘୋଷଣା କରିଛନ୍ତି । ଏହି ଯୋଜନାରେ ନିଯୁକ୍ତିଦାତାମାନେ ଆସିଆନ ଦେଶଗୁଡ଼ିକରୁ ଶ୍ରମିକମାନଙ୍କୁ ନିର୍ଦ୍ଦିଷ୍ଟ ମାନଦଣ୍ଡ ଓ ଦାୟିତ୍ୱ ସହ ଔପଚାରିକ ନିଯୁକ୍ତିଭିତ୍ତିକ ଚୁକ୍ତି ମୁତାବକ ଯୋଗାଡ଼ କରିବେ। ଅନ୍ୟପଟେ ଅଷ୍ଟ୍ରେଲିଆର ପୂର୍ବରୁ ଥିବା ସିଜନାଲ ୱାର୍କର ପ୍ରୋଗ୍ରାମ ଦୀର୍ଘମିଆଦୀ ଆଧାରରେ ଆସିଆନ ଫାର୍ମଗୁଡ଼ିକରୁ କୁଶଳୀ, ଅର୍ଦ୍ଧକୁଶଳୀ ଏବଂ ଅଣ କୁଶଳୀ ଶ୍ରମିକମାନଙ୍କୁ ନିଯୁକ୍ତି ଦେବାକୁ ଅଷ୍ଟ୍ରେଲୀୟ ଫାର୍ମଗୁଡ଼ିକୁ ଅନୁମତି ଦେଇସାରିଛି। ଏଣୁ ପ୍ରବାସୀ କୃଷି ଶ୍ରମିକମାନଙ୍କ ପ୍ରଥମ ଦଳ ଆସନ୍ତା ମାସ କିମ୍ବା ମାର୍ଚ୍ଚ ୨୦୨୨ରେ ଅଷ୍ଟ୍ରେଲିଆରେ ପହଞ୍ଚିବେ ବୋଲି ଅନୁମାନ କରାଯାଏ।

ଗଣମାଧ୍ୟମରେ ଏହା ଉପରେ ଅତ୍ୟଧିକ ଚର୍ଚ୍ଚା ହେବା ଯୋଗୁ ମାଲେସିଆର ନବ ନିର୍ବାଚିତ ସରକାର ପ୍ରଥମରୁ ଅଷ୍ଟ୍ରେଲିଆର ଉକ୍ତ ଯୋଜନାରେ ଭାଗ ନେବାକୁ ମନା କରିଦେଲେ। ହେଲେ ବିରୋଧୀ ସାଂସଦମାନେ ଦାବି କଲା ପରେ ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇଛି। ମାନବ ସମ୍ବଳ ମନ୍ତ୍ରୀ ମନ୍ତବ୍ୟ ଜାରି କରି କହିଛନ୍ତି ଯେ, ରୋଜଗାର ଉଦ୍ଦେଶ୍ୟରେ ବାହାର ଦେଶକୁ ଯାଉଥିବା ମାଲେସୀୟଙ୍କୁ ଅଟକାଇବା ଲାଗି ସରକାରଙ୍କର କୌଣସି ଯୋଜନା ନାହିଁ। ତେବେ ଅଷ୍ଟ୍ରେଲିଆର ଭିଜା ପ୍ରୋଗ୍ରାମକୁ ଅତିକମ୍‌ରେ ତିନୋଟି ବିଚାରକୁ ଆଧାର କରି ମାଲେସିଆ ପ୍ରଥମେ ବିରୋଧ କରିଥିବା ଜଣାପଡ଼ିଛି। ପ୍ରଥମତଃ, ନୀତି ନିର୍ଦ୍ଧାରକମାନେ ଅତ୍ୟଧିକ ବ୍ରେନ୍‌ଡ୍ରେନ୍‌ର ଆଶଙ୍କା କରୁଛନ୍ତି । ବିଭିନ୍ନ ଦେଶରେ ଏବେ ପ୍ରାୟ ୨୦ ଲକ୍ଷ ମାଲେସୀୟ ରହୁଥିବା ଆକଳନ କରାଯାଉଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ପଡ଼ୋଶୀ ଦେଶ ସିଙ୍ଗାପୁରରେ ରହୁଛନ୍ତି। ଆସିଆନ ରାଷ୍ଟ୍ରଗୁଡ଼ିକ ପାଇଁ ସ୍ଥାୟୀ ବାସିନ୍ଦା ଏବଂ ନାଗରିକତ୍ୱ ନିଶ୍ଚିତ କରିବାକୁ ଅଷ୍ଟ୍ରେଲିଆର ଯୋଜନା ସୁଯୋଗ ପ୍ରଦାନ କରୁଥିବାରୁ ମାଲେସିୟା ସରକାର କୃଷି ଶ୍ରମିକଙ୍କୁ ହରାଇବ ବୋଲି ମନେକରୁଛି ଓ ବିବ୍ରତ ବି ହୋଇଯାଇଛି। ଦ୍ୱିତୀୟରେ, କୋଭିଡ୍ ମହାମାରୀ ଯୋଗୁ ବୃଦ୍ଧି ପାଇଥିବା ଅଣକୁଶଳୀ ପ୍ରବାସୀ ଶ୍ରମିକଙ୍କ ଉପରେ ନିର୍ଭରଶୀଳତା ହ୍ରାସ କରିବାକୁ ରାଜନୈତିକ ଚାପ ବୃଦ୍ଧି ପାଇଛି। ମାଲେସିଆ ସରକାର ବୃକ୍ଷରୋପଣ କାର୍ଯ୍ୟରେ ପ୍ରବାସୀ ଶ୍ରମିକଙ୍କ ସ୍ଥାନରେ ସ୍ଥାନୀୟ ଶ୍ରମିକଙ୍କୁ ନିଯୁକ୍ତି ଦେବାର ଯୋଜନା କରୁଥିବାବେଳେ ଅଷ୍ଟ୍ରେଲିଆ ସରକାରଙ୍କ ଯୋଜନା ମାଲେସିଆରୁ କୁଶଳୀ ଶ୍ରମିକ ନେବାକୁ ପ୍ରତିଦ୍ୱନ୍ଦ୍ୱିତା କରୁଛି। ତୃତୀୟରେ ଅଷ୍ଟ୍ରେଲିଆ ଭଳି ମାଲେସିଆ ସରକାର କୃଷି ଶ୍ରମଶକ୍ତି ସଙ୍କଟ ଆଡ଼କୁ ମୁହାଁଉଛି। ଆକର୍ଷଣୀୟ ଚୁକ୍ତି ଏବଂ ମଜୁରି ବ୍ୟବସ୍ଥାର ଅଭାବ ରହିଥିବାରୁ ଯୁବ ମାଲେସୀୟମାନେ କୃଷି କ୍ଷେତ୍ରରେ କାମ କରିବାକୁ ଅନିଚ୍ଛୁକ । ତେଣୁ ସେମାନେ ଦେଶ ଛାଡି ଅଷ୍ଟ୍ରେଲିଆ ଚାଲିଯିବେ ବୋଲି ମାଲେସିଆ ଆଶଙ୍କା ପ୍ରକାଶ କରୁଛି।

ଆସିଆନ ଦେଶଗୁଡ଼ିକରୁ ଅଷ୍ଟ୍ରେଲିଆକୁ କର୍ମଭିତ୍ତିକ ପ୍ରବାସନ କିଛି ନୂଆ କଥା ନୁହେଁ। କିନ୍ତୁ ଅତୀତରେ ବିଶେଷକରି ମାଲେସିଆରୁ ଅନେକ ପ୍ରବାସୀ ଶ୍ରମିକ ଅଷ୍ଟ୍ରେଲିଆରେ ବେଆଇନ ଭାବେ ବାସ କରୁଛନ୍ତି। ସେମାନଙ୍କୁ ନିଯୁକ୍ତିଦାତାମାନେ ଭୟଙ୍କର ନିର୍ଯାତନା ଦେଉଛନ୍ତି। ହେଲେ ଅଷ୍ଟ୍ରେଲିଆ ସରକାରଙ୍କ ନୂଆ ଯୋଜନା ଏବେ ବିଦେଶୀ ଲୋକଙ୍କୁ ପୂର୍ଣ୍ଣ ଶ୍ରମ ଅଧିକାର ପ୍ରଦାନ କରିବ ଓ ଏହା ମଧ୍ୟ ସାମାଜିକ ସୁରକ୍ଷା ଦେବ। ଏଣୁ ମାଲେସିଆର ସାଂସଦ ୱିଲିୟମ୍ ଲେଓଙ୍ଗ ସରକାରଙ୍କୁ ଚେତାଇ ଦେଇଛନ୍ତି ଯେ, ଅଷ୍ଟ୍ରେଲିଆର ଯୋଜନାକୁ ବିରୋଧ କରିବା ଅର୍ଥ ଅଷ୍ଟ୍ରେଲିଆରେ କାର୍ଯ୍ୟରତ ମାଲେସିଆ ଶ୍ରମିକମାନେ କ୍ରୀତଦାସ ଭଳି ରହିବେ। ଯେଉଁ ଆସିଆନ ଦେଶଗୁଡ଼ିକରୁ ଶ୍ରମିକମାନେ ବାହାରକୁ ଯାଉଛନ୍ତି, ସେମାନଙ୍କ ପାଇଁ ଅଷ୍ଟ୍ରେଲିଆ ଯୋଜନା ବ୍ରେନ ଗେନ୍ ଶକ୍ତି ବୃଦ୍ଧି କରିବ। ବିଦେଶୀ ଅଭିଜ୍ଞତା ଓ ଉପଯୁକ୍ତ କୃଷି ଟେକ୍‌ନୋଲୋଜିର ବ୍ୟବହାରିକ ଜ୍ଞାନ ଥିବା ମାଲେସିଆ କୃଷକମାନଙ୍କୁ ଆତ୍ମନିର୍ଭର କରି ଦେଶରେ ଉତ୍ପାଦନ କ୍ଷମତା ବୃଦ୍ଧି କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବ।

ନିକଟରେ ମାଲେସିଆ ସରକାର ତାଙ୍କ ପ୍ରବାସନ ନିୟନ୍ତ୍ରଣ ନୀତିର ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବା ଦ୍ୱାରା ପ୍ରବାସୀ ଶ୍ରମିକଙ୍କୁ ନେଇ ଦେଶରେ ଏକ ରାଜନୈତିକ ସହମତିର ଅଭାବ ରହିଥିବା ସ୍ପଷ୍ଟ ହୋଇଛି। ଦକ୍ଷିଣ ଏସିଆର ପ୍ରବାସୀ ଶ୍ରମିକଙ୍କ ପାଇଁ ମାଲେସିଆ ଏକ ପ୍ରମୁଖ ସ୍ଥାନ ଏବଂ ବିନା କାଗଜପତ୍ରରେ ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକ ଏଠାରେ ରହିଛନ୍ତି। ତଥାପି ଅଷ୍ଟ୍ରେଲିଆ ଭିଜା ଯୋଜନାକୁ ମାଲେସିଆ ବିରୋଧ କରିବା ପରେ ପରେ ଇଣ୍ଡୋନେସିଆ ଏବଂ ବାଂଲାଦେଶରୁ ହଜାର ହଜାର ଶ୍ରମିକ ବୃକ୍ଷରୋପଣ କାର୍ଯ୍ୟ କରିବାକୁ ମାଲେସିଆ ଆସିବେ ବୋଲି ଘୋଷଣା କରିଛନ୍ତି । ବାସ୍ତବରେ କାର୍ଯ୍ୟ କରିବାର ଉପଯୁକ୍ତ ସ୍ଥିତି ନ ଥିବାରୁ ମାଲେସୀୟମାନେ ଏହି କ୍ଷେତ୍ରରେ କାମ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହାକୁ ଆଧାର କରି ବରିଷ୍ଠ ଅଧିକାରୀମାନେ ସରକାରଙ୍କ ଉକ୍ତ ନିଷ୍ପତ୍ତିକୁ ଉଚିତ ବୋଲି କହିଛନ୍ତି। ମାଲେସିଆର ପାମ୍ ଅଏଲ ଉତ୍ପାଦକ ସିମି ଡର୍‌ବାୟ ପ୍ଲାଣ୍ଟେସନ ଶ୍ରମିକମାନଙ୍କୁ ଶ୍ରମ ସ୍ୱାଧୀନତାରୁ ବଞ୍ଚିତ କରି କାର୍ଯ୍ୟ ହାସଲ କରୁଛି ବୋଲି ଦର୍ଶାଇ ଆମେରିକା ଗତବର୍ଷ ତା' ତେଲ ଆମଦାନୀ ବନ୍ଦ କରିଦେଇଥିଲା। ଏ ଦୃଷ୍ଟିରୁ ନୀତିନିର୍ଦ୍ଧାରକମାନେ କହିଛନ୍ତି ଯେ, ପ୍ରବାସନ ନିୟନ୍ତ୍ରଣ ଭଳି ସ୍ୱଳ୍ପ ମିଆଦୀ ପଦକ୍ଷେପ ନେବା ପରିବର୍ତ୍ତେ ମାଲେସିଆ ଦୁର୍ବଳ ଶ୍ରମଶକ୍ତିର ମାନ ବୃଦ୍ଧି କରିବା ଦରକାର। କୃଷି ଉତ୍ପାଦନରେ କିଭଳି ସୁଧାର ଆସିବ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। କୃଷିରେ ଟେକ୍‌ନୋଲୋଜି ଉପଯୋଗ ବୃଦ୍ଧି ପାଇଁ ଦୀର୍ଘ ମିଆଦୀ ପଦକ୍ଷେପ ନେବା ଉଚିତ, ଯାହା ତାଇୱାନ କରୁଛି। ଉନ୍ନତ ମାନର କୃଷିରେ ତାଇୱାନ ମୂଳରୁ ନିବେଶ କରି ଆସିଛି। ଶ୍ରମିକଙ୍କ ଉପରେ ଫାର୍ମ ସେକ୍ଟର୍‌ର ନିର୍ଭରଶୀଳତା କମ୍ କରିଛି। ତେବେ ମାଲେସିଆ ଟେକ୍‌ନୋଲୋଜି ପ୍ରୟୋଗରେ କିଛି ଆଗକୁ ବଢ଼ିବା ଲକ୍ଷ୍ୟ କରାଯାଉଛି। ପାମ୍ ଅଏଲ ପ୍ଲାଣ୍ଟେସନ ଦ୍ୱାରା ବ୍ୟବସାୟିକ ଡ୍ରୋନ ବ୍ୟବହାର ଆରମ୍ଭ କରାଯାଇଛି ଓ ଏହାଦ୍ୱାରା ସକାରାତ୍ମକ ପରିଣାମ ମଧ୍ୟ ମିଳିଛି।

ମଜୁରି ଏବଂ ଉତ୍ପାଦନ ସମ୍ପର୍କିତ ସମସ୍ୟାଗୁଡ଼ିକର ସମାଧାନ କରି ବ୍ରେନ୍ ଡ୍ରେନ୍ କମାଇବା ଏବଂ ବିଦେଶରେ ଥିବା ମାଲେସୀୟ କୁଶଳୀ ଶ୍ରମିକଙ୍କୁ ଦେଶକୁ ଫେରି ଆସିବା ଲାଗି ଉତ୍ସାହିତ କରିବାକୁ ବହୁ ସମୟ ଲାଗିବ। ଏବେ ମାଲେସିଆ ଜାତିସଂଘ ମାନବ ଅଧିକାର ପରିଷଦରେ ସ୍ଥାନ ପାଇଛି। ବିଦେଶରେ କାମ କରିବା ସ୍ୱାଧୀନତାରେ ତା'ନାଗରିକଙ୍କୁ ବାଧା ଦେବା ପରିବର୍ତ୍ତେ, ମାଲେସିଆ ସରକାର ଶ୍ରମର ମାନ ଓ ଶ୍ରମିକଙ୍କ ବିକାଶ ଉପରେ ଧ୍ୟାନ ଦେବା ଆବଶ୍ୟକ।

**ପ୍ରଫେସର, ଡେଭଲପ୍‌ମେଣ୍ଟ ଇକୋନୋମିକ୍ସ, ୟୁନିଭର୍ସିଟି ଅଫ୍ ମାଲୟ, କୁଆଲାଲମ୍ପୁର**

# ବୃହତ୍ତମ ଓ କ୍ଷୁଦ୍ରତମ



ନିମାଇଁ ଚରଣ ଲେଙ୍କା

ସଂସାରରେ ବୃହତ୍ତମ ଓ କ୍ଷୁଦ୍ରତମର କୌଣସି ସୀମାନାହିଁ। ସବୁଠାରୁ ବଡ଼ ଭାବୁଥିବା ବ୍ୟକ୍ତିଠାରୁ ଆହୁରି ବଡ଼ ଅଛନ୍ତି ଓ ସବୁଠାରୁ ଛୋଟ ଭାବୁଥିବା ବ୍ୟକ୍ତିଠାରୁ ଆହୁରି ଛୋଟ ଅଛନ୍ତି। ପ୍ରକୃତରେ ନିଜକୁ ସବୁଠାରୁ ବଡ଼ ବା ମହାନ୍ ଭାବୁଥିବା ବ୍ୟକ୍ତି ସବୁଠାରୁ ଛୋଟ ଓ ନିଜକୁ ଛୋଟ(କ୍ଷୁଦ୍ର) ଭାବୁଥିବା ବ୍ୟକ୍ତି ସବୁଠାରୁ ଉଚ୍ଚ ଓ ମହାନ୍। ସେମାନେ ସଦା ଆତ୍ମିକ ସ୍ଥିତିରେ ଥାଆନ୍ତି ଓ ସମସ୍ତ ଜୀବଙ୍କଠାରେ ଆତ୍ମାକୁ, ତା'ର ଅମରତ୍ୱକୁ ତଥା ପରମାତ୍ମାଙ୍କୁ ଦେଖିପାରନ୍ତି। ସମସ୍ତେ ତାଙ୍କୁ ଆପଣାର ଲାଗନ୍ତି ଓ ଛୋଟଠାରୁ ବଡ଼ପର୍ଯ୍ୟନ୍ତ, ସମସ୍ତଙ୍କଠାରୁ ଶିଷ୍ୟରୂପେ ଶିକ୍ଷାଲାଭ କରନ୍ତି ଏବଂ ମାନସିକ ଭାବେ ସମସ୍ତଙ୍କୁ ସମ୍ମାନ କରନ୍ତି। ଦାର୍ଶନିକ ସକ୍ରେଟିସଙ୍କ 'ମୁଁ କିଛି ଜାଣିନି', ଭର୍ତ୍ତୃହରିଙ୍କ 'ମୁଁ ନିହାତିଅଜ୍ଞ' ଓ ସନ୍ଥକବୀରଙ୍କର 'ସମସ୍ତ ଜ୍ଞାନୀମାନଙ୍କଠାରୁ ଆରମ୍ଭରୁ ହିଁ ପରାଜୟ ବରଣ କରିବା' ସେମାନଙ୍କ 'ମହାନତା'ର ପରିଚୟ ଦିଏ। ନିଜକୁ କ୍ଷୁଦ୍ର ମଣୁଥିବା ବ୍ୟକ୍ତି ଛୋଟଛୋଟ ଘଟଣାରେ ଅତ୍ୟଧିକ ପ୍ରଭାବିତ, ଉତ୍ତେଜିତ ଓ ଅଶାନ୍ତ ହୋଇ ନ ଥାନ୍ତି। ଲାଭକ୍ଷତି, ଜୀବନମରଣ, ମିଳନ ବିଚ୍ଛେଦ, ମାନ ଅପମାନ, କାମ, କ୍ରୋଧ, ଲୋଭ, ମୋହ, ରାଗ, ଦ୍ୱେଷର କୌଣସି ଘଟଣା ତାଙ୍କୁ ବିକ୍ଷିପ୍ତ କରିପାରେ ନାହିଁ। ଯେହେତୁ ସମାଜରେ ତାଙ୍କୁ ମିଳୁଥିବା 'ମାନ'(ସମ୍ମାନ)କୁ ସେମାନେ ଦୂରକୁ ଫିଙ୍ଗିଦିଅନ୍ତି, ତେଣୁ ତାଙ୍କର 'ମାନହାନି'ର ଆଶଙ୍କା ହିଁ ନ ଥାଏ। ସେମାନେ ଉଚ୍ଚପଦ ବା ଉନ୍ନତ ଜୀବନ ଶୈଳୀରେ ଲାଳସୀ ନୁହନ୍ତି। ସେମାନେ ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ନିଜକୁ ତୃଣଠାରୁ କ୍ଷୁଦ୍ର ମନେକରନ୍ତି। ସଦାବିନୟୀ ଓ ସର୍ବତ୍ର ଈଶ୍ୱରଙ୍କ ଅସ୍ତିତ୍ୱ ଅନୁଭବ କରନ୍ତି। ଏହାର ଶ୍ରେଷ୍ଠ ଉଦାହରଣ ହେଉଛନ୍ତି ଯୁଗାବତାରୀ ଶ୍ରୀକୃଷ୍ଣ ଓ ଶ୍ରୀରାମ। ଯୁଧିଷ୍ଠିରଙ୍କ ରାଜସ୍ୱ ଯଜ୍ଞରେ ନିମନ୍ତ୍ରିତ ଅତିଥିମାନଙ୍କର ଶ୍ରୀକୃଷ୍ଣଙ୍କ ପାଦଧୌତ କରିବା ଓ ବାଲ୍ୟସାଥୀ ଦରିଦ୍ର ସୁଦାମାଙ୍କ ପ୍ରତି ଆତିଥେୟତା ଏବଂ ଶବରୀର ଅଇଁଠାକୋଳି ଶ୍ରୀରାମ ଖାଇବା ସେମାନଙ୍କର ମହାନତାର ସର୍ବଶ୍ରେଷ୍ଠ ଉଦାହରଣ।

ଅନ୍ୟପକ୍ଷରେ ବର୍ତ୍ତମାନ ଆତ୍ମପ୍ରତିଷ୍ଠା, ଆତ୍ମବଡ଼ିମା ଓ ପ୍ରତିଯୋଗିତାର ସଂସାରରେ ପ୍ରତ୍ୟେକ ମଣିଷ ଚାହେଁ, ସେ କେମିତି ସମସ୍ତଙ୍କୁ ପଛକୁ ଠେଲି ଆଗକୁ ବା ଉଚ୍ଚକୁ ଯିବ। ତାହା ଧନସମ୍ପତ୍ତି, ପଦପ୍ରତିଷ୍ଠା, ରାଜନୀତି, ନିଜ ଜ୍ଞାନସାଧନାକୁ ନେଇ ହେଉ, କିଛି ଫରକ ପଡ଼େନାହିଁ। ଶେଷକୁ ସମାଜର ସବୁଠାରୁ ନୀଚ ଓ ଘୃଣିତଭାବେ ଗଣାହୋଇ ମଶାଣି ଭୂଇଁକୁ ଫେରିବାକୁ ପଡ଼େ। କ୍ଷମତା, ଆତ୍ମପ୍ରଶଂସା ଓ ଅହଙ୍କାର ମୋହ ତାଙ୍କୁ ଅନ୍ଧ କରିଦିଏ। ଛଳନାକୁ ଆପଣେଇଥିବା ଓ ଚିରଦିନ ଅମରହେବା ପାଇଁ ଆଶା ରଖିଥିବା ମଣିଷ ଶେଷକୁ ଆପେ ଆପେ ସେହି ଛଳନାର ଯୂପକାଠରେ ବେକ ପୂରାନ୍ତି। ଜାତି, ବର୍ଣ୍ଣ, ବିଦ୍ୟା, ଧନ, ସୌନ୍ଦର୍ଯ୍ୟରେ ନିଜକୁ ନିଜେ ବଡ଼ ବୋଲି ଭାବିବା ଅନୁଚିତ। ନିଜକୁ ଛୋଟ(କ୍ଷୁଦ୍ର) ଓ ଅନ୍ୟକୁ ବଡ଼(ମହାନ୍) ଭାବିବା ହିଁ ପ୍ରକୃତ ବଡ଼ପଣିଆ। କିନ୍ତୁ ନିଜକୁ ବଡ଼ ଓ ଅନ୍ୟକୁ ଛୋଟଭାବିବା ଅତ୍ୟନ୍ତ ନୀଚତା। ଲୋକକଥା ଅଛି, 'ଛୋଟମୁହଁରେ ବଡ଼କଥା'। ଈଶ୍ୱର କାହାର ଅହଙ୍କାର ସହି ନ ଥାନ୍ତି। ସେ ସମସ୍ତଙ୍କର ପାଳନକର୍ତ୍ତା ଓ ସର୍ବେସର୍ବା। ଏପରିସ୍ଥଳେ ନିଜର ସକଳ ସଦ୍‌ଗୁଣକୁ ଅହଙ୍କାର ଦ୍ୱାରା ଆବୃତ୍ତ କରିଦେବାରେ କି ଲାଭ? ଛୋଟବଡ଼ କେବଳ ବ୍ୟବହାର ବା ଆଚରଣରେ ଥାଏ, ଆତ୍ମାରେ ନୁହେଁ। ସୂର୍ଯ୍ୟଙ୍କର ପ୍ରଚଣ୍ଡକିରଣ ମେଘାଚ୍ଛାଦିତ ହୋଇଗଲେ ଯେପରି ପ୍ରକାଶିତ ହୋଇପାରେନାହିଁ, ଠିକ୍ ସେହିପରି ବୃଥା ଅହମିକା(ମୁଁକାର ଭାବ)ସକଳ ଦୈବୀଗୁଣକୁ ଆଚ୍ଛାଦିତ କରିଦିଏ ଏବଂ ପ୍ରକୃତ ମହନୀୟତାଠାରୁ ଦୂରେଇ ଦିଏ। ମନୁଷ୍ୟ ସର୍ବଦା ନିଜକୁ ଅନ୍ୟ ସହିତ ତୁଳନାକରି ନିଜକୁ ହିଁ ଭାରାକ୍ରାନ୍ତ କରିଥାଏ। ତୁଳନା ବାଟଦେଇ କ୍ରୋଧ, ଈର୍ଷା, ଦୁଃଖ, ବିଦ୍ରୋହ ସମେତ ସମସ୍ତ ବିରୋଧୀଶକ୍ତି ଅନୁପ୍ରବେଶ କରନ୍ତି। ଏହା ହେଉଛି ଏକପ୍ରକାର ଆତ୍ମଶତ୍ରୁତା। ତୁଳନା ହିଁ ନିଜ ଭିତରକୁ ନିମନ୍ତ୍ରଣକରେ ହତାଶା, ହୀନମନ୍ୟତା, ଅଶାନ୍ତି, ଅସନ୍ତୋଷ ସମେତ ବହୁ ଅପଶକ୍ତିର ସମାବେଶକୁ। ସମସ୍ତ ପ୍ରକାର ନକାରାତ୍ମକ ଚିନ୍ତା ଓ ସମସ୍ୟା ଆସେ ଏହିପ୍ରକାର ତୁଳନା ଯୋଗୁ। ଫଳତଃ ଶାରୀରିକ କ୍ଲାନ୍ତି ଓ ମାନସିକ ଅବସାଦ ଆସେ। ତେଣୁ ଅନ୍ୟସହିତ ନିଜକୁ ତୁଳନା ନ କରି ନିଜ ସହିତ ନିଜକୁ ତୁଳନା କରିବା ହିଁ ସର୍ବଶ୍ରେଷ୍ଠ ବୁଦ୍ଧିମତ୍ତା। ଗ୍ଲାସ, ବାଲ୍‌ଟି ଓ ଡ୍ରମ ନିଜ ନିଜ ଜଳଧାରଣ କ୍ଷମତା ବିଷୟରେ ସଚେତନ ଥିବାରୁ ସନ୍ତୁଷ୍ଟ ଥାଆନ୍ତି। କିନ୍ତୁ ପରସ୍ପରକୁ ତୁଳନାକଲେ ଅସନ୍ତୁଷ୍ଟ ରହିବା ସ୍ୱାଭାବିକ। ତେଣୁ ନିଜକୁ ନିଜ(ଈଶ୍ୱରପ୍ରଦତ୍ତ ପ୍ରଚଣ୍ଡଶକ୍ତି)ସହ ତୁଳନାକରି, ନିଜର ପ୍ରଗତି ତଥା ସେହି ମହାନ୍ ଶକ୍ତି ଓ ଚେତନାର ବିକାଶ କରିବା ଏକାନ୍ତ କାମ୍ୟ। ଏ ସଂସାରରେ ସବୁଠାରୁ ବଡ଼(ବୃହତ୍ତମ) ଓ ସବୁଠାରୁ ଛୋଟ(କ୍ଷୁଦ୍ରତମ)ହେଉଛନ୍ତି ଏକ ହିଁ ପରମାତ୍ମା, ଯାହାଙ୍କର କୌଣସି ସୀମାନାହିଁ।

ଜୀବନ କ୍ରମେ କ୍ରମେ କ୍ଷୟ ହେଉଛି। ଆମେ ପ୍ରତିକ୍ଷଣ ମୃତ୍ୟୁର ନିକଟବର୍ତ୍ତୀ ହୋଇଚାଲିଛୁ। କେତେବେଳେ ବି ଜୀବନଦୀପ ଲିଭି ଯାଇପାରେ। କିନ୍ତୁ ଶରୀରର ବିନାଶ ହେଲେ ମଧ୍ୟ ଆତ୍ମାର ବିନାଶ ହୁଏନାହିଁ। ଏଣୁ ଏଠିକାର କାମ ଶେଷକରିଦେଇ, ଭବିଷ୍ୟତର ସୁଗମଯାତ୍ରା ପାଇଁ ଅଣ୍ଟା ଭିଡ଼ିବାକୁ ପଡ଼ିବ। ଦେହ ଅଭିମାନ (ଅହଙ୍କାର)ହିଁ ସବୁଠାରୁ ବଡ଼ପାପ ଓ ଅପବିତ୍ରତା। ସଦ୍‌ଗୁଣ ଜୀବକୁ ସତ୍ ପୁରୁଷ କରେ, ମାତ୍ର ଅହଙ୍କାର ପ୍ରବେଶ କରିବା ମାତ୍ରେ ତାକୁ ପତନମୁଖୀ କରି ଇହଲୋକ ଓ ପରଲୋକକୁ ନଷ୍ଟକରିଦିଏ। ମହାନତା ଓ ଲଘୁତା ଭାବ ଅଜ୍ଞାନଜନିତ। ଭେଦଦୃଷ୍ଟି ମୃତ୍ୟୁ ଏବଂ ଅଭେଦଦୃଷ୍ଟି ହିଁ ଅମରଜୀବନ। ଯେଉଁଦିନ ଏହି ସାଂସାରିକ ଅଭିରୁଚି ନଷ୍ଟହେବ, ସେହିଦିନ ହିଁ ପାରମାର୍ଥିକ ଅଭିରୁଚି ପୂର୍ଣ୍ଣତା ଲାଭକରିବ ଏବଂ ଆମେ ଅମରତ୍ୱ ଓ ପରମଶାନ୍ତିକୁ ପ୍ରାପ୍ତହେବା।

**ମୋ: ୯୨୩୮୬୧୫୪୭୮**

## ଏଇ ଭାରତରେ

ଶୁଷ୍କ ଜମିକୁ ଶସ୍ୟଶ୍ୟାମଳା କରିବାରେ ଜଣେ ମହିଳା କୃଷି ଶ୍ରମିକଙ୍କ ପ୍ରୟାସ ଏକ ଉଦାହରଣ ସୃଷ୍ଟି କରିଛି। ପଶ୍ଚିମବଙ୍ଗର ମରୁଡ଼ି ପ୍ରପୀଡ଼ିତ ଝାଡ଼ଗ୍ରାମ ଅଞ୍ଚଳର ଧୋବଖୁରିଆ ଗାଁର ଲୀଳାବତୀ ମହାତାଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି। । ସାଧାରଣତଃ ମହିଳାମାନେ ଏସ୍ଏଚ୍‌ଜି ଗଠନ କରି ବିଭିନ୍ନ କାର୍ଯ୍ୟ କରୁଥିବାବେଳେ ଲୀଳାବତୀଙ୍କ ଲକ୍ଷ୍ୟ କିନ୍ତୁ ଭିନ୍ନ ରହିଛି। ୨୦୧୧ରେ ସେ ଏକ ଏସ୍ଏଚ୍‌ଜି ଗଠନ କରି ପୋଖରୀ ଖୋଳିବାରେ ଲାଗିଛନ୍ତି। ଗରିବ ଆଦିବାସୀ ପରିବାରଗୁଡ଼ିକୁ ଚାଷରେ ସ୍ୱାବଲମ୍ବୀ କରିବା ଲାଗି ସେ ମହିଳାମାନଙ୍କ ସହଯୋଗରେ ତାଙ୍କ ଗାଁରେ ୬ ବର୍ଷରେ ୧୦୦୦ଟି ଛୋଟ ଛୋଟ ପୋଖରୀ ଖୋଳିଛନ୍ତି। ଫଳରେ ଜଳ ସସସ୍ୟା ସମାଧାନ ହୋଇଛି। ପୂର୍ବରୁ ସେହି ଅଞ୍ଚଳରେ କେବଳ ଗୋଟିଏ ଫସଲ ହେଉଥିଲା ଓ ଅନ୍ୟ ସମୟରେ ଲୋକେ ବିଭିନ୍ନ କାର୍ଯ୍ୟ ଲାଗି ବାହାରକୁ ଚାଲି ଯାଉଥିଲେ । ତେବେ ଜଳାଶୟ ନିର୍ମାଣ କରାଯିବା ପରେ କେହି ଆଉ ବାହାରକୁ କର୍ମ ସନ୍ଧାନରେ ଯାଉନାହାନ୍ତି। ସେମାନେ ଫସଲ କରି ଆତ୍ମନିର୍ଭର ହୋଇପାରିଛନ୍ତି। ପ୍ରଥମେ ଲୀଳାବତୀ ଚାଷକରି ଯାହା ଆୟ ହେଉଥିଲା ସେଥିରେ ପୋଖରୀ ଖୋଳିବା ଆରମ୍ଭ କରିଥିଲେ। ପରେ ପଞ୍ଚାୟତ ଏଥିପାଇଁ ଆର୍ଥିକ ସହାୟତା ଯୋଗାଇଦେବାକୁ ମନା କରିବାରୁ ସେ ୫୦୦ ମହିଳାଙ୍କୁ ଏକାଠି କରି ଏହି ଅଭିଯାନରେ ଆଗକୁ ବଢ଼ିଥିଲେ। ତାଙ୍କର ଏହି ସଂରକ୍ଷଣ ପଦ୍ଧତିକୁ ୮୫ଟି ଗାଁର ଲୋକେ ଏବେ ଅପଣାଇ ବେଶ୍ ଲାଭ ପାଉଛନ୍ତି।

## ଚିରନ୍ତନୀ

ଆସ ଭାରତର ପ୍ରାଚୀନପନ୍ଥୀ ଧର୍ମଧ୍ୱଜୀ
ଧର୍ମ ତୁମର ଦିଲ୍ଲୀ ଧୂଳିରେ ଗଲାଣି ହଜି।
ଯେଉଁ ଧୂଳି ପରେ ଲୋଟାଇଲ ଦେହ ଅସ୍ଥିସାର
ଭାରତ ବକ୍ଷେ ଝରାଇଲ ଚିର ରକ୍ତଧାର। –(ରକ୍ତ-ସ୍ରୋତ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 6 | |
| 4 | | | 7 | | | | | |
| | | | | 6 | | 2 | | 8 |
| | | 3 | | 9 | | | | |
| | | 9 | 4 | 1 | 6 | 7 | | |
| | | 5 | | 3 | | 8 | 4 | |
| | | 6 | | 7 | 5 | | | |
| | | | | | 1 | | 2 | |
| | | | | | | 1 | 5 | 6 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 4 | 8 | 1 | 3 | 2 | 5 | 9 |
| 2 | 1 | 5 | 7 | 9 | 6 | 3 | 8 | 4 |
| 8 | 3 | 9 | 2 | 4 | 5 | 7 | 1 | 6 |
| 4 | 6 | 8 | 9 | 3 | 1 | 5 | 7 | 2 |
| 9 | 2 | 1 | 5 | 8 | 7 | 6 | 4 | 3 |
| 7 | 5 | 3 | 6 | 2 | 4 | 1 | 9 | 8 |
| 3 | 4 | 2 | 1 | 5 | 9 | 8 | 6 | 7 |
| 5 | 8 | 6 | 4 | 7 | 2 | 9 | 3 | 1 |
| 1 | 9 | 7 | 3 | 6 | 8 | 4 | 2 | 5 |

ଗତକାଲିର ଉତ୍ତର

# କେବଳ ସହିବା, କହିବା ନାହିଁ



ବିଚିତ୍ର ବିଶ୍ୱାଳ

ବର୍ତ୍ତମାନ ଦରଦାମ୍ ବୃଦ୍ଧି ତଥା ମହଙ୍ଗା ଯେତିକି ବାଧୁଛି ତା'ଠାରୁ ଅଧିକ ବାଧୁଛି ମହଙ୍ଗା ସପକ୍ଷରେ ଚାଲୁଥିବା ମୋଦି ଭକ୍ତମାନଙ୍କ ବିତଣ୍ଡା ଯୁକ୍ତି। ଦରଦାମ୍ ବୃଦ୍ଧିକୁ ସମ୍ଭାଳିବା ପାଇଁ ଯେତିକି ସାହସ ଓ ଶକ୍ତି ଦରକାର ଦରଦାମ୍ ବୃଦ୍ଧି ବିଷୟରେ ଆଲୋଚନା କରିବା ଲାଗି ତା'ଠାରୁ ଅଧିକ ଶକ୍ତି ଆବଶ୍ୟକ ପଡୁଛି। ଦରଦାମ୍ ବୃଦ୍ଧି ଯେତେ ବି ବାଧୁଛି ବାଧୁ କିନ୍ତୁ ଏହା ଦେଶର ବିକାଶ ପାଇଁ ଜରୁରୀ ବୋଲି କହିବାକୁ ହେବ। ନ ହେଲେ ତୁମେ ଦେଶଦ୍ରୋହୀ ଓ ବିଧର୍ମୀ ବୋଲି ପ୍ରମାଣିତ ହେବାକୁ ବେଶି ସମୟ ଲାଗିବ ନାହିଁ। ଗୋଟେ ବିରାଟ ଆଇ.ଟି. ସେଲ୍ ନିରୋଳା ଏହି କାମରେ ଲାଗିଛି।

ପ୍ରଥମେ ଯଦି ଖାଦ୍ୟ ଦ୍ରବ୍ୟ ଦରଦାମ୍‌ର ପରିସ୍ଥିତିକୁ ଦେଖିବା ତେବେ ଜଣାପଡ଼ିବ, ବଜାରରେ ନିଆଁ ଲାଗିଛି। ସାଧାରଣ ଲୋକମାନେ ବଜାରକୁ ପ୍ରବେଶ କରିପାରିବା ମୁସ୍କିଲ୍। ଯେତିକି ଟଙ୍କାରେ ଲିଟରେ ସୋରିଷ ତେଲ ମିଳୁଥିଲା, ସେତିକି ଟଙ୍କାରେ ଏବେ ଅଧ ଲିଟର ମିଳୁଛି। ଡାଲି, ରିଫାଇନ୍ ତେଲ ପ୍ରତିଦ୍ୱନ୍ଦ୍ୱିତା କରି ବଢ଼ିଚାଲିଛନ୍ତି। ପନିପରିବା ଦାମ୍ ତ ନ କହିବା ଭଲ। ପଚାଶ ଟଙ୍କା ତଳେ କୌଣସି ପନିପରିବା ମିଳୁନାହିଁ। ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ସାମଗ୍ରୀ ଯଥା ସିମେଣ୍ଟ, ଲୁହା ରଡ୍, ବିଦ୍ୟୁତ୍ ଉପକରଣ, ପାଣି ପାଇପ୍ ସଂଯୋଗ ଉପକରଣ ଆଦିର ଦାମ୍ ଆକାଶ ଛୁଆଁ ହୋଇଛି। ଗତ ବର୍ଷେ ମଧ୍ୟରେ ସବୁ ଜିନିଷର ଦାମ୍ ପ୍ରାୟ ଦୁଇ ଗୁଣ ହୋଇଯାଇଛି। ଅନ୍ୟପଟେ ଲୋକମାନଙ୍କର ରୋଜଗାରରେ ପାଞ୍ଚ ପ୍ରତିଶତ ବଢ଼ିନାହିଁ, ବରଂ ସିଂହଭାଗ ଲୋକମାନଙ୍କର ରୋଜଗାର କମିଛି। କରୋନା ସଂକ୍ରମଣ ଓ ତଜ୍ଜନିତ ଲକ୍‌ଡାଉନ୍ ଯୋଗୁ ଅଧିକାଂଶ ଲୋକଙ୍କ ହାତରେ ରୋଜଗାର ନାହିଁ। ଲକ୍‌ଡାଉନ୍‌ର ପ୍ରଭାବରୁ ଏଇ ଏବେ ତ ମୁକ୍ତି ମିଳିଛି। ଠିକ୍ ଭାବେ ରୋଜଗାରର ବ୍ୟବସ୍ଥା ହୋଇନାହିଁ। କିନ୍ତୁ ଇତି ମଧ୍ୟରେ ବଜାରର ଦରଦାମ୍ ଏପରି କି ଖାଦ୍ୟ ଦ୍ରବ୍ୟ ଓ ପେଟ୍ରୋଲିୟମ୍ ଜାତ ଦ୍ରବ୍ୟର ଦାମ୍ ଆକାଶ ଛୁଇଁଛି। ପରିସ୍ଥିତି ଏପରି ହୋଇଛି ଯେ, ଗରିବ ଲୋକଙ୍କ ପାଇଁ ଭାତ ପିଆଜ କି ରୁଟି ଲୁଣ ଆଜି କଷ୍ଟସାଧ୍ୟ ହୋଇଯାଇଛି। କାରଣ ଆଜିର ମହରଗ ବଜାରରେ ରନ୍ଧନ ଗ୍ୟାସ୍ ଅପୂର୍ବ ପାଲଟି ଯାଇଛି। ଗତ ଚାରି ମାସ ମଧ୍ୟରେ ଗ୍ୟାସ୍ ଆସି ହଜାରେ ପାଖାପାଖି ହେଲାଣି। ପେଟ୍ରୋଲ୍ ଡିଜେଲ୍ କଥା ନ କହିବା ଭଲ। କେଜାଣି କେମିତି ମୋଦି ସରକାରଙ୍କ ମନରେ ଦୟା ହେଲା ଯେ, ପେଟ୍ରୋଲ ଉପରୁ ପାଞ୍ଚ ଟଙ୍କା ଓ ଡିଜେଲ୍ ଉପରୁ ଦଶ ଟଙ୍କା କମ୍ କରିଛନ୍ତି। ତଥାପି ପେଟ୍ରୋଲ ଡିଜେଲ୍ ଲିଟର ପିଛା ଶହେ ଟଙ୍କା ଉପରେ ରହିଛି। ଏଭଳି ପରିସ୍ଥିତିରେ ବିଚରା ସାଧାରଣ ଲୋକଟିଏ ବଞ୍ଚିବ କେମିତି! ଯେତେବେଳେ ନିଜ ପିଲାଙ୍କ ପେଟକୁ ଦାନା ଯୋଗାଇ ପାରୁନି କି ଗାଡ଼ି ପାଇଁ ଟୋପାଏ ପେଟ୍ରୋଲ୍ କିଣିପାରୁନି, ସେତେବେଳେ ତା' ମନରେ କ୍ଷୋଭ ଆସିବା ସ୍ୱାଭାବିକ। ଯଦି କଷ୍ଟ ସହି ନ ପାରି ପାଟି କରିବେ ବା ଦରଦାମ୍ ବାଧୁଛି ବୋଲି କହିବେ, ତେବେ ଭକ୍ତମାନେ ଦୌଡ଼ି ଆସିବେ। ମହଙ୍ଗା ବିଷୟରେ କହିବା ଅର୍ଥ ଆପଣ ଦେଶଦ୍ରୋହୀ।

ପ୍ରଥମ ଥର ପାଇଁ ଆମ ଦେଶରେ ଏପରି ପରିସ୍ଥିତି ଉପୁଜିଛି ଯେ ଆପଣ ମହଙ୍ଗା ମାଡ଼ରେ ହନ୍ତସନ୍ତ ହେଉଥିବେ କିନ୍ତୁ କିଛି କହିପାରିବେ ନାହିଁ। କଷ୍ଟ ହେଉଥିବ ଅଥଚ କାନ୍ଦିପାରିବେ ନାହିଁ। ଆପଣଙ୍କୁ ହସିବାକୁ ପଡ଼ିବ। ଗଣମାଧ୍ୟମ, ଆଇ.ଟି. ସେଲ୍ ଆଦି ମାଧ୍ୟମରେ କେନ୍ଦ୍ରରେ ସରକାରରେ ଥିବା ଦଳ ଏମିତି ମସ୍ତିଷ୍କ ଧୁଲେଇ କରିଛନ୍ତି ଯେ, ସରକାର ଯଦି ଧଳାକୁ କଳା କହିବେ ଏମାନେ କଳା କହିବାକୁ ବାଧ୍ୟ। ଏପରି କି ଦରଦାମ୍ ବୃଦ୍ଧି ମାଡ଼ ସେମାନଙ୍କୁ ବାଧୁଥିଲେ ମଧ୍ୟ ସେମାନେ କହୁଛନ୍ତି, ଏହା ବିକାଶ ପାଇଁ ଜରୁରୀ। ଏବେ ରାଜନୀତିର ରଙ୍ଗ ବଦଳି ଯାଇଛି। ଆଜି ଆପଣମାନଙ୍କୁ କ'ଣ ଅନୁଭବ ହେଉଛି ତାହା ଭିନ୍ନ କଥା। ଅସଲ କଥା ହେଉଛି ସରକାରଙ୍କୁ ଯାହା ସୁହାଇବ ତାହା କହିବାକୁ ବାଧ୍ୟ। କାରଣ ସାରା ଦେଶରେ ଆଇ.ଟି. ସେଲ୍ ଓ ହ୍ୱାଟ୍‌ସଆପ୍ ୟୁନିଭର୍ସିଟି ଆଦି ମାଧ୍ୟମରେ ଗୋଟିଏ ଅଭିଯାନ ଚାଲୁଛି, ଯାହାର ଉଦ୍ଦେଶ୍ୟ ହେଲା ସମସ୍ତ ପ୍ରକାର ସରକାର ବିରୋଧୀ ତଥା ଜନବାଦୀ ସ୍ୱରକୁ ତିନି ତୁଣ୍ଡରେ ଛେଳି କୁକୁର ପରି ଦବେଇ ଦେବା। ଏବେ ଜଣେ ଉତ୍ସାହୀ ଭକ୍ତ ଫେସ୍‌ବୁକ୍‌ରେ ଲେଖିଥିଲେ ଯେ, ଲୋକମାନେ ଧନତେରସ୍‌ରେ ହଜାର ହଜାର କୋଟି ଟଙ୍କାର ସୁନା କିଣିଲେ, ପୁଣି ପେଟ୍ରୋଲ୍ ଡିଜେଲ୍ ଦର ଶହେ କୋଡ଼ିଏ ହେଲେ ବାଧୁଛି କାହିଁକି? କି ଅଜବ ଯୁକ୍ତି! ତାଙ୍କୁ କେମିତି ବୁଝାଯିବ ଯେ, ହଜାର ହଜାର କୋଟି ଟଙ୍କାର ସୁନା କିଣିଥିବା ଲୋକମାନଙ୍କର ସଂଖ୍ୟା ଆମ ଦେଶରେ ଅତି ବେଶିରେ ପାଞ୍ଚ ପ୍ରତିଶତ। ସେମାନଙ୍କୁ ତୈଳ ଦର ବାଧୁ ନ ଥାଇପାରେ କିନ୍ତୁ ୯୫ ପ୍ରତିଶତ ଲୋକଙ୍କୁ ଏହା ବାଧୁଛି।

ଗୋଟିଏ ଗଣତାନ୍ତ୍ରିକ ଦେଶରେ ଏ ବିଷୟରେ ଆଲୋଚନା କରିବାର ଅଧିକାର ସମସ୍ତଙ୍କର ଅଛି। ଲୋକମାନେ ତାଙ୍କ ପୋଷ୍ଟର ଏପରି ଉତ୍ତର ଦେବାରୁ ଉକ୍ତ ମହାଶୟା ଲେଖିଲେ ଯେ, ଶହେ କୋଟି ଲୋକ ଟିକା ନେଲେ, ସରକାର କ'ଣ ତାଙ୍କ ଘରୁ ଟଙ୍କା ଆଣି ଦେଇଥାନ୍ତେ। ମୁଣ୍ଡ ତ ପୂର୍ବରୁ ଧୁଆ ହୋଇଯାଇଛି, ତେଣୁ ସେ ଠିକ୍ କଥା କହିପାରନ୍ତେ ବା କେମିତି! କେବଳ ଟିକା ନୁହେଁ, ସରକାର ତ ସମସ୍ତ ପ୍ରକାର ଜନକଲ୍ୟାଣକାରୀ କାମ ପାଇଁ ଆମଠାରୁ ସକାଳୁ ସଞ୍ଜ ଯାଏ ପ୍ରତ୍ୟେକ କାମରେ କର ନେଉଛନ୍ତି। କୋଭିଡ୍ କାଳର ଏହି ଦୁଇ ବର୍ଷ ମଧ୍ୟରେ ନୂଆ ଡାକ୍ତରଖାନା ସ୍ଥାପନା ହୋଇନାହିଁ। ସରକାର ସାଂସଦମାନଙ୍କ ହାତ ପାଣ୍ଠି ବନ୍ଦ କରିଦେଇଛନ୍ତି। ତଥାପି ଅଣ୍ଟିଲାନି ଯେ, ସରକାର ରାଷ୍ଟ୍ରାୟତ୍ତ ସେବା ଓ ସ୍ୱାସ୍ଥ୍ୟ ଯଥା ରେଳ, ବିମାନ ଚଳାଚଳ, ଖଣି, ବିଜୁଳି, ବନ୍ଦର ଆଦି କ୍ଷେତ୍ରରେ ଥିବା ସରକାରୀ ଉଦ୍ୟୋଗ ଓ ସେବାକୁ ଘରୋଇ କମ୍ପାନୀକୁ ବିକ୍ରି କରିଛନ୍ତି। ପୁଣି ଟଙ୍କା ପାଇଁ ସରକାର ପେଟ୍ରୋଲ୍ ଡିଜେଲ୍ ନାଁରେ କର ଆଦାୟ କରୁଛନ୍ତି। ଏଠି ଆଉ ଗୋଟିଏ କଥା ମଧ୍ୟ ବିଚାର କରାଯାଇପାରେ ଯେ, ଯଦି ଦରଦାମ୍ ବୃଦ୍ଧି କରି ଲୋକମାନଙ୍କୁ ଶୋଷଣ କରି ସେଇ ଟଙ୍କାରେ ଲୋକମାନଙ୍କୁ ଟିକା ଦିଆଯାଇଛି, ତା'ହେଲେ ଟିକାକରଣ କେବଳ ମୋଦି କରେଇଛନ୍ତି ବୋଲି ପ୍ରଚାର କରାଯାଉଛି କାହିଁକି? ଯଦି ସରକାରଙ୍କର ଟଙ୍କା ଦରକାର, ତେବେ ବଡ଼ ବଡ଼ କର୍ପୋରେଟଙ୍କ ଉପରୁ କର ଛାଡ଼ ନ କରି ତାଙ୍କଠାରୁ କର ଆଦାୟ କରୁନାହାନ୍ତି କାହିଁକି?

ଉପା ସରକାର ସମୟରେ ସାମାନ୍ୟ ଦରଦାମ୍ ବୃଦ୍ଧି ହେଲେ ସ୍ମୃତି ଇରାନୀଙ୍କଠୁ ଆରମ୍ଭ କରି ଅରୁଣ ଜେଟଲୀଙ୍କ ପର୍ଯ୍ୟନ୍ତ ଭାଜପା ନେତାମାନେ ରାଜରାସ୍ତାକୁ ଓହ୍ଲେଇ ଆସୁଥିବା ବେଳେ ଏବେ ଦରଦାମ୍ ବୃଦ୍ଧିଟା ଅବଶ୍ୟମ୍ଭାବୀ ହୋଇଗଲା କିପରି। ଠିକ୍ ଅଛି, ମନେକରାଯାଉ ଯେ, ବିକାଶ ପାଇଁ ଦରଦାମ୍ ବୃଦ୍ଧି ଆବଶ୍ୟକ। ହେଲେ ଏହି ଦରଦାମ୍ ବୃଦ୍ଧିରେ ସାଧାରଣ ଗରିବ ଲୋକଟିଏ, କୋଭିଡ୍‌ଜନିତ ଲକ୍‌ଡାଉନ୍ ମାଡ଼ରେ ଯାହାର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି, ସେ ବଞ୍ଚିବ କିପରି? ସେହି ସାଧାରଣ ଲୋକମାନେ କ'ଣ ସରକାରଙ୍କ ତାଲିକାରେ ନାଗରିକ ନୁହନ୍ତି। ଭାରତ ଇତିହାସରେ ସଂପ୍ରତି ମହଙ୍ଗା ଶୀର୍ଷରେ ପହଞ୍ଚିଛି। ଠିକ୍ ସେହି ହିସାବରେ ମହଙ୍ଗା ସପକ୍ଷରେ ଗୋଟିଏ ସେନାକୁ ଠିଆ କରାଯାଉଛି। ଯେଉଁମାନେ ଅତି ନିର୍ଦ୍ଦୟ ଭାବେ ସାଧାରଣ ଲୋକମାନଙ୍କ ପରିସ୍ଥିତିକୁ ତାଚ୍ଛଲ୍ୟ କରୁଛନ୍ତି। ତାଙ୍କ ପାଟି ଫିଟିବାକୁ ଦେଉନାହାନ୍ତି। ସେମାନଙ୍କୁ କିଏ ବୁଝେଇବ ଯେ, ମହଙ୍ଗା ବିଷୟରେ ଆଲୋଚନା ଅର୍ଥ ମୋଦିଙ୍କ ବିରୋଧ ନୁହେଁ। ଏହା ଏକ ଭୟଙ୍କର ପରିସ୍ଥିତିର ସ୍ୱାଭାବିକ ପ୍ରତିଫଳନ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର, ମୋ-୯୪୩୮୪୬୮୪୭୪**

## ପାଠକ ଶ୍ରେଷ୍ଠ ବିଚାରକ

### ମଣିପୁରରେ ସନ୍ତ୍ରାସବାଦୀଙ୍କ ବର୍ବରୋଚିତ ଆକ୍ରମଣ

ମହାଶୟ,

ସନ୍ତ୍ରାସବାଦୀଙ୍କ ରାଜଧାନୀ ହେଉଛି ମଣିପୁର, ନାଗାଲାଣ୍ଡ, ଜମ୍ମୁ-କଶ୍ମୀର, ତ୍ରିପୁରା। ବୃହତ୍ ମଣିପୁର ଗଠନ କରି ଏକ ସ୍ୱତନ୍ତ୍ର ରାଜ୍ୟ କରିବା ନାମରେ ସେଠାକାର ଉଗ୍ରବାଦୀ ସଙ୍ଗଠନ ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଛନ୍ତି। ଅନେକ ସମୟରେ ଆଇନ ହାତକୁ ନେଇ ନାରକୀୟ କାଣ୍ଡ କରୁଛନ୍ତି। ଫଳରେ ସେଠାକାର ସନ୍ତ୍ରାସବାଦୀମାନଙ୍କୁ ଦମନ କରିବା ପାଇଁ ସରକାର ସ୍ୱତନ୍ତ୍ର ଆଇନ ପ୍ରଣୟନ କରି ସେନାକୁ ଅଖଣ୍ଡ କ୍ଷମତା ଦେଇଛନ୍ତି। ତଥାପି ସେମାନଙ୍କୁ ସମ୍ପୂର୍ଣ୍ଣ ଭାବେ ଦମନ କରିବା ସମ୍ଭବ ହେଉନାହିଁ। ବଡ଼ ଦୁଃଖର କଥା, ମଣିପୁରରେ ସନ୍ତ୍ରାସବାଦୀମାନେ ଅତର୍କିତ ସେନା ଗାଡ଼ି ଉପରକୁ ଆକ୍ରମଣ କରି କର୍ଣ୍ଣେଲ ବିପ୍ଳବ ତ୍ରିପାଠୀ ଓ ତାଙ୍କ ପତ୍ନୀ ଏବଂ ତାଙ୍କ ଶିଶୁପୁତ୍ରଙ୍କ ସମେତ ପାଞ୍ଚ ଜଣ ଯବାନଙ୍କୁ ହତ୍ୟା କରି ସାରା ଦେଶରେ ଶୋକର ବାତାବରଣ ସୃଷ୍ଟି କରିଛନ୍ତି। ସନ୍ତ୍ରାସବାଦୀମାନଙ୍କର ଏହା କାପୁରୁଷୋଚିତ କାର୍ଯ୍ୟ। ହତ୍ୟାକାରୀ ସନ୍ତ୍ରାସବାଦୀଙ୍କୁ ଧରିବା ପାଇଁ ସେନାବାହିନୀ କଠୋର ପଦକ୍ଷେପ ନେବା ଦରକାର।

**-ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ଶ୍ରୁତିଙ୍କ ସ୍ପେଶାଲ ସଜବାଜ

କମଲ ହାସନ୍‌ଙ୍କ ତନୟା ଶ୍ରୁତି ହାସନ ଏବେ ସଜବାଜ ହେଉଛନ୍ତି। କାରଣ ଅତିଶୀଘ୍ର ସେ ଏକ ଆକ୍ସନଭିତ୍ତିକ ସିନେମାରେ ଅଭିନୟ କରିବେ। ତେଣୁ ଏବେଠାରୁ ସେ ଫାଇଟ୍ ସହ ଷ୍ଟଣ୍ଟ ଶଟ୍ ଅଭ୍ୟାସ କରୁଛନ୍ତି। ଅନ୍ୟପକ୍ଷରେ ସେ ନୂଆ ସିନେମା 'ସଲାର୍'ର ନାୟିକା ଭୂମିକାରେ ଅଭିନୟ କରିବେ। ଏହି ଫିଲ୍ମର ନାୟକ ସାଜୁଛନ୍ତି 'ବାହୁବଳି' ଫେମ୍ ପ୍ରଭାସ। ତେବେ ଏପରି ଅଫର ସମ୍ପର୍କରେ ଶ୍ରୁତି କହନ୍ତି, ''ଏହି ଫିଲ୍ମଟି ତେଲୁଗୁ, ତାମିଲ, ମାଲାୟାଲମ ଏପରି କି ହିନ୍ଦୀ ଭାଷାରେ ନିର୍ମିତ ହେବ। ତେଣୁ ଏପରି ଏକ ମଲ୍‌ଟି ଲାଙ୍ଗୁଏଜ୍ ଫିଲ୍ମରେ ଆକ୍ଟିଂ କରିବା ସୁଯୋଗକୁ ହାତଛଡ଼ା କରିବା ଠିକ୍ ନୁହେଁ ବୋଲି ଭାବିଥିଲି। ପୁଣି ଏହାର ମୁଖ୍ୟ ଭୂମିକାରେ ପ୍ରଭାସ ଅଭିନୟ କରିବେ। ଏହି ଫିଲ୍ମଟି ମୋ କ୍ୟାରିୟର ପାଇଁ ମାଇଲେଜ୍ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି।'' ତେବେ ଫିଲ୍ମ ଦୁଇଟିକୁ ନେଇ ଶ୍ରୁତି ବେଶ୍ ଆଶା ବାନ୍ଧିଛନ୍ତି। ତାଙ୍କର ଏହି ଆଶା କେତେ ସଫଳ ହେଉଛି ତାହା ଦେଖିବାକୁ ବାକି ରହିଲା।

# ଦିନ ଗଣୁଛନ୍ତି ମୌନି

ମୌନି ରୟ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। କାରଣ ଆସନ୍ତାବର୍ଷ ପ୍ରାରମ୍ଭରେ ସେ ନୂଆ ଦୁନିଆରେ ପାଦ ଦେଉଛନ୍ତି। ଅର୍ଥାତ୍ ଖୁବ୍‌ଶୀଘ୍ର ସେ ଘରସଂସାର କରିବାକୁ ଯାଉଛନ୍ତି। ତା'ସହ ସେ ସାଇନ୍ କରିଥିବା ଦୁଇଟି ଫିଲ୍ମ (ଯାହାର ଟାଇଟଲ ଫାଇନାଲ ହୋଇନାହିଁ)ର ଶୁଟିଂ ଯଥାଶୀଘ୍ର ଆରମ୍ଭ ହେବାକୁ ଯାଉଛି। ପ୍ରେମିକ ସୁରଜ ନାମ୍ବିୟାରଙ୍କ ସହ ତାଙ୍କର ବିବାହ ହେବ ବୋଲି ଜଣାପଡ଼ିଛି। ଏ ନେଇ ମୌନି କହନ୍ତି, ''ସୁରଜ ଏବଂ ମୁଁ ପରସ୍ପରକୁ ବେଶ୍ କିଛି ବର୍ଷ ହେଲା ଜାଣିଛୁ। ଆମ ଭିତରେ ଥିବା ପ୍ରେମ ସମ୍ପର୍କ ଏବେ ବିବାହର ରୂପ ନେବାକୁ ଯାଉଛି। ଆସନ୍ତାବର୍ଷ ଆମେ ବିବାହ କରିବୁ ବୋଲି ସ୍ଥିର ହୋଇଛି। ମ୍ୟାରେଜ ପରେ ଆକ୍ଟିଂ ଚାଲୁ ରହିବ। ସେ ନେଇ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଛି।'' ସୂଚନାଯୋଗ୍ୟ, କରନ୍ ଜୋହରଙ୍କ 'ବ୍ରହ୍ମାସ୍ତ୍ର'ରେ ମୌନି ଅଭିନୟ କରିଛନ୍ତି। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ରଣବୀର କପୁର ଏବଂ ଆଲିୟା ଭଟ୍ଟ। ଅନ୍ୟପକ୍ଷରେ ଆବାସ ମସ୍ତାନ୍‌ଙ୍କ ଟାଇଟଲ ଫାଇନାଲ ହୋଇ ନ ଥିବା ଏକ ଫିଲ୍ମରେ ସେ ବବି ଦେଓଲଙ୍କ ନାୟିକା ସାଜିଛନ୍ତି।


ମୌନି

## ଅତୀତରୁ

✻ ଓଡ଼ିଆ ସିନେମା 'ବନ୍ଧନ'ର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ପ୍ରଶାନ୍ତ ନନ୍ଦ। ଏହାର ନିର୍ଦ୍ଦେଶନା ଦେଇଥିଲେ ନିତାଇ ପାଲିତ ଏବଂ ସଂଯୋଜିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଥିଲେ ଶ୍ରୀକୁମାର।

✻ ବ୍ୟୋମକେଶ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ମୁକ୍ତି'। ସୁଜାତା ଆନନ୍ଦ, ତ୍ରିଭୁବନ, ଦୀପା ପ୍ରତିହାରୀ ଏହାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

✻ ନରେନ୍ଦ୍ର କୁମାର ମିତ୍ରଙ୍କ ପ୍ରଯୋଜିତ ଏବଂ ତ୍ରିଲୋଚନଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ନାରୀ'। ଏହାର ପ୍ରମୁଖ ଭୂମିକାରେ ଅନିମା, ଅଶୋକ ଏବଂ ନରେନ୍‌ଙ୍କୁ ଦେଖିବାକୁ ମିଳିଥିଲା।

✻ ଓଡ଼ିଆ ସିନେମା 'ନବଜନ୍ମ'ର ପ୍ରଯୋଜନା କରିଥିଲେ ସଚିନ ମୁଖାର୍ଜୀ। ଏହାର ବିଭିନ୍ନ ଭୂମିକାରେ ଅଛନ୍ତି ଶରତ ପୂଜାରୀ, ଝରଣା ଦାସ ଏବଂ ଅକ୍ଷୟ ମହାନ୍ତି (କାଶ୍ୟପ)।

✻ 'ରକ୍ତ ଗୋଲାପ'ର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଶ୍ରୀରାମ ପଣ୍ଡା ଏବଂ ବନଜା ମହାନ୍ତି। ଏହାର ନିର୍ଦ୍ଦେଶନା ଦେଇଥିଲେ କେ. ଭୀମେଶ୍ୱର ରାଓ।

ରିଲିଜ୍ ଅପେକ୍ଷାରେ...

# ମିତାଲି ଅପା


ଶ୍ରୀତମ

ରବୀନ୍ଦ୍ର ନାଥ ପଣ୍ଡାଙ୍କ ପ୍ରଯୋଜିତ 'ମିତାଲି ଅପା' ରିଲିଜ୍ ଅପେକ୍ଷାରେ ରହିଛି। ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଶ୍ରୀତମ୍ ଦାସ। ଏପରି ଏକ ଭିନ୍ନ ଧରଣର ଭୂମିକାକୁ ନେଇ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ସେ। କେବଳ ସେତିକି ନୁହେଁ, ଏହି ଫିଲ୍ମଟି ତାଙ୍କ ଆକ୍ଟିଂ କ୍ୟାରିୟରରେ ମାଇଲଷ୍ଟୋନ୍ ସାବ୍ୟସ୍ତ ହେବ ବୋଲି ଆଶା ରଖିଛନ୍ତି ଶ୍ରୀତମ୍। ଏକ୍ସସେଲ ମୁଭିଜ୍ ବ୍ୟାନରରେ ପ୍ରସ୍ତୁତ ଏହି ଅଷ୍ଟମ ଚଳଚ୍ଚିତ୍ରର କାହାଣୀ ରଚନା କରିଛନ୍ତି ବିଜୟଲକ୍ଷ୍ମୀ ପଣ୍ଡା ଏବଂ ତାହାକୁ ଆଧାର କରି ଚିତ୍ରନାଟ୍ୟ ସହ ସଂଳାପ ଲେଖିଛନ୍ତି ଡ. ରଜନୀ ରଞ୍ଜନ। ଏହି ଫିଲ୍ମରୁ ପ୍ରଥମ ଥର ପାଇଁ ନିର୍ଦ୍ଦେଶକ ସିଟ୍‌ରେ ବସିଛନ୍ତି ନବାଗତ ପ୍ରଶାନ୍ତ ଲେଙ୍କା (ବାପି)। ମିତାଲି ଅପା ନାମ୍ନୀ ଜଣେ କିନ୍ନର ଲୋକମାନଙ୍କୁ ସାହାଯ୍ୟର ହାତ ବଢ଼ାଉଛି ଏବଂ ସେ ସାମ୍ନା କରୁଥିବା ବାଧାବିଘ୍ନକୁ କିପରି ସାହସର ସହ ମୁକାବିଲା କରୁଛି, ତାହା ଉକ୍ତ ଚିତ୍ରରେ ଦେଖିବାକୁ ମିଳିବ। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଗ୍ନିରାଜ କିଶୋର। ଶ୍ରୀତମ୍‌ଙ୍କ ବ୍ୟତୀତ ଏହି ସିନେମାରେ ଅସୀତ, ମହିମା, ସୋନମ୍, ମନୀଷା ରଥ, କେକେ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ନଜରକୁ ଆସିବେ।

# ରାଉଡ଼ି ରାଜା

ଅଭିନେତା ସୋହମ୍ ସିଂ ଏକ ଭିନ୍ନ ଭୂମିକାରେ ଖୁବ୍‌ଶୀଘ୍ର ଦର୍ଶକଙ୍କ ସାମ୍ନାକୁ ଆସିବେ। ଆଉ ଏପରି ଭୂମିକାରେ ସଫଳ ହେବାକୁ ସେ ଆଶା ରଖିଛନ୍ତି। ପ୍ରସ୍ତୁତ ହେବାକୁ ଯାଉଥିବା ନୂଆ ସିନେମା 'ରାଉଡ଼ି ରାଜା'ର ଟାଇଟଲ ଭୂମିକାରେ ଏହି ୟଙ୍ଗ ସେନ୍‌ସେସନଙ୍କୁ ଦେଖିବାକୁ ମିଳିବ। ଏକ ଭିନ୍ନ ଧରଣର ଆକ୍ସନ ଡ୍ରାମା ଏବଂ ପ୍ରେମ କାହାଣୀକୁ ଆଧାର କରି ଏହି ଫିଲ୍ମଟି ନିର୍ମାଣ ହେବାକୁ ଯାଉଛି। ଉକ୍ତ ରହସ୍ୟ ରୋମାଞ୍ଚଭରା କାହାଣୀଟିକୁ ଲେଖିଛନ୍ତି ଆଗଧାଡ଼ିର ସଂଳାପକାର ଡ. ରଜନୀ ରଞ୍ଜନ ଏବଂ ତାହାକୁ ଆଧାର କରି ସଂଳାପ ରଚନା ଦାୟିତ୍ୱ ମଧ୍ୟ ସେ ତୁଲାଇଛନ୍ତି। ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିବେ 'ଅଜାତ ଶତ୍ରୁ' ଏବଂ 'ଲଭ୍ ୟୁ ପ୍ରିୟା'ର ନାୟକ ସାଜିଥିବା ସୋହମ୍ ସିଂ। ଏ ବିଷୟରେ ସେ କହନ୍ତି, ''ଫିଲ୍ମର କାହାଣୀରେ ନୂତନତ୍ୱ ରହିଛି। ବିଶେଷ ଭାବରେ ଏଥିରେ ଆକ୍ସନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ସତ କଥା କହିବାକୁ ଗଲେ ଯେଉଁଭଳି ଚରିତ୍ରଟିଏ ମୁଁ ଖୋଜୁଥିଲି ତାହା ଏହି ଫିଲ୍ମରେ ମୋତେ ମିଳିଯାଇଛି।'' ନବାଗତ ପ୍ରଯୋଜକ କମଲ କୁମାର ମହାନ୍ତିଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ରମେଶ ରାଉତ। ଏହି ଫିଲ୍ମରେ ସୋହମ୍‌ଙ୍କ ଅପୋଜିଟ୍‌ରେ ଅଛନ୍ତି ନବାଗତା ଶ୍ରଦ୍ଧା ପାଣିଗ୍ରାହୀ।

ଶୁଟିଂ ଚାଲିଛି

# ମହାବାହୁ


ଆକାଶ-ପୁନମ୍

ନୂଆ ଓଡ଼ିଆ ସିନେମା 'ମହାବାହୁ'ର ଶୁଟିଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଲୁ ରହିଛି। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଅଲୌକିକ ଲୀଳାକୁ ଆଧାର କରି କାହାଣୀ ଗତିଶୀଳ। ତା'ସହ ଏଥିରେ ଫ୍ୟାମିଲି ଡ୍ରାମା ମଧ୍ୟ ରହିଛି। ଆର.ଆର. ଇଭେଣ୍ଟସ୍ ସିନେ ପ୍ରଡକ୍ସନ ଏବଂ ଷ୍ଟୁଡିଓ ଥ୍ରୀସିକ୍ସଟି ବ୍ୟାନରରେ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ଶ୍ରୀତମ୍ ଦାସ। ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଆକାଶ ଦାସନାୟକ ଏବଂ ପୁନମ ମିଶ୍ର। ଆକାଶ-ପୁନମ୍‌ଙ୍କ ବ୍ୟତୀତ ତନୁଶ୍ରୀ, ଦିବ୍ୟା, ଶ୍ରୀତମ୍ ଦାସ, ହରିହର ମହାପାତ୍ର, ଟୋପି, ଉଷସୀ ମିଶ୍ର। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ରମେଶ ବାରିକ ଏବଂ କେ. ତମନ୍ନା। ଏ ସମ୍ପର୍କରେ ରମେଶ କହନ୍ତି, ''ଏହି ଫିଲ୍ମର କାହାଣୀରେ ଭିନ୍ନତା ରହିଛି। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ବିଚିତ୍ର। ଏଥିରେ ତାହାର ଝଲକ ମଧ୍ୟ ଦେଖିବାକୁ ମିଳିବ। ସବୁଠାରୁ ଖାସ୍ କଥା ହେଲା, ଜାତୀୟ ପୁରସ୍କାରକୁ ଆଖି ଆଗରେ ରଖି ଏହାକୁ ପ୍ରସ୍ତୁତ କରାଯାଉଛି। ଶରରାଣବିନ୍ଦ ଏହାର ସଂଳାପ ରଚନା କରିଥିବା ବେଳେ ସଙ୍ଗୀତ ଦାୟିତ୍ୱ ତୁଲାଇଛନ୍ତି ଓଲିଉଡ୍‌ର ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ପ୍ରେମାନନ୍ଦ।

# ଛଅ ମାସ ପରେ...

କଥାରେ ଅଛି- ଅପେକ୍ଷାର ଫଳ ମିଠା। ସେଥିପାଇଁ ଧୈର୍ଯ୍ୟ ଦରକାର। ହେଲେ ଏବେ ଶୁଣିବାକୁ ମିଳୁଛି ପୁଣି ଛଅ ମାସ ପରେ ଯାହା ଚିନ୍ତା କରାଯିବ। କଥା କ'ଣ କି, ବରୁଣ ଧାୱନ-କ୍ରିତି ସାନନ୍‌ଙ୍କ ଅଭିନୀତ 'ଭେଡିୟା'ର ରିଲିଜ ଡେଟ୍ ଘୁଞ୍ଚି ଘୁଞ୍ଚି ଚାଲିଛି। ନଭେମ୍ବର ଶେଷ ସପ୍ତାହରେ ଏହା ଓଟିଟି ଫର୍ମାଟରେ ରିଲିଜ୍ ହେବ ବୋଲି ଯୋଜନା ଥିଲା। କିନ୍ତୁ ଏହି ଫର୍ମାଟ ପ୍ୟାକ୍ ଥିବାରୁ ଫିଲ୍ମଟିର ମୁକ୍ତିଲାଭ ତାରିଖ ପାଖାପାଖି ଛଅ ମାସ ଘୁଞ୍ଚାଇ ଦିଆଯାଇଛି। ଏ ନେଇ କ୍ରିତି କହନ୍ତି, ''ବର୍ତ୍ତମାନ ଓଟିଟି ଫର୍ମାଟ ପ୍ରାୟ ଛଅ ମାସ ପର୍ଯ୍ୟନ୍ତ ପ୍ୟାକ୍ ଅଛି। ତେଣୁ ସୁଇଟେବ୍‌ଲ ରିଲିଜ ଡେଟ୍ ଫାଇନାଲ ହୋଇ ପାରୁନାହିଁ। ଏଥିପାଇଁ ଆଉ ଛଅ ମାସ ଅପେକ୍ଷା କରିବାକୁ ପଡ଼ିବ। ତେବେ ଏ ନେଇ ପ୍ରଯୋଜନା ସଂସ୍ଥା ବିଚାରବିମର୍ଶ ଚାଲୁ ରଖିଛି।'' ଦିନେଶ ଭିଜାନଙ୍କ ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଅମର କୌଶିକ।


କ୍ରିତି-ବରୁଣ

# ଅନୁଶୋଚନାର ସମୟ ଆସିଛି

''ଏଭଳି ସିନେମାଟିଏ ନିର୍ମାଣ ହେବା ଦରକାର, ଯାହା ସବୁ ଦୃଷ୍ଟିକୋଣରୁ ଦର୍ଶକଙ୍କୁ ଆକର୍ଷିତ କରୁଥିବ। ଯଦି ନିଜର ମନୋରଞ୍ଜନ ପାଇଁ ଓଡ଼ିଆ ଚିତ୍ର ପ୍ରସ୍ତୁତ କରିବାକୁ କେହି ମନ ବଳାନ୍ତି କିମ୍ବା ଆଗେଇ ଆସନ୍ତି, ତେବେ ସେମାନେ ଆରମ୍ଭରୁ ସାବଧାନ ନ ରହିଲେ 'କଥାଟି ବହୁ ଆଡ଼ମ୍ବରରେ ଲଘୁକ୍ରିୟା ପରି ହେବ।'

ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ୧୯୩୬ରେ ମୁକ୍ତିଲାଭ କରିଥିଲା। ବର୍ତ୍ତମାନ ଗୁଣାତ୍ମକ ଦୃଷ୍ଟିକୋଣରୁ ଆଲୋଚନା କଲେ ଆମ ଓଡ଼ିଆ ସିନେମାର ଭବିଷ୍ୟତ ଉପରେ ସ୍ୱତଃ ପ୍ରଶ୍ନବାଚୀ ଲାଗିଯାଉଛି। କାରଣ ଗତ କିଛି ବର୍ଷ ହେବ ପ୍ରତିବର୍ଷ ୩୦ରୁ ଅଧିକ ସିନେମା ରିଲିଜ୍ ହେଉଛି। ସେଗୁଡ଼ିକ ମଧ୍ୟରୁ ଅଧିକାଂଶ କୌଣସି ଦୃଷ୍ଟିକୋଣରୁ ଦର୍ଶକଙ୍କୁ ପ୍ରଭାବିତ କରିପାରୁ ନାହିଁ। ମନକୁ ଛୁଇଁଲା ଭଳି ନିଛକ ଓଡ଼ିଆ ଚିତ୍ରଟିଏ ଦେଖିବା ବିରଳ ହୋଇଗଲାଣି। ଓଡ଼ିଆ ସିନେମାର ଦିନକୁ ଦିନ ଯେପରି ଅଧୋଗତି ହେଉଛି ତାହା ଚିନ୍ତାର କାରଣ ସାଜିଛି।

ନୂଆ ଓଡ଼ିଆ ସିନେମା ନିର୍ମାଣ ହେଉ। କାରଣ ଓଡ଼ିଆ ସିନେମା ସହ ସଂଶ୍ଳିଷ୍ଟ ଅନେକ ବ୍ୟକ୍ତିବିଶେଷଙ୍କ ପେଟପାଟଣା ଏହା ଉପରେ ନିର୍ଭର କରୁଛି। ସିନେମାଟିଏ ରିଲିଜ୍ ହୋଇ ଯଦି ଦି' ପଇସା ଲାଭ କଲା, ତେବେ ତାହା ସଂପୃକ୍ତ ପ୍ରଯୋଜକଙ୍କୁ ଆଉ ଏକ ସିନେମା ନିର୍ମାଣ କରିବାକୁ ଉତ୍ସାହିତ କରିଥାଏ। ହେଲେ ହାତଗଣତି ଦିନ କେଇଟାରେ ଯେନତେନ ପ୍ରକାରେ ଶୁଟିଂ ଶେଷ କରିଦିଆଯାଉଛି। ତେଣୁ ଗୋଟିଏ ସିକ୍ୟୁଏନ୍ସକୁ ଯେତିକି ଗୁରୁତ୍ୱ ଦିଆଯିବା କଥା ତାହା ଦିଆଯାଉ ନାହିଁ। ଆଉ ଏପରି ସିନେମାଟିଏ ଦେଖିଲା ବେଳେ ସେପରି ତ୍ରୁଟି ଜଳଜଳ ହୋଇ ଦେଖାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବଜେଟ। ଆମର ଛୋଟ ଇଣ୍ଡଷ୍ଟ୍ରି, ଏଠି ରିଟର୍ନ ମିଳୁନି। ଓଡ଼ିଆ ଫିଲ୍ମଟିଏ ନିର୍ମାଣ କରିବା କାଠିକର ପାଠ। ତେଣୁ ବଜେଟକୁ ନେଇ କମ୍ପ୍ରମାଇଜ କରିବାକୁ ପଡୁଛି- ଏମିତିକା ସଫେଇ ଦେଇ କେତେକ ପ୍ରଯୋଜକ ନିଜ ମୁଣ୍ଡରୁ ଦୋଷ ଖସାଇ ଦେଉଛନ୍ତି। ଭଲ କାହାଣୀଟିଏ ଚୟନ କରିବା ଅପେକ୍ଷା ତେଲୁଗୁ-ତାମିଲ କିମ୍ବା କୌଣସି ପ୍ରାନ୍ତୀୟ ଭାଷାରେ ନିର୍ମିତ ସିନେମା ଦେଖି ତାକୁ କପି କରିଦେଲେ କାମ ଶେଷ। ମୂଳ ସିନେମା ସହ ଆମ ଓଡ଼ିଆ ସିନେମାକୁ ମିଳାଇଲା ବେଳକୁ ଆକାଶ ପାତାଳ ଫରକ ଦେଖିବାକୁ ମିଳୁଛି। ସମୟ ଥିଲା, ଭଲ କାହାଣୀଟିଏ ନେଇ ପ୍ରଯୋଜକ ଓଡ଼ିଆ ଫିଲ୍ମ ପ୍ରସ୍ତୁତ କରୁଥିଲେ। ଆଉ ସେଗୁଡ଼ିକୁ ଏଭଳି ନିର୍ମାଣ କରାଯାଉଥିଲା ଯାହାକୁ ଥରେ ନୁହେଁ, ଅନେକ ଥର ଦେଖିବାକୁ ଇଚ୍ଛା ହେଉଥିଲା। ହେଲେ ଏବେ ଓଡ଼ିଆ ସିନେମାଟିଏ ଦେଖିବାକୁ ଅଧିକାଂଶ ଦର୍ଶକ ମନ ବଳାଉ ନ ଥିବା ଦେଖିବାକୁ ମିଳୁଛି। କେତେକ ସିନେମା ରିଲିଜ୍ ହେବାର ଦିନେ-ଦୁଇ ଦିନ ପରେ ପ୍ରେକ୍ଷାଳୟରୁ ଓହ୍ଲାଇ ଯାଉଛି।

ଏଭଳି ସିନେମାଟିଏ ନିର୍ମାଣ ହେବା ଦରକାର, ଯାହା ସବୁ ଦୃଷ୍ଟିକୋଣରୁ ଦର୍ଶକଙ୍କୁ ଆକର୍ଷିତ କରୁଥିବ। ଯଦି ନିଜର ମନୋରଞ୍ଜନ ପାଇଁ ଓଡ଼ିଆ ଚିତ୍ର ପ୍ରସ୍ତୁତ କରିବାକୁ କେହି ମନ ବଳାନ୍ତି କିମ୍ବା ଆଗେଇ ଆସନ୍ତି, ତେବେ ସେମାନେ ଆରମ୍ଭରୁ ସାବଧାନ ନ ରହିଲେ କଥାଟି ବହୁ ଆଡ଼ମ୍ବରରେ ଲଘୁକ୍ରିୟା ପରି ହେବ। ଓଡ଼ିଆ ସିନେମା ସଂଖ୍ୟା ବଢୁ। ତା'ସହ ଏଭଳି ସିନେମା ନିର୍ମାଣ ହେଉ, ଯାହା ଆମ ଇଣ୍ଡଷ୍ଟ୍ରିର ଭବିଷ୍ୟତକୁ ଅନ୍ଧକାରକୁ ଠେଲିଦେବା ପରିବର୍ତ୍ତେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜୁ। ଓଡ଼ିଆ ସିନେମା ନିର୍ମାଣ ପ୍ରତି ଯଦି ଆବଶ୍ୟକ ମୁତାବକ ଦୃଷ୍ଟି ଦିଆ ନ ଯାଏ, ତେବେ କଥାଟି ନିଶ୍ଚୟ 'ଗୋଦରା କୋଡ଼େ ଯେତେ ମାଡ଼େ ସେତେ' ସଦୃଶ ହେବ।

– ଶୁଭ୍ର ମହାପାତ୍ର



# ଖୋଜାଖୋଜିରେ ବ୍ୟସ୍ତ

କଥାରେ ଅଛି- ବସିବାଠାରୁ କାଶିବା ଭଲ। ତେଣୁ ଘରେ ବସିବା ଅପେକ୍ଷା ଜାହ୍ନବୀ କପୁର ଏକ ନୂଆ କାମରେ ମନୋନିବେଶ କରିଛନ୍ତି। ତାହା ହେଲା କାହାଣୀ ଖୋଜିବା। କଥା କ'ଣ କି, ଜଣେ ଗାଉଁଲି ନାରୀର ଜୀବନୀକୁ ନେଇ ବୋନି କପୁର ଏକ ଫିଲ୍ମ ନିର୍ମାଣ କରିବାକୁ ଯୋଜନା କରୁଛନ୍ତି। ପୁଣି ଏହାର କାହାଣୀ ଚୟନ ଦାୟିତ୍ୱ ସେ ଦେଇଛନ୍ତି ଜାହ୍ନବୀଙ୍କୁ। ଏ ନେଇ ସେ କହନ୍ତି, ''ଯେତେବେଳେ ପାପା (ବୋନି) ମୋତେ ଏ କଥା କହିଲେ, ସେତେବେଳେ ତାହାକୁ ମୁଁ ବେଶ୍ ସିରିୟସ୍‌ଲି ନେଇଥିଲି। ଏବେ ସେହି କାମରେ ନିଜକୁ ନିୟୋଜିତ ରଖିଛି। ତା'ସହ କିଛି ଅସୁବିଧା ହେଲେ ପାପାଙ୍କ ସହ ଯୋଗାଯୋଗ କରୁଛି। ସାଧାରଣତଃ ଭଲ କାହାଣୀକୁ ନେଇ ସିନେମା ନିର୍ମାଣ କଲେ ତାହା ଦର୍ଶକଙ୍କ ମନକୁ ଛୁଇଁଥାଏ। ତେଣୁ କାହାଣୀଟି ସେହିପରି ଦମ୍‌ଦାର ହେବା ଦରକାର। ପୁଣି ସେହି ଫିଲ୍ମକୁ ସବୁବର୍ଗର ଦର୍ଶକ ଏକାଠି ଦେଖିପାରୁଥିବେ। ଏପରି ଏକ କାହାଣୀଟିଏ ଖୋଜି ପାଇବି ବୋଲି ନିଜ ଉପରେ ବିଶ୍ୱାସ ରହିଛି। କେବଳ ସେତିକି ନୁହେଁ, ଏହାର ମୁଖ୍ୟ ଭୂମିକାରେ ମୁଁ ଅଭିନୟ କରିବି। ତେଣୁ ସେଥିପାଇଁ ମୋତେ ଏବେ ସମୟ ଦେବାକୁ ପଡୁଛି।'' ଏବେ ଜାହ୍ନବୀଙ୍କ ହାତରେ ୨-୩ଟି ଅଫର ରହିଛି। ତେବେ ସେଗୁଡ଼ିକୁ ଭଲ ଭାବରେ ତର୍ଜମା କରିବା ପରେ ସେ ନେଇ ନିଷ୍ପତ୍ତି ନେବେ ବୋଲି କହନ୍ତି ଏହି ଅଭିନେତ୍ରୀ।


ଜାହ୍ନବୀ

# ୬ଜଣ ପାଇଲେ 'ଓଡ଼ିଶା ସାମ୍ବାଦିକତା ପୁରସ୍କାର'



ଧରିତ୍ରୀର ୪୮ତମ ଜନ୍ମ ଦିବସ ଉପଲକ୍ଷେ ବୁଧବାର ସମ୍ବଲପୁର ବରେଇପାଲି କାର୍ଯ୍ୟାଳୟଠାରେ ସମବେତ କର୍ମଚାରୀମାନେ।

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ):** ପଲ୍ଲୀବାଣୀ ମିଶନ ପକ୍ଷରୁ ନୂଆଦିଲ୍ଲୀଠାରେ ବୁଧବାର 'ଓଡ଼ିଶା ସାମ୍ବାଦିକତା ପୁରସ୍କାର-୨୦୨୧' ପ୍ରଦାନ କରାଯାଇଛି। ଆୟୋଜିତ ଉତ୍ସବରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗଦେଇ ୬ଜଣ ଓଡିଆ ସାମ୍ବାଦିକଙ୍କୁ ସମ୍ମାନିତ କରିଛନ୍ତି। ସେମାନେ ହେଲେ ଉତ୍କଳ ମେଲ୍‌ର ସମ୍ପାଦକ ପିତବାସ ମିଶ୍ର, କନକ ଟିଭିର ସମ୍ପାଦକ ମନୋରଞ୍ଜନ ମିଶ୍ର, ଦି ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ଡେପୁଟି ରେସିଡେଣ୍ଟ ଏଡ଼ିଟର ଶିବ କୁମାର ମହାନ୍ତି, ଓଡ଼ିଶା ବାଇଟ୍ସର ସମ୍ପାଦକ ସନ୍ଦୀପ ମିଶ୍ର, ଗଣଯୋଗାଯୋଗ ବିଭାଗର ଆସୋସିଏଟ ପ୍ରଫେସର ମିହିର ରଞ୍ଜନ ପାତ୍ର ଓ ଓଟିଭିର କ୍ୟାମେରାମ୍ୟାନ ଗୋପାଳ ପ୍ରସାଦ ବର୍ମା। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ଖବର ତିଆରି କରିବା ଓ ଲୋକଙ୍କ ନିକଟରେ ପହଞ୍ଚାଇବାରେ ସାମ୍ବାଦିକଙ୍କର ବଡ଼ ଭୂମିକା ରହିଛି। ଏବେ ଛୋଟ ଛୋଟ ୱେବ୍ ଚ୍ୟାନେଲ ଆଞ୍ଚଳିକ ସମସ୍ୟାକୁ ଉପସ୍ଥାପନ କରିବାରେ ବଡ଼ ଭୂମିକା ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ବିଭାଗର ପରାମର୍ଶଦାତା କଞ୍ଚନ ଗୁପ୍ତା, ବିଶିଷ୍ଟ ସାମ୍ବାଦିକ ରଶିଦ କିଦ୍ୱାଇ, ହିନ୍ଦୁସ୍ଥାନ ଟାଇମ୍ସର ରାଜନୀତି ସମ୍ପାଦିକା ସୁନେତ୍ରା ଚୌଧୁରୀ, ପଲ୍ଲିବାଣୀ ମିଶନର ଚେୟାରମ୍ୟାନ ରାମଚନ୍ଦ୍ର ନାଥ ପ୍ରମୁଖ ଯୋଗଦେଇଥିଲେ।


## ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଜଗତ୍‌ସିଂହପୁର

ଉଦ୍ୟାନ କୃଷି ଯୋଜନାରେ ନୂତନ ଫଳବଗିଚା, ସୁରକ୍ଷିତ ଚାଷ, ଅମଳର ପରବର୍ତ୍ତୀ ଯତ୍ନ, ଉଦ୍ୟାନ କୃଷି ଯନ୍ତ୍ରପାତି କ୍ରୟ ଇତ୍ୟାଦିରେ ପ୍ରୋତ୍ସାହନ ପାଇବା ପାଇଁ ନିକଟସ୍ଥ ଉଦ୍ୟାନ କୃଷି କର୍ମଚାରୀଙ୍କ ସହ ଯୋଗାଯୋଗ କରନ୍ତୁ।

ସ୍ୱା./- ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ଜଗତ୍‌ସିଂହପୁର


# ଘଡ଼ିଆଳ କୁମ୍ଭୀର ଦେହରେ ଲାଗିବ ସାଟେଲାଇଟ୍ ଟ୍ରାନ୍ସମିଟର

## ନନ୍ଦନକାନନରୁ ମହାନଦୀକୁ ଛଡ଼ାଯିବ

**ବାରଙ୍ଗ,୨୪।୧୧(ଡି.ଏନ୍.ଏ.)**

ନନ୍ଦନକାନନରୁ ଚଳିତ ମାସରେ ମହାନଦୀ ଓ ତା'ର ଅବବାହିକାରେ ଛଡ଼ାଯିବ ଘଡ଼ିଆଳ କୁମ୍ଭୀର। ମହାନଦୀରେ ଘଡ଼ିଆଳ କୁମ୍ଭୀର ସଂଖ୍ୟା ବୃଦ୍ଧି କରିବା ଲକ୍ଷ୍ୟ ନେଇ ୮ଟି କୁମ୍ଭୀର ଛୁଆଙ୍କୁ ଛଡ଼ାଯିବାକୁ ନନ୍ଦନକାନନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ନଭେମ୍ବର ଶେଷ ସପ୍ତାହ ଓ ଡିସେମ୍ବର ପ୍ରଥମ ସପ୍ତାହରେ ୮ଟି ଘଡ଼ିଆଳ ଛଡ଼ାଯିବ। ଛଡାଯିବାକୁ ଥିବା ଘଡ଼ିଆଳଙ୍କର ଗତିବିଧି, ପ୍ରଜନନ ଓ ସେମାନଙ୍କ ବିଷୟରେ ସବିଶେଷ ତଥ୍ୟ ଜାଣିବା ପାଇଁ ନୂଆକରି ୨ଟି ହାଇଟେକ ଓ ସାଟେଲାଇଟ ଟ୍ରାନ୍ସମିଟର ସେମାନଙ୍କ ଦେହରେ ଲଗାଯିବ। ଯାହାକି ଭାରତବର୍ଷରେ ଏହା ପ୍ରଥମ ହେବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସଞ୍ଜିତ କୁମାର କହିଛନ୍ତି । ୧୯୮୦ ମସିହାରୁ ନନ୍ଦନକାନନରେ ଆରମ୍ଭ ହୋଇଥିବା ଘଡ଼ିଆଳ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ରହିଥିବା ଘଡ଼ିଆଳମାନଙ୍କୁ ପର୍ଯ୍ୟାୟକ୍ରମେ ମହାନଦୀ ଓ ସାତକୋଶିଆରେ ଛଡାଯିବ। ସେମାନଙ୍କ ଗତିବିଧିକୁ ତର୍ଜମା କରାଯିବା ପରେ ଆସନ୍ତାବର୍ଷ ଛଡାଯିବାକୁ ଥିବା କୁମ୍ଭୀରଙ୍କଠାରେ ପରିବର୍ତ୍ତନ କରାଯାଇପାରିବ ବୋଲି କହିଛନ୍ତି।


ଶୁଭେଚ୍ଛା ସହ...

## ନିୟନ୍ତ୍ରିତ ବଜାର କମିଟି, ଜଗତ୍‌ସିଂହପୁର

(ଚାଷୀଙ୍କ ହିତରେ, ଚାଷୀଙ୍କ ଉନ୍ନତିରେ)

| ସମ୍ପାଦକ | ଉପାଧ୍ୟକ୍ଷ | ଅଧ୍ୟକ୍ଷ |
|---|---|---|
| ଆର୍.ଏମ୍.ସି. | ଆର୍.ଏମ୍.ସି. | ଆର୍.ଏମ୍.ସି. |
| ଜଗତ୍‌ସିଂହପୁର | ଜଗତ୍‌ସିଂହପୁର | ଜଗତ୍‌ସିଂହପୁର |

## ନିୟନ୍ତ୍ରିତ ବଜାର କମିଟି, କୋରାପୁଟ

କୋରାପୁଟ ଉପଖଣ୍ଡ ଅଧୀନସ୍ଥ ସମସ୍ତ ଚାଷୀ ଓ ବ୍ୟବସାୟୀ ଭାଇଭଉଣୀମାନଙ୍କୁ 'ଧରିତ୍ରୀ'ର ୪୮ତମ ସ୍ୱନକ୍ଷତ୍ର ଅବସରରେ ନିୟନ୍ତ୍ରିତ ବଜାର କମିଟି, କୋରାପୁଟ ତରଫରୁ ହାର୍ଦ୍ଦିକ ଶୁଭକାମନା । ସମସ୍ତ ଭାଇଭଉଣୀମାନଙ୍କୁ ଅନୁରୋଧ ସେମାନଙ୍କର ଉତ୍ପାଦିତ କୃଷିଜାତ ଦ୍ରବ୍ୟ ଜାତୀୟ କୃଷି ବଜାର (କୁନ୍ଦୁଲି)ରେ online ମାଧ୍ୟମରେ ବିକ୍ରୟ କରି ଲାଭବାନ ହୁଅନ୍ତୁ ।

| ସମ୍ପାଦକ | ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ |
|---|---|
| ନିୟନ୍ତ୍ରିତ ବଜାର କମିଟି, କୋରାପୁଟ | ନିୟନ୍ତ୍ରିତ ବଜାର କମିଟି, କୋରାପୁଟ |

PRAGATI Ko apu

ପ୍ରଗତି, କୋରାପୁଟଙ୍କ ଦ୍ୱାରା କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଉନ୍ନତି ପାଇଁ ଜୈବିକ ପଦ୍ଧତିରେ ଧାନ, କ୍ଷୁଦ୍ର ଶସ୍ୟ, ପନିପରିବା, କନ୍ଦ ଓ ମସଲା ଜାତୀୟ ଫସଲ ଉତ୍ପାଦନ ଓ ବିକ୍ରିବଟା ନିମନ୍ତେ ୬ଟି କୃଷକ ଉତ୍ପାଦକ କମ୍ପାନୀ ଗଠନ କରାଯାଇଛି । ଏହି କମ୍ପାନୀଗୁଡ଼ିକ ଜରିଆରେ ଆପଣ ଜୈବିକ ଉତ୍ପାଦ ପାଇପାରିବେ ଓ ଆପଣଙ୍କ ଅଞ୍ଚଳର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଆର୍ଥିକ ଉନ୍ନତିରେ ସହାୟକ ହୋଇପାରିବେ ।

ଯୋଗାଯୋଗ ନଂ. :
୯୩୪୮୦୯୩୪୩୯, ୯୫୫୬୨୬୭୦୦୪, ୭୦୭୭୬୧୯୧୭୮, ୮୩୨୮୮୯୧୭୩୫, ୮୨୪୪୬୫୬୦୦୯, ୯୩୩୭୭୩୬୮୨୪, ୯୪୩୭୮୭୨୫୭୪

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଶୁଭ ଅବସରରେ

ଧର୍ମଶାଳା ପ୍ରଗତି ରଥର ସାରଥି ବିଧାୟକ ଶ୍ରୀଯୁକ୍ତ ପ୍ରଣବ ବଳବନ୍ତରାୟଙ୍କ ଦୃଢ଼ ନେତୃତ୍ୱକୁ ମଜଭୁତ୍ କରି ଦଳେ ଦଳେ ଯୋଗଦେଇ ସଂଗଠନକୁ ସୁଦୃଢ଼ କରିବା

ଶ୍ରୀଯୁକ୍ତ ଜଳଧର ସାହୁ
ସଭାପତି
ଧର୍ମଶାଳା ନିର୍ବାଚନ ମଣ୍ଡଳୀ

With Best Compliments From:

## ପାତ୍ର ଜୁଏଲାରୀ

ଲକ୍ଷ୍ମୀ ମାର୍କେଟ,(ବସ୍ ଷ୍ଟାଣ୍ଡ)
ଜାରକା, ଯାଜପୁର

ପ୍ରୋ- ଶରତ ଚନ୍ଦ୍ର ପାତ୍ର

ଆଜି ହିଁ ଆସନ୍ତୁ....

ଅତ୍ୟାଧୁନିକ ଡିଜାଇନ୍‌ର
୨୨ କ୍ୟାରେଟ୍ ଖାଣ୍ଟି
ଗିନି ସୁନା ଓ ରୁପାର
ନିର୍ଭରଯୋଗ୍ୟ ପ୍ରତିଷ୍ଠାନ।

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଶୁଭ ଅବସରରେ ଧର୍ମଶାଳାର ବିଧାୟକ ଶ୍ରୀଯୁକ୍ତ ପ୍ରଣବ ବଳବନ୍ତରାୟଙ୍କ ହାତମୁଠାକୁ ମଜଭୁତ୍ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ କରିବା ପାଇଁ ନିବେଦନ।

ଶ୍ରୀ ନଗେନ୍ ଦାସ
ସରପଞ୍ଚ, ପାଟପୁର ଗ୍ରାମପଞ୍ଚାୟତ

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଶୁଭ ଅବସରରେ

## ଯାଜପୁର ଜିଲ୍ଲା କ୍ରସର ମାଲିକ ସଂଘ

ଚଣ୍ଡିଖୋଲ, ଯାଜପୁର

ଯାଜପୁରର ସମସ୍ତ ସଭ୍ୟ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହ ସୁଖ ସମୃଦ୍ଧି କାମନା କରୁଛି

ଶ୍ରୀଯୁକ୍ତ ଚନ୍ଦନ କୁମାର ନାୟକ
ସଭାପତି

With Best Compliments From:

ରୋଟାରୀ କ୍ଲବ୍ ଦେଶରୁ ପୋଲିଓ ମୁକ୍ତ କରିବା ପାଇଁ ଆଗେଇ ଚାଲିଛି। ଧର୍ମଶାଳାର ଉନ୍ନତି ପାଇଁ ରୋଟାରୀ କ୍ଲବ୍‌ରେ ସଭ୍ୟ ହେବା ସହିତ ସହଯୋଗ କରନ୍ତୁ।

SJ. PRADEEPTA KUMAR BARAL
FOUNDER PRESIDENT OF ROTARY CLUB, JARAKA

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଶୁଭ ଅବସରରେ

## ମୁକୁନ୍ଦ ପାତ୍ର ଡିଗ୍ରୀ ଓ ଜୁନିୟର କଲେଜ୍‌ର ଅଧ୍ୟକ୍ଷ ଓ ସହକର୍ମୀ।

ହେମନ୍ତ କୁମାର ଦାସ
+୨ ଅଧ୍ୟକ୍ଷ

କବିତା ବିଶ୍ୱାଳ
+୩ ଅଧ୍ୟକ୍ଷା

କନ୍ତପଡ଼ା, କେନାପୁର, ଧର୍ମଶାଳା, ଯାଜପୁର

ପରମପୂଜ୍ୟ ସ୍ୱାମୀ ରାମଦେବଜୀ ମହାରାଜଙ୍କ ଆଶୀର୍ବାଦରେ ପରିଚାଳିତ

## ଜାରକା ପତଞ୍ଜଳି ମଲ୍ ଚିକିତ୍ସାଳୟ

ସ୍ୱର୍ଣ୍ଣ ବିଜୟ ବର୍ଷ ୧୯୭୧ ଯୁଦ୍ଧରେ ଲଢ଼େଇକରି ସାହସିକତାରେ ଭାଗନେଇ ଦେଶ ପାଇଁ ଗର୍ବ ଓ ଗୌରବ ଆଣି ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି ଏବଂ ଯୋଗ ସହ ସମାଜ ସେବାରେ ବ୍ରତୀ ଅଛନ୍ତି।

କ୍ୟାପ୍‌ଟେନ ତ୍ରିଲୋଚନ ବିଶ୍ୱାଳ
ଯୋଗଗୁରୁ, ପତଞ୍ଜଳି ଯୋଗ ସମିତି
ରୋଟାରିଆନ, ସମାଜସେବୀ

ପ୍ରଭାତୀ ବିଶ୍ୱାଳ
ପତଞ୍ଜଳି ଯୋଗ ଶିକ୍ଷୟିତ୍ରୀ

ଯୋଗାଯୋଗ-ଧର୍ମଶାଳା କଲେଜ ପାର୍ଶ୍ୱ କାର୍ଯ୍ୟାଳୟ
ଜାରକା, ଧର୍ମଶାଳା, ଯାଜପୁର: ମୋ ନଂ- ୯୪୩୭୦୨୭୩୧୦

See Career Appointment on every Wednesday & Saturday

With Best Compliments From:

## MAA PALASA BUDHI ELECTRICAL & CIVIL CONSTRUCTION

L.NO.3056(HT), GOVT.CONTRACTOR & ORDER SUPPLIERS

Prakash Kumar Nayak
ELECTRICAL CONTRACTOR

AT-NUAGAON, PO-JARAKA, PS- DHARMASALA, DIST-JAJPUR, PIN-755050, MOB-9437105159

## BERHAMPUR CARDIAC CENTRE

Bhavanagar Square, Berhampur

ଧରିତ୍ରୀ ଭୁବନେଶ୍ୱର ସଂସ୍କରଣର ଜନ୍ମ ବାର୍ଷିକୀ ଅବସରରେ ବ୍ରହ୍ମପୁର କାର୍ଡିଆକ୍ ସେଣ୍ଟର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ।

ସେବାରେ:
ରଘୁନାଥ ଫିଲିଙ୍ଗ ଷ୍ଟେସନ
ଦମକଳ କେନ୍ଦ୍ର ରାସ୍ତା, ପୁରୁଷୋତ୍ତମପୁର (ଗଞ୍ଜାମ)

ଏଠାରେ ଅଲ୍ଟ୍ରାସାଉଣ୍ଡ (ULTRA SOUND), E.C.G., E.E.G. ଓ ସମସ୍ତ ପ୍ରକାର ମଳ, ମୂତ୍ର, ପାଥୋଲୋଜି ପରୀକ୍ଷା ସୁଲଭ ମୂଲ୍ୟରେ କରାଯାଏ ।

ନିର୍ମଳ କୁମାର ସାହୁ
ପ୍ରୋପ୍ରାଇଟର
ଭାବାନଗର ଛକ (ବ୍ରହ୍ମପୁର)
ମୋ: ୯୯୩୭୪୯୭୫୯୩

With Best Compliments From:

## PRINCIPAL & STAFFS

ଜଙ୍ଗଲ ପରିବେଶ ମଧ୍ୟରେ ବଜ୍ରଗିରି ପାହାଡ଼ ଉପରେ ସ୍ଥାପିତ ଏହି କଲେଜର ପରିବେଶରେ ଉନ୍ନତମାନର ଶିକ୍ଷାଦାନ କରାଯାଉଛି।

Ananta Kishore Mohanty
BAJRAGIRI MAHAVIDYALAYA
KOTAPUR, DHARMASALA
JAJPUR-755008

With Best Compliments From:

ଏହି କଲେଜ ଦୁଇଥର ନାକ୍‌ର ସ୍ୱୀକୃତି ପାଇଛି। ଏଠାରେ ୨୫୭୫ ଛାତ୍ରଛାତ୍ରୀ ଅଧ୍ୟୟନରତ। ସବୁ ବିଷୟରେ ସମ୍ମାନର ସହ ଉତ୍କୃଷ୍ଟ ପାଠାଗାର, ପ୍ରଶାସନିକ ଗୃହ, ୨ଟି ଛାତ୍ରୀନିବାସ, ନିୟନ୍ତ୍ରିତ ଭାଷା ଲାଭକରିଛି।

Sj. Tapan Kumar Mishra
PRINCIPAL & STAFFS
DHARMASALA MAHAVIDYALAYA
JARAKA, DHARMASALA, JAJPUR

## ଭୁବନେଶ୍ୱରରେ ବିଏମ୍‌ଡବ୍ଲ୍ୟୁ ସ୍ପିରିଟ୍ ଅଫ୍ ଜଏ

**ଭୁବନେଶ୍ୱର, ୨୪।୧୧** ବିଏମ୍‌ଡବ୍ଲ୍ୟୁ ମୋଟୋରାଡ୍ ପକ୍ଷରୁ ଭୁବନେଶ୍ୱରଠାରେ ଇଣ୍ଟର୍‌ନ୍ୟାଶନାଲ ଜିଏସ୍ ଟ୍ରଫି ୨୦୨୨ ପାଇଁ ଯୋଗ୍ୟତା ପର୍ଯ୍ୟାୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

# ଶୀଘ୍ର ମିଳିପାରେ ବିଦେଶ ବିମାନ ସେବା

**ନୂଆଦିଲ୍ଲୀ, ୨୪।୧୧**



ଚଳିତ ବର୍ଷ ଶେଷ ସୁଦ୍ଧା ଅନ୍ତର୍ଜାତୀୟ ବିମାନ ସେବା ସ୍ୱାଭାବିକ ହୋଇପାରେ। ଏହି ଅବଧିରେ ବିଦେଶକୁ ବିମାନ ସେବା ପୁଣି ଥରେ ଟ୍ରାକକୁ ଫେରିବା ନେଇ ଆଶା ରହିଥିବା ବେସାମରିକ ବିମାନ ଚଳାଚଳ ସଚିବ ରାଜୀବ ବଂଶଲ କହିଛନ୍ତି। କରୋନା ମହାମାରୀ ବ୍ୟାପିବା ଯୋଗୁ ଗତ ବର୍ଷ ମାର୍ଚ୍ଚ ପରଠାରୁ ବେସାମରିକ ବିମାନ ଚଳାଚଳ ବନ୍ଦ ରହିଛି। ବର୍ଷ ଶେଷ ସୁଦ୍ଧା ଏହା ସ୍ୱାଭାବିକ ହୋଇପାରେ ବୋଲି ବଂଶଲ ଆଶା ପ୍ରକଟ କରିଛନ୍ତି।

ବର୍ତ୍ତମାନ ବିଭିନ୍ନ ଦେଶ ସହିତ ଏୟାର ବବଲ୍ ଚୁକ୍ତି ଦ୍ୱାରା ନିର୍ଦ୍ଦିଷ୍ଟ ସର୍ତ୍ତ ସହିତ ବିଦେଶକୁ ବିମାନ ସେବା ଉପଲବ୍ଧ ହେଉଛି। ଭାରତ ମୋଟ ୨୫ ଦେଶ ସହିତ ଏହି ଚୁକ୍ତି କରିଛି। କିଛି ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ଦ୍ୱାରା କମ୍ପାନୀଗୁଡ଼ିକ ୨ ଦେଶ ମଧ୍ୟରେ ବିମାନ ସେବା ମିଳୁଛି। ବିଦେଶ ବିମାନ ସେବା ସ୍ୱାଭାବିକ ସ୍ଥିତିକୁ ଫେରାଇବା ଲାଗି ବିଭିନ୍ନ ଦିଗ ଉପରେ କେନ୍ଦ୍ର ସରକାର ବିଚାର କରୁଥିବା ଗତ ସପ୍ତାହରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଥିଲେ। କରୋନା ଯୋଗୁ ଦେଶର ବିଭିନ୍ନ ପ୍ରାନ୍ତ ସଙ୍କଟରେ ରହିଥିଲା। ସ୍ଥିତି ସ୍ୱାଭାବିକ ହେବା ଯୋଗୁ ପୁଣି ଥରେ ବିଦେଶ ବିମାନ ସେବା ଯୋଗାଣ ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି।

ଉଲ୍ଲେଖଯୋଗ୍ୟ, କରୋନା ମହାମାରୀ ସାରା ବିଶ୍ୱକୁ ସଙ୍କଟ ସ୍ଥିତିକୁ ଠେଲି ଦେଇଛି। ବଜାର ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ ହୋଇପାରିନାହିଁ। ମହାମାରୀକୁ ନିୟନ୍ତ୍ରଣ କରିବା ଲାଗି ସରକାର ବିମାନ ସେବା ସହ ସାଧାରଣ ପରିବହନ ବ୍ୟବସ୍ଥା ଉପରେ କଟକଣା ଲଗାଇଥିଲେ। ସ୍ଥିତି ସୁଧୁରିବା ପରେ ପ୍ରଥମେ ଦେଶ ମଧ୍ୟରେ ବିମାନ ସେବା ସ୍ୱାଭାବିକ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ପରେ ବିଦେଶ ବଜାର ଉପରେ ସରକାରଙ୍କ ନଜର ରହିଛି। ଲୋକଙ୍କ ନିରାପତ୍ତା ଦିଗକୁ ବିଚାର କରି ଏ ଦିଗରେ ସରକାର ଯତ୍ନବାନ ଥିବା ବଂଶଲ ମତ ପ୍ରକାଶ କରିଛନ୍ତି।

## ୩.୬୧ ଲକ୍ଷ ଗୃହ ନିର୍ମାଣକୁ ମଞ୍ଜୁରୀ

**ନୂଆଦିଲ୍ଲୀ, ୨୪।୧୧:** ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଅର୍ବାନ)ରେ ୧୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୩.୬୧ ଲକ୍ଷ ଗୃହ ନିର୍ମାଣ ପ୍ରସ୍ତାବକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି।

## ରିଲାଏନ୍ସ ଜୁଏଲ୍ସର କ୍ଲାସିକ ବ୍ରାଇଡାଲ ଜୁଏଲେରି

**ଭୁବନେଶ୍ୱର, ୨୪।୧୧**



ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ଡିଜାଇନର ଏକ କ୍ଲାସିକ ବର୍ଗର ଶୁଭାରମ୍ଭ କରାଯାଇଛି। ଏଥିରେ ହାତ ତିଆରି ସଂସ୍କୃତି ସମ୍ପନ୍ନ ସୁନା ଓ ହୀରା ଜୁଏଲାରୀ ରହିଛି। ଏହି ନୂତନ ଜୁଏଲାରୀ ଲାଇନ କେବଳ ବିବାହ ଉତ୍ସବ ପାଇଁ ନୁହେଁ ନିର୍ବନ୍ଧ, ସଙ୍ଗୀତ, ମେହେନ୍ଦୀ, ସ୍ୱାଗତ ସମାରୋହ ଓ ଆହୁରି ଅନେକ କାର୍ଯ୍ୟ ପାଇଁ ଉପଯୋଗୀ। ରିଲାଏନ୍ସ ଜୁଏଲାରୀ ମଧ୍ୟ ୨୩ ଡିସେମ୍ବର ପର୍ଯ୍ୟନ୍ତ ସ୍ୱତନ୍ତ୍ର ୱେଡିଂ ଅଫରର ଘୋଷଣା କରିଛି। ଏଥିରେ ସୁନା ଗହଣାର ଗହଣା ମଜୁରୀ ଉପରେ ଓ ହୀରା ଗହଣାର ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ମିଳିବ। ଏହି କଲେକ୍ସନ ସମ୍ପର୍କରେ କମ୍ପାନୀର ସିଇଓ ସୁନିଲ ନାୟକ କହିଛନ୍ତି, ଆମେ ପ୍ରତି ବିବାହ ପାଇଁ ପ୍ରସ୍ତୁତ ହେଉଥିବା କନ୍ୟାମାନଙ୍କୁ ଏକ ସୁଖୀ ଓ ସମୃଦ୍ଧ ବିବାହ ଜୀବନର କାମନା ଜଣାଉଛୁ।

## ଟାଟା ଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ଶିଶୁ ଅଧିକାର ଅଭିଯାନ

**ଭୁବନେଶ୍ୱର, ୨୪।୧୧**

ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ। ଏହାକୁ ଆଖି ଆଗରେ ରଖି ଟାଟା ଷ୍ଟିଲ୍ ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମ କରାଯାଉଛି। ୪୦ ଦିନିଆ ଶିଶୁ ଅଧିକାର ସୁରକ୍ଷା ଅଭିଯାନର କାରାଭାନ ନିକଟରେ ଗଞ୍ଜାମରେ ପହଞ୍ଚିଛି। ରାଜ୍ୟର ବିଭିନ୍ନ ବ୍ଲକ୍‌ରେ ଏହି ଅଭିଯାନ ଓ ଅଡିଓ ଭିଜୁଆଲ ମୋଡ୍‌ରେ ଶିଶୁମାନଙ୍କ ମଧ୍ୟରେ ଶିଶୁ ଅଧିକାରକୁ ନେଇ ନାନା ପ୍ରକାର ସଚେତନତା ସୃଷ୍ଟି କରିବା ହେଉଛି ଏହି ଅଭିଯାନର ମୂଳ ଲକ୍ଷ୍ୟ। ଟାଟା ଷ୍ଟିଲ୍ ଫାଉଣ୍ଡେଶନ ଓ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ମିଳିତ ପ୍ରୟାସରେ ଏହି ଅଭିଯାନର ଆରମ୍ଭ ହୋଇଛି। ଚଳିତ ବର୍ଷ ନଭେମ୍ବର ୨୨ରେ ଏହି ଅଭିଯାନକୁ ଗଞ୍ଜାମର ଚମାଖଣ୍ଡି କଲ୍ୟାଣ ମଣ୍ଡପ ପରିସରରେ ଆୟୋଜନ କରାଯାଇଥିଲା।

# ଜୀ ସାର୍ଥକରେ ଲକ୍ଷ୍ମୀ ପୁରାଣ

**ଭୁବନେଶ୍ୱର, ୨୪।୧୧**

ଜୀ ସାର୍ଥକ ସଦାସର୍ବଦା ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ସମୃଦ୍ଧ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିଛି। ଏହି କ୍ରମରେ ପବିତ୍ର ମାର୍ଗଶିର ମାସରେ ଲକ୍ଷ୍ମୀ ପୁରାଣ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଭେଟି ଦେଉଛି। ଜୀ ସାର୍ଥକ ସର୍ବଦା ଓଡ଼ିଶାର ପର୍ବପର୍ବାଣି ଓ ଧାର୍ମିକ ଭାବନାକୁ ଆଖି ଆଗରେ ରଖି ଏଭଳି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଚ୍ୟାନେଲ ମୁଖ୍ୟ ଅର୍ଘ୍ୟ ରାୟ ଚୌଧୁରୀ କହିଛନ୍ତି, ଓଡ଼ିଶାର ଲୋକମାନେ ଉତ୍ସବ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଜୀ ସାର୍ଥକର ଏହି କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ଦର୍ଶକଙ୍କ ମନକୁ ଛୁଇଁବ। ଏହି ଭକ୍ତିପୂତ କାର୍ଯ୍ୟକ୍ରମରେ ମାମା ମିଶ୍ର ଓ ଅର୍ଚ୍ଚିତାଙ୍କ ସହ ଅନ୍ୟ କଳାକାରଙ୍କୁ ଅଗଣିତ ଦର୍ଶକ ଦେଖିବାକୁ ପାଇବେ । ଏହି କାର୍ଯ୍ୟକ୍ରମ ମାର୍ଗଶିର ମାସର ପ୍ରତ୍ୟେକ ଗୁରୁବାର ଭୋର ୫ଟା, ସକାଳ ୭ଟା ଓ ଅପରାହ୍ନ ୩.୩୦ରେ ପ୍ରସାରଣ କରାଯିବ ବୋଲି ସୂଚନା ମିଳିଛି।



ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକପାଠିକା ତଥା ବିଜ୍ଞାପନଦାତାଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି । ଆସନ୍ତୁ, ସମସ୍ତେ ମିଶି ଧରିତ୍ରୀକୁ ଭଲପାଇବା। ମା, ମାଟି ଓ ଧରିତ୍ରୀ ପାଇଁ କାମ କରି ନିଜ ଜୀବନକୁ ଜଳାଞ୍ଜଳି ଦେବା । ଜଗତର ନାଥ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ସହାୟ ହୁଅନ୍ତୁ ।
ଜଣେ ଶୁଭେଚ୍ଛୁ, ଶେରଗଡ଼

ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକପାଠିକା ତଥା ବିଜ୍ଞାପନଦାତାଙ୍କୁ ଆନ୍ତରିକ ଶୁଭେଚ୍ଛା । ଜଗତର ନାଥ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ ।
ବେଣୁଗୋପାଳ ବେହେରା
ସହକାରୀ ଯନ୍ତ୍ରୀ, ନାଳନର୍ଦ୍ଦମା ବିଭାଗ

ESSAR SERVO
ESSAR PETROL PUMP
M/s TARA TARINI FUELS, PITAL CHHAKA, HINJILI, ASKA ROAD
Wish you happy birth anniversary of Dharitri
ଏଠାରେ ଉନ୍ନତମାନର ପେଟ୍ରୋଲ, ଡିଜେଲ ଓ Servo କମ୍ପାନୀର ବିଭିନ୍ନ ମୋବିଲ୍ ମିଳେ । ଏସାର୍ ପେଟ୍ରୋଲ୍ ପମ୍ପ ଗତ କିଛି ବର୍ଷ ଧରି ଗ୍ରାହକଙ୍କ ବିଶ୍ୱସନୀୟ ହୋଇଆସୁଅଛି ।
ଯୋଗାଯୋଗ: ପ୍ରୋପ୍ରାଇଟର
ମୋ.– 9437412973, 9861236382


ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକପାଠିକା, ବିଜ୍ଞାପନଦାତା ତଥା ଶୁଭେଚ୍ଛୁଙ୍କୁ ଆନ୍ତରିକ ଅଭିନନ୍ଦନ ।
ଜଗଦମ୍ବା ମେଟଲ୍ | ଶ୍ୟାମଳାଇ କ୍ରସର
ପଥରପୁଞ୍ଜି, ଶେରଗଡ଼

ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ସମସ୍ତ ପାଠକପାଠିକାଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି । ଶେରଗଡ଼କୁ ସରସ, ସୁନ୍ଦର, ସବୁଜ ଓ ଦୁର୍ନୀତିମୁକ୍ତ ବାତାବରଣ କରିବାରେ ସହଯୋଗର ହାତ ବଢାନ୍ତୁ । ଆସନ୍ତୁ, ଶେରଗଡ଼କୁ ସୁନ୍ଦରକରି ଗଢିତୋଳିବା ।


ଦୁର୍ଗାମାଧବ ବିଷୋୟୀ
ସମାଜସେବୀ, ଶେରଗଡ଼

ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକପାଠିକା ତଥା ବିଜ୍ଞାପନଦାତା ଓ ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛି । କୃଷ୍ଣଛାଇ ଗ୍ରାମପଞ୍ଚାୟତର ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।
ଶୁଭେଚ୍ଛା ସହ –
ରୀନା ସେଠୀ, ରଞ୍ଜନ ସେଠୀ
ସରପଞ୍ଚ, କୃଷ୍ଣଛାଇ ଗ୍ରାମପଞ୍ଚାୟତ (ଶେରଗଡ଼)

LIC भारतीय जीवन बीमा निगम LIFE INSURANCE CORPORATION OF INDIA
LIC କରନ୍ତୁ, ଏକ ସୁନିଶ୍ଚିତ ଭବିଷ୍ୟତର ଭାଗୀଦାର ହୁଅନ୍ତୁ ।
ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଅଗଣିତ ପାଠକପାଠିକାମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ସହ–
ଗୌତମ ମହାପାତ୍ର
LIC Agent, ଶେରଗଡ଼

ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଶେରଗଡ଼ ବ୍ଲକ୍‌ର ଜନସାଧାରଣ ତଥା ବିଜେଡି ନେତା ଓ କର୍ମୀଙ୍କୁ ଶୁଭେଚ୍ଛା ।
ହୀନ ବେହେରା
ବରିଷ୍ଠ ବିଜେଡି ନେତା, ଶେରଗଡ଼


ମହାବୀର ପରିବାର ପକ୍ଷରୁ ଶାରଦୀୟ ଅଭିନନ୍ଦନ ସାଙ୍ଗକୁ ଧରିତ୍ରୀର ଜନ୍ମବାର୍ଷିକ ଅବସରରେ ଅନେକ ଅନେକ ଶୁଭେଚ୍ଛା । ଫେବର ବ୍ଲକ, ସିମେଣ୍ଟଇଟା ସୁଲଭ ଦରରେ ଯୋଗାଇଦିଆଯାଏ । ଯୋଗାଯୋଗ କରନ୍ତୁ –
କୃଷ୍ଣଚନ୍ଦ୍ର ସାହୁ
ପ୍ରୋପ୍ରାଇଟର, ମହାବୀର ଫ୍ଲାଏ ଏସ୍, ସୁନାନ୍ତର ଛକ, ଶେରଗଡ଼ ବ୍ଲକ୍
ମୋ- 7735992465

ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକପାଠିକା ତଥା ଶେରଗଡ଼ ବ୍ଲକ୍‌ର ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି । ଜଗତର ନାଥ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ସହାୟ ହୁଅନ୍ତୁ ।
ସନ୍ତୋଷ କୁମାର ପଟ୍ଟନାୟକ
ଯୁବ ବିଜେଡି ସଭାପତି (ଶେରଗଡ଼ ବ୍ଲକ୍)

ଜୟ ଜଗନ୍ନାଥ ! ହରେକୃଷ୍ଣ !
ଓଡ଼ିଶାର ଅଗଣିତ ପାଠକପାଠିକା ତଥା ବିଜ୍ଞାପନଦାତା ତଥା ଶେରଗଡ଼ ବ୍ଲକ୍‌ର ବିଜୁ ଜନତା ଦଳର ଭାଇଭଉଣୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ।
ହୃଷୀକେଶ ପାଢ଼ୀ
ବରିଷ୍ଠ ବିଜେଡି ନେତା, ଶେରଗଡ଼

ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି ।
Wish you happy prosperous Birth Anniversary of Dharitri
ଜ୍ଞାନ ଆହରଣ ଯୁଗୋପଯୋଗୀ ହେବା ଦରକାର। ଆଜି ପ୍ରତିଯୋଗିତାମୂଳକ ଦୁନିଆରେ ସମୟର ତାଳେତାଳେ ଆମକୁ ଚାଲିବାକୁ ହେବ ।
ଶୁଭେଚ୍ଛା ସହ –
ଶ୍ରୀଯୁକ୍ତ ତାରିଣୀ ଚରଣ ତ୍ରିପାଠୀ
ଅଧକ୍ଷ ତଥା ପ୍ରଫେସର, ରୋଲାଣ୍ଡ ବୈଷୟିକ ଶିକ୍ଷାନୁଷ୍ଠାନ, ବ୍ରହ୍ମପୁର

ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଆମର ସମସ୍ତ ପାଠକ, ଆମର ବିଜ୍ଞାପନଦାତାଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭ କାମନା ।
ଇଂ. ମଧୁସୂଦନ ଦାଶ
ସହକାରୀ ଯନ୍ତ୍ରୀ, ଜଳସେଚନ କାର୍ଯ୍ୟାଳୟ (ପିତଳ), ଗଞ୍ଜାମ

इंडियनऑयल IndianOil
ହୃଷୀକେଶ ସେବା କେନ୍ଦ୍ର, ଶେରଗଡ଼ ପକ୍ଷରୁ ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା । ଏଠାରେ ପେଟ୍ରୋଲ, ଡିଜେଲ, ମୋବିଲ୍ ଅଏଲ୍ ଅନ୍ୟାନ୍ୟ କୃଷି ସରଞ୍ଜାମ ସୁଲଭ ଦରରେ ମିଳେ । ଉତ୍ତମମାନର ପେଟ୍ରୋଲ ଓ ଡିଜେଲ ସୁଲଭ ଦରରେ ବିକ୍ରି କରାଯାଏ ।
ସନ୍ତୋଷ କୁମାର ପାଢ଼ୀ
ପ୍ରୋପ୍ରାଇଟର, ପେଟ୍ରୋଲ ପମ୍ପ, ଶେରଗଡ଼
ମୋ– 9439152994

ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକପାଠିକା ତଥା ଶୁଭେଚ୍ଛୁଙ୍କୁ କୃତଜ୍ଞତା ଜଣାଉଛି । ଆସନ୍ତୁ, ଶେରଗଡ଼କୁ ସବୁଜ ସୁନ୍ଦର କରି ଗଢିତୋଳିବା ।
ଶୁଭେଚ୍ଛା ସହ–
କେଦାରନାଥ ପଣ୍ଡା
ସହକାରୀ ନିର୍ବାହୀ ଯନ୍ତ୍ରୀ, ଶେରଗଡ଼ ବ୍ଲକ୍

ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଶୁଭକାମନା । ଆସନ୍ତୁ, ଧରିତ୍ରୀକୁ ଭଲ ପାଇବା । ମାଁ, ମାଟି ଓ ସମାଜ ପାଇଁ କିଛି ଭଲକାମ କରିବାକୁ ଶପଥ ନେବା ।
ଶୁଭେଚ୍ଛା ସହ–
କବିନ୍ଦ୍ର ନାଥ ପଣ୍ଡା
ଶେରଗଡ଼


ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଅନ୍ତରର ଅନେକ ଅନେକ ଶୁଭେଚ୍ଛା। ଆଶା, ଜଗତର ନାଥ ଶ୍ରୀଜଗନ୍ନାଥ ଆପଣଙ୍କୁ ସହାୟ ହୁଅନ୍ତୁ । ଓଡ଼ିଶାର ଅଗଣିତ ପାଠକପାଠିକାଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ।
ଶୁଭେଚ୍ଛା ସହ–
ନିରଞ୍ଜନ ଜେନା
ସୁନାନ୍ତର, ଶେରଗଡ଼

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଓଡ଼ିଶାର ଅଗଣିତ ପାଠକପାଠିକାଙ୍କୁ ଆନ୍ତରିକ ଶୁଭେଚ୍ଛା । ଜଗତର ନାଥ ଶ୍ରୀଜଗନ୍ନାଥ ସମସ୍ତଙ୍କ ଚଲାପଥରେ ପୁଷ୍ପବୃଷ୍ଟି କରନ୍ତୁ ।
ଜୟ ଜଗନ୍ନାଥ !
ଶୁଭେଚ୍ଛା ସହ–
ଦେବୀ ପ୍ରସାଦ ଦାଶ
ଧବଳପୁର, ଶେରଗଡ଼

ଧରିତ୍ରୀ ଖବରକାଗଜର ଲେଖା, ଛପା ଓ ବର୍ଣ୍ଣନା ଶୈଳୀ ଅତ୍ୟନ୍ତ ଉଚ୍ଚକୋଟୀର । ମତାମତକୁ ପ୍ରାଧାନ୍ୟଦିଏ ଧରିତ୍ରୀ । ଆସନ୍ତୁ, ଧରିତ୍ରୀକୁ ଭଲପାଇବା । ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ସମସ୍ତଙ୍କୁ ଅନେକ ଅନେକ ଅଭିନନ୍ଦନ ଓ ଶୁଭେଚ୍ଛା ସହ –
ଶ୍ରୀ ପ୍ରଭାତ କୁମାର ପାଣିଗ୍ରାହୀ
ନିର୍ବାହୀ ଯନ୍ତ୍ରୀ, ଓଡ଼ିଶା ସେତୁ ନିଗମ


ଧରିତ୍ରୀ ଖବରକାଗଜ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ମହୀୟସୀ ମହିଳା ସ୍ୱର୍ଗତା ନନ୍ଦିନୀ ଦେବୀଙ୍କୁ ସଦାସର୍ବଦା ଚିରସ୍ମରଣୀୟ ରଖି ଆସିଛି । ଆସନ୍ତୁ, ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ସମସ୍ତଙ୍କୁ ଭଲପାଇବା । ଅନେକ ଅନେକ ଶୁଭେଚ୍ଛା ସହ–
ପ୍ରଫୁଲ୍ଲ କୁମାର ସାହୁ
F.L. Shop, ଶେରଗଡ଼

Hero ADITYA MOTORS, SHERGADA
Wish you Happy Prosperous Birthday's Anniversary of Dharitri, Bhuabaneswar
Hero କମ୍ପାନୀର ଉନ୍ନତମାନର ବାଇକ୍ ସହ ବିଭିନ୍ନ କମ୍ପାନୀର କିସ୍ତି ଋଣରେ ବାଇକ୍ ଯୋଗାଯାଏ । Hero କମ୍ପାନୀର ବାଇକ୍ ପାଇଁ ଯୋଗାଯୋଗ କରନ୍ତୁ ।
ପ୍ରୋ.– ପର୍ଶୁରାମ ସ୍ୱାଇଁ
ଆଦିତ୍ୟ ମୋଟର୍ସ, ଶେରଗଡ଼

ଧରିତ୍ରୀ ଖବରକାଗଜର ଲେଖା, ଛପା ନିଆରା । ହୃଦୟକୁ ନେଲାଭଳି ଖବର ପରିବେଷଣକରି ଆଜି ଓଡ଼ିଶାରେ ଲୋକପ୍ରିୟ ହୋଇପାରିଛି । ଆସନ୍ତୁ, ତା'ର ଜନ୍ମଦିନ ଅବସରରେ ତାକୁ ଭଲପାଇବା ଓ ଆନ୍ତରିକ ଅଭିନନ୍ଦନ ଜଣାଇବା ।
ଶୁଭେଚ୍ଛା ସହ–
ବନୋଜ କୁମାର ସେଠୀ
ସହକାରୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, ଶେରଗଡ଼



# ଆରମ୍ଭରୁ ଝଟ୍‌କା

## ଫ୍ରାନ୍ସଠାରୁ ୪-୫ ଗୋଲରେ ହାରିଲା ଭାରତ

ଭୁବନେଶ୍ୱର,୨୪।୧୧ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପର ପ୍ରଥମ ମ୍ୟାଚରେ ଭାରତକୁ ଶକ୍ତ ଝଟ୍‌କା ଲାଗିଛି। ସଞ୍ଜୟଙ୍କ ହ୍ୟାଟ୍ରିକ ଗୋଲ ସତ୍ତ୍ୱେ ବିବେକ ସାଗର ପ୍ରସାଦଙ୍କ ନେତୃତ୍ୱାଧୀନ ଦଳ ଫ୍ରାନ୍ସ ନିକଟରୁ ୪-୫ ଗୋଲରେ ପରାସ୍ତ ହୋଇଛି। ଆରମ୍ଭରୁ ଆକ୍ରମଣାତ୍ମକ ଖେଳର ଅଭାବ, ରକ୍ଷଣଭାଗରେ ତ୍ରୁଟି, ଲକ୍ଷ୍ୟହୀନ ଶଟ୍ ଭାରତ ପାଇଁ ମହଙ୍ଗା ପଡ଼ିଛି। ଅନ୍ୟ ପକ୍ଷରେ ମ୍ୟାଚରେ ହିରୋ ବିବେଚିତ ହୋଇଛନ୍ତି ଫ୍ରାନ୍ସ ଅଧିନାୟକ କ୍ଲିମେଣ୍ଟ ଟିମୋଥି। ସେ ହ୍ୟାଟ୍ରିକ ଗୋଲ ଦେବା ସହ ୨ଟି ଗୋଲକୁ ଚମତ୍କାର ସେଭ୍ କରିଥିଲେ। ଏହି ବିଜୟ ଫଳରେ ୨୦୧୩ ରନର୍ସଅପ୍ ଫ୍ରାନ୍ସ ପୁଲ୍ 'ବି'ରେ ୩ ପଏଣ୍ଟ ସହ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ହକି ଇଣ୍ଡିଆ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଖେଳାଳିଙ୍କ ସହ ପରିଚିତ ହେବାପରେ ମ୍ୟାଚ ଆରମ୍ଭ ହୋଇଥିଲା। ଶେଷରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଅତିଥିଭାବେ ଯୋଗଦେଇ ଫ୍ରାନ୍ସ ଅଧିନାୟକ କ୍ଲିମେଣ୍ଟଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।



ବିଜୟ ହାସଲ ପରେ ଖୁସି ମୁହୂର୍ତ୍ତରେ ବିଜୟୀ ଫ୍ରାନ୍ସ ଦଳ।

ମ୍ୟାଚଟି ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମ ମିନିଟରେ ଗୋଲ ସ୍କୋର କରି ମ୍ୟାଚରେ ରୋମାଞ୍ଚ ଭରି ଦେଇଥିଲେ ଫ୍ରାନ୍ସ ଅଧିନାୟକ ଟିମୋଥି କ୍ଲିମେଣ୍ଟ। ଫ୍ରାନ୍ସ ପକ୍ଷରୁ ହୋଇଥିବା ପ୍ରଥମ ଉଦ୍ୟମକୁ ଭାରତୀୟ ଗୋଲକିପର ପ୍ରଶାନ୍ତ ଚୌହାନ ଡିଫେଣ୍ଡ କରିଥିଲେ ହେଁ କ୍ଲିମେଣ୍ଟ ରିବାଉଣ୍ଡ ଶଟ୍ ଜରିଆରେ ତାହାକୁ ଗୋଲରେ ପରିଣତ କରି ଦେଇଥିଲେ। କେବଳ ସେତିକି ନୁହେଁ ୭ମ ମିନିଟରେ ୧୧ ନମ୍ବର ଖେଳାଳି ବେଞ୍ଜାମିନ ମର୍କି ଆଉ ଏକ ଫିଲ୍ଡ ଗୋଲ ଦେଇ ଭାରତ ଉପରେ ଚାପ ବୃଦ୍ଧି କରିଥିଲେ। ଏହାର ୩ ମିନିଟ ପରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ୧୦ମ ମିନିଟରେ ଉତ୍ତମ ସିଂ ଏହାକୁ ଗୋଲରେ ପରିଣତ କରି ଭାରତ ପାଇଁ ପ୍ରତ୍ୟାବର୍ତ୍ତନର ପଥ ପ୍ରସ୍ତୁତ କରିଥିଲେ। ପ୍ରଥମ କ୍ୱାର୍ଟର ଶେଷରେ ଅର୍ଥାତ୍ ୧୫ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ସଞ୍ଜୟ ଗୋଲରେ ପରିଣତ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଫ୍ରାନ୍ସ ପ୍ରଭାବୀ ପ୍ରଦର୍ଶନ କରିଥିଲା। ୨୩ତମ ମିନିଟରେ ଟିମୋଥି ପେନାଲ୍ଟି କର୍ନରରୁ ଆଉ ଏକ ଗୋଲ ଦେଇ ପୁଣି ଫ୍ରାନ୍ସକୁ ଅଗ୍ରଣୀ କରାଇଥିଲେ। ଭାରତ ଏକାଧିକ ପେନାଲ୍ଟି କର୍ନର ପାଇଥିଲେ ହେଁ ଗୋଲ ପରିଶୋଧ କରିପାରି ନ ଥିଲା। ଫଳରେ ପ୍ରଥମାର୍ଦ୍ଧ ଶେଷ ବେଳକୁ ଫ୍ରାନ୍ସ ୩-୨ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟାର୍ଦ୍ଧରେ ପଟ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଫ୍ରାନ୍ସର ଦବ୍‌ଦବା ଜାରି ରହିଥିଲା। ୩୨ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ହ୍ୟାଟ୍ରିକ ଅର୍ଜନ କରିଥିଲେ ଫ୍ରାନ୍ସ ଅଧିନାୟକ ଟିମୋଥି। ତାପରେ ଭାରତୀୟ ଖେଳାଳିଙ୍କ ବଡି ଲାଙ୍ଗୁଏଜ୍ ମାନ୍ଦା ପଡ଼ି ଯାଇଥିଲା। ୩୮ତମ ମିନିଟରେ ଦଳକୁ ପେନାଲ୍ଟି କର୍ନର ମିଳିଥିଲେ ହେଁ ଏହାକୁ ଫ୍ରାନ୍ସ ଖେଳାଳି ସେଭ୍ କରି ଦେଇଥିଲେ। ଭାରତୀୟ ରକ୍ଷଣଭାଗରେ ତ୍ରୁଟିରୁ ପୂରା ଫାଇଦା ନେଇଥିଲା ଫ୍ରାନ୍ସ। ୪୮ତମ ମିନିଟରେ କୋରେଣ୍ଟିନ ସେଲର ଏକ ଫିଲ୍ଡ ଗୋଲ ଦେଇ ଫ୍ରାନ୍ସର ବିଜୟକୁ ଏକପ୍ରକାର ପକ୍କା କରି ଦେଇଥିଲେ। ୫୭ ଓ ୫୮ତମ ମିନିଟରେ ଭାରତର ସଞ୍ଜୟ ପେନାଲ୍ଟି କର୍ନରରୁ ୨ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ମାତ୍ର ସେତେବେଳକୁ ବିଳମ୍ବ ହୋଇ ଯାଇଥିଲା। ଗୋଟିଏ ଗୋଲ ବ୍ୟବଧାନରେ ଭାରତ ମ୍ୟାଚ ହାରିଥିଲା। ଷ୍ଟାର୍ଟିଂ ଇଲେଭେନରେ ଓଡ଼ିଶାର ଏକମାତ୍ର ଅଭିଷେକ ଲାକ୍ରା ସ୍ଥାନ ପାଇଥିଲେ। ପରେ ବଦଳ ଖେଳାଳିଭାବେ ସୁଦୀପ ଚିରମାକୋ ଓ ସୁନୀଲ ଜୋଜୋ ଖେଳିଥିଲେ।





ଆଲୋକମାଳାରେ ସୁସଜ୍ଜିତ କଳିଙ୍ଗ ଷ୍ଟାଡ଼ିୟମ୍। ଭାରତ ଓ ଫ୍ରାନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

## ଅତିଥି କର୍ନର



ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ହକି ଇଣ୍ଡିଆ ସିଇଓ ଏଲିନା ନର୍ମାନ।



ଜଣେ ହକି ଅଫିସିଆଲ୍‌ଙ୍କ ସହ ପୂର୍ବତନ ମହିଳା ଫୁଟବଲର ଶ୍ରଦ୍ଧାଞ୍ଜଳି ସାମନ୍ତରାୟ।



ମାଲେସିଆ ଦଳର ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ।

# ପାକିସ୍ତାନକୁ ହରାଇଲା ଜର୍ମାନୀ

ଭୁବନେଶ୍ୱର, ୨୪।୧୧(କ୍ରୀଡ଼ା ପ୍ରତିନିଧି): ଜୁନିୟର ହକି ବିଶ୍ୱକପର ବୁଧବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳ ଜର୍ମାନୀ ୫-୨ ଗୋଲରେ ପାକିସ୍ତାନକୁ ପରାସ୍ତ କରିଛି। ଜର୍ମାନୀ ପକ୍ଷରୁ ରବର୍ଟ ଡକ୍ୱଚିର ୨ଟି ଗୋଲ ଦେଇଥିଲେ। ମ୍ୟାଚ ଆରମ୍ଭରେ ଅଲିମ୍ପିଆନ ଲାଜରୁସ ବାର୍ଲା ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ସ୍ପିଡ୍ ହକିର ନମୁନା ଦେଖାଇ ପ୍ରଥମ ମିନିଟରେ ମିଚେଲ ଷ୍ଟ୍ରୁଥଅଫ୍ ଗୋଲ ଦେଇ ଜର୍ମାନୀ ଦଳର ଆଭିମୁଖ୍ୟ ସ୍ପଷ୍ଟ କରି ଦେଇଥିଲେ। ୧୪ତମ ମିନିଟରେ ରବର୍ଟ ଆଉ ଏକ ଫିଲ୍ଡ ଗୋଲ ଦେବାରୁ ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ଜର୍ମାନୀ ୨-୦ରେ ଅଗ୍ରଣୀ ହାସଲ କରିଥିଲା। ୧୮ତମ ମିନିଟରେ ପାକିସ୍ତାନର ଅବଦୁଲ ସହିଦ ଗୋଟିଏ ଗୋଲ ପରିଶୋଧ କରିଥିଲେ। ମାତ୍ର ଜର୍ମାନୀ ଏହାର ଆକ୍ରମଣାତ୍ମକ ଆଭିମୁଖ୍ୟ ବଜାୟ ରଖି ୧୯ତମ ମିନିଟରେ ଆଉ ଏକ ଗୋଲ ଦେଇ ପାକିସ୍ତାନ ଉପରେ ଚାପ ସୃଷ୍ଟି କରିଥିଲା। ଏହି ଫିଲ୍ଡ ଗୋଲଟି ଦେଇଥିଲେ ମାକ୍ସିମିଲାନ ସିଗ୍‌ବର୍ଗ। ୨୨ତମ ମିନିଟରେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ବେନେଡିକ୍ଟ ସ୍ୱାର୍ଜହାଉପ୍ଟ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଜର୍ମାନୀର ଅଗ୍ରଣୀ ବ୍ୟବଧାନକୁ ୪-୧ରେ ପହଞ୍ଚାଇ ଦେଇଥିଲେ। ୪୯ତମ ମିନିଟରେ ପାକିସ୍ତାନର ମହମ୍ମଦ ହମ୍ମାଦୁଦ୍ଦିନ ଗୋଟିଏ ଗୋଲ କରିଶୋଧ କରି ମ୍ୟାଚରେ ଉଷ୍ମତା ଭରିଥିଲେ। ମାତ୍ର ୫୪ତମ ମିନିଟରେ ରବର୍ଟ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ଜର୍ମାନୀକୁ ୫-୨ ଗୋଲରେ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଅନ୍ତର୍ଜାତୀୟ କରାଟେକା ଭାଲେନା ଭାଲେଣ୍ଟିନା ଅତିଥିଭାବେ ଯୋଗଦେଇ ରବର୍ଟଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# ମାଲେସିଆ ବିଜୟୀ

ଭୁବନେଶ୍ୱର, ୨୪।୧୧ (କ୍ରୀଡ଼ା ପ୍ରତିନିଧି): ଜୁନିୟର ହକି ବିଶ୍ୱକପର ବୁଧବାର ଅନୁଷ୍ଠିତ ତୃତୀୟ ମ୍ୟାଚରେ ମାଲେସିଆ ୨-୧ ଗୋଲରେ ଚିଲିକୁ ପରାସ୍ତ କରିଛି। ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନର ସଭାପତି ପ୍ରଦୀପ କୁମାର ପାଢ଼ୀ ଆନୁଷ୍ଠାନିକ ଭାବେ ଖେଳାଳିଙ୍କ ସହ ପରିଚିତ ହେବାପରେ ମ୍ୟାଚ ଆରମ୍ଭ ହୋଇଥିଲା। ମାଲେସିଆ ଅପେକ୍ଷାକୃତ ଶକ୍ତିଶାଳୀ ହୋଇଥିଲେ ହେଁ କଡ଼ା ଟକ୍କର ଦେଇଥିଲା ଚିଲି। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ଗୋଲଶୂନ୍ୟ ରହିଥିଲା। ମ୍ୟାଚର ୩୪ତମ ମିନିଟରେ କମରୁଲଜମନ କମରୁଦ୍ଦିନ ଓ ୪୩ତମ ମିନିଟରେ ଶ୍ୟାର୍ମନ ମ୍ୟାଟ ମାଲେସିଆ ପକ୍ଷରୁ ଏବଂ ୫୯ତମ ମିନିଟରେ ଚିଲିର ସେବାଷ୍ଟିଆନ ଆଲାରକନ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଅତିଥିଭାବେ ଯୋଗଦେଇ ମାଲେସିଆର ଆଝାର ଅମିରୁଲଙ୍କୁ ପ୍ଲେୟର ଅଫ୍ ଦି ପୁରସ୍କାର ପ୍ରଦାନ କରିଥିଲେ।

# ପୋଲାଣ୍ଡକୁ ଜିତାଇଲେ ଏରିକ୍

ଭୁବନେଶ୍ୱର,୨୪।୧୧(କ୍ରୀଡ଼ା ପ୍ରତିନିଧି): ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପର ତୃତୀୟ ମ୍ୟାଚ ବୁଧବାର କଳିଙ୍ଗ ଷ୍ଟାଡିୟମରେ ଦୁଇ ୱାଇଲ୍ଡ କାର୍ଡଧାରୀ ପୋଲାଣ୍ଡ ଓ କାନାଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ଓହରି ଯିବାରୁ ପୋଲାଣ୍ଡ, କାନାଡ଼ା ଓ ଆମେରିକାକୁ ୱାଇଲ୍ଡକାର୍ଡ ଏଣ୍ଟ୍ରି ମିଳିଥିଲା। ନିଜର ପ୍ରଥମ ମ୍ୟାଚରେ ସୁଯୋଗର ସଦୁପଯୋଗ କରିଛି ପୋଲାଣ୍ଡ। ଦଳ ୧-୦ ଗୋଲରେ କାନାଡ଼ାକୁ ହରାଇ ଅଭିଯାନ ଆରମ୍ଭ କରିଛି। ମ୍ୟାଚର ୩୪ତମ ମିନିଟରେ ୧୧ ନମ୍ବର ଜର୍ସି ପରିହିତ ବେମ୍ନେକ୍ ଏରିକ୍ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ହର୍ଡଲ୍ସ କୁଇନ୍ ତଥା ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।

ଦୁଇ ସମକକ୍ଷ ଦଳ ମଧ୍ୟରେ ମ୍ୟାଚଟି ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୧୧ତମ ମିନିଟରେ ପୋଲାଣ୍ଡକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ଗୋଲରେ ପରିଣତ କରିଥିଲେ ତୁମେନଟୁକ୍। ଏହାପରେ ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ହେଁ ତାହାର ସଦୁପଯୋଗ କରିପାରି ନ ଥିଲେ। ମ୍ୟାଚ ଶେଷରେ ଆଥଲେଟ୍ ପ୍ରଣତି ମିଶ୍ର ଅତିଥିଭାବେ ଯୋଗଦେଇ ଏରିକ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ବିଜୟୀ ପୋଲାଣ୍ଡ ମ୍ୟାଚରୁ ପୂରା ୩ ପଏଣ୍ଟ ପାଇଥିଲେ। ଏହି ବିଜୟ ସହ ପୋଲାଣ୍ଡ ପୁଲ୍ 'ବି' ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି।


## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଇଂ ଶଚ୍ଚିନନ୍ଦନ ଦାସ୍
ଦଇତାପଡ଼ା ସାହି, ପୁରୀ
ଆବିର୍ଭାବ: ୩୧।୦୭।୧୯୩୫
ତିରୋଧାନ: (ଷଷ୍ଠୀ) ୨୧।୧୧।୨୦୦୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ଶୋକସନ୍ତପ୍ତ:- ସ୍ତ୍ରୀ, ପୁତ୍ର ଓ ପୁତ୍ରବଧୂ, ନାତି ଓ ନାତୁଣୀ, ଝିଅ ଓ ଜ୍ୱାଇଁ।
ଧ-୨୨୩୬୩

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମ ପ୍ରସାଦ ଖାଡଙ୍ଗା
(ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧୀକ୍ଷକ)
ଆବିର୍ଭାବ: ୧୬।୦୭।୧୯୪୯
ସ୍ଥାନ- ବିଚିକୋଟ (ରାୟଗଡ଼ା)
ତିରୋଧାନ: ୨୩।୧୧।୨୦୨୧ (ସ୍ଥାନ- କଟକ)
ପରଂବ୍ରହ୍ମ ଜଗନ୍ନାଥ ଆପଣଙ୍କର ସଂକଳ୍ପବଦ୍ଧ, କର୍ତ୍ତବ୍ୟନିଷ୍ଠ, ସେବା ଓ ତ୍ୟାଗର ପଥରେ ଅଗ୍ରସର ହେବାର ଚେତନା ଆମଠାରେ ଜାଗ୍ରତ କରି ଆପଣଙ୍କ ଅମ୍ଳାନ ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ।
ଆତ୍ମୀୟ ସ୍ୱଜନ: ଲୁସି, ଟିକି, ଲିପୁ, ଗୁଡ଼ି, ଗୁଲୁ, ନେହା ଓ ପରିବାରବର୍ଗ।
ଧ-୨୨୩୬୭


# ପ୍ରଥମ ମ୍ୟାଚ ଜିତିଲା ବେଲ୍‌ଜିୟମ

ଭୁବନେଶ୍ୱର, ୨୪।୧୧ (କ୍ରୀଡ଼ା ପ୍ରତିନିଧି): ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ ଟୁର୍ନାମେଣ୍ଟର ପ୍ରଥମ ବିଜୟର ଶ୍ରେୟ ନେଇଛି ବେଲ୍‌ଜିୟମ। ଗତ ସଂସ୍କରଣର ରନର୍ସଅପ୍ ବେଲଜିୟମ ପ୍ରଥମ ମ୍ୟାଚରେ ୫-୧ ଗୋଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହେବାପରେ ମ୍ୟାଚ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଞ୍ଜଳିଙ୍କ ସହ ହକି ଇଣ୍ଡିଆର ନିର୍ଦ୍ଦେଶକ କ୍ୟାପଟେନ ସି.ଆର. ଶ୍ରୀବାସ୍ତବ ଉପସ୍ଥିତ ଥିଲେ। ବେଲଜିୟମ ପକ୍ଷରୁ ଡବଲ ଗୋଲ ସ୍କୋର କରିଥିବା ରୋମାନ ଡୁଭେକୋଟ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆରମ୍ଭରୁ ଆଧିପତ୍ୟ ବସ୍ତାର କରି ଖେଳିଥିଲା ବେଲଜିୟମ। ୭ମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ ରୋମାନ ଡୁଭେକୋଟ। ପ୍ରଥମ କ୍ୱାର୍ଟରର ଅତିରିକ୍ତ ସମୟ ଅର୍ଥାତ୍ ୧୫ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନର ସୁଯୋଗର ସଦ୍‌ବ୍ୟବହାର କରିଥିଲା ଦକ୍ଷିଣ ଆଫ୍ରିକା। ଜ୍ୟାକ୍ସ ଭାନ୍ ଟଣ୍ଡେର ଗୋଲ ପରିଶୋଧ କରିବାରୁ ମ୍ୟାଚ ୧-୧ ସ୍ଥିତିକୁ ଆସିଥିଲା। ତେବେ ଅବଶିଷ୍ଟ ୩ଟି ଯାକ କ୍ୱାର୍ଟରରେ ଦକ୍ଷିଣ ଆଫ୍ରିକା ଆଉ ବେଲ୍‌ଜିୟମ ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା। ୨୪ତମ ମିନିଟରେ ନେଲସନ ଓନାନା ଫିଲ୍ଡ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ବେଲଜିୟମକୁ ୨-୧ରେ ଅଗ୍ରଣୀ କରାଇଥିଲେ। ତୃତୀୟ କ୍ୱାର୍ଟର ଆରମ୍ଭରେ ଦକ୍ଷିଣ ଆଫ୍ରିକା କିଛିଟା ଫାଇଟ୍ କରିଥିଲେ ହେଁ ୪୫ତମ ମିନିଟରେ ରୋମାନ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ବେଲଜିୟମର ଅଗ୍ରଣୀ ବ୍ୟବଧାନକୁ ବୃଦ୍ଧି କରିଥିଲେ। ୪ର୍ଥ କ୍ୱାର୍ଟରର ୫୫ତମ ମିନିଟରେ ଆର୍ନୋ ଭାନ୍ ଡେସେଲ ଏବଂ ୫୮ତମ ମିନିଟରେ ରିକ୍ ଭାନ୍ କ୍ଲେନେନ୍ ବ୍ରୁଜେଲ ଗୋଟିଏ ଲେଖାଏ ଗୋଲ ଦେଇ ଦଳର ବିଜୟ ବ୍ୟବଧାନକୁ ବୃଦ୍ଧି କରିଥିଲେ। ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ଦଳର ସଦସ୍ୟ ବୀରେନ୍ଦ୍ର ଲାକ୍ରା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ବେଲ୍‌ଜିୟମ୍ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।


CLASSIFIED DISPLAY
MORE SPACE • SAME PRICE
TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

BALAJI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ ରୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 8987604637
Whatsapp: 8902923601

କେମିତି ମଦ ଛାଡ଼ିବେ
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବୃନ୍ଦାବନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡ଼ା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାକ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡ଼ା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାଗରିକା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨୫/୨୦୨୧ Bhubaneswar, Thursday, November 25/ 2021

# କେନ୍ଦ୍ର ତାଲିକାରେ ୨୬ ବିଲ୍

ନୂଆଦିଲ୍ଲୀ,୨୪।୧୧

ଆସନ୍ତା ୨୯ ତାରିଖରେ ଆରମ୍ଭ ହେବାକୁ ଥିବା ପାର୍ଲାମେଣ୍ଟର ଶୀତ ଅଧିବେଶନରେ ୩ ବିବାଦୀୟ କୃଷି ଆଇନ ଉଚ୍ଛେଦ ଓ କ୍ରିପ୍ଟୋକରେନ୍ସି ନିୟନ୍ତ୍ରଣ ସମେତ ମୋଟ ୨୬ଟି ବିଲ୍ ଆଣିବା ପାଇଁ ମୋଦି ସରକାର ସ୍ଥିର କରିଛନ୍ତି। ଉକ୍ତ ୨୬ ବିଲ୍‌କୁ ବୁଧବାର ସରକାରଙ୍କ ପକ୍ଷରୁ ତାଲିକାଭୁକ୍ତ କରାଯାଇଛି।

କେନ୍ଦ୍ରର ଲେଜିସ୍‌ଲେଟିଭ୍ ବିଜ୍‌ନେସ୍ ଲିଷ୍ଟ ଅନୁସାରେ ପୂର୍ବର ୩ ଅଧ୍ୟାଦେଶକୁ ହଟାଇବା ଲାଗି ୩ ବିଲ୍‌କୁ ତାଲିକାଭୁକ୍ତ କରାଯାଇଛି। ସେଗୁଡ଼ିକ ହେଲା ନାର୍କୋଟିକ୍ସ ଡ୍ରଗ୍ ଆଣ୍ଡ ସାଇକୋଟିକ୍ ସବ୍‌ଷ୍ଟାନ୍ସେସ୍ ବିଲ୍, ଯାହା ବଳରେ ସମାନ ନାମରେ ଥିବା ଏକ ଆଇନରେ ସଂଶୋଧନ କରାଯିବ। ସେହିପରି କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସଂଶୋଧନ) ବିଲ୍ ଏବଂ ଦିଲ୍ଲୀ ପୋଲିସ ଏଷ୍ଟାବ୍ଲିଶ୍‌ମେଣ୍ଟ (ସଂଶୋଧନ) ବିଲ୍ ମଧ୍ୟ ଏଜେଣ୍ଡାରେ ରହିଛି। କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ବୃଦ୍ଧି ନିମନ୍ତେ ଏହି ଦୁଇ ବିଧେୟକରେ ପ୍ରସ୍ତାବ ରହିଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ୩ କୃଷି ଆଇନ ଉଚ୍ଛେଦ ବିଲ୍, ଯାହାକି ଗତବର୍ଷ ସେପ୍ଟେମ୍ବରରେ ପାର୍ଲାମେଣ୍ଟରେ ଗୃହୀତ ୩ ବିବାଦୀୟ କୃଷି ଆଇନକୁ ରଦ୍ଦ କରିବା ପାଇଁ ଉଦ୍ଦିଷ୍ଟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ଶୁକ୍ରବାର ଏହି ୩ ଆଇନ ରଦ୍ଦ ନେଇ ଘୋଷଣା କରିବା ସହ ଦିଲ୍ଲୀ ସୀମାରେ ଆନ୍ଦୋଳନରତ କୃଷକମାନଙ୍କୁ ଘରକୁ ଫେରିଯିବା ପାଇଁ ଅନୁରୋଧ କରିଥିଲେ। ଏହାବାଦ୍ ସରକାରଙ୍କ ତାଲିକାରେ କ୍ରିପ୍ଟୋକରେନ୍ସି ଆଣ୍ଡ ରେଗୁଲେଶନ୍ ଅଫ୍ ଅଫିସିଆଲ କରେନ୍ସି ବିଲ୍ ରହିଛି। ଉକ୍ତ ବିଲ୍ ଜରିଆରେ କେତେକକୁ ବାଦ୍ ଦେଇ ସମସ୍ତ ଘରୋଇ କ୍ରିପ୍ଟୋକରେନ୍ସି ଉପରେ ଲଗାମ ଲାଗିବ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)କୁ ଦେଶର ଅଫିସିଆଲ୍ ଡିଜିଟାଲ କ୍ରିପ୍ଟୋକରେନ୍ସି ଜାରି କରିବାକୁ ଅନୁମତି ମିଳିବ। ସେହିପରି ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଆଉ ଏକ ବିଲ୍ ଆସିବାକୁ ଯାଉଛି। ନିର୍ବାଚନମୁହାଁ ଉତ୍ତରପ୍ରଦେଶର ଏସ୍‌ସି ଏବଂ ଏସ୍‌ଟି ତାଲିକାରେ ପରିବର୍ତ୍ତନ ପାଇଁ ସମ୍ବିଧାନ ସଂଶୋଧନ ବିଲ୍ ଆଣିବା ପାଇଁ ମଧ୍ୟ ସରକାର ପ୍ରସ୍ତୁତି ଚଳାଇଛନ୍ତି। ଅନୁରୂପ ଭାବେ ତ୍ରିପୁରାର ଏସ୍‌ସି ଏବଂ ଏସ୍‌ଟି ତାଲିକାରେ ସଂଶୋଧନ ପାଇଁ ମଧ୍ୟ ଏକ ବିଲ୍ ଆସିବାକୁ ଯାଉଛି। ଉଚ୍ଚ ନ୍ୟାୟପାଳିକାର ବିଚାରପତିମାନଙ୍କ ଦରମା ଆଇନରେ ସଂଶୋଧନ ନିମନ୍ତେ ହାଇକୋର୍ଟ ଓ ସୁପ୍ରିମକୋର୍ଟ ବିଚାରପତି (ଦରମା ଓ ସେବା ସର୍ତ୍ତ) ସଂଶୋଧନ ବିଲ୍, ୨୦୨୧ ଅଣାଯିବ। ଗୃହକାର୍ଯ୍ୟ ବିବରଣୀରେ ସ୍ଥାନ ପାଇଥିବା ଅନ୍ୟ ବିଧେୟକଗୁଡ଼ିକ ହେଲା ଇନ୍‌ସଲଭାନ୍ସି ଆଣ୍ଡ ବ୍ୟାଙ୍କରପ୍‌ସି କୋଡ୍ (ସେକେଣ୍ଡ ଆମେଣ୍ଡମେଣ୍ଟ) ବିଲ୍ ଏବଂ ପେନ୍‌ସନ ଫଣ୍ଡ ରେଗୁଲେଟୋରି ଡେଭେଲପ୍‌ମେଣ୍ଟ ଅଥରିଟି (ଆମେଣ୍ଡମେଣ୍ଟ) ବିଲ୍। ସେହିପରି ଇଣ୍ଟର-ସର୍ଭିସେସ୍ ଅର୍ଗାନାଇଜେଶନ୍ସ (କମାଣ୍ଡ, କଣ୍ଟ୍ରୋଲ ଆଣ୍ଡ ଡିସିପ୍ଲିନ୍) ବିଲ୍, ଆପ୍ରବାସନ ବିଲ୍, ନ୍ୟାଶନାଲ ଆଣ୍ଟିଡୋପିଂ ବିଲ୍, ଟ୍ରାଫିକିଂ ଅଫ୍ ପର୍ସନ୍ସ (ପ୍ରିଭେନ୍ସନ, ପ୍ରୋଟେକ୍ସନ ଆଣ୍ଡ ରିହାବିଲିଟେଶନ) ବିଲ୍, ୨୦୨୧ ଭଳି ଗୁରୁତ୍ୱପୂର୍ଣ୍ଣ ବିଧେୟକ ସରକାରଙ୍କ କାର୍ଯ୍ୟସୂଚୀରେ ରହିଛି।



## ସଂକ୍ଷେପରେ

### ସିଂହ ମୁହଁରୁ ବର୍ତ୍ତିଲେ

ହାଇଦ୍ରାବାଦ, ୨୪।୧୧: ହାଇଦ୍ରାବାଦର ନେହେରୁ ଜୁଲୋଜିକାଲ ପାର୍କରେ ଥିବା ଆଫ୍ରିକୀୟ ସିଂହ ଖୁଆଡ଼ ମଧ୍ୟକୁ ମଙ୍ଗଳବାର ଡେଇଁ ପଡ଼ିଥିବା ଜଣେ ୩୧ ବର୍ଷୀୟ ବ୍ୟକ୍ତି ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଚିଡ଼ିଆଖାନା କର୍ମଚାରୀ ତାଙ୍କୁ ଉଦ୍ଧାର କରି ପୋଲିସ ଜିମା ଦେଇଛନ୍ତି। ଜି. ସାଇ କୁମାର ନାମକ ଏହି ବ୍ୟକ୍ତିଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି। ଅଭିଯୁକ୍ତ ଜଣକ ଏକ ଶିଳାଖଣ୍ଡରୁ ଝୁଙ୍କିରହି ସିଂହକୁ ଦେଖୁଥିବାବେଳେ ତାଙ୍କ ଆଡ଼କୁ ଚାହିଁ ସିଂହଟି ଗର୍ଜନ କରୁଥିବା ଭିଡିଓରେ ଦେଖିବାକୁ ମିଳିଛି। ଅନ୍ୟମାନେ ତାଙ୍କୁ ପାଟି କରିବା ସହ ସତର୍କ ରହିବାକୁ କହିଥିଲେ। ଏହା ସତ୍ତ୍ୱେ ସେ ଖୁଆଡ଼ ମଧ୍ୟକୁ ଡେଇଁପଡ଼ିଥିଲେ। ଲୋକଙ୍କ ଚିତ୍କାର ଶୁଣି କର୍ମଚାରୀମାନେ ପହଞ୍ଚି ସାଇ କୁମାରଙ୍କୁ ଉଦ୍ଧାର କରିଥିଲେ।

### ନୌସେନା ଗୁପ୍ତ ତଥ୍ୟ ଲିକ୍
### ୨ କମାଣ୍ଡରଙ୍କ ବିରୋଧରେ ଚାର୍ଜଶିଟ୍

ନୂଆଦିଲ୍ଲୀ, ୨୪।୧୧(ପି.ଟି.): ଆଇଏନ୍‌ଏସ୍ ସିନ୍ଧୁରତ୍ନ-ଏମ୍‌ଆର୍‌ଏଲ୍‌ସି ପ୍ରୋଜେକ୍ଟ ସମ୍ପର୍କିତ ଗୁପ୍ତ ତଥ୍ୟ ପ୍ରଘଟ ମାମଲାରେ ସମ୍ପୃକ୍ତ ନୌସେନାର ଦୁଇ କମାଣ୍ଡର ଜଗଦୀଶ ଏବଂ ଅଭିଷେକ ଶା'ଙ୍କ ବିରୋଧରେ ସିବିଆଇ ଚାର୍ଜଶିଟ୍ ଦାଖଲ କରିଛି। ସାନି ଚାର୍ଜଶିଟ୍‌ରେ କମାଣ୍ଡର ଅଜିତ୍ ପାଣ୍ଡେ, ଅବସରପ୍ରାପ୍ତ ନୌସେନା ଅଧିକାରୀ ରଣଦୀପ ସିଂ ଉକ୍ତ ପ୍ରକଳ୍ପ ସମ୍ପର୍କିତ ଅଗ୍ରିମ ପୈଠ ତଥ୍ୟ ଲିକ୍ କରିଥିବା ଅଭିଯୋଗ ହୋଇଛି। ପୂର୍ବରୁ ୬ ଜଣଙ୍କ ବିରୋଧରେ ଦୁଇଟି ଚାର୍ଜଶିଟ୍ ଦାଖଲ ହୋଇଥିଲା। ସେପ୍ଟେମ୍ବର ୨୧ରେ ଗିରଫ ହୋଇଥିବା କମାଣ୍ଡର ଜଗଦୀଶ ଏବଂ ଅଭିଷେକ ଶା'ଙ୍କ ବିରୋଧରେ ଜାରି ରହିଛି।

### ଦିଲ୍ଲୀରେ ସିଏନ୍‌ଜି ଗାଡ଼ିକୁ ଅନୁମତି

ନୂଆଦିଲ୍ଲୀ, ୨୪।୧୧(ପି.ଟି.) ଦିଲ୍ଲୀ ବାୟୁ ମାନରେ ଉନ୍ନତି ଦେଖାଦେଇଥିବାରୁ ଆସନ୍ତା ୨୯ ତାରିଖରୁ ସମସ୍ତ ସ୍କୁଲ୍ କଲେଜ ଓ ସରକାରୀ ଅଫିସ ଖୋଲିବା ପାଇଁ ଦିଲ୍ଲୀ ସରକାର ନିଷ୍ପତ୍ତି ନେଇଛନ୍ତି। ଅଣଅତ୍ୟାବଶ୍ୟକ ସାମଗ୍ରୀ ପରିବହନ କରୁଥିବା ଟ୍ରକ୍‌ଗୁଡ଼ିକର ପ୍ରବେଶ ଉପରେ ଡିସେମ୍ବର ୩ ପର୍ଯ୍ୟନ୍ତ କଟକଣା ଲଗାଯାଇଛି। ତେବେ ସିଏନ୍‌ଜିରେ ଚାଲୁଥିବା ଟ୍ରକ୍ ଓ ଟେମ୍ପୋ ଏବଂ ଇ-ଯାନ ଶନିବାରଠାରୁ ଦିଲ୍ଲୀରେ ପ୍ରବେଶ କରିପାରିବେ ବୋଲି ପରିବେଶ ମନ୍ତ୍ରୀ ଗୋପାଳ ରାୟ ବୁଧବାର କହିଛନ୍ତି। ବାୟୁ ମାନରେ ଉନ୍ନତି ଆଣିବା ଲାଗି ଆଉ କିଛିଦିନ ପ୍ରଦୂଷଣ ରୋକିବା ପଦକ୍ଷେପ ଜାରି ରଖିବାକୁ ସୁପ୍ରିମକୋର୍ଟ ବୁଧବାର କେନ୍ଦ୍ର ଏବଂ ଏନ୍‌ସିଆର୍ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

# ନାବାଳିକାଙ୍କୁ ଗଣବଳାତ୍କାର, ହତ୍ୟା

ମାଙ୍ଗାଲୁରୁ, ୨୪।୧୧

କର୍ନାଟକର ମାଙ୍ଗାଲୁରୁରେ ଜଣେ ୮ ବର୍ଷୀୟା ବାଳିକାଙ୍କୁ ରବିବାର ଗଣବଳାତ୍କାର ପରେ ହତ୍ୟା କରାଯାଇଛି। ଘଟଣାରେ ପୋଲିସ ବୁଧବାର ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମଧ୍ୟପ୍ରଦେଶର ଜୟବାନ(୨୧), ମୁକେଶ ସିଂ(୨୦), ମୁନିମ ସିଂ(୨୦) ଏବଂ ଝାଡ଼ଖଣ୍ଡର ମନୀଷ ତିର୍କୀ(୩୩)। ଅଭିଯୁକ୍ତମାନେ ଭାମାଞ୍ଜୋରରେ ଥିବା ଏକ ଟାଇଲ୍ ଫ୍ୟାକ୍ଟ୍ରିରେ କାମ କରୁଥିଲେ। ସୂଚନା ଅନୁଯାୟୀ, ପୀଡ଼ିତାଙ୍କ ଘର ଝାଡ଼ଖଣ୍ଡରେ। ତାଙ୍କ ମା'ବାପା ଉକ୍ତ ଟାଇଲ ଫ୍ୟାକ୍ଟ୍ରିରେ କାମ କରୁଥିଲେ। ଘଟଣାର ୪ ଦିନ ପୂର୍ବରୁ ଜୟବାନ, ମୁକେଶ, ମନୀଷ ନିଶାଗ୍ରସ୍ତ ହୋଇ ବଳାତ୍କାର ଯୋଜନା କରି ରବିବାର ଛୁଟି ଥିବାରୁ ସେହିଦିନକୁ ଅପେକ୍ଷା କରିଥିଲେ। ଶନିବାର ମୁନିମ ପୁଟୁରରୁ ଆସି ସେମାନଙ୍କ ଯୋଜନାରେ ସାମିଲ ହୋଇଥିଲେ। ରବିବାର ଅପରାହ୍ନ

### ଡ୍ରେନ୍‌ରେ ଫିଙ୍ଗିଥିଲେ ମୃତଦେହ

ପ୍ରାୟ ୧ଟା ୧୦ରେ ବାଳିକା ଜଣକ ଫ୍ୟାକ୍ଟ୍ରି ପରିସରରେ ଭାଇଙ୍କ ସହ ଖେଳୁଥିବାବେଳେ ଜୟବାନ ତାଙ୍କୁ ଅପହରଣ କରି ନେଇଥିଲେ। ବଳାତ୍କାରବେଳେ ପୀଡ଼ିତା ଜୋରରେ ଚିତ୍କାର କରିବାରୁ ଜୟବାନ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପରେ ଅଭିଯୁକ୍ତମାନେ ପୀଡ଼ିତାଙ୍କ ମୃତଦେହକୁ ଏକ ଡ୍ରେନ୍‌ରେ ଫିଙ୍ଗି ଦେଇଥିଲେ। ଘଟଣା ପରେ ମୁକେଶ ଓ ମୁନିମ ପୁଟିନ ପଳାଇଥିଲେ। ପରିବାର ଲୋକ ଝିଅକୁ ଖୋଜାଖୋଜି କରିଥିଲେ। ଜୟବାନ ଏବଂ ମନୀଷ ମଧ୍ୟ କିଛି ନ ଜାଣିଲା ପରି ପୀଡ଼ିତାଙ୍କ ମା' ବାପାଙ୍କ ସହ ମିଶି ସନ୍ଧାନରେ ଲାଗିଥିଲେ। ସନ୍ଧ୍ୟା ପ୍ରାୟ ୬ଟାରେ ମୃତଦେହ ମିଳିଥିଲା। ସିସିଟିଭି ଫୁଟେଜ ଏବଂ କଲ୍ ରେକର୍ଡ ଯାଞ୍ଚ ପରେ ଘଟଣା ସାମ୍‌ନାକୁ ଆସିଛି। ଅଭିଯୁକ୍ତଙ୍କ ବିରୋଧରେ ପୋକ୍ସୋ ଆକ୍ଟରେ ମାମଲା ରୁଜୁ ହୋଇଛି।

# ମୋଦିଙ୍କୁ ଭେଟିଲେ ମମତା

ନୂଆଦିଲ୍ଲୀ, ୨୪।୧୧(ପି.ଟି.)



ପାର୍ଲାମେଣ୍ଟର ଶୀତ ଅଧିବେଶନ ପୂର୍ବରୁ ବିରୋଧୀ ଦଳଗୁଡ଼ିକୁ ଏକାଠି କରିବା ଲାଗି ଦିଲ୍ଲୀ ଗସ୍ତରେ ଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ଟିଏମ୍‌ସି ସଂସଦୀୟ ଦଳ ନେତ୍ରୀ ମମତା ଏହି ଅବସରରେ ତାଙ୍କ ରାଜ୍ୟରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର କାର୍ଯ୍ୟ ପରିସର ବୃଦ୍ଧି ନିଷ୍ପତ୍ତି ପ୍ରତ୍ୟାହାର ଲାଗି ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। କୌଣସି ପ୍ରକାରେ ଦେଶର ସଂଘୀୟ ବ୍ୟବସ୍ଥାରେ ବ୍ୟାଘାତ ସୃଷ୍ଟି ହେବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ଏହା ବ୍ୟତୀତ ଅନ୍ୟାନ୍ୟ ରାଜ୍ୟ ପ୍ରସଙ୍ଗକୁ ନେଇ ସେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗ ସମେତ ସୀମାନ୍ତ ରାଜ୍ୟଗୁଡ଼ିକରେ ବିଏସ୍‌ଏଫ୍ କାର୍ଯ୍ୟ ପରିସର ୫୦ କିଲୋମିଟର ପର୍ଯ୍ୟନ୍ତ ବୃଦ୍ଧି ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିକଟରେ ବିଜ୍ଞପ୍ତି ପ୍ରକାଶ କରିଥିଲା। ସଂଗଠନ ବଢ଼ାଇବା ଲକ୍ଷ୍ୟରେ ଥିବା ମମତା ମୁମ୍ବାଇ ଓ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ବାରାଣସୀ ଗସ୍ତ କରିବେ ବୋଲି ସୂଚନା ଦେଇଛନ୍ତି।

■ବିଏସ୍‌ଏଫ୍ କାର୍ଯ୍ୟ ପରିସର ବୃଦ୍ଧି ପ୍ରତ୍ୟାହାର ଦାବି

# ମର୍କେଲଙ୍କୁ କ୍ଷମତାରୁ ହଟାଇବା ପାଇଁ ବୁଝାମଣା

ବର୍ଲିନ, ୨୪।୧୧: ଜର୍ମାନୀ ଚାନ୍‌ସେଲର ଆଞ୍ଜେଲା ମର୍କେଲଙ୍କୁ କ୍ଷମତାରୁ ହଟାଇ ନୂଆ ସରକାର ଗଢ଼ିବା ପାଇଁ ସୋସିଆଲ ଡେମୋକ୍ରାଟ୍ସ ପାର୍ଟି, ଗ୍ରୀନ୍ ପାର୍ଟି ଏବଂ ଫ୍ରି ଡେମୋକ୍ରାଟ୍ସ ପାର୍ଟି ମଧ୍ୟରେ ଆଗାମୀ ୧୦ ଦିନ ମଧ୍ୟରେ ବୁଝାମଣା ଚୂଡ଼ାନ୍ତ ହେବ ବୋଲି ଆଶା କରାଯାଉଛି। ଏହା ହେଲେ ସୋସିଆଲ ଡେମୋକ୍ରାଟ୍ସ ପାର୍ଟି ନେତା ଓଲଫ ସ୍କୋଲ୍‌ଜ ନୂଆ ସରକାରର ନେତୃତ୍ୱ ନେବେ।

# ଜୟଲଳିତାଙ୍କ ଉତ୍ତରାଧିକାରୀଙ୍କୁ ମିଳିବ ବେଦ ନିଲୟମ୍

ଚେନ୍ନାଇ, ୨୪।୧୧

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଳିତାଙ୍କ ବାସଭବନ ବେଦ ନିଲୟମ୍‌ରେ ତାଙ୍କ ନାମରେ ଏକ ସ୍ମାରକୀ ନିର୍ମାଣ ଲାଗି ପୂର୍ବରୁ ତାମିଲନାଡୁର ଏଆଇଏଡିଏମ୍‌କେ ସରକାର କରିଥିବା ଆବେଦନକୁ ମାଡ୍ରାସ ହାଇକୋର୍ଟ ବୁଧବାର ଖାରଜ କରିଦେଇଛନ୍ତି। ଉକ୍ତ ସମ୍ପତ୍ତିକୁ ୩ ସପ୍ତାହ ମଧ୍ୟରେ ଜୟଲଳିତାଙ୍କ ଆଇନଗତ ଉତ୍ତରାଧିକାରୀ ଜେ. ଦୀପା ଏବଂ ଜେ. ଦୀପକଙ୍କୁ ହସ୍ତାନ୍ତର କରିବା ଲାଗି ବିଚାରପତି ଏନ୍. ଶେଷସାୟୀ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାରିନାରେ ଜୟଲଳିତାଙ୍କର ସ୍ମାରକୀ ରହିଥିବାବେଳେ ପୁଣି ଏକ ସ୍ମାରକୀ ସ୍ଥାପନର ଆବଶ୍ୟକତା କ'ଣ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଗତ ଜାନୁୟାରୀ ୨୭ରେ ବିଚାରପତି ଏକ ଅନ୍ତରୀଣ ଆଦେଶ ବଳରେ ଉକ୍ତ ସମ୍ପତ୍ତିରେ ମେମୋରିଆଲ ନିର୍ମାଣ ନ କରିବାକୁ କହିଥିଲେ। ଦୀପା ଓ ଦୀପକ ସେମାନଙ୍କ ଆବେଦନରେ ଦର୍ଶାଇଥିଲେ, ପିଉସୀ ଜୟଲଳିତାଙ୍କ ପୋଏସ୍ ଗାର୍ଡେନ ବାସଭବନ ସହ ସେମାନେ ଭାବଗତ ଭାବେ ଜଡ଼ିତ। ତାଙ୍କ ନାମରେ ଏକ ଚ୍ୟାରିଟି ନିର୍ମାଣ ଲାଗି ସେମାନେ ଯୋଜନା କରିଥିବା ଅଦାଲତଙ୍କୁ ଜଣାଇଥିଲେ।

### ହାଇକୋର୍ଟରେ ଏଆଇଏଡିଏମ୍‌କେ ଆବେଦନ ଖାରଜ

# ରାସ୍ତା କ୍ୟାଟ୍ରିନାଙ୍କ ଗାଲ ଭଳି ହେବା କଥା

ଜୟପୁର,୨୪।୧୧

ରାଜସ୍ଥାନର ଗେହଲଟ ସରକାରରେ ନୂଆକରି ମନ୍ତ୍ରୀ ହୋଇଥିବା ରାଜେନ୍ଦ୍ର ସିଂ ଗୁଧାଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତାଙ୍କ ନିର୍ବାଚନମଣ୍ଡଳୀର ରାସ୍ତାଗୁଡ଼ିକ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ଗାଲ ଭଳି ମସୃଣ ହେବା ଉଚିତ ବୋଲି ରାଜେନ୍ଦ୍ର କହୁଥିବା ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି। ଅନେକ ୟୁଜର୍ସ ଏହାକୁ ଅନୁପଯୁକ୍ତ କହି ସମାଲୋଚନା କରିଛନ୍ତି। ଏହା ସହ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏହା ଉପରେ ବିବୃତି ଦିଅନ୍ତୁ ବୋଲି ଦାବି କରିଛନ୍ତି। ନିଜ ନିର୍ବାଚନମଣ୍ଡଳୀ ଉଦୟପୁରୱାଟିରେ ଲୋକଙ୍କୁ ସମ୍ବୋଧିତ କରିବାବେଳେ ଭିଡ଼ ଭିତରୁ କେହି ଜଣେ ରାଜ୍ୟର ରାସ୍ତାଗୁଡ଼ିକର ଦୁରବସ୍ଥାକୁ ନେଇ ଅଭିଯୋଗ ଆଣିଥିଲେ। ଏହାର ଉତ୍ତରରେ ସୈନିକ କଲ୍ୟାଣ, ହୋମ୍‌ଗାର୍ଡ୍ସ, ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରାଜେନ୍ଦ୍ର ସିଂ ଗୁଧା ଉପରୋକ୍ତ ମନ୍ତବ୍ୟକୁ ବାରମ୍ବାର ଦୋହରାଇଥିଲେ। ପ୍ରିୟଙ୍କା ରାଜନୀତିରେ ମହିଳାଙ୍କ ଅଧିକ ପ୍ରତିନିଧିତ୍ୱ ଉପରେ ପ୍ରତିଶ୍ରୁତି ଦେଉଥିବାରୁ ତାଙ୍କ ଦଳର ଜଣେ ମନ୍ତ୍ରୀ ଦେଇଥିବା ବୟାନକୁ ନେଇ ଜବାବ ଦିଅନ୍ତୁ ବୋଲି ଦାବି ହୋଇଛି।

### ରାଜସ୍ଥାନ ମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟ



ରାଜେନ୍ଦ୍ର ସିଂ ଗୁଧା

# ଅର୍ଦ୍ଧାଧିକ ଶିଶୁ ଆନେମିଆର ଶିକାର

ନୂଆଦିଲ୍ଲୀ, ୨୪।୧୧



ଦେଶରେ ଅଧିକାଂଶ ପିଲା ଏବଂ ମହିଳାଙ୍କ ଶରୀରରେ ରକ୍ତହୀନତା ସମସ୍ୟା ଚିନ୍ତାଜନକ ରହିଛି। ୧୪ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ତଥା ସର୍ବଭାରତୀୟ ସ୍ତରରେ ଅର୍ଦ୍ଧାଧିକ ଶିଶୁ ଏବଂ ମହିଳା ଆନେମିଆର ଶିକାର ହେଉଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (ଏନ୍‌ଏଫ୍‌ଏଚ୍‌ଏସ୍-୫)ରୁ ଜଣାପଡ଼ିଛି। ଏନ୍‌ଏଫ୍‌ଏଚ୍‌ଏସ୍-୪ ତୁଳନାରେ ଏହା ଯଥେଷ୍ଟ ଅଧିକ ବୋଲି ଏଥିରେ ଦର୍ଶାଯାଇଛି।

ଜନସଂଖ୍ୟା, ପ୍ରଜନନ, ଶିଶୁଙ୍କ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ପୋଷଣ ଏବଂ ଅନ୍ୟ ମାନଦଣ୍ଡ ଆଧାରରେ ସରକାର ବୁଧବାର ୧୪ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସମେତ ଭାରତର ୨୦୧୯-୨୧ର ଫ୍ୟାକ୍ଟଶିଟ୍ ଜାରି କରିଛନ୍ତି। ଏନ୍‌ଏଫ୍‌ଏଚ୍‌ଏସ୍-୫ର ଦ୍ୱିତୀୟ ପର୍ଯ୍ୟାୟରେ ଏହା ପ୍ରସ୍ତୁତ କରାଯାଇଛି। ଏହି ପର୍ଯ୍ୟାୟରେ ଅରୁଣାଚଳପ୍ରଦେଶ, ଚଣ୍ଡୀଗଡ଼, ଛତିଶଗଡ଼, ହରିୟାଣା, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ଦିଲ୍ଲୀ ଏନ୍‌ସିଟି, ଓଡ଼ିଶା, ପୁଡୁଚେରୀ, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡକୁ ସାମିଲ କରାଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ୨୦୨୦ ଡିସେମ୍ବରରେ ୨୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ଏନ୍‌ଏଫ୍‌ଏଚ୍‌ଏସ୍-୫ର ପ୍ରଥମ ପର୍ଯ୍ୟାୟ ରିପୋର୍ଟ ପ୍ରସ୍ତୁତ ହୋଇଥିଲା। ସଦ୍ୟ ରିପୋର୍ଟ ଅନୁସାରେ, କମ୍ ଓଜନ ବିଶିଷ୍ଟ ପିଲାଙ୍କ ସଂଖ୍ୟାରେ ସାମାନ୍ୟ ସୁଧାର ଆସିଛି। ସର୍ବଭାରତୀୟ ସ୍ତରରେ କମ୍ ଓଜନ ପିଲାଙ୍କ ପ୍ରତିଶତ ୩୬ରୁ ୩୨ ପ୍ରତିଶତ ହୋଇଛି। ତେବେ ପିଲା, ମହିଳା ତଥା ଗର୍ଭବତୀ ବ୍ୟାପକ ସଂଖ୍ୟାରେ ଆନେମିଆର ଶିକାର ହେଉଛନ୍ତି। ୧୮୦ ଦିନ କିମ୍ବା ତା'ଠାରୁ ଅଧିକ ସମୟ ଗର୍ଭବତୀ ମହିଳାଙ୍କୁ ଆଇରନ୍ ଫଲିକ୍ ଏସିଡ୍ ଟାବଲେଟ୍ ପ୍ରଦାନ ଯୋଗୁ ସେମାନଙ୍କ ବ୍ଲଡ୍ କାଉଣ୍ଟରେ ସାମାନ୍ୟ ସୁଧାର ଆସିଛି। ଉକ୍ତ ୧୪ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମୋଟ ପ୍ରଜନନ ହାର, ପ୍ରତି ମହିଳାଙ୍କ ପିଛା ହାରାହାରି ପିଲା ସଂଖ୍ୟା ୨.୨ରୁ ୨.୦କୁ ହ୍ରାସ ପାଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି।

### ଭାରତରେ ଜନ୍ମ ହାର ହ୍ରାସ

ଭାରତରେ ମୋଟ ଜନ୍ମହାର (ଟିଏଫ୍‌ଆର୍) ତଥା ପ୍ରତି ମହିଳାଙ୍କ ହାରାହାରି ପିଲା ଜନ୍ମ ୨.୨ରୁ ୨କୁ ଖସିଛି। ଅର୍ଥାତ ଜଣେ ମହିଳା ତାଙ୍କ ଜୀବନକାଳ ମଧ୍ୟରେ ହାରାହାରି ୨ ଶିଶୁଙ୍କୁ ଜନ୍ମ ଦେଉଛନ୍ତି। ତେଣୁ ଦେଶରେ ଜନସଂଖ୍ୟା ବୃଦ୍ଧି ଏକପ୍ରକାର ସ୍ଥିର ରହିଛି। ତେବେ କଣ୍ଟ୍ରାସେପ୍ଟିଭ ପ୍ରିଭିଲାନ୍ସ ରେଟ୍(ସିପିଆର୍) ୫୪%ରୁ ୬୭%କୁ ବୃଦ୍ଧି ପାଇଛି ବୋଲି ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୫ର ଦ୍ୱିତୀୟ ପର୍ଯ୍ୟାୟ ଡାଟାରୁ ଜଣାପଡ଼ିଛି। ଇନ୍‌ଭିଟ୍ରୋ ଫର୍ଟିଲାଇଜେଶନ (ଆଇଭିଏଫ୍)ର ବହୁଳ ବ୍ୟବହାର ଯୋଗୁ ଅଧିକ ସଂଖ୍ୟାରେ ଯମଜ ସନ୍ତାନ ଜନ୍ମ ନେଉଥିବା ସର୍ଭେ ରିପୋର୍ଟରୁ ଜଣାପଡ଼ିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨୫/୨୦୨୧ (୧୨+୮=୨୦ ପୃଷ୍ଠା) Bhubaneswar, Thursday, November 25/2021




**ନିକ୍‌ଙ୍କଠାରୁ କ୍ରିସ୍ ମୋତେ ଚୋରି କରିପାରିବେ**

ନିକ୍ ଜୋନ୍‌ସଙ୍କଠାରୁ ଅଲଗା ହେବାକୁ ନେଇ ଚର୍ଚ୍ଚାରେ ଥିବା ବଲିଉଡ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା କହିଛନ୍ତି ତାଙ୍କୁ କେବଳ ହଲିଉଡ୍ ଷ୍ଟାର କ୍ରିସ୍ ହେମ୍‌ସୱର୍ଥ ଚୋରି କରିପାରିବେ।


୦୭



୦୮


**କରିମ ବେଞ୍ଜେମା ଦଣ୍ଡିତ**

ଫ୍ରାନ୍ସ ଓ ରିଅଲ ମାଡ୍ରିଡ୍ ଫରୱାର୍ଡ କରିମ ବେଞ୍ଜେମାଙ୍କୁ ଏକବର୍ଷ ସସ୍‌ପେଣ୍ଡ ଓ ଜେଲ୍ ଦଣ୍ଡ ସହ ଜରିମାନା କରାଯାଇଛି।








# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଐତିହାସିକ: ମୁଖ୍ୟମନ୍ତ୍ରୀ



- ଗଜପତିଙ୍କ ସହ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ
- ୧୦୭ ଜମିଦାତା, ୧୮ ମଠାଧୀଶ ସମ୍ବର୍ଦ୍ଧିତ

**ପୁରୀ ଅଫିସ,୨୪।୧୧**

ଶ୍ରୀମନ୍ଦିର ପରିସର ଆଧୁନିକୀକରଣ ହେବାକୁ ଯାଉଛି। ଖୁବ୍‌ଶୀଘ୍ର ନୂଆ ପ୍ରକଳ୍ପ ଅନୁଯାୟୀ ନୂଆ ରୂପ ନେବ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ପୁରୀ ଗସ୍ତରେ ଆସି ଗଜପତିଙ୍କ ସହ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଶ୍ରଦ୍ଧାଳୁଙ୍କ ସୁବିଧା ଓ ଶ୍ରୀମନ୍ଦିର ସୁରକ୍ଷା ଉଦ୍ଦେଶ୍ୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ପୂର୍ବରୁ ସରିଥିବାବେଳେ କାର୍ଯ୍ୟ ଆରମ୍ଭ ପୂର୍ବରୁ ଗତ ୨୧ ତାରିଖରୁ ଉତ୍ତର-ପୂର୍ବ କୋଣରେ ଚାଲିଥିବା ମହାଯଜ୍ଞର ପୂର୍ଣ୍ଣାହୁତିରେ ମଧ୍ୟ ମୁଖ୍ୟମନ୍ତ୍ରୀ ଯୋଗଦେଇଥିଲେ। ପରେ ଶ୍ରୀମନ୍ଦିର ବାହାରେ ମୁଖ୍ୟମନ୍ତ୍ରୀ କହିଲେ, ଜୟ ଜଗନ୍ନାଥ। ଆଜିର ଦିନଟି ବିଶ୍ୱର ସମସ୍ତ ଜଗନ୍ନାଥ ଭକ୍ତ ଓ ଓଡ଼ିଶାବାସୀଙ୍କ ପାଇଁ ଏକ ଐତିହାସିକ ଦିନ ଭାବେ ଲିପିବଦ୍ଧ ହେବ।

ପରିକ୍ରମା ଯୋଜନା କାର୍ଯ୍ୟକ୍ରମ ଅନୁଯାୟୀ, ବୁଧବାର ସକାଳ ୭ଟାରୁ ୯ଟା ଯାଏ ସୂର୍ଯ୍ୟପୂଜା, ଅଗ୍ନିପୂଜା ତଥା ଯଜ୍ଞ ବିଧି ସମ୍ପାଦିତ ହୋଇଥିଲା। ଏହାପରେ ୯ଟା ୪୫ରୁ ୧୦ଟା ମଧ୍ୟରେ ଶିଳା ବିଜେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ସକାଳ ୯ଟା ୨୦ରେ ପୋଲିସ ରିଜର୍ଭ ହେଲିପ୍ୟାଡ୍‌ରେ ଓହ୍ଲାଇଥିଲେ। ସେଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଆସି ସିଂହଦ୍ୱାର ଦେଇ ଉତ୍ତରଦ୍ୱାରସ୍ଥିତ ସଭାସ୍ଥଳରେ ପହଞ୍ଚିଥିଲେ। ପ୍ରଥମେ ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ପରିକ୍ରମା ଯୋଜନା ପୃଷ୍ଠା-୬



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ।

# କୃଷି ଆଇନ ରଦ୍ଦ ବିଲ୍‌କୁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ, ୨୪।୧୧(ପି.ଟି.)**

ତିନି ବିବାଦୀୟ କୃଷି ଆଇନ ରଦ୍ଦ ଲାଗି ପାର୍ଲାମେଣ୍ଟରେ ଆଗତ ହେବାକୁ ଥିବା ବିଲ୍‌କୁ ବୁଧବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ନଭେମ୍ବର ୨୯ରୁ ପାର୍ଲାମେଣ୍ଟର ଶୀତ ଅଧିବେଶନ ଆରମ୍ଭ ହେଉଥିବାବେଳେ କୃଷି ଆଇନ ରଦ୍ଦ ବିଲ୍, ୨୦୨୧ ଲୋକ ସଭାରେ ଆଗତ ଲାଗି ଗୃହକାର୍ଯ୍ୟ ବିବରଣୀରେ ସ୍ଥାନ ପାଇଛି। କୃଷକମାନଙ୍କ ଉତ୍ପାଦିତ ସାମଗ୍ରୀର ବ୍ୟବସାୟ ବାଣିଜ୍ୟ (ପ୍ରୋତ୍ସାହନ ଓ ସୁବିଧା) ଆଇନ, ୨୦୨୦, ମୂଲ୍ୟ ପ୍ରତିଶ୍ରୁତି ଉପରେ କୃଷକ (ସଶକ୍ତୀକରଣ ଓ ସୁରକ୍ଷା) ରାଜିନାମା, କୃଷି ସେବା ଆଇନ, ୨୦୨୦ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ (ସଂଶୋଧନ) ଆଇନ, ୨୦୨୦ ରଦ୍ଦ ଲାଗି ବିଲ୍ ଆଗତ କରାଯିବ।

ବିବାଦୀୟ କୃଷି ଆଇନ ବିରୋଧରେ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦିଲ୍ଲୀର ସିଂଘୁ, ଟିକ୍ରି ଓ ଗାଜିପୁର ସୀମାରେ କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ ଆନ୍ଦୋଳନ ଜାରି ରହିଥିବାବେଳେ ଏହାକୁ ରଦ୍ଦ କରିବା ପୃଷ୍ଠା-୬

## ଭୋଟ ପାଇଁ ମୁଣ୍ଡ ନୁଆଁଇଛି କେନ୍ଦ୍ର: ପାୱାର



**ପୁଣେ,୨୪।୧୧:** ଯଦି ନିକଟ ଭବିଷ୍ୟତରେ ଉତ୍ତର ପ୍ରଦେଶ ସମେତ ଅନ୍ୟ ରାଜ୍ୟଗୁଡ଼ିକରେ ବିଧାନସଭା ନିର୍ବାଚନ ହେଉ ନ ଥାଆନ୍ତା ତେବେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ୩ ବିବାଦୀୟ କୃଷି ଆଇନକୁ ଉଚ୍ଛେଦ କରିବା ପାଇଁ ନିଷ୍ପତ୍ତି ନେଇ ନ ଥାଆନ୍ତେ ବୋଲି ବୁଧବାର ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ପୃଷ୍ଠା-୬

# ମାର୍ଚ୍ଚ ଯାଏ ମାଗଣା ରାଶନ

**ନୂଆଦିଲ୍ଲୀ, ୨୪।୧୧(ପି.ଟି.)**

**ପିଏମ୍‌ଜିକେଏୱାଇ ୪ ମାସ ବଢ଼ାଇବା ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ**

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା (ପିଏମ୍‌ଜିକେଏୱାଇ)ରେ ହିତାଧିକାରୀମାନଙ୍କୁ ଆଉ ୪ ମାସ ମାଗଣା ଖାଦ୍ୟଶସ୍ୟ ଯୋଗାଇଦେବା ପ୍ରସ୍ତାବକୁ ବୁଧବାର କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ଏହି ଯୋଜନାରେ ଦେଶର ୮୦ କୋଟିରୁ ଊର୍ଦ୍ଧ୍ୱ ରାଶନ କାର୍ଡଧାରୀ ୨୦୨୨ ମାର୍ଚ୍ଚ ପର୍ଯ୍ୟନ୍ତ ମୁଣ୍ଡପିଛା ୫ କିଲୋଗ୍ରାମ ଖାଦ୍ୟଶସ୍ୟ ମାଗଣା ପାଇବେ। ଏଥିପାଇଁ ସରକାରଙ୍କୁ ୫୩,୩୪୪ କୋଟି ଟଙ୍କାର ଅତିରିକ୍ତ ବ୍ୟୟଭାର ବହନ କରିବାକୁ ପଡ଼ିବ ବୋଲି କ୍ୟାବିନେଟ ବୈଠକ ଶେଷରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ସୂଚନା ଦେଇଛନ୍ତି। କୋଭିଡ୍ ମହାମାରୀ ବେଳେ ଗରିବ ଲୋକଙ୍କ ସହାୟତା ପାଇଁ ଗତବର୍ଷ ମାର୍ଚ୍ଚରେ କେନ୍ଦ୍ର ସରକାର ପିଏମ୍‌ଜିକେଏୱାଇ ଯୋଜନାରେ ମାଗଣା ଖାଦ୍ୟଶସ୍ୟ ଯୋଗାଇଦେବା ଲାଗି ଘୋଷଣା କରିଥିଲେ। ପୃଷ୍ଠା-୬

**୩ଟି ବିବାହ କରିଥିବା ବ୍ୟକ୍ତି ଥାନାରେ ଅଟକ।**




## ସୀମା ବିବାଦ ପ୍ରସଙ୍ଗ: ସରକାର ଗଠନ କଲେ ୮ ଜଣିଆ କମିଟି

**ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)**

ଓଡ଼ିଶା ଏବଂ ଆନ୍ଧ୍ର ମଧ୍ୟରେ ରହିଥିବା ସୀମା ବିବାଦ ଦୂର କରିବା ଲାଗି ରାଜ୍ୟ ସରକାର ଏକ ୮ ଜଣିଆ କମିଟି ଗଠନ କରିଛନ୍ତି। କମିଟିରେ ମୁଖ୍ୟ ଶାସନ ସଚିବ ଅଧ୍ୟକ୍ଷ ଥିବାବେଳେ ଉନ୍ନୟନ କମିଶନର, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ, ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ, ସ୍କୁଲ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଏବଂ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଏହାର ସଦସ୍ୟ ରହିଛନ୍ତି। ଏନେଇ ବୁଧବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହି କମିଟି ଓଡ଼ିଶା ଏବଂ ଆନ୍ଧ୍ରର ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଇ ସମାଧାନର ପନ୍ଥା ବାହାର କରିବ। ଉଲ୍ଲେଖଯୋଗ୍ୟ, ଗତ ୯ ତାରିଖରେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ଦିନିକିଆ ଓଡ଼ିଶା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ। ଉଭୟ ମୁଖ୍ୟମନ୍ତ୍ରୀ ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ସୀମା ବିବାଦ ଉପରେ ଆଲୋଚନା କରିଥିଲେ। ଏହା ସହ ଜଳ ସମ୍ପଦ, ସୀମା ବିବାଦ, ଶକ୍ତି ଏବଂ ମାଓବାଦୀ ସମସ୍ୟା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ୬ଟି ପ୍ରସଙ୍ଗକୁ ଗୁରୁତ୍ୱ ଦେବା ଲାଗି ନିଷ୍ପତ୍ତି ହୋଇଥିଲା। ଏନେଇ ଏକ ଯୁଗ୍ମ ଘୋଷଣାନାମା ମଧ୍ୟ ଜାରି କରାଯାଇଥିଲା। ସେଥିରେ କୋଟିଆ ଗ୍ରାମପୁଞ୍ଜି ଓ ଅନ୍ୟ ସୀମା ବିବାଦ, ନେରେଡି ବ୍ୟାରେଜ, ଝଞ୍ଜାବତୀ ଜଳଭଣ୍ଡାର, ପୋଲାଭରମ, ବାହୁଦା ନଦୀରୁ ଜଳ ଛାଡ଼ିବା ପ୍ରସଙ୍ଗ ଏବଂ ବାଲିମେଳା ଓ ଅପର ସିଲେରୁ ଶକ୍ତି କ୍ଷେତ୍ରରେ ଏକ ମିଳିତ ଏନ୍‌ଓସି ଲାଗି ନିଷ୍ପତ୍ତି ହୋଇଥିଲା। ଏହାଛଡ଼ା ମାଓବାଦୀ ସମସ୍ୟା ଏବଂ ଗଞ୍ଜେଇ ଚାଷକୁ ପ୍ରତିହତ କରିବା ଦିଗରେ ଗୁରୁତ୍ୱ ଦିଆଯାଇଥିଲା।




## ଆର୍‌ଆଇ ଅଫିସ୍‌ରେ ବାଇକ୍ ପୋଡ଼ିଦେଲେ ଦୁର୍ବୃତ୍ତ

**ବାରିପଦା ଅଫିସ,୨୪।୧୧:** ମୟୂରଭଞ୍ଜ ଜିଲା ଯଶୀପୁର ତହସିଲ ଜାମୁକେଶର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଦୁଇଟି ବାଇକ୍‌କୁ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ପୋଡ଼ି ଦେଇଛନ୍ତି। ଏ ସଂକ୍ରାନ୍ତରେ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ଶିବାଣୀ ପ୍ରସାଦ ଟୁଡୁ ଯଶୀପୁର ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ରାଜସ୍ୱ କାର୍ଯ୍ୟାଳୟ ଏବଂ ଆର୍‌ଆଇଙ୍କ ବାସଗୃହ ଏକାଠି ଅଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।


With Best Compliments From:
Be INFORMED
Be PREPARED
Be SMART
Be SAFE
Be READY to Fight
#COVID19
A WELL WISHER
DHARMASALA, JAJPUR


# ୧୩,୦୨୦ ଏସ୍‌ସି, ଏସ୍‌ଟି, ଓବିସିଙ୍କୁ ଦକ୍ଷତା ବିକାଶ ତାଲିମ

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ)**

ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ୫-ଟି ଉପକ୍ରମରେ ପ୍ରୟାସ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟର କାର୍ଯ୍ୟକାରିତା ନିମନ୍ତେ ବୁଧବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓଡ଼ିଶା ଜନଜାତି ବିକାଶ ସମିତି (ଓଟିଡିଏସ୍) ଏବଂ ଓଡ଼ିଶା ଜାତି ଓ ଜନଜାତି ଆର୍ଥିକ ବିକାଶ ସମବାୟ ସଂସ୍ଥା (ଓଏସ୍‌ଏଫ୍‌ଡିସି) ପକ୍ଷରୁ ମିଶନ ମୋଡ୍‌ରେ ମିଳିତ ଭାବେ ପ୍ରୟାସ ଯୋଜନାରେ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯାଉଛି। ଦ୍ୱିତୀୟ ପର୍ଯ୍ୟାୟରେ ବିଭାଗ ପକ୍ଷରୁ ୨୦୨୨ ଜୁନ୍ ସୁଦ୍ଧା ୧୩,୦୨୦ ଏସ୍‌ସି, ଏସ୍‌ଟି ଏବଂ ଓବିସି ଯୁବବର୍ଗଙ୍କୁ ଦକ୍ଷତା ତାଲିମ ଓ ନିଯୁକ୍ତି ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ପ୍ଲେସ୍‌ମେଣ୍ଟ ଲିଙ୍କ୍‌ଡ ଏମ୍ପ୍ଲୟବିଲିଟି ଟ୍ରେନିଂ

### ପ୍ରୟାସ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ବୁଝାମଣାପତ୍ର

ଯୋଜନା ଅଧୀନରେ ଏନ୍‌ଏସ୍‌ଡିସି ଦ୍ୱାରା ସ୍ୱୀକୃତିପ୍ରାପ୍ତ ପାଠ୍ୟକ୍ରମ ସହିତ ସଫ୍ଟ ସ୍କିଲ୍ ଟ୍ରେନିଂ ମଧ୍ୟ ପ୍ରଦାନ କରାଯାଉଛି। ଜିଲାସ୍ତରରେ ପିଏ, ଆଇଟିଡିଏ ଏବଂ ଜିଲା ମଙ୍ଗଳ ଅଧିକାରୀ ଓ ଅନ୍ୟ ଅଧିକାରୀମାନେ ପ୍ରଶିକ୍ଷଣ କେନ୍ଦ୍ର ନିୟମିତ ଗସ୍ତକରି ସେମାନଙ୍କର ପ୍ରଶିକ୍ଷାର୍ଥୀଙ୍କ ସୁରକ୍ଷା ନିମନ୍ତେ ସୁସ୍ଥ ବାତାବରଣ ନିଶ୍ଚିତ କରିବେ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ବୈଷୟିକ ସହାୟତାରେ ପ୍ରୟାସ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ପ୍ରୟାସ ଯୋଜନା ଅଧୀନରେ ଏସ୍‌ଟି, ଏସ୍‌ସି, ଓବିସି ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବବର୍ଗଙ୍କୁ ନିଯୁକ୍ତିଭିତ୍ତିକ ତାଲିମ ପ୍ରଦାନ କରିବା ପାଇଁ ୩୨ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ସହିତ ବିଭାଗୀୟ ନିର୍ଦ୍ଦେଶକ (ଏସ୍‌ଟି) ଓ ବିଭାଗୀୟ ନିର୍ଦ୍ଦେଶକ (ଏସ୍‌ସି) ବିଭାଗ ପକ୍ଷରୁ ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସଭାପତିତ୍ୱ କରିଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା, ବିଭାଗୀୟ ନିର୍ଦ୍ଦେଶକ ଗୁହା ପୁନମ୍ ତାପସ କୁମାର, ନିୟୋଜନ ନିର୍ଦ୍ଦେଶାଳୟ ତଥା ସିଇଓ, ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ରେଘୁ ଜି., ବିଭାଗୀୟ ନିର୍ଦ୍ଦେଶକ (ଏସ୍‌ସି) ଲକ୍ଷ୍ମଣ ମଲ୍ଲିକ ଏବଂ ଓଏଫ୍‌ଏସ୍‌ଡିସିର ଜେନେରାଲ ମ୍ୟାନେଜର ଉପସ୍ଥିତ ଥିଲେ। ଭର୍ଚୁଆଲ ମାଧ୍ୟମରେ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟର ଯୁଗ୍ମସଚିବ ନଭଲ୍‌ଜିତ୍ କପୁର, ପିଏ, ଆଇଟିଡିଏ ଏବଂ ଜିଲା ମଙ୍ଗଳ ଅଧିକାରୀମାନେ ଯୋଗ ଦେଇଥିଲେ।

## ନନ୍ଦନକାନନକୁ ଆସିଲା ବଜ୍ରକାପ୍ତା

**ବାରଙ୍ଗ,୨୪।୧୧(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ବୁଧବାର ଏକ ବଜ୍ରକାପ୍ତା ଆସିଛି। ଫୁଲବାଣୀ ବାଲିଗୁଡ଼ା ରେଞ୍ଜର ବନ ବିଭାଗ କର୍ମଚାରୀ ଗତ ୧୮ତାରିଖରେ ଏହାକୁ ଜାତୀୟ ରାଜପଥ-୫୯ରେ ଜାକିକିଆ ଗାଁ ନିକଟରୁ ଉଦ୍ଧାର କରିବା ସହ ୨ଜଣଙ୍କୁ ଗିରଫ କରିଥିଲେ। ନନ୍ଦନକାନନରେ ବଜ୍ରକାପ୍ତାଟି ପହଞ୍ଚିବା ପରେ ତାକୁ ପ୍ରଜନନ କେନ୍ଦ୍ରରେ ରଖାଯାଇଛି।


With Best Compliments From:
JAGANNATH JEW JUNIOR & DEGREE COLLEGE & STAFF
ଏକ ଶାନ୍ତ ପରିବେଶରେ ଏଠାରେ ଶିକ୍ଷାଦାନ କରାଯାଏ।
Sj. Susanta Kumar Rout
Principal
Jagannath Jew College, Chadeidhara, Jajpur

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଶୁଭ ଅବସରରେ ଧର୍ମଶାଳାର ଅଗଣିତ ପାଠକ ପାଠିକା ଓ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ...
ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ପରିଡ଼ା
ପୂର୍ବତନ ବ୍ଲକ ଅଧ୍ୟକ୍ଷ, ଧର୍ମଶାଳା

With Best Compliments From:
DHARMASALA MAHILA DEGREE COLLEGE & STAFF
ଧର୍ମଶାଳା ବ୍ଲକର ମହିଳା କଲେଜରେ ଉତ୍ତମ ଶିକ୍ଷାଦାନ କରାଯାଏ।
Dr. Induprava Samal
Principal
Dharmasala Degree Mahila College

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଧରିତ୍ରୀ ପରିବାର ତଥା ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଗଣତନ୍ତ୍ର, ସମାଜବାଦ, ଧର୍ମନିରପେକ୍ଷତା ଏବଂ ଓଡ଼ିଆ ଜାତିର ସ୍ୱାଭିମାନକୁ ସାଙ୍ଗରେ ଧରି ଧରିତ୍ରୀ ତା'ର ଯାତ୍ରା ପଥରେ ଅଗ୍ରସର ହେଉ ଏହା ହିଁ ଶୁଭକାମନା।
ରବି ଲାବଣ୍ୟ
ପୂର୍ବତନ ବିଧାୟକ, ଧର୍ମଶାଳା
ପ୍ରତିଷ୍ଠାତା ସଭ୍ୟ, ବିଜୁ ଜନତା ଦଳ

With Best Compliments From:
PREMIER ROCK PRODUCTS PVT. LTD.
DANKARI, DHARMASALA, JAJPUR(ODISHA)
ଯୋଗାଯୋଗ କରନ୍ତୁ
ଏଠାରେ ଉନ୍ନତ ଧରଣର କଳା ଚିପ୍‌ସ, ମେଟାଲ, ବଜୁରି ଇତ୍ୟାଦି ସୁଲଭ ମୂଲ୍ୟରେ ମିଳେ।

With Best Compliments From:
DHARMASALA MAHILA JUNIOR COLLEGE & STAFF
ମହିଳାମାନେ ଉଚ୍ଚଶିକ୍ଷା ପାଇଁ ଏଠାରେ ଅଧ୍ୟୟନରତ।
Smt. Namita Parida
Principal
DHARMASALA MAHILA JUNIOR COLLEGE

With Best Compliments From:
AMA POLICE
DHARMASALA, JAJPUR
Sj. Rajesh Kumar Tripathy
INSPECTOR IN-CHARGE
DHARMASALA POLICE STATION

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଶୁଭ ଅବସରରେ ଧର୍ମଶାଳାର ଅଗଣିତ ଯୁବ, ଛାତ୍ର, ଭାଇ-ଭଉଣୀ, ମଉସା-ମାଉସୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ।
ଚିତ୍ତରଞ୍ଜନ ଦାସ
'ଏ' କ୍ଲାସ୍ କଣ୍ଟ୍ରାକ୍ଟର
ଜାରକା, ଧର୍ମଶାଳା, ଯାଜପୁର, ମୋ-୯୪୩୭୩୭୭୬୮୫

With Best Compliments From:
JENAPUR JUNIOR COLLEGE PRINCIPAL & STAFF
ବ୍ରାହ୍ମଣୀ ନଦୀର ଅବବାହିକାରେ ଏକ ସୁସ୍ଥ ଓ ଶାନ୍ତ ପରିବେଶରେ ପ୍ରତିଷ୍ଠିତ କଲେଜରେ ବହୁ ଛାତ୍ରଛାତ୍ରୀ ଅଧ୍ୟୟନରତ।
Rabindra Kumar Das
Principal
Jenapur Jr. College

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଶୁଭ ଅବସରରେ
ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଓ ଧର୍ମଶାଳାର ସୁଦକ୍ଷ ବିଧାୟକ ଶ୍ରୀଯୁକ୍ତ ପ୍ରଣବ ବଳବନ୍ତରାୟଙ୍କ ଦୃଢ଼ ନେତୃତ୍ୱକୁ ସୁଦୃଢ଼ କରି ଧର୍ମଶାଳାକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ଦଳେ ଦଳେ ଯୋଗଦେବା।
ଶ୍ରୀଯୁକ୍ତ ଜଳଧର ମହାନ୍ତି
ବ୍ଲକ ବିଜେଡି ସଭାପତି

With Best Compliments From:
JAJPUR SAW MILL OWNERS ASSOCIATION
Ratikanta Samal, President
SK. Majrharbux
Deepak Ku. Behera, Joint Secy.
SAVE FOREST SAVE EARTH
LOVE INDUSTRY SAVE FOREST
JARAKA INDUSTRIAL ESTATE, DHARMASALA, JAJPUR

With Best Compliments From:
M/S BHUBANESWARI CONSTRUCTION
At: Bhuban, PO: Dharmasala
Dist: Jajpur, Pin-755008
SJ. AKSHAYA KUMAR NAYAK
Managing Partner
Office:
At: Jaraka, Jajpur-755050
E-mail: bhubaneswariconstruction@gmail.com

With Best Compliments From:
M/S. ASUTOSH CONSTRUCTION
KAIMA, DHARMASALA, JAJPUR
Prop- Sarat Chandra Nayak
Special work in- Irrigation, R.D., R & B
R.W.S. & S. Department





## ୮୧ ଡାକ୍ତରଙ୍କ ନିଯୁକ୍ତିକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ):** ରାଜ୍ୟ ସରକାର ରାଜ୍ୟର ବିଭିନ୍ନ ସ୍ଥାନରେ ଖାଲିଥିବା ଓଡ଼ିଶା ମେଡିକାଲ ଓ ସ୍ୱାସ୍ଥ୍ୟସେବା (ଓଏମ୍‌ଏଚ୍‌ଏସ୍) ଗ୍ରୁପ-ଏ (ଜୁନିୟର ବ୍ରାଞ୍ଚ)ରେ ଡାକ୍ତର ପଦବୀ ପୂରଣ କରିବାକୁ ଯାଉଛନ୍ତି। ଓଡ଼ିଶା ପବ୍ଲିକ୍ ସର୍ଭିସ କମିଶନ (ଓପିଏସ୍‌ସି)ଙ୍କ ମାଧ୍ୟମରେ ୮୧ ପଦବୀ ନିମନ୍ତେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ସମ୍ପୃକ୍ତ ପ୍ରାର୍ଥୀମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି।

## ନାବାଳିକା ଅପହରଣକାରୀଙ୍କୁ ଆଜୀବନ ଜେଲ

**କେନ୍ଦ୍ରାପଡ଼ା ଅଫିସ,୨୪।୧୧:** କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଓ ୩ ଲକ୍ଷ ଟଙ୍କା ମୁଣ୍ଡ ଜାମିନ ମାମଲା (ନଂ.୧୦୬/୧୪)ର ଶୁଣାଣି ବୁଧବାର ଶେଷ ହୋଇଛି। କେନ୍ଦ୍ରାପଡ଼ା ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟର ଆଡ୍‌ହକ ଏଡିଜେ ତ୍ରିବିକ୍ରମ କେଶରୀ ଚିନରା ଏହି ମାମଲାର ଶୁଣାଣି କରି ମୁଖ୍ୟ ଅଭିଯୁକ୍ତ ଜଗତସିଂହପୁର ଜିଲା ଢ଼ିଙ୍କିଆ ଗ୍ରାମର ପ୍ରଦୀପ ଓଝାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପ୍ରଦୀପଙ୍କୁ ଆଜୀବନ କାରାଦଣ୍ଡ ସହିତ ୫ ହଜାର ଟଙ୍କା ଜରିମାନା ହୋଇଛି। ଏସମ୍ପର୍କରେ ମାମଲାର ପରିଚାଳନାକାରୀ ପୋକ୍‌ସୋ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ମନୋଜ ସାହୁ ସୂଚନା ଦେଇଛନ୍ତି। ୨୦୧୪ ଏପ୍ରିଲ ୨୯ରେ ନାବାଳିକା ଜଣକ ଟ୍ୟୁଶନରୁ ଫେରୁଥିବା ସମୟରେ ପ୍ରଦୀପ ତାଙ୍କୁ ସଦର ଥାନା ଦୁହୁରିଆ ଅଞ୍ଚଳରୁ ଜୋର ଜବରଦସ୍ତ ଗୋଟିଏ କାରରେ ପୁରାଇ ଅପହରଣ କରି ନେଇଥିଲେ।

# ଜଳ ପରିଚାଳନାରେ ପ୍ରମୁଖ ଭୂମିକା ନେବେ ମହିଳା

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ)**

ରାଜ୍ୟ ଜଳ ସମ୍ପଦ ବିଭାଗ ଏବଂ ୟୁନିସେଫ ମଧ୍ୟରେ ବୁଧବାର ଅପରାହ୍ଣରେ ଏକ ବୁଝାମଣାପତ୍ର (ଏମ୍‌ୟୁ) ସ୍ୱାକ୍ଷରିତ ହୋଇଛି। ଜଳ ପରିଚାଳନାରେ ବିଭିନ୍ନ ଗୋଷ୍ଠୀଙ୍କୁ ନିୟୋଜିତ କରିବା, ଯତ୍ନଶୀଳ ଓ ବିଜ୍ଞତାର ସହ ଜଳର ସୁବ୍ୟବହାର, ବଣ୍ଟନରେ ସମାନତା, ସଂରକ୍ଷଣ, ପରିଚାଳନାରେ ମହିଳାମାନଙ୍କ ପ୍ରମୁଖ ଭାଗିଦାରିତା ତଥା ପ୍ରମୁଖ ଅଂଶୀଦାରମାନଙ୍କୁ ନେଇ ଜଳସେଚନ ପରିଚାଳନା କରିବା ଏହି ଉଦ୍ୟମର ଲକ୍ଷ୍ୟ ରହିଛି। ୟୁନିସେଫ ସହ ବୁଝାମଣାପତ୍ର ସ୍ୱାକ୍ଷର ପରିପ୍ରେକ୍ଷୀରେ ଜଳ ସମ୍ପଦ ବିଭାଗ ସଚିବ ଅନୁ ଗର୍ଗ କହିଲେ ଯେ, ଜଳ ସମ୍ପଦ ବିଭାଗ ପ୍ରଥମ ଥର ଅଧିକ ଗୋଷ୍ଠୀଙ୍କୁ ନିୟୋଜିତ କରି ଜଳ ପରିଚାଳନା, ଜଳ ସଂରକ୍ଷଣ ଓ ଜଳକୁ ପରିଷ୍କାର କରିବା ନେଇ ରହିଥିବା ଏହାର କ୍ଷମତା ନିୟନ୍ତ୍ରଣକୁ କୋହଳ କରୁଛି।




**ଜଳସମ୍ପଦ ବିଭାଗ, ୟୁନିସେଫ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର**

ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଆମକୁ କିପରି ଜଳ ପରିଚାଳନା କରିବାକୁ ହେବ ଏବଂ ଏ ସମ୍ପର୍କରେ ରହିଥିବା ପ୍ରମୁଖ 'ନିରନ୍ତର ବିକାଶଲକ୍ଷ୍ୟ' ସାଧନ ଯଥା- ସମସ୍ତଙ୍କ ପାଇଁ ନିରାପଦ ପାନୀୟ ଜଳର ସୁବିଧା,ପରିମଳ ଓ ସ୍ୱାସ୍ଥ୍ୟ ରକ୍ଷା,ଉନ୍ନତ ଗୁଣାତ୍ମକ ଜଳର ଉପଲବ୍ଧତା, ବର୍ଜ୍ୟଜଳର ପ୍ରକ୍ରିୟାକରଣ ଓ ନିରାପଦ ପୁନଃ ବ୍ୟବହାର, ଜଳ ପୁନଃ ବ୍ୟବହାର ଦକ୍ଷତା ବୃଦ୍ଧି, ସମନ୍ୱିତ ଜଳ ସମ୍ପଦର ପରିଚାଳନା,ଜଳସମ୍ପର୍କିତ ଭଳି ସଂସ୍ଥାର ସୁରକ୍ଷା ଓ ସଂରକ୍ଷଣ, ଜଳ ଓ ପରିମଳ ପରିଚାଳନାରେ ଦକ୍ଷତା ବୃଦ୍ଧି ନିମନ୍ତେ ସମସ୍ତ ଅଂଶୀଦାରବ୍ କାର୍ଯ୍ୟ କରିବା ପାଇଁ ପୁନଶ୍ଚ ଚିନ୍ତା କରିବା ପାଇଁ ବାଧ୍ୟ କରିଛି ବୋଲି ପ୍ରମୁଖ ଶାସନ ସଚିବ କହିଛନ୍ତି। ୟୁନିସେଫ୍‌ର ମୁଖ୍ୟ କ୍ଷେତ୍ର ଅଧିକାରୀ ମୋନିକା ନେଲସନ ବୁଝାମଣା ପତ୍ରରେ ସ୍ୱାକ୍ଷର କରି କହିଲେ ଯେ, ବହୁମାତ୍ରାରେ ସହରୀକରଣ, କୃଷି ପଦ୍ଧତିରେ ପରିବର୍ତ୍ତନ ଏବଂ ଶିଳ୍ପର ବୃଦ୍ଧି ଆମକୁ ନିରନ୍ତର ବିକାଶ ଲକ୍ଷ୍ୟ ସାଧନ ଏବଂ ଜଳ ଓ ଯୋଗାଯୋଗ ପାଇଁ ଅଧିକ ଯୋଜନାବଦ୍ଧ ଓ ତ୍ୱରିତ ବ୍ୟବସ୍ଥାରେ କାର୍ଯ୍ୟ କରିବାକୁ ବାଧ୍ୟ କରାଇଛି। ଏହି ପରିପ୍ରେକ୍ଷୀରେ ୱେବ୍‌ସାଇଟ୍ 'ୟୁଥ୍ ଫର୍ ୱାଟର'କୁ ପ୍ରମୁଖ ଶାସନ ସଚିବ ଗର୍ଗ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଳ ସମ୍ପଦ ବିଭାଗର ବରିଷ୍ଠ ପଦାଧିକାରୀ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

# ଭିମ୍‌ସାରରେ ପୁଣି ୧୬ କରୋନା ସଂକ୍ରମିତ

- ୫ ହଷ୍ଟେଲ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା
- ୩ ଶହ ନମୁନା ସଂଗ୍ରହ

**ସମ୍ବଲପୁର,୨୪।୧୧(ବ୍ୟୁରୋ)**

ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାରରେ ବୁଧବାର ଆଉ ୧୬ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ସଂକ୍ରମିତଙ୍କ ସଂଖ୍ୟା ୪୭ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରେ ଏମ୍‌ବିବିଏସ୍‌ର ୨୩ ଛାତ୍ରୀ ଓ ୨୪ ଛାତ୍ର ଅଛନ୍ତି। ପରିସ୍ଥିତିକୁ ଦେଖି ଜିଲା ପ୍ରଶାସନ ୫ ହଷ୍ଟେଲକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରିଛି। ସେଗୁଡିକ ହେଲା ସାବିତ୍ରୀ ଗିରି, ଗାର୍ଗି, ଚରକ, ଭୃଗୁ ଓ ପାତଞ୍ଜଳି। ସେହିପରି ଅପଲା ଗାର୍ଲସ ହଷ୍ଟେଲ, ଆତ୍ରେୟ, ବିଶ୍ୱାମିତ୍ର, ମାର୍କେଣ୍ଡେୟ ହଷ୍ଟେଲକୁ ବଫର ଜୋନ୍ ଭାବେ ଘୋଷଣା କରାଯାଇଛି। ଭିମ୍‌ସାର ଅଧ୍ୟକ୍ଷ ପ୍ରଫେସର ଲାଲମୋହନ ନାଏକ କହିଛନ୍ତି, ସଂକ୍ରମଣ ମୁକାବିଲା ପାଇଁ ବ୍ୟବସ୍ଥା କରାଯାଇଛି। ପରୀକ୍ଷା ପାଇଁ ୩ ଶହ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଛି। ଏବେ ମୋଟ ୪୭ ଜଣଙ୍କ ପଜିଟିଭ୍ ରିପୋର୍ଟ ଆସିଛି। ସମସ୍ତ ସଂକ୍ରମିତ ଆଇସୋଲେଶନରେ ରହିଛନ୍ତି। କୋଭିଡ୍ ସଂକ୍ରମଣ ବୃଦ୍ଧିକୁ ନେଇ ଅଫ୍‌ଲାଇନ ପରୀକ୍ଷା ବାତିଲ କରାଯାଇଛି। ସମ୍ବଲପୁର ମହାନଗର ନିଗମ ପକ୍ଷରୁ ବେଦବ୍ୟାସ ଗେଷ୍ଟ ହାଉସରେ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ସେଠାରେ ସ୍ୱାସ୍ଥ୍ୟ ବିଭାଗ, ଏସ୍‌ଏମ୍‌ସି କର୍ମଚାରୀ ଓ ପୋଲିସ ନିୟୋଜିତ ରହିଛନ୍ତି। ସମସ୍ତଙ୍କୁ ମାସ୍କ ପରିଧାନ ଓ ସାମାଜିକ ଦୂରତା ପାଳନ କରିବାକୁ ତାଗିଦ କରାଯାଉଛି।

# ମୁଖ୍ୟମନ୍ତ୍ରୀଙ୍କ କାର୍‌କେଡ୍‌କୁ ଅଣ୍ଡାମାଡ଼: ୩ ଗିରଫ



**ପୁରୀ ଅଫିସ,୨୪।୧୧:** ମୁଖ୍ୟମନ୍ତ୍ରୀ ପୁରୀ ଗସ୍ତ ବେଳେ ତାଙ୍କ କାରକେଡ୍‌କୁ ଅଣ୍ଡାମାଡ଼ କରିବା ଅଭିଯୋଗରେ ପୁରୀ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୁରୀ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାସ, ପ୍ରଦୀପ ପରିଡ଼ା ଓ ବିଭୂତି ଭୂଷଣ ରଥ। ପୋଲିସ ସେମାନଙ୍କ ବିରୋଧରେ ଆଇପିସି ଧାରା ୨୯୪, ୩୪୧, ୩୫୩, ୩୩୨, ୩୩୬, ୫୦୬ ଓ ନଂ.୩୪/୨୧ରେ ମାମଲା ରୁଜୁ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବା ପରେ ସେମାନଙ୍କୁ ଜେଲକୁ ନିଆଯାଇଛି। ଅନ୍ୟପଟେ ଅଭିଯୁକ୍ତ ପୋଲିସ ହେପାଜତରେ ଥିବାବେଳେ ତାଙ୍କ ସହ ଦୁର୍ବ୍ୟବହାର ସହ ମାରପିଟ୍ ହୋଇଥିବା ଅଭିଯୋଗ ଆଣିଛନ୍ତି। ପୋଲିସ ମାଡ଼ରେ ଜୟନ୍ତଙ୍କର କାନ ଫାଟି ଯାଇଛି। ଅଭିଯୁକ୍ତମାନଙ୍କ ଓକିଲ ବିଚାରପତିଙ୍କ ସମ୍ମୁଖରେ ଶରୀରରେ ହୋଇଥିବା କ୍ଷତସ୍ଥାନ ଦେଖାଇଥିବା ବେଳେ ପୋଲିସ କିଭଳି ଅମାନବୀୟ ବ୍ୟବହାର କରିଥିଲା ତାହା ଜଣାଇଥିଲେ। ଏ ନେଇ ଯୁବମୋର୍ଚ୍ଚା ସଭାପତି ଦାସ କହିଛନ୍ତି, ପ୍ରଥମେ ତାଙ୍କୁ ଘଟଣାସ୍ଥଳରୁ ଉଠାଇ ନେବା ପରେ ପୋଲିସ କୁମ୍ଭାରପଡ଼ା ଥାନାକୁ ନେଇଥିଲା। ଏହାପରେ ପୁରୀ ସହରର ବିଭିନ୍ନ ଆଇଆଇସି ଓ ପୋଲିସ ଅଧିକାରୀମାନେ ତାଙ୍କୁ ପ୍ଲାଷ୍ଟିକ ପାଇପରେ ମାଡ଼ ମାରିବା ସହ ତାଙ୍କ ସ୍ତ୍ରୀଙ୍କ ନାମରେ ଅଶ୍ଳୀଳ କଥା କହିଥିଲେ। ଏହାକୁ ଜୟନ୍ତ ବିରୋଧ କରିବାରୁ ଅଧିକ ମାଡ଼ ମାରିଥିଲେ। ପରେ ତାଙ୍କୁ ସେଠାରୁ ମେରାଇନ୍ ଡ୍ରାଇଭ୍ ଓ ପରେ ରାମଚଣ୍ଡୀ ଥାନା ନିଆଯାଇଥିଲା। ଅନ୍ୟପକ୍ଷରେ ଜୟନ୍ତ ଓ ତାଙ୍କ ସହଯୋଗୀଙ୍କ ଗିରଫ ପରେ ପୁରୀ ସହରରେ ଯୁବମୋର୍ଚ୍ଚା ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଥିଲା। ଅଠରନଳା ଛକଠାରେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ରାସ୍ତାରୋକୋ କରାଯାଇଥିବା ବେଳେ ପୁରୀ ଭୁବନେଶ୍ୱର ମୁଖ୍ୟରାସ୍ତାରେ ଚଳାଚଳ ଠପ୍ ହୋଇଥିଲା। ସେହିଭଳି କୁମ୍ଭାରପଡ଼ା ଥାନା ସମ୍ମୁଖରେ ଜିଲା ଭାଜପା ସମସ୍ତ ନେତୃବୃନ୍ଦ ଉପସ୍ଥିତ ରହି ଟାୟାର ଜାଳି ରାସ୍ତାରୋକୋ ସହ ଧାରଣା ଦେଇଥିଲେ। ଏହି ଧାରଣାରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପ୍ରଭାତୀ ପରିଡ଼ା, ରବି ମଲ୍ଲିକ, ପ୍ରଭଞ୍ଜନ ମହାପାତ୍ର, ସୁରଥ ବିଶ୍ୱାଳ, ଆଶ୍ରିତ ପଟ୍ଟନାୟକ, ବିରଞ୍ଚି ତ୍ରିପାଠୀ ଓ ଓମପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।







## ନିଖୋଜ ଯୁବକଙ୍କ ମୃତଦେହ ଜବତ

**ଜଟଣୀ,୨୪।୧୧(ଡି.ଏନ୍.ଏ.):** ଜଟଣୀ ଥାନା ପୋଲିସ ବୁଧବାର ଏକ ପଥର ଖଣିରୁ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଜଟଣୀ ପୌରାଞ୍ଚଳ ରାମଚନ୍ଦ୍ରପୁର ବଜାର ଅଞ୍ଚଳର କେଶବ ଅଗ୍ରୱାଲ(୨୮)। କୌଣସି କାରଣରୁ କେଶବ ଗତ ୨୨ତାରିଖରୁ କେଉଁଆଡେ ଘରୁ ପଳାଇଯାଇଥିଲେ। ପରିବାରଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ଏନେଇ କେଶବ ନିଖୋଜ ଥିବା ନେଇ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଏଫ୍ଆଇସିସିଆଇ, ମିଶନ ଶକ୍ତି ଓ ଖବରକାଗଜ ସମ୍ବାଦ ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ, ହୋଟେଲ ସ୍ୱସ୍ତି ପ୍ରିମିୟମ, ପୂର୍ବାହ୍ନ ୧୧ଟା।
- ଜଗଦ୍‌ଗୁରୁ କ୍ରିପାଳୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୁସ୍ତକ ଉନ୍ମୋଚନ ସମାରୋହ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ସଂକ୍ଷେପରେ

### ସେବାଦଳ ସଦ୍‌ଭାବନା ସମାବେଶ ପାଇଁ ଜିଲା ପର୍ଯ୍ୟବେକ୍ଷକ ନିଯୁକ୍ତ

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ):** ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ଡିସେମ୍ବର ୨୬ରେ ହେବାକୁଥିବା ସଦ୍‌ଭାବନା ସମାବେଶର ସୁପରିଚାଳନା ପାଇଁ ଜିଲା ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ୧୦ଜଣ ରାଜ୍ୟସ୍ତରୀୟ କର୍ମକର୍ତ୍ତାଙ୍କୁ ସମସ୍ତ ଜିଲାର ଦାୟିତ୍ୱ ଦିଆଯାଇଛି। ନିରଦବରଣ ଖୁଣ୍ଟିଆଙ୍କୁ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଥିବାବେଳେ ସୁବାଷ ଚନ୍ଦ୍ର ପରିଡ଼ାଙ୍କୁ କେନ୍ଦ୍ରାପଡ଼ା, ଯାଜପୁର ଓ ଭଦ୍ରକ ଜିଲା ଦାୟିତ୍ୱ ଦିଆଯାଇଛି। ସେହିପରି ଅଶୋକ ସିଂହଙ୍କୁ କଟକ, କଟକ ନଗର ଓ ଜଗତ୍‌ସିଂହପୁର, ଦିଲୀପ କୁମାର ପଣ୍ଡାଙ୍କୁ ସମ୍ବଲପୁର, ବରଗଡ଼, କଳାହାଣ୍ଡି,ବଲାଙ୍ଗୀର ଓ ସୁବର୍ଣ୍ଣପୁର, ସେକ୍ ଚାନ୍ଦ ଉସୁମାନିଙ୍କୁ ନବରଙ୍ଗପୁର, ମାଲକାନଗିରି ଓ କୋରାପୁଟ, ମହମ୍ମଦ ଶାହାଦୁଲ୍ଲାଙ୍କୁ ଖୋର୍ଦ୍ଧା, ପୁରୀ ଓ ଭୁବନେଶ୍ୱର, ମନୋଜ ସାହୁଙ୍କୁ ନୟାଗଡ଼, କନ୍ଧମାଳ ଓ ବୌଦ୍ଧ, ମୁନୁ ସରାଫଙ୍କୁ ରାଉରକେଲା, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା, ପ୍ରଦୀପ କୁମାର ଦାସଙ୍କୁ ଢେଙ୍କାନାଳ ଓ ଅନୁଗୋଳ, କୁଳମଣି ସାହୁଙ୍କୁ ତ୍ରିଶୁଳିଆ ପ୍ରଶିକ୍ଷଣ ଶିବିର ଏବଂ ସୁଶାନ୍ତ କୁମାର ମହାରଣାଙ୍କୁ ନୂଆପଡ଼ା, ଦେବଗଡ଼, ଗଞ୍ଜାମ ଓ ଗଜପତି ଜିଲା ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି।

### ମମତା ପ୍ରଧାନଙ୍କୁ 'ଶାନ୍ତିସୁଧା ସମ୍ମାନ'

**ଭୁବନେଶ୍ୱର, ୨୪।୧୧ (ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ହେଲ୍ମେଟ୍ ଅନୁଷ୍ଠାନ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ମହାତ୍ମାଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ବର୍ଷ ପୂର୍ତ୍ତି ଉତ୍ସବ ୪ଦିନ ଧରି ପାଳିତ ହୋଇଯାଇଛି। ବୁଧବାର ବୁଦ୍ଧମନ୍ଦିରଠାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ 'ଅହିଂସା ସଫଳତାର ଚାବିକାଠି' ବିଷୟ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଶିକ୍ଷାବିତ୍ ତଥା ସାମାଜିକକର୍ମୀ ମମତା ପ୍ରଧାନଙ୍କୁ 'ଶାନ୍ତିସୁଧା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିଭଳି ୨୨ଜଣ ସାମାଜିକ କର୍ମୀଙ୍କ ସହିତ ଅନ୍ୟାନ୍ୟ କ୍ଷେତ୍ରରେ ସଫଳତା ଲାଭ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ 'ଗାନ୍ଧୀ ଓ ଓଡ଼ିଶା' ଶୀର୍ଷକ ଉପରେ ଏକ ପ୍ରଦର୍ଶନୀ କରାଯାଇ ଜନସମାଜକୁ ସଚେତନ କରାଯାଇଥିଲା। ବିଶେଷ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ମୁଖ୍ୟ ଅତିଥି ଭାବେ ପୂର୍ବତନ ଶିକ୍ଷା ସଚିବ ଡ. ଅରୁଣ କୁମାର ରଥ, ମୁଖ୍ୟବକ୍ତା ଭାବେ ଆୟକର ବିଭାଗ ମୁଖ୍ୟ ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଭାରତୀୟ ପ୍ରଶାସନିକ (ସେବା ନିବୃତ୍ତ) ଅଧିକାରୀ ସୁରେଶ ଚନ୍ଦ୍ର ମନ୍ତ୍ରୀ ଯୋଗଦେଇ ମତ ରଖିଥିଲେ। ପରେ ଜାତୀୟସ୍ତରରେ ସ୍କୁଲ୍ ଛାତ୍ରୀଛାତ୍ରଙ୍କୁ ନେଇ ଗାନ୍ଧୀ କୁଇଜ୍, ଗାନ୍ଧୀ ଭଜନ, ଦେଶାତ୍ମବୋଧ ସଙ୍ଗୀତ, ବକ୍ତୃତା, ଚିତ୍ରାଙ୍କନ, ଖଦୀ ଫ୍ୟାଶନ ଶୋ, ଭଗବତ୍ ଗୀତା ପାଠ ଆଦି ପ୍ରତିଯୋଗିତା ହୋଇଥିଲା। ଅନୁଷ୍ଠାନର ସମ୍ପାଦିକା ନିବେଦିତା ଭଞ୍ଜ ବିବରଣୀ ପାଠ କରିଥିଲେ।

# ସ୍ୱାମୀଙ୍କୁ ଥାନାରେ ହଟହଟା କଲେ ୨ ସ୍ତ୍ରୀ

- ମିଛ କହି ୩ଜଣଙ୍କୁ ବିବାହ କରି ସମ୍ପତ୍ତି ଲୁଟିଥିଲେ
- ଅଭିଯୁକ୍ତ ସ୍ୱାମୀ ଗିରଫ

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ)**


ଜଣେ ସ୍ତ୍ରୀ ଆଲୋକଙ୍କୁ ଆକ୍ରମଣ କରୁଛନ୍ତି।

ନିଜ ସମ୍ପର୍କରେ ମିଛ କଥା କହି ବିବାହ କରୁଥିଲେ। ମିଛ ପ୍ରତିଶ୍ରୁତି ଦେଇ ସମସ୍ତ ସମ୍ପତ୍ତି ଲୁଟିନେବା ପରେ ଆଉଜଣଙ୍କୁ ସ୍ତ୍ରୀ କରୁଥିଲେ। ଏମିତି ୩ଜଣଙ୍କୁ ବିବାହ କରିଥିବା ସ୍ୱାମୀଙ୍କୁ ଶେଷରେ ଥାନାରେ ହଟହଟା ହେବାକୁ ପଡିଛି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଉଥିବାବେଳେ ଦୁଇଜଣ ସ୍ତ୍ରୀ ତାଙ୍କୁ ମାଡ଼ମାରିବାକୁ ଉଦ୍ୟମ କରିବା ସହ ଟଣାଓଟରା ଓ ଠେଲାପେଲା କରିଛନ୍ତି। ବୁଧବାର ମଞ୍ଚେଶ୍ୱର ଥାନାରେ ଘଟିଥିବା ଏହି ଘଟଣାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ପ୍ରଥମ ଓ ଦ୍ୱିତୀୟ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ୨ଟି ପୃଥକ ମାମଲା (ନଂ. ୩୮୪, ୩୮୫/୨୧) ରୁଜୁ କରିବା ସହ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଦଉପୁର ଗ୍ରାମର ଆଲୋକ ଜେନା। ତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ମଞ୍ଚେଶ୍ୱର ଥାନା ଅଧିକାରୀ ସୁଧୀର କୁମାର ସାହୁ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଆଲୋକ ୧୪ବର୍ଷ ତଳେ ରସୁଲଗଡରେ ରୀନା ଜେନାଙ୍କୁ ବିବାହ କରି ତାଙ୍କ ଘରେ ରହିଥିଲେ। କିଛିଦିନ ପରେ ସେମାନେ ପଳାଶୁଣୀରେ ଆସି ରହିଥିଲେ। ହେଲେ ସ୍ୱାମୀ ଆଲୋକ ନିର୍ଯାତନା ଦେବାରୁ ରୀନା ତାଙ୍କ ବାପଘରକୁ ଚାଲି ଆସିଥିଲେ। ପୁଣି କିଛିଦିନ ପରେ ଆଲୋକ ତାଙ୍କ ପାଖରେ ଆସି ରହିଥିଲେ। ସ୍ୱାମୀଙ୍କୁ ରୋଜଗାରକ୍ଷମ କରିବା ପାଇଁ ରୀନା ଋଣ କରି ତାଙ୍କୁ ଅଟୋ ଓ କାର୍ କିଣାଇ ଦେଇଥିଲେ। ଉଭୟଙ୍କର ୨ଟି ପୁଅ ମଧ୍ୟ ଥିଲା। ୭ ବର୍ଷ ପରେ ଆଲୋକ ରୀନାଙ୍କୁ ଛାଡି ଚନ୍ଦ୍ରଶେଖରପୁର ଥାନା ନିଳାଦ୍ରୀବିହାରର ଅନୀତା ସେଠୀଙ୍କୁ ବିବାହ କରିଥିଲେ। ସେହି ସମୟରେ ଆଲୋକ ପ୍ରଥମ ସ୍ତ୍ରୀଙ୍କୁ ଛାଡପତ୍ର ଦେଇଥିବା ମିଛରେ କହିଥିଲେ। ସେମାନେ ୫ବର୍ଷ ହେଲା ସାଲିଆ ସାହିରେ ରହିଥିଲେ। ଗତ ଅକ୍ଟୋବରରେ ସେ ତାଙ୍କଠୁ ଗାଡି ସମେତ ସୁନାଗହଣା ନେଇ ଛାଡି ପଳାଇଥିଲେ। ସେ ଆଉ ଜଣେ ଝିଅକୁ ବିବାହ କରି ସତ୍ୟବିହାରସ୍ଥିତ ତାଙ୍କ ଭଉଣୀଘରେ ରହୁଥିଲେ। ଏନେଇ ପ୍ରଥମ ଓ ଦ୍ୱିତୀୟ ସ୍ତ୍ରୀ ଜାଣିବା ପରେ ତାଙ୍କ ମଧ୍ୟରେ କଳି ଝଗଡା ହୋଇଥିଲା। ଅନୀତା ମହିଳା ସଂଘ କର୍ମକର୍ତ୍ତାଙ୍କ ସହ ବୁଧବାର ଏନେଇ ଥାନାରେ ଅଭିଯୋଗ କରିବା ପୋଲିସ ସ୍ୱାମୀଙ୍କୁ ଉଠାଇ ଆଣିଥିଲା।

## ଓଡ଼ିଶାରେ ୭ଦିନ ଧରି ଗାନ୍ଧୀ ବାର୍ତ୍ତା ଦେବେ କୁମାର ପ୍ରଶାନ୍ତ

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ)**

ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ଆସନ୍ତା ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେବ। ଏହି ଅବସରରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ଗାନ୍ଧୀ ସ୍ମାରକ ନିଧି ଓ ରାଷ୍ଟ୍ରୀୟ ଯୁବା ସଂଗଠନ ପକ୍ଷରୁ ଗ୍ରାମସ୍ୱରାଜ, ସ୍ୱାବଲମ୍ବନ, ଅସ୍ପୃଶ୍ୟତା ନିବାରଣ, ସାମ୍ପ୍ରଦାୟିକ ସଦ୍‌ଭାବ, ନିଶା ନିବାରଣ ଆଦିର ବାର୍ତ୍ତା ଓଡିଶାବାସୀଙ୍କ ଭିତରେ ବାଣ୍ଟିବା ପାଇଁ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଷ୍ଟ୍ରୀୟ ଅଧ୍ୟକ୍ଷ କୁମାର ପ୍ରଶାନ୍ତ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ୭ଦିନ ଧରି ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳ ଗସ୍ତ କରି ରାଜ୍ୟବାସୀଙ୍କୁ ବାର୍ତ୍ତା ଦେବେ। ଆସନ୍ତା ୧ ଓ ୨ ତାରିଖ ସନ୍ଧ୍ୟାରେ ପ୍ରଶାନ୍ତ ଭୁବନେଶ୍ୱରସ୍ଥିତ ରାଜ୍ୟ ସ୍କାଉଟ୍ସ ଓ ଗାଇଡ୍ସ ପରିସରରେ ଗାନ୍ଧୀ କଥା ମାଧ୍ୟମରେ 'ଗାନ୍ଧୀ ଓ ସର୍ଦ୍ଦାର ପଟେଲ' ଏବଂ 'ଗାନ୍ଧୀ ଓ ଆଜିର ଭାରତ' ଉପରେ ବକ୍ତବ୍ୟ ରଖିବେ। ଏନେଇ ବୁଧବାର ଲୋହିଆ ଏକାଡେମୀରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ପ୍ରାଦେଶିକ ଅଧ୍ୟକ୍ଷ ଜଷ୍ଟିସ ମନୋରଞ୍ଜନ ମହାନ୍ତି, ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ, ଲୋହିଆ ଏକାଡେମୀ ସମ୍ପାଦକ ଦେବ ପ୍ରସାଦ ରାୟ, ରାଷ୍ଟ୍ରୀୟ ଯୁବା ସଙ୍ଗଠନ ରାଷ୍ଟ୍ରୀୟ ସମିତି ସଦସ୍ୟ ଡ. ବିଶ୍ୱଜିତ, ଗାନ୍ଧିବାଦୀ ମାନସ ମିଶ୍ର, ସୁରେଶ ଚନ୍ଦ୍ର ମହାନ୍ତି, ଗୌତମ ମହାନ୍ତି, ମାନସ ପଟ୍ଟନାୟକ, ଇଫ୍‌ତେକାର ଅହମଦ, ସାଗର ଦାସ, ତ୍ରିଲୋଚନ ମଲ୍ଲ, ପୁନେଶ ଦେହୁରୀ, ଦିଲ୍ଲୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ରାଧାନାଥଙ୍କ ଶ୍ରେଷ୍ଠ ଅନୁଗାମୀ ଥିଲେ ନୀଳକଣ୍ଠ



ସ୍ମାରକୀ ବକ୍ତୃତାରେ ଯୋଗଦେଇଥିବା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଓ ଅନ୍ୟ ଅତିଥିମାନେ।

**ଭୁବନେଶ୍ୱର, ୨୪।୧୧ (ବ୍ୟୁରୋ)**

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସ ସ୍ମାରକୀ ବକ୍ତୃତା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇ ପଣ୍ଡିତ ନୀଳକଣ୍ଠଙ୍କୁ ଋଷିଭାବେ ବର୍ଣ୍ଣନା କରିଥିଲେ। 'ମୁଁ ନୀଳକଣ୍ଠଙ୍କୁ ଯେମିତି ଜାଣେ' ପ୍ରସଙ୍ଗରେ ନିଜ ଅଭିବ୍ୟକ୍ତି ରଖି ସେ କହିଲେ, ଓଡ଼ିଶାର ଶିକ୍ଷା, ସଂସ୍କୃତି, ରାଜନୀତି, ସମାଜସେବା କ୍ଷେତ୍ରରେ ନୀଳକଣ୍ଠଙ୍କ ଅବଦାନ ଅତୁଳନୀୟ ଥିଲା। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଅଧ୍ୟକ୍ଷତା କରି ନୀଳକଣ୍ଠଙ୍କୁ ରାଧାନାଥଙ୍କ ବିରୋଧୀ ଭାବେ ଚିତ୍ରଣ କରାଯାଉଥିବା ପ୍ରସଙ୍ଗକୁ ଅସ୍ୱୀକାର କରିଥିଲେ। ନୀଳକଣ୍ଠ ବାସ୍ତବରେ ରାଧାନାଥଙ୍କ ଶ୍ରେଷ୍ଠ ଅନୁଗାମୀ ଥିଲେ ଏବଂ ରାଧାନାଥଙ୍କ ମହାଯାତ୍ରାକୁ ଅନୁସରଣ କରି ପ୍ରଣୟିନୀ କାବ୍ୟ ରଚନା କରିଥିଲେ। ସେ ଓଡ଼ିଆ ଅସ୍ମିତାର ପ୍ରତୀକ ଥିଲେ ବୋଲି କହିଥିଲେ।। ନୀଳକଣ୍ଠଙ୍କ ନିକଟ ସମ୍ପର୍କୀୟ ପ୍ରଫେସର ମଥୁରାନାଥ ଦାସ, ବରିଷ୍ଠ ଅଧିବକ୍ତା ଅଜିତ୍ ରଥ ଓ ଡ. ପୂର୍ଣ୍ଣେନ୍ଦୁ କୁମାର ଦାସ ଯୋଗଦେଇ ଅଭୁଲା ସ୍ମୃତିର ଅବତାରଣା କରିଥିଲେ। କାନାଡ଼ା ଓ ଆମେରିକାରେ ବାସ କରୁଥିବା ପଣ୍ଡିତଙ୍କ ନାତୁଣୀ ସୁମିତ୍ରା ପାଢ଼ୀ ଓ ଧରିତ୍ରୀ ମିଶ୍ର ଜେଜେଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ କେତେକ ରୋଚକ ଘଟଣାର ଅବତାରଣା କରି ଆଲେଖ୍ୟ ପଠାଇଥିଲେ। ବରିଷ୍ଠ ଲେଖକ ଧନେଶ୍ୱର ସାହୁ 'ନୀଳକଣ୍ଠ ଓ ଓଡ଼ିଶାର ନବଜାଗରଣ' ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନା ନୀଳକଣ୍ଠ ଓଡ଼ିଶାରେ ଜ୍ଞାନଭିତ୍ତିକ ସମାଜର ମୂଳଦୁଆ ପକାଇଥିଲେ ବୋଲି କହିଥିଲେ। ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ସ୍ୱାଗତ ଭାଷଣ ଓ ଉପବିଭାଗ ଅଧିକାରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଦେଇଥିଲେ।

## ଅଙ୍ଗନୱାଡ଼ି ଗୃହ ନିର୍ମାଣକୁ ନେଇ ଗ୍ରାମରେ ଉତ୍ତେଜନା

**ବାରଙ୍ଗ,୨୪।୧୧(ଡି.ଏନ୍.ଏ.)**

ଭୁବନପୁର ଗ୍ରାମମୁଣ୍ଡରେ ନିର୍ମାଣ ହେଉଥିବା ଏକ ଅଙ୍ଗନୱାଡି ଗୃହକୁ ନେଇ ଭୁବନପୁର ଗ୍ରାମରେ ବୁଧବାର ଉତ୍ତେଜନା ଦେଖାଦେଇଛି। ବ୍ଲକ ପ୍ରଶାସନ ଓ ଗ୍ରାମବାସୀଙ୍କ ସହମତିରେ ନିଷ୍ପତ୍ତି ମୁତାବକ ନିରୂପଣ ହୋଇଥିବା ଜାଗା ପରିବର୍ତ୍ତନକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏ ବିଷୟରେ ଗ୍ରାମବାସୀ ବିଡିଓ ଓ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଘଟଣାସ୍ଥଳ ପରିଦର୍ଶନ କରି କାର୍ଯ୍ୟବନ୍ଦ କରିବାକୁ ଅନୁରୋଧ କରିଥିଲେ ମଧ୍ୟ ପ୍ରତିଶ୍ରୁତି ଦେଇ କେହି ଆସି ନାହାନ୍ତି। ଯାହାକୁନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଛି।

ଭୁବନପୁର ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଗ୍ରାମରେ ଅଙ୍ଗନୱାଡି ଗୃହ ନ ଥିବାରୁ ଗ୍ରାମକୋଠ ଘରେ ପିଲାମାନେ ପାଠ ପଢୁଛନ୍ତି। ବ୍ଲକ ପକ୍ଷରୁ ନୂତନ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ପ୍ରଶାସନ ଓ ଗ୍ରାମବାସୀଙ୍କ ସହମତିରେ ଗ୍ରାମମୁଣ୍ଡରେ ଥିବା ଏକ ପୋଖରୀକୁ ପୋତାଯାଇ ସେଠାରେ ନୂଆ ଅଙ୍ଗନୱାଡ଼ି ଗୃହ ନିର୍ମାଣ ହେବାକୁ ସିଦ୍ଧାନ୍ତ ହୋଇଥିଲା। ପାଖରେ ଥିବା ଗୋଚର ଜାଗାରୁ ମାଟିଉଠି ଏହାକୁ ପୋତାଯାଇଥିଲା। ପରବର୍ତ୍ତୀ ସମୟରେ କୌଣସି କାରଣକୁ ନେଇ ଏହି ଜାଗାକୁ ପରିବର୍ତ୍ତନ କରାଯାଇ ଅନ୍ୟ ଏକ ସ୍ଥାନରେ ହେବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ମଙ୍ଗଳବାର ସକାଳେ ପୁଣି ଜାଗା ପରିବର୍ତ୍ତନ କରି ଅନ୍ୟ ଜାଗାରେ ହେବା ପାଇଁ ନିଅଁ ଖୋଳାଯାଇଥିଲା। ବୁଧବାର ସକାଳେ କାର୍ଯ୍ୟ ଆରମ୍ଭ ହେବାପରେ ଗ୍ରାମବାସୀ ଠିକାଦାରଙ୍କୁ କାର୍ଯ୍ୟବନ୍ଦ କରି ଆଲୋଚନା କରିବାକୁ କହିଥିଲେ। କିନ୍ତୁ ଠିକାଦାର ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବାରୁ ଗ୍ରାମବାସୀ ବିଡିଓ ଓ ତହସିଲଦାରଙ୍କୁ ଜଣାଇଥିଲେ। ଅପରାହ୍ନରେ ବିଡିଓ ଆସିଥିଲେ ମଧ୍ୟ ଗ୍ରାମବାସୀଙ୍କ ସହ ଆଲୋଚନା ନ କରି ଫେରିଯାଇଥିବା ଘଟଣାକୁ ଗ୍ରାମବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଫଳରେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥାକୁ ଆପଣେଇବାକୁ ଯାଉଥିବା କହିଛନ୍ତି। ଏ ସମ୍ପର୍କରେ ବିଡିଓ ପ୍ରଭାକର ପଣ୍ଡାଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେବାକୁ ମନା କରି ଦେଇଥିଲେ।

## ପେନ୍‌ସନ ସମ୍ପର୍କିତ ଅଭିଯୋଗ ରଖିଲେ ଅବସରପ୍ରାପ୍ତ ନୌସୈନିକ




**ଭୁବନେଶ୍ୱର,୨୪।୧୧(ବ୍ୟୁରୋ)**

ଭେଟେରାନ୍ସ କ୍ଲବ୍ ଓଡ଼ିଶା ପକ୍ଷରୁ ଅବସରପ୍ରାପ୍ତ ନୌସୈନିକଙ୍କ ପେନସନ ସମ୍ପର୍କିତ ଏକ ଇପିପିଓ ଅଭିଯୋଗ କାର୍ଯ୍ୟଶାଳା ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ନୌସେନା ରକ୍ଷା ଲେଖା ନିର୍ଦ୍ଦେଶକ କାର୍ଯ୍ୟାଳୟ ମୁମ୍ବାଇ ପକ୍ଷରୁ କେନ୍ଦ୍ରୀୟ ଅଧିକାରୀ ଜଗଦୀଶ ସପ୍‌କାଲେ, ନୌସେନା ପେନ୍‌ସନ୍ ବିଭାଗ ମୁମ୍ବାଇର ବରିଷ୍ଠ ନୌସେନା ଅଧିକାରୀ କମୋଡୋର ଶ୍ରୀଧର ରାମସ୍ୱାମୀ ଏବଂ ବରିଷ୍ଠ ନୌସୈନିକ ଅନିଶ୍‌ମୌର୍ଯ୍ୟ ଉପସ୍ଥିତ ଥିଲେ। ଓଡିଶାର ବିଭିନ୍ନ ପ୍ରାନ୍ତରେ ଥିବା ୧୦୪ଜଣ ଓ ପ୍ରତ୍ୟକ୍ଷ ଭାବରେ ୫୦ଜଣ ପୂର୍ବତନ ନୌସୈନିକ ତାଙ୍କର ଅଭିଯୋଗ ଦର୍ଶାଇଥିବାବେଳେ ୧୦୪ଜଣଙ୍କର ଅଭିଯୋଗ ସମସ୍ତଙ୍କ ଉପସ୍ଥିତିରେ ଜଗଦୀଶଙ୍କୁ ହସ୍ତାନ୍ତର କରାଯାଇଥିଲା। ଭେଟେରାନ୍ସ କ୍ଲବ୍ ଓଡ଼ିଶାର ସଭାପତି ଭେଟେରାନ୍ ବିଦ୍ୟାଧର ନାୟକ କୃତଜ୍ଞତା ଜ୍ଞାପନ କରିଥିଲେ। ଭେଟେରାନ୍ ସମରେନ୍ଦ୍ର ପରିଜା, ସେନାପଦକ ପ୍ରାପ୍ତ କମାଣ୍ଡୋ ରବୀନ୍ଦ୍ର କୁମାର ସାହୁ, ଗୋପୀନାଥ ମିଶ୍ର, କାଳୀ ପ୍ରସାଦ ମିଶ୍ର, ଚିନ୍ମୟ କୁମାର ହୋତା, ଶେଷଦେବ ମିଶ୍ର, ଦୀନବନ୍ଧୁ ଷଡ଼ଙ୍ଗୀ, ଅଜୟ କୁମାର ନାୟକ, ମହେଶ୍ୱର ଦୀକ୍ଷିତ୍, ରମେଶ ଚନ୍ଦ୍ର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ଅରୁଣା ମହାନ୍ତିଙ୍କୁ 'ସ୍ୱକୀୟା କଳା ସମ୍ମାନ'

**ଭୁବନେଶ୍ୱର, ୨୪।୧୧ (ବ୍ୟୁରୋ)**

ସ୍ୱକୀୟା ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ବାର୍ଷିକ ଓଡ଼ିଶୀ ନୃତ୍ୟ ମହୋତ୍ସବ ସ୍ୱକୀୟା କଳା ସମ୍ମାନ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଓଡ଼ିଶୀ ନୃତ୍ୟ ଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କୁ 'ସ୍ୱକୀୟା କଳା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ପର୍ବରେ ନୃତ୍ୟ ଗୁରୁ ଅରୁଣା ମହାନ୍ତିଙ୍କ ଦ୍ୱାରା 'ଭୂମିସୂତା' ପରିବେଷିତ ହୋଇଥିଲା। ଦିଲ୍ଲୀର ନୃତ୍ୟଶିଳ୍ପୀ ସୁବ୍ରତା ତ୍ରିପାଠୀଙ୍କ 'କପି ମଧୁରିମା' ନୃତ୍ୟ, ଫାଉଣ୍ଡେଶନର ଶିଳ୍ପୀ ଶ୍ରେୟା, ବୈଷ୍ଣବୀ, ଇନ୍ଦ୍ରାଣୀ, ଆରାଧ୍ୟ ପ୍ରମୁଖଙ୍କ ଦ୍ୱାରା ପଦବନ୍ଦେ ଗଣନାଥ ନୃତ୍ୟ ପରିବେଷଣ କରାଯାଇଥିଲା। ସ୍ୱାନନ୍ଦା ବିଶ୍ୱାଳଙ୍କ ବଟୁନୃତ୍ୟ, ଦିବ୍ୟଙ୍କା ଦିବ୍ୟ ଦର୍ଶିନୀଙ୍କ ନବଦୁର୍ଗା, ଅନନ୍ୟା ପ୍ରିୟଦର୍ଶିନୀଙ୍କ ଶଙ୍କରାଭରଣ ପଲ୍ଲବୀ ଓ ଶ୍ରୀଲଗ୍ନା ପତିଙ୍କ ଧ୍ୟାୟେ ସୁବର୍ଣ୍ଣବର୍ଣ୍ଣ ନୃତ୍ୟ ଅନ୍ୟତମ ଆକର୍ଷଣ ସାଜିଥିଲା। ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ଟ୍ରଷ୍ଟର ପ୍ରତିଷ୍ଠାତା ତଥା ଓଡ଼ିଶୀ ନୃତ୍ୟଗୁରୁ ଯୁଧିଷ୍ଠିର ନାୟକ, ଜ୍ୟୋତ୍ସ୍ନାରାଣୀ ନାୟକ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ସର୍ବେକ୍ଷଣରେ ଓଡ଼ିଶାର ଉଲ୍ଲେଖନୀୟ ଅଗ୍ରଗତି

**ଭୁବନେଶ୍ୱର,୨୪।୧୧ (ବ୍ୟୁରୋ)**

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫ ଫଳାଫଳ ପ୍ରକାଶ ପାଇଛି। ପ୍ରମୁଖ ଖାଦ୍ୟ-ପୋଷଣ ସୂଚକାଙ୍କରେ ଓଡ଼ିଶାର ଉଲ୍ଲେଖନୀୟ ଅଗ୍ରଗତି ପରିଲକ୍ଷିତ ହୋଇଛି। ସ୍ୱାସ୍ଥ୍ୟ ସର୍ବେକ୍ଷଣ-୪ ତୁଳନାରେ ଶିଶୁଙ୍କ ଟିକାକରଣରେ ମଧ୍ୟ ଉନ୍ନତି ଘଟିଥିବା ଜଣାଯାଇଛି । ରାଜ୍ୟରେ୯୦.୭୫ ପ୍ରତିଶତ ଶିଶୁଙ୍କ ସମ୍ପୂର୍ଣ୍ଣ ଟିକାକରଣ ହୋଇଛି। ଉପଯୁକ୍ତ ପୋଷଣ ଅଭାବରୁ ବୟସାନୁପାତରେ ଉଚ୍ଚତା କମ୍ ରହୁଥିବା ପିଲାଙ୍କ ସଂଖ୍ୟା ଗତ ଫଳାଫଳ ଅନୁସାରେ ଚଳିତ ଥର ୩.୧ ପ୍ରତିଶତ କମିଥିବାବେଳେ ଉପଯୁକ୍ତ ଚିକିତ୍ସା ଅଭାବରୁ ମୃତ୍ୟୁ ସମ୍ଭାବନା ଥିବା ଶିଶୁଙ୍କ ପ୍ରତିଶତ ୨.୩କୁ ହ୍ରାସ ପାଇଛି ଓ କମ୍ ଓଜନ ଶିଶୁଙ୍କ ସଂଖ୍ୟା ୭ ପ୍ରତିଶତ କମିଥିବା ଜଣାପଡିଛି। ଶିଶୁ ଜନ୍ମପରେ ପ୍ରଥମ ସ୍ତନ୍ୟପାନ କରିଥିବା ଶିଶୁଙ୍କ ସୂଚକାଙ୍କ ସ୍ୱାସ୍ଥ୍ୟ ସର୍ବେକ୍ଷଣ-୪ରେ ୬୫.୬ ପ୍ରତିଶତ ଥିବାବେଳେ ସର୍ବେକ୍ଷଣ-୫ରେ ଏହା ୭୨.୯ ପ୍ରତିଶତକୁ ଏବଂ ପରିପୂରକ ପୋଷକ ୫୪.୯ ପ୍ରତିଶତରୁ ୬୭ ପ୍ରତିଶତକୁ ବୃଦ୍ଧି ପାଇଛି। ଆବଶ୍ୟକ ପରିମାଣରେ ଖାଦ୍ୟ ଗ୍ରହଣ କରୁଥିବା ୬ରୁ ୨୩ ମାସର ଶିଶୁଙ୍କ ପ୍ରତିଶତରେ ମଧ୍ୟ ଉନ୍ନତି ଘଟିଛି ବୋଲି ଉକ୍ତ ରିପୋର୍ଟକୁ ଆଧାର କରି ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ସୂଚନା ଦେଇଛି।

## ରକ୍ତଦାନ ଶିବିରରେ ପୁସ୍ତକ ମେଳା

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ)**

ପୋଲିସ କମିଶନରେଟ୍ ରେଡ୍‌କ୍ରସ୍ ପକ୍ଷରୁ ଭିଏସ୍ଏସ୍ ନଗରରେ ପ୍ରଥମଥର ପାଇଁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଛୋଟ ପୁସ୍ତକ ମେଳା ଦେଖିବାକୁ ମିଳିଥିଲା। ଓଡିଶା ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରବର୍ତ୍ତକ ସଂଘର ପ୍ରତିଷ୍ଠାତା ସଭାପତି ଅଧିବକ୍ତା ଦିଲୀପ ଦାଶଶର୍ମା ଶିବିରର ଆୟୋଜନ କରିଥିଲେ। ଶର୍ମାଙ୍କ ଦ୍ୱାରା ସଂଗୃହୀତ ଗତ ୨୦ ବର୍ଷର ସ୍ୱେଚ୍ଛାକୃତ ରକ୍ତଦାନ ସମ୍ପର୍କରେ ପୁସ୍ତକ, ଭାରତ ସରକାରଙ୍କ ରକ୍ତଦାନ ପାଇଁ ନୀତି ଓ ନିର୍ଦ୍ଦେଶାବଳୀ ପୁସ୍ତକ, ବିଭିନ୍ନ ରାଜ୍ୟରେ ପ୍ରକାଶିତ ପୁସ୍ତକ, ରାଜ୍ୟ ଓ ଜାତୀୟ ସ୍ତରୀୟ କନଫରେନ୍ସର ବ୍ୟାଚ୍, ପତ୍ର, ପତ୍ରିକା, ଖବର କାଗଜରେ ପ୍ରକାଶିତ ବିଭିନ୍ନ ଲେଖା, ଓଡିଶାରେ ଆୟୋଜନ ହୋଇଥିବା ସର୍ବବୃହତ ରକ୍ତଦାନ ଶିବିରର ପୁସ୍ତକ, ପୋଷ୍ଟର, ଲଫ୍‌ଲେଟ, ବିଭିନ୍ନ ସାମଗ୍ରୀ ଓ ବିଭିନ୍ନ ରାଜ୍ୟରେ ପ୍ରକାଶ ପାଇଥିବା ସ୍ମରଣିକା ଇତ୍ୟାଦି ଶିବିରରେ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୋଲିସ କମିଶନର ତଥା ଆଞ୍ଚଳିକ ରେଡ୍‌କ୍ରସ ଶାଖା ଅଧ୍ୟକ୍ଷ ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇଥିଲେ।

## ସ୍ୱାଧୀନତା ସଂଗ୍ରାମୀ ଦଧୀଚି ସାହୁଙ୍କ ବିୟୋଗରେ ଶୋକସଭା

**ଭୁବନେଶ୍ୱର, ୨୪।୧୧ (ବ୍ୟୁରୋ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ପ୍ରଦେଶ କଂଗ୍ରେସ ସେବାଦଳର ପୂର୍ବତନ ରାଜ୍ୟ ମୁଖ୍ୟ ସଙ୍ଗଠକ ଦଧୀଚି ସାହୁଙ୍କ ବିୟୋଗରେ ପିସିସି ପକ୍ଷରୁ ଶୋକ ପ୍ରକାଶ ପାଇଛି। ପ୍ରଦେଶ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଦଧୀଚିଙ୍କ ଆତ୍ମାର ସଦ୍‌ଗତି ପାଇଁ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ, ସେବାଦଳ ସଂଗଠନକୁ ତୃଣମୂଳସ୍ତରରେ ପହଞ୍ଚାଇବାରେ ଦଧିଚି ସାହୁଙ୍କର କର୍ତ୍ତବ୍ୟନିଷ୍ଠତା ଥିଲା। ସେବାକାର୍ଯ୍ୟ ପାଇଁ ରାଷ୍ଟ୍ରପତିଙ୍କଠାରୁ ସେ ଦୁଇଥର ସମ୍ବର୍ଦ୍ଧିତ ହୋଇଥିଲେ।


ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଶିଳାନ୍ୟାସ ଅବସରରେ ବୁଧବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷ୍ଣନ୍ କୁମାର ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତୁତ ମଡେଲକୁ ଦେଖାଉଛନ୍ତି।


ଭାରତୀୟ ନୌସେନା ତାଲିମ କେନ୍ଦ୍ର ପରିସର ଚିଲିକାରେ ଅନୁଷ୍ଠିତ ନୌକା ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ଓଡ଼ିଶା ଏନ୍‌ସିସି କ୍ୟାଡେଟ୍ ଦଳଙ୍କୁ ବୁଧବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସମ୍ମାନିତ କରୁଛନ୍ତି।


ଭୁବନେଶ୍ୱର ୟୁନିଟ-୩ସ୍ଥିତ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍‌ସ କାର୍ଯ୍ୟାଳୟ ପରିସରରେ ବୁଧବାର କେନ୍ଦ୍ରାଞ୍ଚଳ ଅଧୀନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଅଧ୍ୟକ୍ଷଙ୍କ ସମ୍ମିଳନୀକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ମହିଳାଙ୍କ ବିକାଶରେ ବିଶ୍ୱର ବିକାଶ

**ଅନ୍ତର୍ଜାତୀୟ ମହିଳା ହିଂସା ଦୂରୀକରଣ ଦିବସ**

ପାରିବାରିକ ଜୀବନରେ ମହିଳାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ସମାଜ ତଥା ଦେଶ ଏବଂ ସର୍ବୋପରି ପୃଥିବୀର ସାମଗ୍ରିକ ବିକାଶରେ ମହିଳାଙ୍କର ଭୂମିକା ଅପରିହାର୍ଯ୍ୟ ହୋଇଥାଏ। ମହିଳାଙ୍କ ବିକାଶ ମାଧ୍ୟମରେ ଯେକୌଣସି ଦେଶର ବିକାଶ ସମ୍ଭବ ହୋଇପାରିଥାଏ।ମାତ୍ର ମହିଳାଙ୍କ ଉପରେ ବୃଦ୍ଧି ପାଉଥିବା ବିଭିନ୍ନ ହିଂସା ଘଟଣା ଯୋଗୁ ସଙ୍କଟ ସୃଷ୍ଟି ହୋଇଥାଏ। ଏନେଇ ସଚେତନତା ସୃଷ୍ଟି ଲାଗି ବିଶ୍ୱସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ପ୍ରତିବର୍ଷ ନଭେମ୍ବର ୨୫ରେ ମହିଳାଙ୍କ ଉପରେ ହେଉଥିବା ହିଂସା ଦୂରୀକରଣ ଦିବସ ପାଳିତ ହୋଇଥାଏ। ୧୯୭୯ରେ ଜାତିସଂଘ ସାଧାରଣ ସଭା ପକ୍ଷରୁ ମହିଳାଙ୍କ ପ୍ରତି ହେଉଥିବା ସମସ୍ତ ପ୍ରକାରର ଭେଦଭାବ ବିଲୋପ ସମ୍ମିଳନୀ (ସିଇଡିଏଡବ୍ଲ୍ୟୁ)ରେ ଏସମ୍ପର୍କରେ ଘୋଷଣା କରାଯାଇଥିଲା।ମହିଳା ଅଧିକାର କର୍ମୀମାନଙ୍କ ପକ୍ଷରୁ ୧୯୮୧ଠାରୁ ଲିଙ୍ଗଭିତ୍ତିକ ହିଂସା ବିରୋଧରେ ୨୫ ନଭେମ୍ବରରେ ଏହି ଦିବସ ପାଳନ କରାଯିବାକୁ ପ୍ରସ୍ତାବ ଆଗତ କରାଯାଇଥିଲା। ଶେଷରେ, ୭ ଫେବୃଆରୀ ୨୦୦୦ରେ, ଜାତିସଂଘର ସାଧାରଣ ସଭା ପକ୍ଷରୁ ୫୪/୧୩୪ ରେଜୋଲ୍ୟୁଶନ ଗ୍ରହଣ କରାଯାଇ, ଆନୁଷ୍ଠାନିକ ଭାବରେ ୨୫ ନଭେମ୍ବରକୁ ମହିଳାଙ୍କ ପ୍ରତି ହେଉଥିବା ହିଂସାକୁ ଦୂର କରିବା ପାଇଁ ଅନ୍ତର୍ଜାତୀୟ ଦିବସ ଭାବେ ପାଳନ କରିବାକୁ ଘୋଷଣା କରାଯାଇଥିଲା। ସେବେଠାରୁ ଏହି ଦିବସ ପାଳିତ ହୋଇ ଆସୁଛି।

୨୦୦୮ରେ ଏକ୍ଷେତ୍ରରେ ଆଉ ଏକ ନୂତନ ପଦକ୍ଷେପ ଆରମ୍ଭ ହୋଇଥିଲା। ମହିଳାଙ୍କ ପ୍ରତି ହିଂସାକୁ ଶେଷ କରିବା ପାଇଁ ୟୁନିଟ୍ ନାମକ ଏକ ସଂଗଠନ ଗଠନ କରାଯାଇଥିଲା। ସମଗ୍ର ବିଶ୍ୱରେ ମହିଳା ଓ ଝିଅଙ୍କ ପ୍ରତି ହେଉଥିବା ହିଂସାକୁ ସମାପ୍ତ କରିବା ପାଇଁ ସମର୍ପିତ ନୀତି ନିର୍ଦ୍ଧାରଣ ଏବଂ ଉତ୍ସଗୁଡ଼ିକ ବୃଦ୍ଧି କରିବା ସହିତ ଏହି ପ୍ରସଙ୍ଗରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହାର ମୁଖ୍ୟ ଲକ୍ଷ୍ୟ।

# ଗୋବରରୁ ଉତ୍ପନ୍ନ ହେବ ବିଜୁଳି

**ଲଣ୍ଡନ:** ଗୋବରରୁ ବିଦ୍ୟୁତ ଉତ୍ପନ୍ନ ହେବ। ବ୍ରିଟିଶ କୃଷକମାନେ ଗୋବରରୁ ବିଦ୍ୟୁତ ପାଇଁ ଏକ ବିକଳ୍ପ ବ୍ୟବସ୍ଥା ପ୍ରସ୍ତୁତ କରିଛନ୍ତି। କୃଷକଙ୍କ ଏକ ଗୋଷ୍ଠୀ ଅନୁଯାୟୀ, ସେମାନେ ଗୋବରରୁ ଏପରି ପାଉଡର ପ୍ରସ୍ତୁତ କରିଛନ୍ତି, ଯେଉଁଥିରୁ ବ୍ୟାଟେରୀ ତିଆରି ହୋଇପାରିବ। ବ୍ରିଟେନର କୃଷକମାନେ ଏକ କିଲୋଗ୍ରାମ ଗୋବରରୁ ପର୍ଯ୍ୟାପ୍ତ ବିଦ୍ୟୁତ ଶକ୍ତି ଉତ୍ପାଦନ କରିଛନ୍ତି, ଯାହାଦ୍ୱାରା କ୍ରମାଗତ ଭାବରେ ୫ ଘଣ୍ଟା ପାଇଁ ଏକ ଭ୍ୟାକ୍ୟୁମ କ୍ଲିନର୍ ଚାଲିପାରିବ। ଗୋବରରୁ ପାଉଡର ତିଆରି କରି ଏହି ବ୍ୟାଟେରୀ ପ୍ରସ୍ତୁତ କରାଯାଇଛି। ଗୋବରରୁ ଅତିକମ୍‌ରେ ତିନୋଟି ଘରକୁ ବର୍ଷସାରା ଆରାମରେ ବିଦ୍ୟୁତ ଯୋଗାଣ ହୋଇପାରିବ। ଏହା ବ୍ୟତୀତ କେବଳ ଏକ କିଲୋଗ୍ରାମ ଗୋବରରୁ ୩.୭୫ କିଲୋୱାଟ ବିଦ୍ୟୁତ ଉତ୍ପାଦନ ହୋଇପାରିବ। ଯଦି ୪, ୬୦,୦୦୦ ଗାଈଙ୍କ ଗୋବରରୁ ବିଦ୍ୟୁତ ତିଆରି ହୁଏ, ତେବେ ୧୨ ଲକ୍ଷ ଘର ବିଦ୍ୟୁତ ପାଇପାରିବେ।

# କ୍ରିସ୍ ମୋତେ ଚୋରି କରିପାରିବେ



ପ୍ରିୟଙ୍କା ଚୋପ୍ରା

**ମୁମ୍ବାଇ:** ବଲିଉଡ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରୁ ସ୍ୱାମୀ ନିକ ଜୋନସ୍‌ଙ୍କ ନାମ ହଟାଇବା ପରଠାରୁ ଚର୍ଚ୍ଚା ଲାଗିରହିଛି। ଉଭୟେ ପରସ୍ପରକୁ ଛାଡ଼ପତ୍ର ଦେବାକୁ ପ୍ରସ୍ତୁତ ହେଉଥିବା ପ୍ରଶଂସକମାନେ ଆଲୋଚନା କରୁଛନ୍ତି। ଏ ସବୁ ଭିତରେ ପ୍ରିୟଙ୍କା ନେଟଫ୍ଲିକ୍ସର ଜୋନ୍‌ସ ବ୍ରଦର୍ସ ଫ୍ୟାମିଲି ରୋଷ୍ଟରେ ନଜର ଆସିଥିଲେ। ଏହି ସମୟରେ ପ୍ରିୟଙ୍କା ତାଙ୍କ ବିବାହକୁ ନେଇ ରୋଚକ କଥା କହିଛନ୍ତି। ନିକ କେତେ ପ୍ରସିଦ୍ଧ ତାହା ନିଜେ ଜାଣି ନ ଥିଲେ ପ୍ରିୟଙ୍କା । ସେ ନିକଙ୍କୁ କେଭିନଙ୍କ ସାନ ଭାଇ ବୋଲି ଜାଣିଥିଲେ। ଦୁନିଆରେ କେବଳ ଜଣେ ବ୍ୟକ୍ତି ଅଛନ୍ତି ଯିଏ ନିକଙ୍କଠାରୁ ତାଙ୍କୁ ଚୋରି କରିପାରିବେ। ସେ ହେଉଛନ୍ତି ହଲିଉଡ୍‌ର ସୁପରଗଡ୍ କ୍ରିସ ହେମସୱର୍ଥ। କ୍ରିସ ହେମସୱର୍ଥ ଏଲସାଙ୍କୁ ବିବାହ କରିଛନ୍ତି।































# ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ ଆଜିଠାରୁ

**କାନପୁର,୨୪।୧୧**

ସ୍ଥାନୀୟ ଗ୍ରୀନ୍ ପାର୍କ ଷ୍ଟାଡିୟମରେ ଭାରତ ଓ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ମଧ୍ୟରେ ଗୁରୁବାରଠାରୁ ପ୍ରଥମ ଟେଷ୍ଟ ଆରମ୍ଭ ହେବାକୁ ଯାଉଛି। ବିଭିନ୍ନ ଦୃଷ୍ଟିକୋଣରୁ ଏହି ଟେଷ୍ଟ ଉଭ ଦଳ ପାଇଁ ଗୁରୁତ୍ୱ ବହନ କରୁଛି। ଟେଷ୍ଟ ର୍ୟାଙ୍କିଙ୍ଗ୍‌ର ଏହି ଦୁଇ ଶ୍ରେଷ୍ଠ ଦଳ ପଡିଆକୁ ଓହ୍ଲାଇବାକୁ ଯାଉଥିବା ବେଳେ ପ୍ରଶଂସକମାନେ ଭାରତୀୟ

**ରାହାନେଙ୍କ ଉପରେ ନଜର**

ଅଧିନାୟକ ଅଜିଙ୍କ୍ୟ ରାହାନେଙ୍କୁ ନେଇ ବେଶ୍ ଚର୍ଚ୍ଚା ଆରମ୍ଭ କରିଛନ୍ତି। ରାହାନେଙ୍କ ନେତୃତ୍ୱରେ ଏକ ଦ୍ୱିତୀୟ ଶ୍ରେଣୀର ଭାରତ ଓ ଜୋସରେ ଥିବା ନ୍ୟୁଜିଲାଣ୍ଡ ଦଳ ମଧ୍ୟରେ ମୁକାବିଲା ଦେଖିବାକୁ ମିଳିବ।

ରାହାନେଙ୍କ ଦୁର୍ବଳ ଫର୍ମକୁ ନେଇ ଆଲୋଚନା ହେଉଛି। ଖରାପ ଫର୍ମ ସତ୍ତ୍ୱେ ସେ ଦଳରେ ନେତୃତ୍ୱ ନେଉଛନ୍ତି। ସେହିପରି


କାନ୍‌ପୁରର ଗ୍ରୀନ୍‌ପାର୍କ ଷ୍ଟାଡ଼ିୟମ୍‌ରେ ଅଭ୍ୟାସ କରୁଛନ୍ତି ଭାରତୀୟ କ୍ରିକେଟର।

୧୦୦ ଟେଷ୍ଟ ଖେଳିସାରିଥିବା ଅଭିଜ୍ଞ ଦ୍ରୁତ ବୋଲର ଈଶାନ୍ତ ଶର୍ମା ଓ ଯୁବ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର ଟେଷ୍ଟ ପଦାର୍ପଣ କରିବାର ସୁଯୋଗ ପାଇବେ। ଭାରତୀୟ ଦଳରେ କେତେଜଣ ତାରକା ଖେଳାଳି ଅନୁପସ୍ଥିତ ରହିବେ। ଓପିନିଂ ଯୋଡି ରୋହିତ ଶର୍ମା, ଲୋକେଶ ରାହୁଲ, ନିୟମିତ ଅଧିନାୟକ ବିରାଟ କୋହଲି ଓ ଉଇକେଟକିପର ରିଷଭ ପନ୍ତ ଏହି ମ୍ୟାଚ୍ ଖେଳିବେ ନାହିଁ। ନୂଆ କୋଚ୍ ରାହୁଲ ଦ୍ରାବିଡଙ୍କ ତତ୍ତ୍ୱାବଧାନରେ ଭାରତ ପ୍ରଥମ ଟେଷ୍ଟ ଖେଳିବ। ଆଉ ମାସେ ମଧ୍ୟ ଭାରତ ଟେଷ୍ଟ ସିରିଜ ଖେଳିବାକୁ ଦକ୍ଷିଣ ଆଫ୍ରିକା ଗସ୍ତ କରିବ। ତେଣୁ ଏହି ସିରିଜରେ ଦ୍ରାବିଡ୍ ଭାରତୀୟ ବ୍ୟାକ୍‌ଅପ ବେଞ୍ଚ୍ ଷ୍ଟ୍ରେଙ୍ଥର ପରୀକ୍ଷା ନିରୀକ୍ଷା କରିବାର ସୁଯୋଗ ପାଇବେ। ଭାରତୀୟ ଦଳରେ କେବଳ ରାହାନେ, ଚେତେଶ୍ୱର ପୂଜାରା ଓ ମୟଙ୍କ ଅଗ୍ରୱାଲ ୧୦ରୁ ଅଧିକ ଟେଷ୍ଟ ଖେଳିଛନ୍ତି।

ଅଧିନାୟକ ରାହାନେ ଗତ ୧୧ଟି ଟେଷ୍ଟ ମ୍ୟାଚ୍ ଖେଳି ୧୯ ରନ ହାରରେ ରନ ସଂଗ୍ରହ କରିଛନ୍ତି ଓ ଏବେ ନିଜର ଟେଷ୍ଟ କ୍ୟାରିୟର ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି। ତାଙ୍କ ଆତ୍ମବିଶ୍ୱାସ ମଧ୍ୟ ସେତେଟା ଦୃଢ ନ ଥିବା ପରି ମନେ ହେଉଛି। ତେଣୁ ଏହି ସିରିଜ ତାଙ୍କ ପାଇଁ କର ବା ମର ସ୍ଥିତି ସୃଷ୍ଟି କରିଛି। ସେହିପରି ଈଶାନ୍ତ ମଧ୍ୟ ନିଜର ଦକ୍ଷତା ପ୍ରତିପାନନ କରିବାକୁ ପ୍ରୟାସ କରିବେ। ନୂଆ ବଲରେ ଉମେଶ ଯାଦବ ଦଳ ପାଇଁ ପ୍ରଥମ ପସନ୍ଦର ବୋଲର ହେବେ। ଶ୍ରେୟାସ ମଧ୍ୟ ସୁଯୋଗର ସଦ୍ ବ୍ୟବହାର କରିବାକୁ ଚେଷ୍ଟା କରିବେ। ଶୁବମନ ଓ ମୟଙ୍କ ଓପନିଂ କରିବେ। ଏହାପରେ ପୂଜାରା, ରାହାନେ, ଆୟାର ବ୍ୟାଟିଂ କରିବାକୁ ଆସିବେ। ସ୍ପିନ୍ ବିଭାଗରେ ଅକ୍ଷର ପଟେଲ, ଜୟନ୍ତ ଯାଦବଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିପାରେ। ବିଶ୍ୱର ୧ ନମ୍ବର ସ୍ପିନର ଅଶ୍ୱିନ ଦଳରେ ରହିଛନ୍ତି। ଜାଡେଜାଙ୍କ ଭିଳି ସ୍ପିନ୍ ଅଲରାଉଣ୍ଡର ମଧ୍ୟ ଦଳରେ ରହିଛନ୍ତି। ସ୍ପିନ ବିଭାଗରେ ଭାରତ ପାଇଁ ସେତେଟା ସମସ୍ୟା ଥିବା ପରି ମନେ ହେଉନାହିଁ। ଭାରତୀୟ ସ୍ପିନର ନ୍ୟୁଜିଲାଣ୍ଡର କ୍ୱାଲିଟି ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବେ।

ଅପରପକ୍ଷରେ କେନ ୱିଲିୟମସନଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ପୂରା ସାମର୍ଥ୍ୟ ସହ ପଡିଆକୁ ଓହ୍ଲାଇବ। ଦଳରେ ସୌଦି, ନିଲ ୱାଗନରଙ୍କ ଭଳି କ୍ୱାଲିଟି ପେସ୍ ବୋଲର ରହିଛନ୍ତି। ଦୁଇ ବାମହାତୀ ସ୍ପିନର ଅଜାଜ ପଟେଲ ଓ ମିଚେଲ ସାଣ୍ଟନରଙ୍କ ସମେତ ଅଫ୍ ସ୍ପିନର ୱିଲିୟମ ସୋମରଭିଲେ ଘରୋଇ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବେ। ଦଳରେ ୱିଲିୟମସନ, ରସ ଟେଲର, ଟମ୍ ଲାଥମ, ଡାରିଲ ମିଚେଲଙ୍କ ଭଳି ବିଶ୍ୱସ୍ତରୀୟ ବ୍ୟାଟ୍ସମ୍ୟାନ ରହିଛନ୍ତି।

**ମ୍ୟାଚ୍ ଆରମ୍ଭ: ସକାଳ ୯.୩୦**
**ସ୍ଥାନ: ଗ୍ରୀନପାର୍କ, କାନପୁର**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

## ସିନ୍ଧୁଙ୍କ ସଂଘର୍ଷପୂର୍ଣ୍ଣ ବିଜୟ


ପି. ଭି. ସିନ୍ଧୁ

**ବାଲି, ୨୪।୧୧ (ପି.ଟି.):** ଭାରତର ଡବଲ ଅଲିମ୍ପିକ ଚାମ୍ପିୟନ ପି. ଭି. ସିନ୍ଧୁ ଏଠାରେ ଚାଲିଥିବା ଇଣ୍ଡୋନେସିଆ ଓପନ ସୁପର ୧୦୦୦ ବ୍ୟାଡମିଣ୍ଟନ ଇଭେଣ୍ଟର ପ୍ରଥମ ରାଉଣ୍ଡରେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ବି. ସାଇ ପ୍ରଣିଥ ଓ କିଡାମ୍ବି ଶ୍ରୀକାନ୍ତ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସିନ୍ଧୁ ଜାପାନର ଆୟା ଓହୋରିଙ୍କୁ ୧୭-୨୧, ୨୧-୧୭, ୨୧-୧୭ରେ ପରାସ୍ତ କରିଛନ୍ତି। ଏହି ମ୍ୟାଚ ୧ଘଣ୍ଟା ୧୦ ମିନିଟରେ ଶେଷ ହୋଇଥିଲା। ସୋମବାର ଏହି ବିଜୟ ଦ୍ୱାରା ଜାପାନିଜ୍ ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ବିରୋଧରେ ସିନ୍ଧୁଙ୍କ ରେକର୍ଡ ୧୧-୦କୁ ବୃଦ୍ଧି ପାଇଛି। ପୁରୁଷ ସିଙ୍ଗଲ୍ସରେ ବିଶ୍ୱର ୧୬ ନମ୍ବର ଖେଳାଳି ବି. ସାଇ ପ୍ରଣିଥ ଫ୍ରାନ୍ସର ଟୋମା ଜୁନିୟର ପୋପୋଭଙ୍କୁ ୨୧-୧୯, ୨୧-୧୮ରେ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ଶ୍ରୀକାନ୍ତ ନିଜ ଦେଶର ଏଚ୍.ଏସ୍ ପ୍ରଣୟଙ୍କୁ ୨୧-୧୫, ୧୯-୨୧, ୨୧-୧୨ରେ ହରାଇ ଦେଇଛନ୍ତି। ବିଶ୍ୱର ୨୬ନମ୍ବର ଖେଳାଳି ଲି'ଙ୍କ ଓ ତୃତୀୟ ସିଡ୍ ଭାରତୀୟ ଖେଳାଳି ପ୍ରଥମ ଥର ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ମିକ୍ସଡ ଡବଲ୍ସ ଯୋଡ଼ି ଏନ୍. ସିକ୍କି ରେଡ୍ଡୀ ଓ ଧ୍ରୁବ କାପିଲା ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଦୁହେଁ ଜାପାନର କ୍ୟୋହି ୟାମାଶିତା ଓ ନାରୁ ଶିନୋୟାଙ୍କଠାରୁ ପରାଜିତ ହୋଇଥିଲେ।

## ସର୍ବଭାରତୀୟ ଓପନ୍ କରାଟେ ୨୬ରୁ


ଖବରଦାତା ସମ୍ମିଳନୀରେ ଉପସ୍ଥିତ ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତାର ଆୟୋଜକ।

**ଭୁବନେଶ୍ୱର, ୨୪।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

୧୧ତମ ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତା ଆସନ୍ତା ୨୬ ତାରିଖରୁ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ହେବ। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ପ୍ରତିଯୋଗୀଙ୍କ ସଂଖ୍ୟାକୁ ସୀମିତ କରାଯାଇଛି। ଏଥିରେ ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶ ଆଦି ୪ଟି ରାଜ୍ୟରୁ ପ୍ରାୟ ୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। କୋଭିଡ୍ ଯୋଗୁ ଦୁଇ ବର୍ଷ ଏହି ପ୍ରତିଯୋଗିତାକୁ ସ୍ଥଗିତ ରଖାଯିବା ପରେ ଏଥର ଦର୍ଶକ ଓ ଅଭିଭାବକ ବିନା ଏହାର ଆୟୋଜନ କରାଯାଉଛି। ଏଥିରେ ୫୦ଟି ବୟସ ଓ ଓଜନ ବର୍ଗର ପ୍ରତିଯୋଗିତା ହେବ। ବୁଧବାର ଏହି ଉପଲକ୍ଷେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଉତ୍କଳ କରାଟେ ସ୍କୁଲର ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକ, ଗୌରୀ ମହାନ୍ତି, ଖାରବେଳ ମଲିକ, ସନ୍ଦୀପ ମହାନ୍ତି, ହିମାଂଶୁ ଶେଖର ଦାସ, ମୀର ଅଜମତ ଅଲି, ଅନୁପମା ସ୍ୱାଇଁ, ଅବିନାଶ ପୁନ୍ଦିର, ଦିଲୀପ କୁମାର ଜେନା ଓ ଚିତ୍ତରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ବେଞ୍ଜେମା ୧ବର୍ଷ ସସ୍‌ପେଣ୍ଡ, ଜେଲଦଣ୍ଡ

**ଭର୍ସେଲେସ୍, ୨୪।୧୧ (ଏପି)**

ଏକ ସେକ୍ସ-ଟେପ୍ ମାମଲାରେ ଫ୍ରାନ୍ସ ଓ ରିଅଲ ମାଡ୍ରିଡ୍ ଫରୱାର୍ଡ୍ କରିମ ବେଞ୍ଜେମାଙ୍କୁ ଏକବର୍ଷ ସସ୍‌ପେଣ୍ଡ ଓ ଜେଲ୍ ଦଣ୍ଡ ସହ ୭୫,୦୦୦ ୟୁରୋ( ୮୪,୦୦୦ ଡଲାର) ଜରିମାନା କରାଯାଇଛି। ବେଞ୍ଜେମା ୨୦୧୫ରେ ତାଙ୍କ ଫ୍ରାନ୍ସ ଟିମ୍‌ମେଟ୍ ମାଥ୍ୟୁ ଭାଲ୍‌ବୁଏନାଙ୍କୁ ବ୍ଲାକମେଲ୍ କରିବା ପ୍ରୟାସ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭର୍ସେଲିଜ୍ କୋର୍ଟଙ୍କ ନିଷ୍ପତ୍ତି ବେଞ୍ଜେମାଙ୍କ କ୍ରୀଡ଼ା ଭବିଷ୍ୟତକୁ ତୁରନ୍ତ କୌଣସି କ୍ଷତି ପହଞ୍ଚାଇବ ନାହିଁ। ନଭେମ୍ବର ୨୯ରେ ବାଲନ ଡି'ଅର ପୁରସ୍କାର ଜିତିବାରେ ଏହି ଫରୱାର୍ଡ ଖେଳାଳିଙ୍କୁ ଅନ୍ୟତମ ଫେଭରାଇଟ୍ ବିବେଚନା କରାଯାଉଛି। ବେଞ୍ଜେମା ଚଳିତ ସିଜନରେ ମାଡ୍ରିଡ ଦଳ ସହ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଫ୍ରେଞ୍ଚ ଫୁଟ୍‌ବଲ ଫେଡେରେଶନ ସଭାପତି ନୋଏଲ୍ ଲି' ଗ୍ରେଟ୍ ଇତିମଧ୍ୟରେ କହି ସାରିଛନ୍ତି ଯେ, ବେଞ୍ଜେମା ଯଦି ଅବା ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ମଧ୍ୟ ତାଙ୍କୁ ଫ୍ରାନ୍ସ ପାଇଁ ଖେଳିବାଲାଗି ଅନୁମତି ଦିଆଯିବ। ସେ କୌଣସି ଭୁଲ କାର୍ଯ୍ୟ କରିନ ଥିବା ବେଞ୍ଜେମା କହିଛନ୍ତି। ଗତମାସରେ ଭର୍ସେଲିଜ୍‌ରେ ଶୁଣାଣି ବେଳେ ସେ ଉପସ୍ଥିତ ନ ଥିଲେ। କୋର୍ଟ ରାୟ ଶୁଣାଣିବେଳେ ମଧ୍ୟ ସେ ଅନୁପସ୍ଥିତ ଥିଲେ। ଅନ୍ୟ ୪ଜଣ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଥିଲେ ହେଁ ବୁଧବାର ସେମାନେ କୋର୍ଟରେ ଉପସ୍ଥିତ ନ ଥିଲେ। ପ୍ରୋସିକ୍ୟୁଟରମାନେ ଆବେଦନ କରିଥିଲେ ବେଞ୍ଜେମା ଯଦି ଦୋଷୀ ସାବ୍ୟସ୍ତ ହୁଅନ୍ତି


କରିମ ବେଞ୍ଜେମା

ତେବେ ତାଙ୍କୁ ଏହି ମାମଲାରେ ସର୍ବାଧିକ ଅର୍ଥଦଣ୍ଡ ୭୫,୦୦୦ ୟୁରୋ ଜରିମାନା ଏବଂ ୧୦ ମାସ ସସ୍‌ପେଣ୍ଡ ଜେଲ୍ ଦଣ୍ଡ ଦିଆଯିବା ଉଚିତ। ବେଞ୍ଜେମାଙ୍କ ଉପରେ ଭାଲବୁଏନାଙ୍କ ମୋବାଇଲ ଫୋନ୍‌ରୁ ସେକ୍ସ ଟେପ୍ ଚୋରି କରିବା ଏବଂ ଏହାକୁ ନେଇ ବ୍ଲାକ୍‌ମେଲ କରିବା ଅଭିଯୋଗ ହୋଇଥିଲା। ୨୦୧୫ ନଭେମ୍ବରରେ ପ୍ରାଥମିକ ଅଭିଯୋଗପରେ ବେଞ୍ଜେମାଙ୍କୁ କୋଚ୍ ଡିଡିଅର ଡେସ୍‌ଚାମ୍ପ ଫ୍ରାନ୍ସ ଜାତୀୟ ଦଳରୁ ବାଦ୍ ଦେଇଥିଲେ। ଫଳତଃ ବେଞ୍ଜେମା ୨୦୧୬ ୟୁରୋପିଆନ ଚାମ୍ପିୟନଶିପ୍ ଏବଂ ୨୦୧୮ ବିଶ୍ୱକପ୍‌ରୁ ମଧ୍ୟ ବାଦ୍ ପଡ଼ିଥିଲେ, ଯେଉଁଥିରେ କି ଫ୍ରାନ୍ସ ବିଜୟ ଲାଭ କରିଥିଲା।

## ଓସିଏ ବାର୍ଷିକ ସାଧାରଣ ବୈଠକ



କନ୍‌ଫରେନ୍ସ ହଲ୍‌ରେ ବୁଧବାର ଅନୁଷ୍ଠିତ ଓସିଏ ବାର୍ଷିକ ସାଧାରଣ ବୈଠକ।

**ଭୁବନେଶ୍ୱର,୨୪।୧୧**

କଟକ ବାରବାଟୀ ଷ୍ଟାଡିୟମ ସ୍ଥିତ କନଫରେନ୍ସ ହଲ୍‌ରେ ବୁଧବାର ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଆରମ୍ଭରେ ପରଲୋକ ଗମନ କରିଥିବା କ୍ରିକେଟରମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା ଓ ଦୁଇ ମିନିଟ୍ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ୨୦୨୨-୨୩ ବର୍ଷ ପାଇଁ ବାର୍ଷିକ ବଜେଟକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ସେହିପରି ଅଡିଟର, ଓମ୍ବୁଡ୍ସମ୍ୟାନ ଓ ଏଥିକ୍ସ ଅଫିସର, କ୍ରିକେଟ କମିଟି ଓ ଷ୍ଟାଣ୍ଡିଂ କମିଟି ନିଯୁକ୍ତିକୁ ମଧ୍ୟ ସ୍ୱୀକୃତି ଦିଆଯାଇଥିଲା। ସେହିପରି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଓସିଏ ପାଇଁ ପ୍ରତିନିଧି ନିଯୁକ୍ତିକୁ ମଧ୍ୟ ଅନୁମୋଦନ ଦିଆଯିବା ସହିତ ଅନ୍ୟ କେତୋଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଫେବୃୟାରୀ ୧୫ ତାରିଖରେ ବାରବାଟୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଭାରତ-ୱେଷ୍ଟଇଣ୍ଡିଜ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। କ୍ରିକେଟର ପ୍ରଚାର ଓ ପ୍ରସାର ପାଇଁ କର୍ପୋରେଟ ଲିଗ୍ ଆୟୋଜନ ଓ ଅନୁବନ୍ଧିତ ଖେଳାଳି, ଅଫିସିଆଲଙ୍କ ପାଇଁ ମେଡିକାଲ ଇନ୍‌ସ୍ୟୁରାନ୍ସ ଲାଗୁ କରିବା, ବାରବାଟୀ ଷ୍ଟାଡିୟମର ୭ ନମ୍ବର ଗ୍ୟାଲେରୀ ମରାମତି କରିବା, ଏକ ନୂଆ ଏକାଡେମୀ ଓ ହାଇ ପରଫରମାନ୍ସ ସେଣ୍ଟର ପ୍ରତିଷ୍ଠା ନେଇ ମଧ୍ୟ ଆଲୋଚନା କରାଯାଇଥିଲା।

## ଓଡ଼ିଶା ଏଫ୍‌ସିର ବିଜୟ ଅଭିଯାନ

**ଇଣ୍ଡିଆନ ସୁପର ଲିଗ୍**

**ଭୁବନେଶ୍ୱର,୨୪।୧୧(ସ୍ପୋର୍ଟ୍ସ ବ୍ୟୁରୋ):** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଫୁଟ୍‌ବଲରେ ଓଡ଼ିଶା ଏଫ୍‌ସି ବିଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ଓଡ଼ିଶା ତା'ର ପ୍ରଥମ ମ୍ୟାଚ୍‌ରେ ବେଙ୍ଗାଲୁରୁ ଏଫ୍‌ସିକୁ ୩-୧ ଗୋଲରେ ପରାସ୍ତ କରିଛି। ଗୋଆର ତିଲକ ମଇଦାନରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ତରଫରୁ ସ୍ପେନ୍ ମିଡ୍‌ଫିଲ୍ଡର ଜାଭି ହର୍ନାଣ୍ଡେଜ୍ ୩ୟ ଓ ୫୧ତମ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଇଞ୍ଜୁରି ଟାଇମ୍‌ରେ ମ୍ୟାଚ୍‌ର ଶେଷ ମୁହୂର୍ତ୍ତରେ ସ୍ପେନର ଅନ୍ୟତମ ଖେଳାଳି ଆରିଡାଇ କାବ୍ରେରା ଗୋଲ ଦେଇ ଓଡ଼ିଶାକୁ ବିଜୟୀ କରାଇଥିଲେ। ଅନ୍ୟପଟେ ବେଙ୍ଗାଲୁରୁ ତରଫରୁ ଆଲାନ କୋଷ୍ଟା ୨୧ତମ ମିନିଟ୍‌ରେ ଗୋଲ ଦେଇ ପ୍ରଥମାର୍ଦ୍ଧରେ ମ୍ୟାଚ୍‌କୁ ୧-୧ ସମାନସ୍ତରକୁ ଆଣିଥିଲେ। ପରାସ୍ତ ହୋଇଥିଲେ ମଧ୍ୟ ପାସ, ପାସ୍ ଆକ୍ୟୁରେସି ଓ ବଲ୍ ପଜେସନରେ ବେଙ୍ଗାଲୁରୁ ଓଡ଼ିଶାଠାରୁ ବହୁ ଆଗରେ ଥିଲା। ବିଜୟ ସହ ୩ ପଏଣ୍ଟ ପାଇ ଓଡ଼ିଶା ତାଲିକାର ତୃତୀୟ ସ୍ଥାନରେ ରହିଛି। ମୁମ୍ବାଇ ସିଟି ଓ ଏଟିକେ ମୋହନ ବାଗାନ ସମାନ ୩ ପଏଣ୍ଟ ଲେଖାଏ ପାଇଥିଲେ ମଧ୍ୟ ଗୋଲ ବ୍ୟବଧାନରେ ତାଲିକାରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ନାଗେଶ ଟ୍ରଫି: ସେମିରେ ହାରିଲା ଓଡ଼ିଶା

**ଭୁବନେଶ୍ୱର, ୨୪।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ନୂଆଦିଲ୍ଲୀରେ ଚାଲିଥିବା ଦୃଷ୍ଟିହୀନ ନାଗେଶ ଟ୍ରଫିରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ବୁଧବାର ସ୍ଥାନୀୟ ସାକେତ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଓଡ଼ିଶା କର୍ଣ୍ଣାଟକଠାରୁ ପରାସ୍ତ ହୋଇ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛି। ଟସ୍ ହାରି ଓଡ଼ିଶା ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ୧୭୧ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସୁଖରାମ ମାଝି ୪୫, ଜାଫର ଇକ୍‌ବାଲ ୩୮, ପଙ୍କଜ ଭୁଏ ରନ ସଂଗ୍ରହ କରିଥିଲେ। ଜବାବରେ କର୍ଣ୍ଣାଟକ ୧୬.୫ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। କର୍ଣ୍ଣାଟକର ପ୍ରକାଶ ଜୟରାମେୟା ୧୦୦ ରନକରି ଅପରାଜିତ ରହିବା ସହ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଗୁରୁବାର ଟାଇଟଲ ପାଇଁ ଫାଇନାଲ ମ୍ୟାଚ୍‌ରେ କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶ ଅରୁଣ ଜେଟ୍‌ଲି ଷ୍ଟାଡିୟମରେ ମୁହାଁମୁହିଁ ହେବେ।

## ପ୍ରଥମ ଟେଷ୍ଟ: ୱେଷ୍ଟଇଣ୍ଡିଜର ବିପର୍ଯ୍ୟୟ

**ଗାଲେ, ୨୪।୧୧**

ଏଠାରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପରାଜୟ ଦ୍ୱାରରେ ପହଞ୍ଚିଛି। ପ୍ରଥମ ଇନିଂସରେ ଶ୍ରୀଲଙ୍କା ୧୩୩.୫ ଓଭରରେ ୩୮୬ ରନକରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ୱେଷ୍ଟଇଣ୍ଡିଜ ୮୫.୫ ଓଭରରେ ୨୩୦ ରନକରି ଅଲଆଉଟ ହୋଇ ୧୫୬ ରନ ପଛରେ ପଡିଥିଲା। ଏହାପରେ ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ ଆରମ୍ଭ କରି ୪୦.୫ ଓଭରରେ ୪ ଉଇକେଟ ହରାଇ ୧୯୧ ରନକରି ଇନିଂସ ଘୋଷଣା କରିଥିଲା। ଫଳରେ ୱେଷ୍ଟଇଣ୍ଡିଜ ସମ୍ମୁଖରେ ୩୪୮ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ୱେଷ୍ଟଇଣ୍ଡିଜ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବୁଧବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୨୫.୩ ଓଭରରେ ୬ ଉଇକେଟ ହରାଇ ୫୨ ରନ ସଂଗ୍ରହ କରି ବିପଦରେ ପଡିଛି। ମ୍ୟାଚ ଆଉ ଗୋଟିଏ ଦିନ ବାକି ଥିବା ବେଳେ ୪ ଉଇକେଟ ହାତରେ ରଖି ୱେଷ୍ଟଇଣ୍ଡିଜ ବିଜୟ ପାଇଁ ଆଉ ୨୯୬ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ଏନକ୍ରୁମା ବୋନର ୧୮ ଓ ଜୋଶୁଆ ଡା ସିଲ୍‌ଭା ୧୫ ରନକରି ଅପରାଜିତ ରହିଛନ୍ତି। ବାକି ୬ ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ରମେଶ ମେଣ୍ଡିସ୍ ୪ ଓ ଲସିଥ ଏମ୍ବୁଲଡେନିୟା ୨ ଉଇକେଟ ଅକ୍ତିଆର କରିଛନ୍ତି। ମଙ୍ଗଳବାରର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୨୪/୯ରୁ ୱେଷ୍ଟଇଣ୍ଡିଜ ଖେଳଆରମ୍ଭ କରି ଅଲଆଉଟ ହୋଇଥିଲା। ଏହାପରେ ବୁଧବାର ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ ଖେଳି ପାଳି ଘୋଷଣା କରିଥିଲା।


ଶତକୀୟ ଭାଗୀଦାରି ଅବସରରେ ଆଞ୍ଜେଲୋ ମାଥ୍ୟୁସ୍ ଓ ଦିମୁଥ କରୁଣାରତ୍ନେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ପ୍ରଥମ ଇନିଂସ- ୩୮୬ ଅଲଆଉଟ। ୱେଷ୍ଟଇଣ୍ଡଜ ପ୍ରଥମ ଇନିଂସ- ୨୩୦ ଅଲଆଉଟ।
ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ- ୪୦.୫ ଓଭରରେ ୧୯୧/୪ (ଇନିଂସ ଘୋଷଣା)। ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ- ୨୫.୩ ଓଭରରେ ୫୨/୬ (ଏନ୍‌କ୍ରୁମା ବୋନର- ୧୮*, ଜୋଶୁଆ ଡା ସିଲ୍‌ଭା- ୧୫*, ରମେଶ ମେଣ୍ଡିସ- ୪/୧୭, ଲାସିଥଏମ୍ବୁଲଡେନିୟା-୨/୧୮)।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ନନ୍ଦନକାନନରେ ଚିଙ୍କାରା ହରିଣ ମୃତ**

ବାରଙ୍ଗ,(ଡି.ଏନ୍.ଏ.): ନନ୍ଦନକାନନରେ ଥିବା ଚିଙ୍କାରା ହରିଣର ବୁଧବାର ମୃତ୍ୟୁ ଘଟିଛି। ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ଅକ୍ଟୋବର ୮ରେ ଜୟପୁର ନାହରଗଡ ଜୈବ ଉଦ୍ୟାନରୁ ୭ଟି ମାଈ ଅଣ୍ଡିରା ଚିଙ୍କାରା ହରିଣ ନନ୍ଦନକାନନ ଆସିଥିଲା। ହେଲେ ୨ମାସ ନ ପୂରୁଣୁ ଆସିଥିବା ଏହି ଚିଙ୍କାରା ହରିଣ ମଧ୍ୟରୁ ଗୋଟିଏ ଅଣ୍ଡିରା ହରିଣର ମୃତ୍ୟୁ ଘଟିଛି। ହରିଣଟି ଆସିବାର ୧୦ଦିନ ମଧ୍ୟରେ ୩୬ ନମ୍ବର ଏନକ୍ଲୋଜରରେ ବୁଲାବୁଲି କରୁଥିବାବେଳେ ହଠାତ୍ ତଳେ ପଡିଯାଇଥିଲା। ଚିକିତ୍ସା ପରେ ଏକ ପ୍ରକାର ସୁସ୍ଥ ହୋଇଥିଲା। ତେବେ ବୁଧବାର ଏନ୍କ୍ଲୋଜରରେ ଖାଦ୍ୟକୁ ନେଇ ଅନ୍ୟ ହରିଣଙ୍କ ସହ ମାଡଗୋଳ ଘଟି ଅଣ୍ଡିରା ଚିଙ୍କାରା ହରିଣଟିର ମୃତ୍ୟୁ ଘଟିଛି ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ସନ୍ଦେହ କରିଛନ୍ତି। ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ସଂକ୍ଷେପରେ

### ଟ୍ରେନ୍ ଯାତ୍ରୀଙ୍କଠାରୁ ମୋବାଇଲ ଲୁଟ୍, ଜଣେ ଗିରଫ

**ନିରାକାରପୁର,୨୪।୧୧(ଡି.ଏନ୍.ଏ.):** ଟ୍ରେନ୍ ଯାତ୍ରୀଙ୍କ ଠାରୁ ମୋବାଇଲ ଫୋନ ଲୁଟ୍ ଘଟଣାରେ ନିରାକାରପୁର ରେଲୱେ ପୋଲିସ ଜଣେ ଲୁଟେରାଙ୍କୁ ଗିରଫ କରିଛି। ସେ ହେଲେ ଜଗନ୍ନାଥ ବେହେରା। ଏନେଇ ନିରାକାରପୁର ରେଲୱେ ଫାଣ୍ଡିରେ ଏକ ମାମଲା (ନଂ.୯୯/୧୧)ରୁଜୁ ହୋଇଛି। ଗୁରୁବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଫାଣ୍ଡି ଅଧିକାରୀ ପରିକ୍ଷିତ ନାୟକ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ମଙ୍ଗଳବାର ରାତିରେ ହୀରାଖଣ୍ଡ ଏକ୍ସପ୍ରେସରେ ବସିଥିବା ଯାତ୍ରୀ ହେମନ୍ତ ଦାସଙ୍କ ଠାରୁ ଜଗନ୍ନାଥ ମୋବାଇଲ୍ ଝାମ୍ପିନେଇ ଚମ୍ପଟ ମାରିଥିଲା। ହେମନ୍ତ ପାଟି କରିବାରୁ ପୋଲିସ ଓ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜଗନ୍ନାଥ ପିନ୍ଧିଥିବା ଶାର୍ଟ ବଦଳାଇ ଉକ୍ତ ସ୍ଥାନରେ ପହଞ୍ଚିବାରୁ ହେମନ୍ତ ତାଙ୍କୁ ଜାଣିପାରିଥିଲେ। ପରେ ପୋଲିସ ତାଙ୍କୁ କାବୁ କରିଥିଲା।

### ମଦ ଜବତ, ୩ ଗିରଫ

**ଖୋର୍ଦ୍ଧା ଅଫିସ,୨୪।୧୧:** ଖୋର୍ଦ୍ଧାରେ ବଢ଼ିଚାଲିଛି ଚୋରା ମଦ କାରବାର। ବୁଧବାର ଖୋର୍ଦ୍ଧା ଅବକାରୀ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୯୦ଲିଟର ମଦ ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ନିଆଳ ଗ୍ରାମର ସୁକଦେବ ସେଠୀ(୪୦), ଗୁରୁଜଙ୍ଗ ଅଞ୍ଚଳର ତୃପ୍ତି ନାରାୟଣ ନାୟକ(୩୦) ଏବଂ ଟାଙ୍ଗିଆପଡାର ସୋମନାଥ ସାହୁ(୩୨)। ଏନେଇ ଥାନାରେ ୩ଟି ପୃଥକ ମାମଲା (ନଂ.୫୮, ୫୯, ୬୦/୨୧) ରୁଜୁ ହୋଇଛି। ଅବକାରୀ ମୋବାଇଲ ଟିମ୍ ଇନ୍ସପେକ୍ଟର ସସ୍ମିତା ହୋତାଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

### ରେଲ୍ୱେ ସ୍କୁଲ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନକୁ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ

**ଜଟଣୀ,୨୪।୧୧(ଡି.ଏନ୍.ଏ.):** ଜଟଣୀର ସର୍ବ ପୁରାତନ ରେଲ୍ୱେ ମିକ୍ସଡ ହାୟର ସେକେଣ୍ଡାରି ସ୍କୁଲ(ଏମ୍ଏଚ୍ଏସ୍ଏସ୍) କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନକୁ ହସ୍ତାନ୍ତର ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ଗତ ୧୬ ତାରିଖରେ ଭିଡିଓ କନଫରେନ୍ସ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସିଆରବି, ସିଇଓ, ଜିଏମ, ପିସିପିଓଏସଙ୍କ ସମେତ ଉଚ୍ଚପଦସ୍ଥ ଅଧିକାରୀ ଆଲୋଚନା କରିଥିଲେ। ସିଆରବି ରେଲୱେ ସ୍କୁଲକୁ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନକୁ ପରିଚାଳନା ନିମନ୍ତେ ନିର୍ଦ୍ଦେଶ ଜାରି କରିଥିବା ସୂଚନା ମିଳିଛି। ଖୁବଶୀଘ୍ର କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଭୁବନେଶ୍ୱରର ଡେପୁଟି କମିଶନରଙ୍କ ସହ ସାକ୍ଷାତ କରି ରେଲ୍ୱେ ସ୍କୁଲକୁ ହସ୍ତାନ୍ତର କରିବା ନିମନ୍ତେ ନିର୍ଦ୍ଦେଶ ରହିଥିବା ଜଣାପଡ଼ିଛି।

### ପୋଷ୍ୟ ସନ୍ତାନ ଗ୍ରହଣ ମାସ ପାଳିତ

**ଖୋର୍ଦ୍ଧା ଅଫିସ,୨୪।୧୧:** ଖୋର୍ଦ୍ଧା ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ପିକକ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରୋଟାରୀ କ୍ଲବ ଠାରେ ବାଲ୍ୟ ବିବାହ ବିରୋଧ ଆଇନ ଏବଂ ପୋଷ୍ୟ ସନ୍ତାନ ଗ୍ରହଣ ମାସ-୨୦୨୧ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶିଶୁ ମଙ୍ଗଳ କମିଟି ସଭାପତି ନୀଳକଣ୍ଠ ତ୍ରିପାଠୀ, ଅନୁରାଧା ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଶା ରାଜ୍ୟ ପୋଷ୍ୟ ସନ୍ତାନ ସମ୍ବଳକେନ୍ଦ୍ରର ପ୍ରୋଗ୍ରାମ ମ୍ୟାନେଜର ଶୁଭଦର୍ଶୀ ଦାଶ, ସାମାଜିକ କର୍ମୀ ସ୍ୱପ୍ନା ତ୍ରିପାଠୀ ପ୍ରମୁଖ ପୋଷ୍ୟ ସନ୍ତାନ ଗ୍ରହଣ ଲାଗି ରହିଥିବା ମାର୍ଗଦର୍ଶିକା, ସରକାରୀ ଗାଇଡ୍ଲାଇନ ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା, ପୋଲିସ, ଆଇସିଡିଏସ ସୁପରଭାଇଜର ପ୍ରମୁଖ ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ରଞ୍ଜନ କୁମାର ଗୋଚ୍ଛାୟତ, ଲିଙ୍କୁନା ସାହୁ, ସୀମାରାଣୀ ସାହୁ, ବିନୋଦ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସଫେଇ ଗାଡ଼ି ଉଦ୍ଘାଟିତ

**ଝାଁଳା,୨୪।୧୧(ଡି.ଏନ୍.ଏ.):** ଝାଁଳା ପଞ୍ଚାୟତରେ ଅଳିଆ ଆବର୍ଜନା ବୋହିବା ପାଇଁ ନିୟୋଜିତ ହେବାକୁ ଥିବା ଆଉ ଦୁଇଟି ନୂଆ ବ୍ୟାଟେରି ଚାଳିତ ସଫେଇ ଗାଡିର ଉଦ୍ଘାଟନ ହୋଇଛି। ଫଳରେ ଝାଁଳାରେ ଏହି ଗାଡ଼ି ସଂଖ୍ୟା ୪କୁ ବୃଦ୍ଧି ପାଇଛି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ ମୁଖ୍ୟଅତିଥି, ରବି ନାରାୟଣ ସ୍ୱାଇଁ, ମନୋଜ ଦାସ, କେଦାର ପତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଝାଁଳା ସରପଞ୍ଚ ପ୍ରଦୋଷ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚଢ଼ାଉ ପରେ ବି କମୁନି ନିଶା କାରବାର

**ଖୋର୍ଦ୍ଧା ଅଫିସ,୨୪।୧୧**

- ୩୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ୪ ଗିରଫ
- ୫ ବାଇକ୍, ୩ ମୋବାଇଲ ଫୋନ, ୧ଲକ୍ଷ ଟଙ୍କା ଜବତ

ଖୋର୍ଦ୍ଧାରେ ନିଶା କରାବାର ବୃଦ୍ଧି ପାଇବାରେ ଲାଗିଛି। ଏସ୍ଟିଏଫ୍, ପୋଲିସ, ଅବକାରୀ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ବାଲେଶ୍ୱର, ଜଳେଶ୍ୱରରୁ ଚେର ଖୋର୍ଦ୍ଧା ପର୍ଯ୍ୟନ୍ତ ଲମ୍ବିଛି। ବିଭିନ୍ନ ବାଟ ଦେଇ ବ୍ରାଉନସୁଗାର ଖୋର୍ଦ୍ଧାକୁ ଆସୁଛି। ଏଠାରୁ ବିଭିନ୍ନ ଅଞ୍ଚଳକୁ ଚାଲାଣ କରାଯାଉଛି। ଏହି କାରବାରରେ କଲେଜ ଛାତ୍ର, ବେକାର ଯୁବକ ଓ ମହିଳାଙ୍କୁ ସାମିଲ କରାଯାଉଛି। ଅଳ୍ପ ସମୟରେ ଅଧିକ ଟଙ୍କା ରୋଜଗାର ଆଶାରେ ଯୁବପିଢ଼ି ବିପଥଗାମୀ ହେଉଛନ୍ତି। ଗତ ମାସରେ ଏସ୍ଟିଏଫ ଗୁରୁଜଙ୍ଗର ଜଣେ ବିଟେକ ଛାତ୍ରଙ୍କଠାରୁ ଏକ କେଜିରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର ଜବତ କରିଥିବା ବେଳେ ଏହାର କିଛି ଦିନ ପରେ ନୂଆବସଷ୍ଟାଣ୍ଡରୁ ବିକ୍ରି ଲାଗି ଛିଡ଼ା ହୋଇଥିବା ଦୁଇଜଣ ଯୁବକଙ୍କଠାରୁ ୧ କେଜିରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର ଜବତ କରିଥିଲା। ଗତବର୍ଷ ଠାରୁ ଏପର୍ଯ୍ୟନ୍ତ ପ୍ରାୟ ସାଢ଼େ ୬କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ପୋଲିସ, ଏସଟିଏଫ୍ ଏବଂ ଅବକାରୀ ବିଭାଗ ଜବତ କରିଥିବା ଜଣାପଡ଼ିଛି।

ବୁଧବାର ଏସ୍ଟିଏଫ୍ ଖୋର୍ଦ୍ଧା ଥାନା ଅନ୍ତର୍ଗତ ତରତୁଆ ଅଞ୍ଚଳରୁ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ପ୍ରମୋଦ ପଣ୍ଡା। ତାଙ୍କ ନିକଟରୁ ୨୫୩ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୨୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ପ୍ରକାଶ ଯେ, ଗତ କିଛି ଦିନ ହେବ ପ୍ରମୋଦ ଏହି ବେପାର କରି ଆସୁଥିଲେ। ବୁଧବାର କୌଣସି ସୂତ୍ରରୁ ଖବରପାଇ ଏସଟିଏଫ୍ ଗ୍ରାହକ ବେଶରେ କିଣିବା ବାହାନାରେ ପ୍ରମୋଦଙ୍କୁ ମାଡି ବସିଥିଲା। ସେହିପରି ଖୋର୍ଦ୍ଧା ଟାଉନ ପୋଲିସ ଭାଲିଆବାଡିରେ ଚଢ଼ାଉ କରି ୫୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କା ହେବ। ପୋଲିସ ଏଥିରେ ସମ୍ପୃକ୍ତି ଥିବା ୩ଜଣ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭାଲିଆବାଡି ଟାଙ୍ଗୀ ସାହି ଅଞ୍ଚଳର ସୋମନାଥ ବରାଳ(୨୦), ସଅରସାହି ଅବିନାଶ ପାତ୍ର(୨୦) ଏବଂ ସାମନ୍ତରାପୁର ଆର୍ତ୍ତ ବେହେରା(୨୦)। ଅଭିଯୁକ୍ତଙ୍କ ଠାରୁ ୫ଟି ବାଇକ୍ (ଓଡି ୦୫ ଡବ୍ଲ୍ୟୁ ୪୭୩୦), (ଓଡି୦୨ ଏଏଚ୨୬୭୧), (ଓଡି୦୨ ବିକ୍ୟୁ୨୩୧୪), (ଓଆର୦୨ ବିପି ୩୩୬୯) ଏବଂ (ଓଡି୦୨ ବିଭି ୧୮୬୪) ଜବତ ହୋଇଛି। ଜବତ ବାଇକ୍ର ମୂଲ୍ୟ ପ୍ରାୟ ୮ଲକ୍ଷ ଟଙ୍କା ହେବ। ଏଥିସହିତ ୧ଲକ୍ଷ ୭ଶହ ଟଙ୍କା ଏବଂ ୧.୫ ଲକ୍ଷ ଟଙ୍କାର ୩ଟି ମୋବାଇଲ ଫୋନ ଜବତ ହୋଇଛି। ବିଡିଏ କଲୋନୀ କ୍ୱାଟର୍ସ ନମ୍ବର ଏମ-୧୭ରେ ବ୍ରାଉନସୁଗାର କାରବାର ଚାଲିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏସ୍ପି ରାଜକିଶୋର ଦୋରାଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍ଡିପିଓ ସୁଶୀଲ କୁମାର ମିଶ୍ର ଏବଂ ଥାନାଧିକାରୀ ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏସ୍ଆଇ ମନୋଜ କୁମାର ଦାଶ, ବିଜୟ କୁମାର ବେହେରା, ସ୍ୱାଗତିକା ଦାସ, ବି.କେ ପ୍ରତାପସିଂ, କନଷ୍ଟେବଲ ଏମ୍.ଖାନ, ଏମ୍.ସେଟି ଏବଂ ସ୍ୱୋଶାଲ ସ୍କ୍ୱାଡ୍କୁ ନେଇ ଟିମ୍ ଚଢ଼ାଉ କରି ଏହି ୩ ଅଭିଯୁକ୍ତଙ୍କୁ ଧରିଥିଲେ।



ଗିରଫ ଅଭିଯୁକ୍ତମାନେ। ଜବତ ବାଇକ୍, ବ୍ରାଉନ୍ସୁଗାର, ଟଙ୍କା ଓ ମୋବାଇଲ ଫୋନ୍।

### ପଥର ଖଣିରୁ ଯୁବକଙ୍କ ମୃତଦେହ ଜବତ

**ଜଟଣୀ,୨୪।୧୧(ଡି.ଏନ୍.ଏ.)**

ଜଟଣୀ ଥାନା ପୋଲିସ ବୁଧବାର ଏକ ପଥର ଖଣିରୁ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଜଟଣୀ ପୌରାଞ୍ଚଳ ରାମଚନ୍ଦ୍ରପୁର ବଜାର ଅଞ୍ଚଳର କେଶବ ଅଗ୍ରୱାଲ(୨୮)। ସୂଚନା ମୁତାବକ, କୌଣସି କାରଣରୁ କେଶବ ଗତ ୨୨ତାରିଖରୁ କେଉଁଆଡେ ଘରୁ ପଳାଇଯାଇଥିଲେ। ପରିବାରଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ଏନେଇ କେଶବ ନିଖୋଜ ଥିବା ନେଇ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ତେବେ ବୁଧବାର ପୂର୍ବାହ୍ଣରେ ଏକ ଘରୋଇ ଅନୁଷ୍ଠାନ ସମ୍ମୁଖ ପଥର ଖଣିରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରିଥିଲେ। ପରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫୪/୨୧)ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ଅଧିକାରୀ ଏସ୍ଆଇ ଶ୍ୟାମଘନ ବାରିକ କହିଛନ୍ତି।




୧୨ ଦଫା ଦାବିରେ ବୁଧବାର ବୋଲଗଡ ବ୍ଲକ କାର୍ଯ୍ୟାଳୟ ଆଗରେ ଅଙ୍ଗନୱାଡ଼ି କର୍ମୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ବ୍ଲକ କାର୍ଯ୍ୟାଳୟ ଘେରିଲେ ଅଙ୍ଗନୱାଡି କର୍ମୀ

**ବୋଲଗଡ଼,୨୪।୧୧(ଡି.ଏନ୍.ଏ.)**

ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ ବୋଲଗଡ଼ ଶାଖା ପକ୍ଷରୁ ବୁଧବାର ୧୨ଦଫା ଦାବିରେ ବୋଲଗଡ଼ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ ମାନ୍ୟତା, କର୍ମୀଙ୍କୁ ମାସିକ ୧୮ହଜାର ଓ ସହାୟିକାଙ୍କୁ ମାସିକ ୯ହଜାର ଟଙ୍କା ବେତନ ପ୍ରଦାନ, ଅବସରକାଳୀନ ସହାୟତା ରାଶି ଓ ଗ୍ରୀଷ୍ମ ଛୁଟି ଏବଂ ଅଙ୍ଗନୱାଡି କର୍ମୀ ସହାୟିକାଙ୍କୁ ଇଏସ୍ଆଇସି ଓ ଇପିଏଫ୍ ଓ ପ୍ରଦାନ, ଗ୍ରାଚ୍ୟୁଇଟି, ଚିକିତ୍ସା ସୁବିଧା, କରୋନାରେ ମୃତ୍ୟୁବରଣ କରିଥିବା କର୍ମୀ ଓ ସହାୟିକାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା ସହାୟତା, ଗାଁ କଲ୍ୟାଣ ସମିତିରୁ ଅଙ୍ଗନୱାଡି କର୍ମୀଙ୍କୁ ବାଦ୍ ଦେବା, ବଜାର ମୂଲ୍ୟ ଅନୁଯାୟୀ ଗରମ ରନ୍ଧା ଖାଦ୍ୟର ମୂଲ୍ୟ ବୃଦ୍ଧି କରିବା, ରାଷ୍ଟ୍ରୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା, ଅଙ୍ଗନୱାଡି କର୍ମୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ ଏବଂ ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ରନ୍ଧନ ଗ୍ୟାସ ଓ ଚୁଲା ପ୍ରଦାନ ଆଦି ଦାବିରେ ଏହି ଆନ୍ଦୋଳନ କରାଯାଇଥିଲା। ବୋଲଗଡ଼ ନନ୍ଦିଘୋଷ ଭବନ ଠାରୁ ଏକ ଶୋଭାଯାତ୍ରାରେ ଶତାଧିକ କର୍ମୀ ଓ ସହାୟିକାମାନେ ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବିଡିଓ ଧୋବେଇ ନାଏକଙ୍କୁ ଏହି ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଏଥିରେ ସଂଘର ମୁଖ୍ୟ ଉପଦେଷ୍ଟା ଗଙ୍ଗାଧର ଦାଶଙ୍କ ନେତୃତ୍ୱରେ ସଭାନେତ୍ରୀ ମେରିୟା ବେଗମ୍, ସମ୍ପାଦିକା ନମିତା ପ୍ରଧାନ, ଉପ-ସଭାନେତ୍ରୀ ପ୍ରତିମା ଦେଇ, କୋଷାଧ୍ୟକ୍ଷା ପ୍ରଭାସିନୀ ମହାରଣା, ସ୍ୱର୍ଣ୍ଣଲତା ମିଶ୍ର, ସୁଲୋଚନା ପରିଡା, ଶାନ୍ତି ଦେଇ, କମଳିନୀ ମହାନ୍ତିଙ୍କ ସମେତ ଶତାଧିକ ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମିଲ ହୋଇଥିଲେ।

### ହାତୀ ଉପଦ୍ରବ, ଧାନ ଫସଲ ନଷ୍ଟ

**ନିରାକାରପୁର,୨୪।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ଲାଗି ରହିଛି। ଜଙ୍ଗଲ ମୁଣ୍ଡିଆରେ ରହିଥିବା ୨୫ଟିକିଆ ହାତୀପଲ ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଧାନ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏଥିସହ ଲୋକମାନଙ୍କ ଘର ଭାଙ୍ଗୁଥିବା ଦେଖିବାକୁ ମିଳୁଛି। ଅନେକ ସମୟରେ ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଉଛି। ଏହିକ୍ରମରେ ମଙ୍ଗଳବାର ରାତିରେ ଅଚ୍ୟୁତପୁର ପଞ୍ଚାୟତର ରତାମାଟି ଗ୍ରାମ ଏବଂ ଛଣଗିରି ପଞ୍ଚାୟତର ରମାବିଲ ଗ୍ରାମରେ ହାତୀପଲ ପଶି ପାଚିଲା ଧାନ ଖାଇବା ସହ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଟାଙ୍ଗୀ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା କହିଛନ୍ତି, ହାତୀପଲ ଯେଉଁ ଚାଷୀଙ୍କ ଫସଲ ନଷ୍ଟ କରିଛନ୍ତି, ସେମାନେ କ୍ଷତିପୂରଣ ପାଇଁ ଅନ୍ଲାଇନରେ ଆବେଦନ କରିପାରିବେ। ତଦନ୍ତ ପରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

### ଇରାୱାଡି ଡଲ୍ଫିନ୍ ସୁରକ୍ଷା, ସଚେତନତା କର୍ମଶାଳା

**କୃଷ୍ଣପ୍ରସାଦ,୨୪।୧୧(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାରିକୁଦ ପକ୍ଷୀ ସୁରକ୍ଷା ଶିବିରଠାରେ ବୁଧବାର ବାଲୁଗାଁ ବନ୍ୟପ୍ରାଣୀ ବନାଞ୍ଚଳ, ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଇରାୱାଡି ଡଲଫିନ୍ଙ୍କ ସୁରକ୍ଷା ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଚିଲିକା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ବନରାମ ପ୍ରସାଦ ନନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଚିଲିକା ନୂଆପଡ଼ା ରେଞ୍ଜର ରଞ୍ଜନ କୁମାର ଦାସ, ଅତିଥିଭାବେ କୃଷ୍ଣପ୍ରସାଦ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ସମିତିସଭ୍ୟ ଜିତେନ୍ଦ୍ର କୁମାର ବିଶ୍ୱାଳ, ସାମାଜିକ କର୍ମୀ ଭଗବାନ ସେନାପତି, ବନରକ୍ଷୀ ସୁନିଲ କୁମାର ଲେଙ୍କା ପ୍ରମୁଖ ଯୋଗଦେଇ ଚିଲିକାରେ ଦେଖାଯାଉଥିବା ଏହି ପ୍ରଜାତିର ଡଲଫିନଙ୍କର କିଭଳି ସୁରକ୍ଷା କରାଯାଇପାରିବ ସେ ଦିଗରେ ପରାମର୍ଶ ଦେଇଥିଲେ। ପାରିକୁଦ ବନପାଳ ଜିତେନ୍ଦ୍ରିୟ ଜେନା ଶିବିର କାର୍ଯ୍ୟ ପରିଚାଳନା କରିଥିଲେ। ବନରକ୍ଷୀ ଅନୀଲ କୁମାର ଲେଙ୍କା ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। କର୍ମଶାଳାରେ ସ୍ଥାନୀୟ ଡଙ୍ଗା ଚାଳକ ଓ ମତ୍ସ୍ୟଜୀବୀମାନେ ଅଂଶଗ୍ରହଣ କରିଥିଲେ। ଡଲଫିନ୍ ସ୍କ୍ୱାଡ୍ କର୍ମଚାରୀ ସୁଶାନ୍ତ କୁମାର ସାହୁ, ଲଲାଟ କୁମାର ସ୍ୱାଇଁ ଏହି ଡଲଫିନ୍ଙ୍କ ସୁରକ୍ଷା ଦିଗରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ ବିଭାଗ ସୁରକ୍ଷା କର୍ମୀ ସନ୍ତୋଷ କୁମାର ସେଠୀ, ସାଧୁ ଚରଣ ସାହୁ, ଜୟନ୍ତ କୁମାର ଜେନା, ସୌମ୍ୟଶ୍ରୀ ସାହୁ, ଜ୍ଞାନ ବିଶ୍ୱାଳ, ଦୀପକ କୁମାର ବେହେରା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଛତୁଆ ମାନ ପରଖିଲେ ଅଧିକାରୀ

**କୃଷ୍ଣପ୍ରସାଦ,୨୪।୧୧(ଡି.ଏନ୍.ଏ.)**

ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କୁ ଉଚ୍ଚ ଗୁଣମାନର ଛତୁଆ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା କରିବା ଲକ୍ଷ୍ୟ ନେଇ ପ୍ରତି ମାସ ୨୩ ତାରିଖରେ ଛତୁଆ ମିଶ୍ରଣ ଦିବସ ପାଳନ ହେଉଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ସିଡିପିଓ ମନୋରମା ଦେବୀଙ୍କ ତତ୍ତ୍ୱାବଧାନରେ ଛତୁଆ ମିଶ୍ରଣ ଦିବସ ପାଳିତ ହୋଇଯାଇଛି। ମା'ହରଚଣ୍ଡୀ ସ୍ୱୟଂ ସହାୟକ ସଙ୍ଗଠନ ସିଆଣ୍ଡି ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ସଙ୍ଗଠନର ମହିଳାମାନେ ମାସ୍କ ପରିଧାନ ସହ ସାମାଜିକ ଦୂରତ୍ୱ ରକ୍ଷା କରି ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ସଂଘ ସଭାନେତ୍ରୀ ପ୍ରଭାସିନୀ ତରେଇ, ସମ୍ପାଦିକା ସବିତା ପଲାଇଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଭଜା ଗହମ, ଭଜା ବୁଟ, ଭଜା ବାଦାମ ଓ ଚିନି ନିର୍ଦ୍ଧାରିତ ଅନୁପାତରେ ମିଶ୍ରଣ କରିଥିଲେ। ସେହିପରି ମୋରଡାସ୍ଥିତ ମା'ପାଦୁକାଇ ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତ କେନ୍ଦ୍ରରେ କରୋନା କଟକଣାରେ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ସଭାନେତ୍ରୀ ଅନ୍ନପୂର୍ଣ୍ଣା ଦାସ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ମିସ୍ତ୍ରୀ ସ୍ୱଚ୍ଛତା ଓ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଇ ମିଶ୍ରଣ କରିଥିଲେ। ସୁପରଭାଇଜର ମାଗୁଣି ପ୍ରଧାନ, ରମାମଣି ନାୟକଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା।



ଆଇଏନ୍ଏସ୍ ଚିଲିକାରେ ଅନୁଷ୍ଠିତ ନୌକା ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ଓଡ଼ିଶା ଏନ୍ସିସି କ୍ୟାଡେଟ୍ଙ୍କୁ ବୁଧବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସମ୍ମାନିତ କରୁଛନ୍ତି।

# ସ୍ୱାମୀଙ୍କୁ ଥାନାରେ ହଟହଟା କଲେ ୨ ସ୍ତ୍ରୀ

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ)**

- ମିଛ କହି ୩ଜଣଙ୍କୁ ବିବାହ କରି ସମ୍ପତ୍ତି ଲୁଟିଥିଲେ
- ଅଭିଯୁକ୍ତ ସ୍ୱାମୀ ଗିରଫ

ନିଜ ସମ୍ପର୍କରେ ମିଛ କଥା କହି ବିବାହ କରୁଥିଲେ। ମିଛ ପ୍ରତିଶ୍ରୁତି ଦେଇ ସମସ୍ତ ସମ୍ପତ୍ତି ଲୁଟିନେବା ପରେ ଆଉଜଣଙ୍କୁ ସ୍ତ୍ରୀ କରୁଥିଲେ। ଏମିତି ୩ଜଣଙ୍କୁ ବିବାହ କରିଥିବା ସ୍ୱାମୀଙ୍କୁ ଶେଷରେ ଥାନାରେ ହଟହଟା ହେବାକୁ ପଡିଛି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଉଥିବାବେଳେ ଦୁଇଜଣ ସ୍ତ୍ରୀ ତାଙ୍କୁ ମାଡ଼ମାରିବାକୁ ଉଦ୍ୟମ କରିବା ସହ ଟଣାଓଟରା ଓ ଠେଲାପେଲା କରିଛନ୍ତି। ବୁଧବାର ମଞ୍ଚେଶ୍ୱର ଥାନାରେ ଘଟିଥିବା ଏହି ଘଟଣାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ପ୍ରଥମ ଓ ଦ୍ୱିତୀୟ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ୨ଟି ପୃଥକ ମାମଲା (ନଂ. ୩୮୪, ୩୮୫/୨୧) ରୁଜୁ କରିବା ସହ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଦଉପୁର ଗ୍ରାମର ଆଲୋକ ଜେନା। ତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ମଞ୍ଚେଶ୍ୱର ଥାନା ଅଧିକାରୀ ସୁଧୀର କୁମାର ସାହୁ କହିଛନ୍ତି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ଆଲୋକ ୧୪ବର୍ଷ ତଳେ ରସୁଲଗଡରେ ରୀନା ଜେନାଙ୍କୁ ବିବାହ କରି ତାଙ୍କ ଘରେ ରହିଥିଲେ। କିଛିଦିନ ପରେ ସେମାନେ ପଳାଶୁଣିରେ ଆସି ରହିଥିଲେ। ହେଲେ ସ୍ୱାମୀ ଆଲୋକ ନିର୍ଯାତନା ଦେବାରୁ ରୀନା ତାଙ୍କ ବାପଘରକୁ ଆସିଥିଲେ। ପୁଣି କିଛିଦିନ ପରେ ଆଲୋକ ତାଙ୍କ ପାଖରେ ଆସି ରହିଥିଲେ। ସ୍ୱାମୀଙ୍କୁ ରୋଜଗାରକ୍ଷମ କରିବା ପାଇଁ ରୀନା ଋଣ କରି ତାଙ୍କୁ ଅଟୋ ଓ କାର୍ କିଣାଇ ଦେଇଥିଲେ। ଉଭୟଙ୍କର ୨ଟି ପୁଅ ଥିଲା। ୭ ବର୍ଷ ପରେ ଆଲୋକ ରୀନାଙ୍କୁ ଛାଡି ନୀଳାଦ୍ରି ବିହାରର ଅନୀତା ସେଠୀଙ୍କୁ ବିବାହ କରିଥିଲେ। ସେହି ସମୟରେ ଆଲୋକ ପ୍ରଥମ ସ୍ତ୍ରୀଙ୍କୁ ଛାଡପତ୍ର ଦେଇଥିବା ମିଛରେ କହିଥିଲେ। ସେମାନେ ୫ବର୍ଷ ହେଲା ସାଲିଆ ସାହିରେ ରହିଥିଲେ। ଗତ ଅକ୍ଟୋବରରେ ସେ ତାଙ୍କଠୁ ଗାଡି ସମେତ ସୁନାଗହଣା ନେଇ ଛାଡି ପଳାଇଥିଲେ। ସେ ଆଉ ଜଣେ ଝିଅକୁ ବିବାହ କରି ସତ୍ୟବିହାରସ୍ଥିତ ତାଙ୍କ ଭଉଣୀଘରେ ରହୁଥିଲେ। ଏନେଇ ପ୍ରଥମ ଓ ଦ୍ୱିତୀୟ ସ୍ତ୍ରୀ ଜାଣିବା ପରେ ତାଙ୍କ ମଧ୍ୟରେ କଳି ଝଗଡା ହୋଇଥିଲା। ଅନୀତା ମହିଳା ସଂଘ କର୍ମକର୍ତ୍ତାଙ୍କ ସହ ବୁଧବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ସ୍ୱାମୀଙ୍କୁ ଉଠାଇ ଆଣିଥିଲା।

### ସ୍ୱର୍ଣ୍ଣପ୍ରଭା ହେଲେ ଏଆଇପିଟିଏଫ୍ ସଙ୍ଗଠନ ସମ୍ପାଦିକା

**ଭୁବନେଶ୍ୱର,୨୪।୧୧ (ବ୍ୟୁରୋ)**

ଅଖିଳ ଭାରତୀୟ ପ୍ରାଥମିକ ଶିକ୍ଷକ ଫେଡେରେଶନ (ଏଆଇପିଟିଏଫ୍)ର ସ୍ୱତନ୍ତ୍ର ଅଧିବେଶନ ବୁଧଗୟାଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଙ୍ଗଠନ ସମ୍ପାଦିକ ଭାବେ ରାଜ୍ୟରୁ ପ୍ରଥମ ମହିଳା ଭାବେ ସ୍ୱର୍ଣ୍ଣପ୍ରଭା ମେକାପ ଓରଫ ସୋନି ନିର୍ବାଚିତ ହୋଇଛନ୍ତି। ସେ ସର୍ବଭାରତୀୟ ମହିଳା ଟିମ୍ରେ କାର୍ଯ୍ୟକାରୀ କମିଟି ସଭ୍ୟ ହେବା ସହ ମହାସଚିବ ଭାବେ କମଳାକାନ୍ତ ତ୍ରିପାଠୀ, ସଭ୍ୟ ଭାବେ କାହ୍ନୁଚରଣ ମହାନ୍ତି ମଧ୍ୟ ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ଓଡ଼ିଶାର ପ୍ରାଥମିକ ଶିକ୍ଷକମାନେ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଶ୍ରମିକ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ବିଜୟୀ

**ଜଟଣୀ,୨୪।୧୧(ଡି.ଏନ୍.ଏ.)**

ପୂର୍ବତଟ ରେଳପଥ ଅଧୀନ ଖୋର୍ଦ୍ଧାରୋଡ୍ ମଣ୍ଡଳ (ଜଟଣୀ) ଠାରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ରେଲୱେ ଇନଷ୍ଟିଚ୍ୟୁଟ ପରିଚାଳନା କମିଟି ପରିଷଦ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯାଇଥିଲା। ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭୋଟ ଗଣତି ଚାଲିଥିଲା। ପରେ ନିର୍ବାଚନ ଆୟୋଗ ସହକାର୍ମୀକ ଅଧିକାରୀ ଭେଙ୍କଟ ରାଓ ଫଳାଫଳ ଘୋଷଣା କରିଥିଲେ। ଶ୍ରମିକ କଂଗ୍ରେସ ସମର୍ଥିତ ପ୍ରାର୍ଥୀମାନେ ୧୧ ଆସନରୁ ୯ଟିରେ ବିଜୟୀ ହୋଇଥିଲେ। କୀର୍ତ୍ତି ପଟ୍ଟନାୟକ, ସାମୁଏଲ୍ ପ୍ରଧାନ, ସୁନିଲ କୁମାର ଭଞ୍ଜ, ମନୋରଞ୍ଜନ ମହାପାତ୍ର, ଶିଶିର କୁମାର ପାତ୍ର, ରସିଦ ବାସା, ପି.ରାଜା ରାଓ, ଗୋପାଳ ଦାସ, ଅକ୍ଷୟ କୁମାର ପ୍ରଧାନ ବିଜୟୀ ହୋଇଥିବାବେଳେ ଶ୍ରମିକ ୟୁନିୟନ୍ ସମର୍ଥିତ ନିର୍ମଳ ପରିଡା ଓ ନିରଞ୍ଜନ ମହାରଣା ବିଜୟୀ ହୋଇଛନ୍ତି। ବିଜୟ ପରେ ଶ୍ରମିକ କଂଗ୍ରେସ ପକ୍ଷରୁ ଏକ ଶୋଭାଯାତ୍ରାରେ ଜଟଣୀ ସହର ପରିକ୍ରମା କରିଥିଲେ। ସେହିପରି ବ୍ରହ୍ମପୁର ଇନଷ୍ଟିଚ୍ୟୁଟ ଭୋଟରେ ଶ୍ରମିକ କଂଗ୍ରେସ ସମର୍ଥିତ ପ୍ରାର୍ଥୀମାନେ ୧୧ ଆସନରୁ ୧୦ଟି ରେ ବିଜୟୀ ହୋଇଛନ୍ତି।

# ରନ୍ଧନ ଗ୍ୟାସ୍ ଦର ବୃଦ୍ଧିର ପ୍ରତିବାଦ

**ଖୋର୍ଦ୍ଧା ଅଫିସ/ଟାଙ୍ଗୀ, ୨୪।୧୧(ଡି.ଏନ୍.ଏ.)**

ପେଟ୍ରୋଲ ପରେ ରନ୍ଧନ ଗ୍ୟାସ ଦର ବୃଦ୍ଧି ସାଧାରଣ ଜନତାଙ୍କୁ ଅସ୍ତବ୍ୟସ୍ତ କରିଛି। ସାଧାରଣ ଖାଉଟି ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହାର ପ୍ରତିବାଦରେ ବୁଧବାର ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟ ଆଗରେ ଖୋର୍ଦ୍ଧା ନିର୍ବାଚନୀମଣ୍ଡଳୀର ବିଜୁ ମହିଳା, ଯୁବ ଏବଂ ଛାତ୍ର ଜନତା ଦଳ ପକ୍ଷରୁ ଧାରଣା ଓ ପ୍ରତିବାଦ ସଭା କରାଯାଇଛି। ଜିଲା ଯୁବ ବିଜେଡି ସଭାପତି ରାଜେଶ ପରିଡାଙ୍କ ନେତୃତ୍ୱରେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜିଲାପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଦଳେଇ, ଜିଲା ଉପଦେଷ୍ଟା ରାମଚନ୍ଦ୍ର ମହାପାତ୍ର, ଯୁବ ବିଜେଡି ରାଜ୍ୟ ସମ୍ପାଦକ ରୁଦ୍ରନାଥ ଦତ୍ତ, ବିସିଜେଡି ରାଜ୍ୟ ସମ୍ପାଦକ ନସିମ ଖାନ, ବ୍ଲକ ଅଧ୍ୟକ୍ଷ ବିଜୟ ଜେନା, ବିଜୁ ମହିଳା ଜନତା ଦଳର ସଭାପତି ଗୀତାଞ୍ଜଳି ପାଟ୍ଟଶାଣୀ, ଜିଲାପରିଷଦ ସଭ୍ୟ ସ୍ୱଦେଶ ରାଉତରାୟ, ଯୁବ ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରଭାତ ସ୍ୱାଇଁ, ଉପସଭାପତି ବିଶ୍ୱାସ ରଞ୍ଜନ ଦାସ, ବଡପୋଖରିଆ ସରପଞ୍ଚ ସାଗର ବଳିୟାରସିଂହ, ଜିଲା ଉପସଭାପତି କିଶୋର ବେହେରା ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଆଗାମୀ ଦିନରେ ଯଦି କେନ୍ଦ୍ର ସରକାର ଗ୍ୟାସ ଦର ନିୟନ୍ତ୍ରଣ ନ କରନ୍ତି, ତେବେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଜିଲା ଯୁବ ସଭାପତି ପରିଡା କହିଛନ୍ତି। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିସିଜେଡି ଡିଜିଟାଲ ସେକ୍ରେଟାରି ଗୌତମ ମିଶ୍ର, ଟାଙ୍ଗୀ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ପ୍ରମୁଖଙ୍କ ସମେତ ବହୁ ମହିଳା ସାମିଲ ହୋଇଥିଲେ।




ଟାଙ୍ଗୀ ବ୍ଲକ୍ କାର୍ଯ୍ୟାଳୟ ଆଗରେ ବିଜେଡି ପକ୍ଷରୁ ଅନୁଷ୍ଠିତ ପ୍ରତିବାଦ ସଭା।

## ସଂକ୍ଷେପରେ

### ଦୀପୁ, ଓମ୍ ହତ୍ୟା ମାମଲା: ଡାକ୍ତରଙ୍କ ସାକ୍ଷ୍ୟ ଗ୍ରହଣ

**କଟକ ଅଫିସ,୨୪।୧୧:** କଟକର ଦୀପୁ, ଓମ୍ ହତ୍ୟା ମାମଲାର ଶୁଣାଣି ବୁଧବାର କଟକ ଜିଲା ଓ ଦୌରାଜଜ ଅଦାଲତରେ ହୋଇଥିଲା। ଉପରୋକ୍ତ ୨ ମୃତକଙ୍କ ଶବ ବ୍ୟବଚ୍ଛେଦ କରାଇଥିବା ଝାଡ଼ଖଣ୍ଡ ପଶ୍ଚିମି ସିଂହଭୂମ ଜିଲା ଗୁଆ ଅଞ୍ଚଳର ଡାକ୍ତରଙ୍କ ଉକ୍ତ କୋର୍ଟରେ ସାକ୍ଷ୍ୟ ଗ୍ରହଣ କରାଯାଇଛି। ମଙ୍ଗଳବାର ଉକ୍ତ ମାମଲାରେ ସମ୍ପୃକ୍ତ ଗ୍ୟାଙ୍ଗଷ୍ଟର ସୁଶାନ୍ତ ଧଳସାମନ୍ତ ଓ ସୁଶୀଲ ଧଳସାମନ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସେହିପରି ଜଣେ ପୋଲିସ ଅଧିକାରୀ ଓ ଜଣେ ସାଧାରଣ ବ୍ୟକ୍ତି ମଧ ସାକ୍ଷ୍ୟ ପ୍ରଦାନ କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ମାମଲା ପରିଚାଳନା କରୁଥିଲେ।

### ଶିବିରରୁ ୧୬୧ ୟୁନିଟ୍ ରକ୍ତ ସଂଗ୍ରହ

**ଚୌଦ୍ୱାର,୨୪।୧୧(ଡି.ଏନ୍.ଏ.):** ଚୌଦ୍ୱାରସ୍ଥିତ ଇମ୍ଫା କ୍ଲବ ହାଉସ ପରିସରରେ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଇମ୍ଫାର ସାମାଜିକ ଦାୟିତ୍ୱ ବୋଧ ଶାଖା ବଂଶୀଧର ଇଲାପଣ୍ଡା ଫାଉଣ୍ଡେଶନ୍ ପକ୍ଷରୁ ଅନୁଷ୍ଠିତ ଶିବିରରେ ୧୬୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଇମ୍ଫାର ସାଧାରଣ ପ୍ରଶାସକ ଜି.ସାରଦା ପ୍ରସାଦ ରାଓଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଲୋକ ସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତ, ଇମ୍ଫା ମହିଳା କ୍ଲବ୍ ସଭାନେତ୍ରୀ ନମିତା ଅଗ୍ରୱାଲଙ୍କ ସମେତ ବରିଷ୍ଠ ଅଧିକାରୀମାନେ ପରିଚାଳନା କରିଥିଲେ।

### ସତ୍ୟସାଇଙ୍କ ଜନ୍ମ ଉତ୍ସବ

**ଚୌଦ୍ୱାର,୨୪।୧୧(ଡି.ଏନ୍.ଏ.):** ସ୍ଥାନୀୟ ବ୍ୟାରେଜ ରୋଡ୍‌ସ୍ଥିତ ମନ୍ଦିରରେ ସତ୍ୟସାଇଙ୍କ ଜନ୍ମ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ବେଦପାଠ, ନଗର ସଂକୀର୍ତ୍ତନ ସହ ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆବାହକ ରଞ୍ଜନ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦାମୋଦର ସାହୁ, ଶୁକ ଦେଇ, ଡ. ପ୍ରକାଶ କୁମାର ପଣ୍ଡା, ସୁଧାଂଶୁ ଶେଖର ସାହୁ ପ୍ରମୁଖ ଯୋଗଦେଇ ସତ୍ୟସାଇଙ୍କ ଅମୃତବାଣୀ ସମ୍ପର୍କରେ ଆଲୋଚନା କରିଥିଲେ।

### ନଗର କଂଗ୍ରେସ ପକ୍ଷରୁ ଜନ ଜାଗରଣ ଯାତ୍ରା

**କଟକ ଅଫିସ,୨୪।୧୧:** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ଓ ଜନବିରୋଧୀ ନୀତି ବିରୋଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ରାଜ୍ୟବ୍ୟାପୀ ଏକ ସପ୍ତାହ ଧରି ଜନ ଜାଗରଣ ଯାତ୍ରା ଆହ୍ୱାନ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର କଟକ ନଗର ଜିଲା କଂଗ୍ରେସ କମିଟି ପକ୍ଷରୁ ଜନ ସଚେତନତା ସୃଷ୍ଟି ପାଇଁ ଚାନ୍ଦିନୀଚୌକ ମେଳଣ ପଡିଆରୁ ଜନ ଜାଗରଣ ଯାତ୍ରା ବାହାରି ସ୍ଥାନୀୟ ଲାଲା ମଠ ପର୍ଯ୍ୟନ୍ତ ଯାଇଥିଲା। ପୁନର୍ବାର ସେଠାରୁ ମେଳଣ ପଡିଆ ପର୍ଯ୍ୟନ୍ତ ଶୋଭାଯାତ୍ରା ଆସିଥିଲା। ଏହାପରେ ସେଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ଦେଶ ଆର୍ଥିକ ସଙ୍କଟ ଦେଇ ଗତି କରୁଛି ବୋଲି କହିଥିଲେ। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଜନ ଜାଗରଣ ଯାତ୍ରାରେ ଦଳୀୟ ନେତା ଶୈଳବାଳା ଜେନା, ତୃପ୍ତି ଦାସ, ଶରତ ଚନ୍ଦ୍ର ସେଠୀ, ମହମ୍ମଦ ଅଲିମ, ଚାରୁଲତା ସାହୁ, ଲୀଳାବତୀ ସାହୁ, ସୁରଜିତ ସାହୁ, ଶକୁନ୍ତଳା ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ସୌମେନ୍ଦ୍ର ଭାଜପା ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ

**କଟକ ଅଫିସ,୨୪।୧୧:** ଭାଜପା ଓବିସି ମୋର୍ଚ୍ଚା କଟକ ନଗର ସାଧାରଣ ସମ୍ପାଦକ ଭାବେ ସୌମେନ୍ଦ୍ର ପଲାଇ ମଙ୍ଗଳବାର ମନୋନୀତ ହୋଇଛନ୍ତି। ଏଥିପାଇଁ ସେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ମାନସ ମହାନ୍ତି, କଟକ ନଗର ଜିଲା ପ୍ରଭାରୀ ପୃଥ୍ୱିରାଜ ହରିଚନ୍ଦନ, ନୟନ କିଶୋର ମହାନ୍ତି, ପୂର୍ବତନ ମନ୍ତ୍ରୀ ସମୀର ଦେ, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରତ ବିଶ୍ୱାଳ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ରାଷ୍ଟ୍ରୀୟ ଅନୁସୂଚିତ ଜାତି କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ ମଲ୍ଲିକ, କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ ଓ କଟକ ଓବିସି ମୋର୍ଚ୍ଚା ସଭାପତି ମହେନ୍ଦ୍ର ମହାନ୍ତି ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହା ପୂର୍ବରୁ ପଲାଇ ଭାଜପା ମଣ୍ଡଳ ସାଧାରଣ ସମ୍ପାଦକ ଓ ଜିଲା ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇ ଆସିଛନ୍ତି। ଏଥିସହ ତୃଣମୂଳସ୍ତରରୁ ସେ ମୋର୍ଚ୍ଚାର ଦାୟିତ୍ୱ ତୁଲାଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ଦଳକୁ ଅଧିକ ମଜଭୁତ କରିବା ପାଇଁ ପୂର୍ଣ୍ଣମାତ୍ରାରେ ପ୍ରୟାସ ଜାରି ରଖିବି।

# ବିଳମ୍ବ କାର୍ଯ୍ୟାନୁଷ୍ଠାନ ବିରୋଧରେ ଏସ୍‌ପିଙ୍କୁ ଗୁହାରି

**ସାଲେପୁର ଫାର୍ମାସୀ ଛାତ୍ରୀ ଆତ୍ମହତ୍ୟା ଘଟଣା**

■ ଥାନାଧିକାରୀଙ୍କ କାର୍ଯ୍ୟକୁ ନେଇ ସନ୍ଦେହ

**କଟକ ଅଫିସ,୨୪।୧୧**

କଟକ ଜିଲା ସାଲେପୁର ଫାର୍ମାସୀ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ନୂଆ ମୋଡ ଆସିଛି। ଘଟଣାର ସପ୍ତାହକ ପରେ ପୋଲିସ ମାମଲା ରୁଜୁ କରିବାକୁ ନେଇ ପରିବାର ଲୋକ ପ୍ରଶ୍ନ ଉଠାଇଛନ୍ତି। ଯଦିଓ ଏହା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି, କିନ୍ତୁ ତାଙ୍କୁ ପ୍ରଥମେ ସୁରକ୍ଷା ଦେବାକୁ ଯାଇ ଥାନାଧିକାରୀ ଏପରି ବିଳମ୍ବ କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏଣୁ ମାମଲାର ଅଧିକ ତଦନ୍ତ ଦାବି କରି ବୁଧବାର ମୃତ ଛାତ୍ରୀଙ୍କ ପରିବାର ଲୋକ କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ସାଲେପୁର ଥାନା ଅଧୀନ ସୁନାଖଣ୍ଡି ଅଞ୍ଚଳର ଫାର୍ମାସୀ ଛାତ୍ରୀ ସ୍ୱୟଂପ୍ରଭା ବେହେରା ଗତ ୯ ତାରିଖରେ ଘରେ ଆତ୍ମହତ୍ୟା କରିଥିଲେ। ଏନେଇ ପରିବାର ଲୋକେ ସ୍ଥାନୀୟ ଥାନାକୁ ଜଣାଇଥିଲେ। ତାଙ୍କ ଦାଦା ନିରଞ୍ଜନ ବେହେରାଙ୍କ କହିବାନୁସାରେ, ଘର ଭିତରୁ ସ୍ୱୟଂପ୍ରଭାଙ୍କ ହାତଲେଖା ସୁଇସାଇଡ୍ ନୋଟ୍ ମିଳିଥିଲା। ଯେଉଁଥିରେ ସ୍ୱୟଂପ୍ରଭା ଆତ୍ମହତ୍ୟା ପାଇଁ ସିପୁନ ଓରଫ ସିଦ୍ଧାର୍ଥ ରାଉତଙ୍କୁ ଦାୟୀ କରିଥିଲେ। କିଛିଦିନ ଧରି ସିପୁନ ତାଙ୍କୁ ବ୍ଲାକମେଲ କରୁଥିଲେ। ଏପରି କି ପରିବାର ଲୋକଙ୍କୁ ହତ୍ୟା କରିଦେବା ପାଇଁ ଧମକ ଦେଉଥିଲେ। ଏହାକୁ ନେଇ ସେ ମାନସିକ ଚାପରେ ଥିଲେ। ବାରମ୍ବାର ଏମିତି ଧମକ ମିଳିବାରୁ ସେ ଆତ୍ମହତ୍ୟା କରିଥିବା ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ଏହି ଚିଠି ପାଇଲା ପରେ ତୁରନ୍ତ ସାଲେପୁର ଥାନାରେ ସିପୁନଙ୍କ ବିରୋଧରେ ଏତଲା ଦିଆଯାଇଥିଲା। ଏପରି କି ଏତଲା କପି ସହ ଉକ୍ତ ଚିଠିକୁ ସଂଲଗ୍ନ କରାଯାଇଥିଲା। ମାତ୍ର ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଓଲଟି ତାଙ୍କ ପରିବାର ଲୋକଙ୍କୁ ଦୁର୍ବ୍ୟବହାର କରିଥିଲା। ପୁନର୍ବାର ୧୬ ତାରିଖରେ ପରିବାର ଲୋକ ଥାନାକୁ ଏତଲା ଦେବାକୁ ଯାଇ ନିରାଶରେ ଫେରିଥିଲେ। ତେଣୁ ପରିବାର ଲୋକେ ଘଟଣା ସଂକ୍ରାନ୍ତରେ ସାଲେପୁର ଏସ୍‌ଡିପିଓଙ୍କୁ ଜଣାଇଥିଲେ। ଏହାପରେ ଗତ ୧୮ ତାରିଖରେ ସାଲେପୁର ଥାନାରେ ମାମଲା ରୁଜୁ ହୋଇଥିଲା। ପରେ ପୋଲିସ ତଦନ୍ତ କରି କେନ୍ଦ୍ରାପଡ଼ା ଜିଲା ଚାନ୍ଦୋଳରୁ ସିପୁନଙ୍କୁ ଗିରଫ କରି ଜେଲ ପଠାଇଥିଲା। ତେବେ ଏତଲା ଦେବାର ୮ ଦିନ ପରେ ପୋଲିସ ମାମଲା ରୁଜୁ କରିବା ଘଟଣାରେ ପରିବାର ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କୁ ସୁରକ୍ଷା ଦେବାକୁ ଯାଇ ଥାନାଧିକାରୀ ଜାଣିଶୁଣି ମାମଲା ରୁଜୁ କରିବାରେ ବିଳମ୍ବ କରିଥିବା ସ୍ୱୟଂପ୍ରଭାଙ୍କ ବାପା ପ୍ରହ୍ଲାଦ ବେହେରା ଅଭିଯୋଗ କରିଛନ୍ତି। ତେଣୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ସଂପୃକ୍ତ ଥାନାଧିକାରୀ ଓ ମୃତ୍ୟୁ ପାଇଁ ଦାୟୀ ଯୁବକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ଥାନାଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟପକ୍ଷରେ ଗ୍ରାମାଞ୍ଚଳ ଏସ୍‌ପି ବି. ଯୁଗଳ କିଶୋରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇ ନ ଥିଲେ। ଗ୍ରାମାଞ୍ଚଳ ଏସ୍‌ପି କାର୍ଯ୍ୟାଳୟର ଜଣେ ପୋଲିସ ଅଧିକାରୀଙ୍କ କହିବାନୁସାରେ, ଘଟଣା ଦିନ ପ୍ରଥମେ ସାଲେପୁର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୬/୨୧) ରୁଜୁ ହୋଇଥିଲା। ଏଥିସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପଠାଯାଇଥିଲା। ମୃତ୍ୟୁର ଦିନକ ପରେ ଜଣେ ଯୁବକଙ୍କ ବିରୋଧରେ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ନେଇ ମୃତକଙ୍କ ପରିବାର ଲୋକ ଅଭିଯୋଗ କରିଥିଲେ। ପ୍ରାଥମିକ ତଦନ୍ତ ପରେ ଅପମୃତ୍ୟୁ ମାମଲାକୁ ପରିବର୍ତ୍ତନ କରାଯାଇ ଆଇପିସିର ୩୦୬, ୩୪ ଦଫାରେ ଆଉ ଏକ ମାମଲା (ନଂ.୩୧୯/୨୧) ରୁଜୁ କରାଯାଇଛି।



କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନରେ କଟକ ଜିଲା ଇପିଏଫ୍ ପେନସନର୍ସ ସଂଘ ପକ୍ଷରୁ ବୁଧବାର ଅନୁଷ୍ଠିତ ଜିଲା ସମ୍ମିଳନୀରେ ରାଜ୍ୟ ସଭା ସଦସ୍ୟ ସୁବାସ ସିଂ ଉଦ୍‌ବୋଧନ ଦେଉଛନ୍ତି।

## ଶିଶୁ ସୁରକ୍ଷା କମିଟି ବୈଠକ

**ବାଙ୍କୀ,୨୪।୧୧(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ବୁଧବାର ଶିଶୁ ସୁରକ୍ଷା କମିଟି ବୈଠକ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହାକୁ ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧ୍ୟକ୍ଷ ଡ.ପୁଷ୍ପଲତା ମହାପାତ୍ର ଉଦ୍‌ଘାଟନ କରିଥିଲେ। ଡମପଡ଼ା ବ୍ଲକ ସିଡିପିଓ ଫୁଲରାଣୀ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିଶୁ ସୁରକ୍ଷା କମିଟି ପ୍ରତି ପଞ୍ଚାୟତରେ ଗଠନ କରିବା, ପ୍ରତ୍ୟେକ ଗାଁରେ ଶିଶୁମାନଙ୍କ ସ୍ୱାସ୍ଥ୍ୟ, ପୁଷ୍ଟି, ଶିକ୍ଷା ଉପରେ ଧ୍ୟାନ ଦେବା, ଶିଶୁ ବିବାହ, ଶିଶୁ ଚାଲାଣ, ଶିଶୁ ଶ୍ରମିକ ପ୍ରଥା ଲୋପ କରିବାକୁ ପ୍ରାଧାନ୍ୟ ଦେବାକୁ ଆଲୋଚନା ହୋଇଥିଲା। ଏଥିରେ ସମାଜ ମଙ୍ଗଳ ଅଧିକାରୀ ଜି.ଏ. ଜ୍ୟୋତିପ୍ରକାଶ, ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ଅଧିକାରୀ ଅକ୍ଷୟ ଭଞ୍ଜ, ଡମପଡ଼ା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ବେହେରା, ମିଶନ ଶକ୍ତିର ସୁଜାତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କିପରି ପଞ୍ଚାୟତ ସ୍ତରରେ ଶିଶୁ ସୁରକ୍ଷା କମିଟି ଗଠନ କରାଯାଇ ତାହା କାର୍ଯ୍ୟକାରୀ କରାଯିବ ସେ ସମ୍ପର୍କରେ ମତପ୍ରକାଶ କରିଥିଲେ।

## ବାଙ୍କୀ ଭାଜପାର ସାଙ୍ଗଠନିକ ବୈଠକ, ମିଶ୍ରଣପର୍ବ

**ବାଙ୍କୀ,୨୪।୧୧(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ମହବେରଣା ପୀଠଠାରେ ବରପୁଟ ପଞ୍ଚାୟତର ଭାଜପା ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବାଙ୍କୀର ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢୀ ଯୋଗଦେଇ ମୋଦି ଶାସନରେ ଗରିବ ଲୋକମାନଙ୍କ ପାଇଁ ଗ୍ରହଣ କରାଯାଇଥିବା ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଦେଶର ସୁରକ୍ଷା, ଉନ୍ନତି, ଅର୍ଥନୀତିର ଉତ୍ଥାନ ସମସ୍ତଙ୍କୁ ଆକୃଷ୍ଟ କରିଛି। ବୈଠକରେ ବରପୁଟ ପଞ୍ଚାୟତର ନରେଶ ନାୟକ, ସୁଶାନ୍ତ ନାୟକ, ପ୍ରମୋଦ ସେଠୀ, ପ୍ରିୟ ପ୍ରଧାନ, ଭେଣ୍ଟୁଆ ପ୍ରଧାନ, କାହ୍ନୁ ପ୍ରଧାନ, କର୍ମାଣୀ ପ୍ରଧାନ, ହାଲୁରୀ ପ୍ରଧାନ, ବ୍ରହ୍ମାନନ୍ଦ ବିଶ୍ୱାଳ, ଦିଲୀପ କୁମାର ସ୍ୱାଇଁ, ଧ୍ରୁବ ଚରଣ ପ୍ରଧାନଙ୍କ ସମେତ ସେମାନଙ୍କ ସମର୍ଥକମାନେ ଭାଜପା ଦଳରେ ଯୋଗଦାନ କରିଛନ୍ତି। ପାଢୀ ସେମାନଙ୍କୁ ଭାଜପା ଦଳର ଉତ୍ତରୀୟ ପ୍ରଦାନ କରିବା ସହ ସ୍ୱାଗତ ଜଣାଇଥିଲେ। ବ୍ରହ୍ମପୁରା ମଣ୍ଡଳର ସାଧାରଣ ସମ୍ପାଦକ ରିଣ୍ଟୁ ରଞ୍ଜନ ରାଉତ ଧନ୍ୟବାଦ ଦେଇଥିଲେ। ସୁବର୍ଣ୍ଣପୁର ମଣ୍ଡଳ ସଭାପତି ପ୍ରସନ୍ନ କୁମାର ସ୍ୱାଇଁଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

## ନନ୍ଦନକାନନରେ ଚିଙ୍କାରା ହରିଣ ମୃତ

**ବାରଙ୍ଗ,୨୪।୧୧(ଡି.ଏନ୍.ଏ.)**

ନନ୍ଦନକାନନରେ ଥିବା ଚିଙ୍କାରା ହରିଣର ବୁଧବାର ମୃତ୍ୟୁ ଘଟିଛି। ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ଅକ୍ଟୋବର ୮ରେ ଜୟପୁର ନହରଗଡ ଜୈବ ଉଦ୍ୟାନରୁ ୨ଟି ମାଈ ଅଣ୍ଡିରା ଚିଙ୍କାରା ହରିଣ ନନ୍ଦନକାନନ ଆସିଥିଲା। ହେଲେ ୨ମାସ ନ ପୂରୁଣୁ ଆସିଥିବା ଏହି ଚିଙ୍କାରା ହରିଣ ମଧ୍ୟରୁ ଗୋଟିଏ ଅଣ୍ଡିରା ହରିଣର ମୃତ୍ୟୁ ଘଟିଛି। ହରିଣଟି ଆସିବାର ୧୦ଦିନ ମଧ୍ୟରେ ୩୬ ନମ୍ବର ଏନକ୍ଲୋଜରରେ ବୁଲାବୁଲି କରୁଥିବାବେଳେ ହଠାତ୍ ତଳେ ପଡିଯାଇଥିଲା। ଚିକିତ୍ସା ପରେ ଏକ ପ୍ରକାର ସୁସ୍ଥ ହୋଇଥିଲା। ତେବେ ବୁଧବାର ଏନ୍‌କ୍ଲୋଜରରେ ଖାଦ୍ୟକୁ ନେଇ ଅନ୍ୟ ହରିଣଙ୍କ ସହ ମାଡଗୋଳ ଘଟି ଅଣ୍ଡିରା ଚିଙ୍କାରା ହରିଣଟିର ମୃତ୍ୟୁ ଘଟିଛି ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ସନ୍ଦେହ କରିଛନ୍ତି। ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ଅର୍ଥ ତୋସରପାତ ମାମଲାର ଭିଜିଲାନ୍ସ ତଦନ୍ତ ଦାବି

**କନ୍ଦରପୁର ସମବାୟ ମିନିବ୍ୟାଙ୍କ**

**କଟକ ସଦର, ୨୪।୧୧(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସମବାୟ ମିନିବ୍ୟାଙ୍କ ଜମାଅର୍ଥ ତୋସରପାତ ମାମଲାର ଭିଜିଲାନ୍ସ ତଦନ୍ତ ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ଭୁବନେଶ୍ୱରସ୍ଥିତ ରାଜ୍ୟ ସମବାୟ ନିବନ୍ଧକ ସୁଶାନ୍ତ କୁମାର ସେଠୀଙ୍କୁ ଏକ ଦାବିପତ୍ର କଟକ ସଦର ବିଜେଡି କାର୍ଯ୍ୟକାରୀ ସଭାପତି ସମର ବେହେରା ପ୍ରଦାନ କରିଛନ୍ତି। ଉକ୍ତ ବ୍ୟାଙ୍କରେ ଜମାକାରୀଙ୍କର ୭୮ ଲକ୍ଷ ଟଙ୍କା ତୋସରପାତ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା। ଏହି ଘଟଣାରେ ମିନିବ୍ୟାଙ୍କ କ୍ୟାଶିୟର ଦୀପ୍ତି କୁମାର ପଟ୍ଟନାୟକଙ୍କ ନାଁରେ କନ୍ଦରପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ତେବେ ଏହି ଘଟଣାରେ ପଟ୍ଟନାୟକଙ୍କ ମୁଣ୍ଡରେ ଦୋଷ ଲଦି ଅନ୍ୟମାନେ ଖସିଯିବାକୁ ବସିଛନ୍ତି। ଏହି ଅର୍ଥ ତୋସରପାତବେଳେ କନ୍ଦରପୁର କୃଷକ ସେବା ସମବାୟ ସମିତିର ଭୂମିକା କ'ଣ ଥିଲା, ଏତେ ଟଙ୍କା ଜଣେ ବ୍ୟକ୍ତି ନେଇଥିବାବେଳେ ଅନ୍ୟମାନେ କିପରି ଜାଣିପାରିଲେ ନାହିଁ ତାହାର ତଦନ୍ତ କରାଯାଉ ବୋଲି ବେହେରା ଦାବି କରିଛନ୍ତି। ପୂର୍ବରୁ କନ୍ଦରପୁର କୃଷକ ସମବାୟ ସମିତିର ପ୍ରଶାସକ ଅନସୂୟା ମଲ୍ଲ ଏହାର ତଦନ୍ତ କରି କଟକସ୍ଥିତ ସହକାରୀ ସମବାୟ ନିବନ୍ଧକ ଚିତ୍ତରଞ୍ଜନ ମହାପାତ୍ରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ।

## ଦେଶୀମଦ ଜବତ, ୪ ଗିରଫ

**ବାଙ୍କୀ,୨୪।୧୧(ସ୍ୱ.ପ୍ର.)**

କଟକ ଅବକାରୀ ଅଧୀକ୍ଷକ ରଜତ କୁମାର ପ୍ରହରାଜଙ୍କ ନିର୍ଦ୍ଦେଶକ୍ରମେ ବାଙ୍କୀ ଅବକାରୀ ବିଭାଗ ଅଧିକାରୀ ତେଲେସ୍ଫର ଲାକ୍ରାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ବୁଧବାର ଚଢାଉ କରାଯାଇଥିଲା। ପ୍ରଥମେ ବାଙ୍କୀ ବ୍ଲକ ବୈଦେଶ୍ୱର ପଞ୍ଚାୟତ ପୋଡାପାଟଣା ଗାଁର ସୋମନାଥ ମହାନ୍ତଙ୍କଠାରୁ ୪୦ ଲିଟର, ଅଳସୁଆ ଗାଁର ବାସନ୍ତୀ ନାୟକଙ୍କଠାରୁ ୩୦ଲିଟର, କରଡାପଲ୍ଲୀ ଗାଁର ପ୍ରଦ୍ୟୁମ୍ନ ପ୍ରଧାନଙ୍କଠାରୁ ୩୦ ଲିଟର ଓ କରଡ଼ାପଲ୍ଲୀର କେଳୁ ପ୍ରଧାନଙ୍କଠାରୁ ଚୋରା ଦେଶୀ ମଦ ଜବତ କରାଯାଇଥିଲା। ସେମାନଙ୍କୁ ଗିରଫ୍ କରାଯାଇ ବାଙ୍କୀ କୋର୍ଟକୁ ଚାଲାଣ କରାଯାଇଛି।

## ଭିନ୍ନକ୍ଷମଙ୍କୁ ସମ୍ବର୍ଦ୍ଧିତ କଲେ ବିଧାୟକ

**ଟ୍ରାଇ ସାଇକେଲରେ ପୁରୀରୁ କଶ୍ମୀର ଯାତ୍ରା**

**କଟକ ଅଫିସ, ୨୪।୧୧**

ବିହାର ପାଟନାର ଭିନ୍ନକ୍ଷମ ସାମାଜିକ କର୍ମୀ ଅରବିନ୍ଦ କୁମାର ମିଶ୍ର ଜନସାଧାରଣଙ୍କ ମଧ୍ୟରେ ସାମାଜିକ ସଚେତନତା ସୃଷ୍ଟି କରିବା ନିମନ୍ତେ ପୁରୀଠାରୁ କଶ୍ମୀର ପର୍ଯ୍ୟନ୍ତ ଯାତ୍ରା ଆରମ୍ଭ କରିଛନ୍ତି। ସେ ଟ୍ରାଇ ସାଇକେଲରେ ଯାତ୍ରା ସମୟରେ ବେଟି ବଚାଓ, ନାରୀ ଶିକ୍ଷାର ପ୍ରସାର, ରାସ୍ତାରେ ଗାଡି ଚଲେଇବାବେଳେ ମୋବାଇଲ ବ୍ୟବହାର ନ କରିବା ଓ ସ୍ୱେଚ୍ଛାକୃତ ରକ୍ତଦାନର ବାର୍ତ୍ତା ଦେଉଛନ୍ତି। ବୁଧବାର ମିଶ୍ର କଟକରେ ପହଞ୍ଚିବା ପରେ ବିଧାୟକ ଇଂ. ମହମ୍ମଦ ମୋକିମ ସେଲ୍ଟର ଛକସ୍ଥିତ ତାଙ୍କ ଆବାସିକ କାର୍ଯ୍ୟାଳୟରେ ପୁଷ୍ପଗୁଚ୍ଛ, ଆର୍ଥିକ ସହାୟତା ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଲୋକଙ୍କୁ ସଚେତନ କରିବା ଲାଗି ମିଶ୍ରଙ୍କ ଏହି ଉଦ୍ୟମ ସ୍ୱାଗତଯୋଗ୍ୟ ବୋଲି ମୋକିମ କହିଛନ୍ତି। ଏଥିସହ ମୋକିମ ସାଇକେଲ ଅଭିଯାତ୍ରୀଙ୍କ ଯାତ୍ରା ସଫଳ କାମନା କରିଛନ୍ତି।


ଭିନ୍ନକ୍ଷମ ଅରବିନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଅଙ୍ଗନୱାଡି ଗୃହ ନିର୍ମାଣକୁ ନେଇ ଉତ୍ତେଜନା

**ବାରଙ୍ଗ,୨୪।୧୧(ଡି.ଏନ୍.ଏ.)**

ଭୁବନପୁର ଗ୍ରାମମୁଣ୍ଡରେ ନିର୍ମାଣ ହେଉଥିବା ଏକ ଅଙ୍ଗନୱାଡି ଗୃହକୁ ନେଇ ଭୁବନପୁର ଗ୍ରାମରେ ବୁଧବାର ଉତ୍ତେଜନା ଦେଖାଦେଇଛି। ବ୍ଲକ ପ୍ରଶାସନ ଓ ଗ୍ରାମବାସୀଙ୍କ ସହମତିରେ ନିଷ୍ପତ୍ତି ମୁତାବକ ନିରୂପଣ ହୋଇଥିବା ଜାଗା ପରିବର୍ତ୍ତନକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏ ବିଷୟରେ ଗ୍ରାମବାସୀ ବିଡିଓ ଓ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଘଟଣାସ୍ଥଳ ପରିଦର୍ଶନ କରି କାର୍ଯ୍ୟବନ୍ଦ କରିବାକୁ ଅନୁରୋଧ କରିଥିଲେ ମଧ ପ୍ରତିଶ୍ରୁତି ଦେଇ କେହି ଆସି ନାହାନ୍ତି। ଯାହାକୁନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଛି।

ଭୁବନପୁର ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଗ୍ରାମରେ ଅଙ୍ଗନୱାଡି ଗୃହ ନ ଥିବାରୁ ଗ୍ରାମକୋଠ ଘରେ ପିଲାମାନେ ପାଠ ପଢୁଛନ୍ତି। ବ୍ଲକ ପକ୍ଷରୁ ନୂତନ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ପ୍ରଶାସନ ଓ ଗ୍ରାମବାସୀଙ୍କ ସହମତିରେ ଗ୍ରାମମୁଣ୍ଡରେ ଥିବା ଏକ ପୋଖରୀକୁ ପୋତାଯାଇ ସେଠାରେ ନୂଆ ଅଙ୍ଗନୱାଡ଼ି ଗୃହ ନିର୍ମାଣ ହେବାକୁ ସିଦ୍ଧାନ୍ତ ହୋଇଥିଲା। ପାଖରେ ଥିବା ଗୋଚର ଜାଗାରୁ ମାଟିଉଠି ଏହାକୁ ପୋତାଯାଇଥିଲା। ପରବର୍ତ୍ତୀ ସମୟରେ କୌଣସି କାରଣକୁ ନେଇ ଏହି ଜାଗାକୁ ପରିବର୍ତ୍ତନ କରାଯାଇ ଅନ୍ୟ ଏକ ସ୍ଥାନରେ ହେବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ମଙ୍ଗଳବାର ସକାଳେ ପୁଣି ଜାଗା ପରିବର୍ତ୍ତନ କରି ଅନ୍ୟ ଜାଗାରେ ହେବା ପାଇଁ ନିଅଁ ଖୋଳାଯାଇଥିଲା। ବୁଧବାର ସକାଳେ କାର୍ଯ୍ୟ ଆରମ୍ଭ ହେବାପରେ ଗ୍ରାମବାସୀ ଠିକାଦାରଙ୍କୁ କାର୍ଯ୍ୟବନ୍ଦ କରି ଆଲୋଚନା କରିବାକୁ କହିଥିଲେ। କିନ୍ତୁ ଠିକାଦାର ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବାରୁ ଗ୍ରାମବାସୀ ବିଡିଓ ଓ ତହସିଲଦାରଙ୍କୁ ଜଣାଇଥିଲେ। ଅପରାହ୍ନରେ ବିଡିଓ ଆସିଥିଲେ ମଧ ଗ୍ରାମବାସୀଙ୍କ ସହ ଆଲୋଚନା ନ କରି ଫେରିଯାଇଥିବା ଘଟଣାକୁ ଗ୍ରାମବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଫଳରେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥାକୁ ଆପଣେଇବାକୁ ଯାଉଥିବା କହିଛନ୍ତି। ଏ ସମ୍ପର୍କରେ ବିଡିଓ ପ୍ରଭାକର ପଣ୍ଡାଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେବାକୁ ମନା କରି ଦେଇଥିଲେ।

# ଥାଳି ପିଟି ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

■ ଦିଆଯାଉଛି ନିମ୍ନମାନର ଖାଦ୍ୟ

■ ଦୁର୍ବ୍ୟବହାର କରୁଛନ୍ତି ଅଧିକାରୀ

**କଟକ ଅଫିସ,୨୪।୧୧**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କାଠଯୋଡି ହଷ୍ଟେଲରେ ଛାତ୍ରୀମାନଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଛି। ଏଥିସହ ହଷ୍ଟେଲ ଦାୟିତ୍ୱରେ ଥିବା ଜଣେ ଅଧିକାରୀ ଦୁର୍ବ୍ୟବହାର କରୁଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ବୁଧବାର କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥାଳି ପିଟି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ହଷ୍ଟେଲ ଦାୟିତ୍ୱରେ ଥିବା ଅଧିକାରୀ ଜଣକ ଅନେକଥର ବାହାରେ ଖାଦ୍ୟ ପ୍ରସ୍ତୁତ କରି ଆଣି ଛାତ୍ରୀମାନଙ୍କୁ ଦେଉଥିଲେ। ଉକ୍ତ ଖାଦ୍ୟ ଅତ୍ୟନ୍ତ ନିମ୍ନମାନର ବୋଲି ସେମାନେ କହିଥିଲେ। ତୁରନ୍ତ ଭଲ ଖାଦ୍ୟ ପ୍ରଦାନ ସହ ସମ୍ପୃକ୍ତ ଅଧିକାରୀଙ୍କ ବଦଳି ପାଇଁ ଛାତ୍ରୀମାନେ ଚିଫ୍ ୱାର୍ଡେନ ପ୍ରୀତିରେଖା ଦାଶ ପଟ୍ଟନାୟକଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ। ହେଲେ ଏ ନେଇ କୌଣସି ପଦକ୍ଷେପ ନିଆ ନ ଯିବାରୁ ବିକ୍ଷୋଭ କରିବା ପାଇଁ ବାଧ ହେଲୁ ବୋଲି ଛାତ୍ରୀମାନେ କହିଛନ୍ତି। ଚିଫ୍ ୱାର୍ଡେନ ବିକ୍ଷୋଭ ସ୍ଥଳରେ ପହଞ୍ଚି ଛାତ୍ରୀମାନଙ୍କୁ ବୁଝାଶୁଝା କରିଥିଲେ। ଆଗାମୀ ଦିନରେ ଏଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରୀମାନେ ବିକ୍ଷୋଭରୁ ଓହରିଥିଲେ।


କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀମାନେ ବିକ୍ଷୋଭ କରୁଛନ୍ତି।

## ସ୍ୱର୍ଣ୍ଣପ୍ରଭା ଏଆଇପିଟିଏଫ୍ ସଙ୍ଗଠନ ସମ୍ପାଦିକା

**ଭୁବନେଶ୍ୱର,୨୪।୧୧ (ବ୍ୟୁରୋ)**

ଅଖିଳ ଭାରତୀୟ ପ୍ରାଥମିକ ଶିକ୍ଷକ ଫେଡେରେଶନ (ଏଆଇପିଟିଏଫ୍)ର ସ୍ୱତନ୍ତ୍ର ଅଧିବେଶନ ବୁଧଗୟାଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଙ୍ଗଠନ ସମ୍ପାଦିକ ଭାବେ ରାଜ୍ୟରୁ ପ୍ରଥମ ମହିଳା ଭାବେ ସ୍ୱର୍ଣ୍ଣପ୍ରଭା ମେକାପ ଓରଫ ସୋନି ନିର୍ବାଚିତ ହୋଇଛନ୍ତି। ସେ ସର୍ବଭାରତୀୟ ମହିଳା ଟିମ୍‌ରେ କାର୍ଯ୍ୟକାରୀ କମିଟି ସଭ୍ୟ ହେବା ସହ ମହାସଚିବ ଭାବେ କମଳାକାନ୍ତ ତ୍ରିପାଠୀ, ସଭ୍ୟ ଭାବେ କାହ୍ନୁଚରଣ ମହାନ୍ତି ମଧ ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ଓଡ଼ିଶାର ପ୍ରାଥମିକ ଶିକ୍ଷକମାନେ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ୨୫,୮୯୨ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବଣ୍ଟନ କରାଯିବ

**ବାଙ୍କୀ,୨୪।୧୧ (ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ବିଡିଓ ପ୍ରଦୀପ୍ତ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବାଙ୍କୀ ବ୍ଲକରେ ସ୍ମାର୍ଟକାର୍ଡ ବଣ୍ଟନ ନେଇ ସମୀକ୍ଷା କରାଯାଇଥିଲା। ବାଙ୍କୀ ବ୍ଲକରେ ସମୁଦାୟ ୨୫,୮୯୨ ହିତାଧିକାରୀଙ୍କୁ ସ୍ମାର୍ଟକାର୍ଡ ବଣ୍ଟନ କରାଯିବ ବୋଲି ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ ହୋଇଛନ୍ତି। ଏଥିରେ ବାଙ୍କୀ ତହସିଲଦାର ସତ୍ୟନାରାୟଣ ପଣ୍ଡା, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଶୁଚିସ୍ମିତା ନାୟକ, ସିଡିପିଓ ରୁପାଲି ମିତ୍ର, ବାଙ୍କୀ ଓ ଡମପଡ଼ା ବ୍ଲକ ଶିକ୍ଷାଅଧିକାରୀ ସନ୍ତୋଷ ସେଠୀ, ସୁବର୍ଣ୍ଣପୁର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ.ଅମରେଶ ସାହୁ, ବାଙ୍କୀ ଥାନା ଏସ୍‌ଆଇ ସତ୍ୟ ନାରାୟଣ ସେନାପତି ପ୍ରମୁଖ ଯୋଗଦେଇଥିଲେ। କିପରି ସ୍ମାର୍ଟକାର୍ଡ ସୁରୁଖୁରୁରେ ବଣ୍ଟନ ହେବ ସେ ସମ୍ପର୍କରେ ମତପ୍ରକାଶ କରିଥିଲେ। ଜିଲା ପ୍ରଶାସନର ତାରିଖ ଧାର୍ଯ୍ୟ ହେବା ପରେ ଏହା ବଣ୍ଟନ କରାଯିବ ବୋଲି ବିଡିଓ ଶତପଥୀ କହିଛନ୍ତି।

## ନିଯୁକ୍ତି ପ୍ରକ୍ରିୟା ବାତିଲ ପ୍ରତିବାଦରେ ଆନ୍ଦୋଳନ ଚେତାବନୀ

**କଣ୍ଟାପଡା, ୨୪।୧୧(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ଡିମିରି ପଞ୍ଚାୟତ ଦୁଇଟି ଅଙ୍ଗନୱାଡି କେନ୍ଦ୍ରର ସହାୟିକା ପଦବୀ ପାଇଁ ବୁଧବାର ହେବାକୁ ଥିବା ନିଯୁକ୍ତି ପ୍ରକ୍ରିୟା ବାତିଲ ନେଇ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତୁରନ୍ତ ନିଯୁକ୍ତି ପ୍ରକ୍ରିୟା ପାଇଁ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏଥିସହ କଣ୍ଟାପଡା ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଉକ୍ତ ପଞ୍ଚାୟତର ଡିମିରି-୩ ଓ ଗୋପାଳନଗର-୧ କେନ୍ଦ୍ରର ସହାୟିକା ନିଯୁକ୍ତି ପରୀକ୍ଷା ପାଇଁ ଧାର୍ଯ୍ୟ କରାଯାଇଥିଲା। ହେଲେ ମଙ୍ଗଳବାର ଉକ୍ତ ପରୀକ୍ଷାକୁ ହଠାତ ବାତିଲ କରାଯାଇଥିଲା। ଯିବା ପ୍ରତିବାଦରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। କଣ୍ଟାପଡା ସିଡିପିଓ ପୁଷ୍ପଲତା ମିଶ୍ର କହିଛନ୍ତି, ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଯୋଗୁ ଏହି ପରୀକ୍ଷା ବାତିଲ କରାଯାଇଛି। ଆସନ୍ତା ୧୫ ତାରିଖ ଭିତରେ ଏହା ଶେଷ କରାଯିବ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୪।୧୧।୨୦୨୧

| | |
|---|---|
| ୪,୪୦,୭୨୨ ଟଙ୍କା | |
| ସୁନା | ୨.୨୬୦ ଗ୍ରାମ |
| ରୁପା | ୧୬.୫୫୦ ଗ୍ରାମ |

## ଆଜି କ'ଣ କେଉଁଠି

ପୁରୀ

- ଜାତୀୟ ଫାର୍ମାସୀ ଦିବସ ଅବସରରେ ସଚେତନତା ଶୋଭାଯାତ୍ରା, ଗୁଣ୍ଡିଚା ମନ୍ଦିର, ଅପରାହ୍ନ ୩ଟା ।

## ସଂକ୍ଷେପରେ

### ମହାପ୍ରଭୁଙ୍କ ବନକ ଲାଗି ନୀତି ସମ୍ପନ୍ନ

ପୁରୀ ଅଫିସ, ୨୪।୧୧ - ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ବୁଧବାର ସମ୍ପନ୍ନ ହୋଇଛି। ଦଇତାପତି ସେବକମାନେ ଏହି ଗୁପ୍ତ ବନକ ଲାଗି ନୀତିକୁ ସମ୍ପାଦନ କରିଥାନ୍ତି। ଶ୍ରୀମନ୍ଦିର ସତ୍ତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡିବା ପରେ ଏହି ନୀତି ହୁଏ। ବୁଧବାର ପ୍ରାୟ ୫.୨୦ ସମୟରେ ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡି ମଇଲମ, ତଡପଲାଗି ଏବଂ ସନ୍ଧ୍ୟା ୫ଟା ୫୫ରେ ପହୁଡ ଆଳତି ସମ୍ପନ୍ନ ହେବା ପରେ ଶ୍ରୀମନ୍ଦିର ଭିତରେ ଥିବା ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ସନ୍ଧ୍ୟା ୬ଟାରେ ଦଇତାପତି ସେବକମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ। ଏହା ଗୁପ୍ତନୀତି ହୋଇଥିବାରୁ ନୀତି ସମୟରେ ଅନ୍ୟ ସେବାୟତଙ୍କ ସହ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ରାତ୍ର ପ୍ରାୟ ୯.୩୦ରେ ଶ୍ରୀବିଗ୍ରହଙ୍କ ବନକ ଲାଗି ନୀତି ସମ୍ପନ୍ନ ହୋଇଥିଲା। ଦଇତାପତି ସେବକମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହଙ୍କ ମହାସ୍ନାନ ନୀତି ସମ୍ପନ୍ନ କରାଯାଇ ଅନ୍ୟ ନୀତି ବଢ଼ିଥିଲା।

### ପଞ୍ଚମୀ ତିଥିରେ ଶ୍ରୀକ୍ଷେତ୍ର ପରିକ୍ରମା

ପୁରୀ ଅଫିସ,୨୪।୧୧- ମାର୍ଗଶିର ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଅବସରରେ ଶ୍ରୀକ୍ଷେତ୍ରରେ ଶ୍ରୀକ୍ଷେତ୍ର ପରିକ୍ରମା ଅନୁଷ୍ଠିତ ହୋଇଛି। ଶ୍ରୀକ୍ଷେତ୍ର ପରିକ୍ରମା ତଥା ପଞ୍ଚତୀର୍ଥ ପରିକ୍ରମା ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସମୟରୁ ଆରମ୍ଭ ହୋଇଆସୁଛି। କାର୍ତ୍ତିକ ମାସ ପରେ ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ରର ତୀର୍ଥପୁଷ୍କରିଣୀରେ ସ୍ନାନ କରି ଏହି ପରିକ୍ରମା ଆରମ୍ଭ କରାଯିବାର ପରମ୍ପରା ରହିଛି। ହରିନାମ ସଂକୀର୍ତ୍ତନ ସହ ସାଧୁ ସନ୍ଥ, ବୈଷ୍ଣବ ଓ ଶ୍ରଦ୍ଧାଳୁମାନେ ପଦଯାତ୍ରାରେ ସାମିଲ ହୋଇ ଶ୍ରୀକ୍ଷେତ୍ର ପରିକ୍ରମା କରିଥିଲେ। ଦିରିଆମହାବୀର, ସିଦ୍ଧମହାବୀର, ଆଲାମଚଣ୍ଡୀ, ଶ୍ରୀଲୋକନାଥ ପୀଠ, ସ୍ୱର୍ଗଦ୍ୱାର, ଚକ୍ରତୀର୍ଥ ପ୍ରଭୃତି ଅଞ୍ଚଳ ପରିକ୍ରମା କରିଥିଲେ। ପଦଯାତ୍ରା ବେଳେ ବାଟରେ ପଡୁଥିବା ବିଭିନ୍ନ ତୀର୍ଥସ୍ଥଳ ବୁଲିଥିଲେ ପଦଯାତ୍ରୀ। ଶ୍ରୀକ୍ଷେତ୍ରର ବଡ଼ଛତା ମଠ, ନେବଳ ଦାସ ମଠ, ବଡ଼ଓଡ଼ିଆ ମଠ, ହରିଦାସ ମଠ, ରାଧାକାନ୍ତ ମଠ, ସିଦ୍ଧବକୁଳ ମଠ ସମେତ ସମସ୍ତ ରାମାନନ୍ଦୀ ଓ ଗୌଡୀୟ ମଠରୁ ଏହି ପରିକ୍ରମା ବାହାରିଥିଲା। ଚୈତନ୍ୟ ଯେଉଁ ରାସ୍ତା ଦେଇ ଶ୍ରୀକ୍ଷେତ୍ରକୁ ପରିକ୍ରମା କରିଥିଲେ। ସେହି ରାସ୍ତା ଦେଇ ଶ୍ରଦ୍ଧାଳୁମାନେ ଯାଇଥିଲେ। ସେହିପରି ଏହି ତିଥିରେ ମହାବୀରଙ୍କୁ ବୀର ନାଗା ବେଶରେ ସୁସଜ୍ଜିତ କରିବାର ପରମ୍ପରା ରହିଛି। କଟକଣା ମଧ୍ୟରେ ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ର ପରିକ୍ରମା କରିବା ସହ ମହାବୀରଙ୍କୁ ନାଗା ବେଶରେ ଦର୍ଶନ କରି ରସଗୋଲା ଭୋଗ କରିଥିଲେ।



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ମଡେଲକୁ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଦେଖୁଛନ୍ତି।



ମହିଳାମାନେ ପୁରୀ ବଡ଼ଦାଣ୍ଡରେ ଝୋଟି ପକାଉଛନ୍ତି।



ସେବାୟତଙ୍କୁ ଦିଆଯାଇଥିବା ମହାପ୍ରଭୁଙ୍କ ପ୍ରସାଦ ବକ୍ସ।

# ଗଜପତିଙ୍କ ସହ ମୁଖ୍ୟମନ୍ତ୍ରୀ ଦେଲେ ପୁଷ୍ପାଞ୍ଜଳି

**ପୁରୀ ଅଫିସ,୨୪।୧୧**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଶିଳାନ୍ୟାସ ଉତ୍ସବରେ ଏକ ମନଲୋଭା ଦୃଶ୍ୟ ଦେଖିବାକୁ ମିଳିଥିଲା। ଯଜ୍ଞର ପୂର୍ଣ୍ଣାହୁତି ପରେ ଗଜପତି ମହାରାଜ ଶିଳାନ୍ୟାସ ସ୍ଥାନକୁ ଯାଇଥିଲେ। ମୁଖ୍ୟମନ୍ତ୍ରୀ, ବାଚସ୍ପତି ଏବଂ କଂଗ୍ରେସର ରାଜ୍ୟ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ମନ୍ତ୍ରୀମାନେ ଉପସ୍ଥିତ ଥିଲେ। ବିଧିବିଧାନ ସହ ଗଜପତି ମହାରାଜ ଶିଳାନ୍ୟାସ କରିବା ପରେ ପୁଷ୍ପାଞ୍ଜଳି ପାଇଁ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟମାନେ ସେଠାକୁ ଆସିଥିଲେ। ଏହି ସମୟରେ ଗଜପତି ମହାରାଜ ମୁଖ୍ୟମନ୍ତ୍ରୀଙ୍କୁ ବିଧିବିଧାନ ଅନୁଯାୟୀ ପୁଷ୍ପାଞ୍ଜଳି ଦେବାକୁ ସୂଚନା ଦେଇଥିଲେ। ଗଜପତିଙ୍କ ନିର୍ଦ୍ଦେଶ ଅନୁଯାୟୀ ମୁଖ୍ୟମନ୍ତ୍ରୀ ହାତ ଧୋଇ ମନ୍ତ୍ର ପାଠ ଅନୁଯାୟୀ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ପରେ ପୁନର୍ବାର ବିଧି ଅନୁଯାୟୀ ହାତ ଧୋଇ ସେଠାରୁ ଫେରିଥିଲେ।

### ଶ୍ରଦ୍ଧାଳୁଙ୍କୁ ସୁବିଧା ଯୋଗାଇବା ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ



ଆଜିର ପବିତ୍ର ଦିନରେ ମୁଖ୍ୟମନ୍ତ୍ରୀ ଓ ଗଜପତିଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ସବୁ କାର୍ଯ୍ୟ ମହାପ୍ରଭୁଙ୍କ ଇଚ୍ଛାରେ ହେଉଛି। ଶ୍ରଦ୍ଧାଳୁଙ୍କ ସୁବିଧା ଓ ଶ୍ରୀମନ୍ଦିର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ଉପରେ ଏହି ପ୍ରକଳ୍ପରେ ଗୁରୁତ୍ୱ ଦିଆଯାଇଛି। ବିଶ୍ୱର ବଡ଼ଠାକୁରଙ୍କ ଦର୍ଶନ କରିବାକୁ ଆସୁଥିବା ଲୋକ ସବୁପ୍ରକାର ସୁବିଧା ପାଉନ୍ତୁ, ଏହା ହିଁ ଏହି ପ୍ରକଳ୍ପର ଉଦ୍ଦେଶ୍ୟ। ଖୁବଶୀଘ୍ର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ।

**-ପ୍ରତାପ ଜେନା, ଆଇନ ମନ୍ତ୍ରୀ**

### ଓଡ଼ିଆ ଜାତି ପାଇଁ ଐତିହାସିକ ମୁହୂର୍ତ୍ତ



ଓଡ଼ିଆ ଜାତି ପାଇଁ ଏହିଦିନ ଏକ ଐତିହାସିକ ମୁହୂର୍ତ୍ତ। ପରିକ୍ରମା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହେବା ବୋଧ ହୁଏ ମହାପ୍ରଭୁଙ୍କର ଇଚ୍ଛା ଥିଲା। ପୁରୀକୁ କେବଳ ଐତିହ୍ୟ ସହରର ମଧ୍ୟରେ ସୀମିତ ନ ରଖି ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ଆପ୍ରାଣ ଉଦ୍ୟମ ଜାରି ରହିଛି। ଉଭୟ ପୁରୀ ସହରବାସୀ ଓ ଶ୍ରଦ୍ଧାଳୁମାନେ ପରିକ୍ରମା ଯୋଜନାକୁ ଉପକୃତ ହେବେ।

**-ସଞ୍ଜୟ କୁମାର ଦାସବର୍ମା, ଉପାଧ୍ୟକ୍ଷ, ଯୋଜନା ବୋର୍ଡ**

### ପରିକ୍ରମା ପ୍ରକଳ୍ପକୁ ଦେଖିବାକୁ ବ୍ୟଗ୍ର



ପୁରୀ ପର୍ଯ୍ୟଟନ ଓ ଧାର୍ମିକ ସ୍ଥଳୀ ଭାବେ ବିକଶିତ କରିବାରେ ପରିକ୍ରମା ଯୋଜନା ବିଶେଷ ଭାବେ ସହାୟକ ହେବ। ରାଜ୍ୟ ସରକାରଙ୍କର ଏହି ନିଷ୍ପତ୍ତିର ସିଧାସଳଖ ଲାଭ ପୁରୀର ଅର୍ଥନୀତି ଉପରେ ମଧ୍ୟ ପଡ଼ିବ। ଓଡ଼ିଆ ଭାବେ ଗର୍ବ ଅନୁଭବ ହେବା ସହ ପୁରୀର ବିକାଶ ଚିତ୍ର ଦେଖିବାକୁ ବ୍ୟଗ୍ର ଲାଗୁଛି। ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରଚେଷ୍ଟା ପୁରୀର ଭାଗ୍ୟ ବଦଳାଇଦେବ।

**-ରବି ମିଶ୍ର, ସମ୍ପାଦକ, ଶ୍ରୀକ୍ଷେତ୍ର ବିକାଶ ପରିଷଦ**

### ପର୍ଯ୍ୟଟନସ୍ଥଳୀ ନୁହେଁ, ତୀର୍ଥକ୍ଷେତ୍ର ଭାବେ ବିକାଶ କରାଯାଉ



ସନାତନ ଧର୍ମରେ ପରିକ୍ରମା ସାଧାରଣତଃ ପ୍ରାୟଶ୍ଚିତ ଉଦ୍ଦେଶ୍ୟରେ କରାଯାଏ। ଏଥିପାଇଁ ଯଜ୍ଞ କୁଣ୍ଡ, ମନ୍ଦିର ଓ ପୀଠ ଇତ୍ୟାଦି ପରିକ୍ରମା କରାଯାଏ। ଦକ୍ଷିଣ ଭାରତର କେତେକ ମନ୍ଦିରରେ ଏଭଳି ବ୍ୟବସ୍ଥା ଲାଗୁ ହୋଇସାରିଛି। ଶ୍ରୀମନ୍ଦିରରେ ପରିକ୍ରମା ପ୍ରକଳ୍ପ ନିହାତି ପକ୍ଷେ ସ୍ୱାଗତଯୋଗ୍ୟ। ମାତ୍ର ଏହା ବିଧି ଓ ଶାସ୍ତ୍ରକୁ ଦୃଷ୍ଟିରେ ରଖି ନିର୍ମାଣ କରଯିବା ଦରକାର। ପୁରୀ ଏକ ପର୍ଯ୍ୟଟନସ୍ଥଳୀ ନୁହେଁ ବରଂ ତୀର୍ଥକ୍ଷେତ୍ର ଭାବେ ଗଢ଼ିବାର ପ୍ରୟାସ ହେବା ଦରକାର।

**-ଡ.ସୁରେନ୍ଦ୍ର କୁମାର ମିଶ୍ର, ଐତିହ୍ୟ ବିଶାରଦ**

## ଭାଜପା, କଂଗ୍ରେସର କଳା ପତାକା



ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରାଯାଉଛି।

**ପୁରୀ ଅଫିସ, ୨୪।୧୧**

ଶ୍ରୀମନ୍ଦିର ପ୍ରକଳ୍ପ ଶିଳାନ୍ୟାସ ଉତ୍ସବରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ଏବଂ କେତେଜଣ ମନ୍ତ୍ରୀ ପୁରୀ ଆସୁଥିବା ସମୟରେ ଭାଜପା ଓ କଂଗ୍ରେସ ପକ୍ଷରୁ ବିରୋଧ କରିବା ସହ ଅନେକ ଜାଗାରେ ଅଣ୍ଡାମାଡ଼ ଓ କଳାପତାକା ପ୍ରଦର୍ଶନ କରାଯାଇଥିଲା। ଅଣ୍ଡାମାଡ଼ ଏବଂ କଳା ପତାକା ଦେଖାଇବା ଅଭିଯୋଗରେ ଭାଜପା ଏବଂ କଂଗ୍ରେସର ୭୦ରୁ ଊର୍ଦ୍ଧ୍ୱ କର୍ମୀଙ୍କୁ ପୋଲିସ ବିଭିନ୍ନ ଥାନାରେ ଅଟକ ରଖିଥିଲା। ମେଡିକାଲ ଛକ ନିକଟରେ ଭାଜପା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାସଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ କ୍ୟାରକେଡ୍ ଉପରକୁ ଅଣ୍ଡା ମାଡ଼ କରାଯାଇଥିଲା। ପୁରୀ ସଦରଥାନା ଛକ ନିକଟରେ ଭାଜପା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ଲେଙ୍କା ଓ ବିଶ୍ୱଜିତ ମହାନ୍ତିଙ୍କ ନେତୃତ୍ୱରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗାଡି ଉପରକୁ ଅଣ୍ଡାମାଡ଼ କରିଥିଲେ। ସେହିପରି କଂଗ୍ରେସ ପକ୍ଷରୁ ବିଭିନ୍ନ ସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରାଯାଇ କଳା ପତାକା ପ୍ରଦର୍ଶନ କରାଯାଇଥିଲା। ବଳଗଣ୍ଡି ଛକରେ ଯୁବ କଂଗ୍ରେସ ସଭାପତି ପ୍ରେମଜିତ ମହାନ୍ତି ଓ ଛାତ୍ର କଂଗ୍ରେସ ସଭାପତି ସତ୍ୟ ବରାଳଙ୍କ ନେତୃତ୍ୱରେ କଳାପତାକା ପ୍ରଦର୍ଶନ କାରାଯାଇଥିଲା। ଏଥିରେ ସୁଜିତ ମହାପାତ୍ର, ରଜତ ସାହୁ, ଚେତନ ମିଶ୍ର, ଚନ୍ଦ୍ରଶେଖର କର, ଗୋପାଳ ମହାପାତ୍ର ସହ ଶତାଧିକ କର୍ମୀ ସାମିଲ ଥିଲେ। ଏପରିକି ବିଭିନ୍ନ ଦାବି ନେଇ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ଚେଷ୍ଟା କରାଯାଇଥିଲା। ମାତ୍ର ପୋଲିସ ପ୍ରଶାସନ ସେମାନଙ୍କୁ ଅଟକାଇଥିଲା। ଯାହାକୁ ନେଇ ପୁରୀ ନଗର କଂଗ୍ରେସ ସଭାପତି ଛବିନ୍ଦ୍ର ପଡ଼ିଆରୀଙ୍କ ନେତୃତ୍ୱରେ ଆଲୋକ ଦାଶ, ଆଶୁତୋଷ ମିଶ୍ର, ମନୋଜ ମଣ୍ଡଳ, ଅନିଲ ବେଜଙ୍କ ସହ ନେତ୍ରୀ ସରସ୍ୱତୀ ପାତ୍ର, ବାସନ୍ତୀ ମୁଦି, ସାବିତ୍ରୀ ମଣ୍ଡଳ, ପୂଜା ଚକ୍ରବର୍ତୀ ବେଜ, ବାଦଲ ପ୍ରଧାନ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ନାରାବାଜି କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ ଉଦ୍‌ଘାଟନ ଅବସରରେ ନୃତ୍ୟଶିଳ୍ପୀ କୁମାର ଭୀମସେନ ଓ ତାଙ୍କ ଟିମ୍ ପକ୍ଷରୁ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

## ପତିତପାବନଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

**ପୁରୀ ଅଫିସ,୨୪।୧୧**

ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ପରିକ୍ରମା ଯୋଜନା ନିମନ୍ତେ ଶିଳାନ୍ୟାସ କାର୍ଯ୍ୟକ୍ରମ ସରିବା ପରେ ଶ୍ରୀମନ୍ଦିର ଐତିହ୍ୟ କରିଡର କାର୍ଯ୍ୟ ବୁଲି ଦେଖିଥିଲେ। ପରେ ଏକ ବ୍ୟାଟେରି ଗାଡିରେ ବସି ଶ୍ରୀମନ୍ଦିର ସିଂହଦ୍ୱାର ନିକଟକୁ ଆସିଥିଲେ। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଗାଡିରେ ବସି ଶ୍ରୀମନ୍ଦିର ଆସିବା ସମୟରେ ଗାଡିର ସମ୍ମୁଖ ସିଟ୍‌ରେ ମୁଖ୍ୟମନ୍ତ୍ରୀ ବସିଥିବା ବେଳେ ତାଙ୍କ ପଛକୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏବଂ ୫-ଟି ସଚିବ ଭି .କେ. ପାଣ୍ଡିଆନ ବସିଥିଲେ। ସେହିପରି ଗାଡିର ପଛ ପାର୍ଶ୍ୱରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ଏବଂ ପୁରୀ ଏମ୍‌ପି ପିନାକୀ ମିଶ୍ର ବସିଥିଲେ। ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଗାଡିରୁ ଓଲାଇ ମୁଖ୍ୟମନ୍ତ୍ରୀ ସିଂହଦ୍ୱାର ଗୁମୁଟରେ ଥିବା ପତିତପାବନଙ୍କୁ ଦର୍ଶନ କରିଥିଲେ।

## କାର୍ଯ୍ୟକ୍ରମ ଦେଖିବାରୁ ପୁରୀବାସୀ ବଞ୍ଚିତ

**ପୁରୀ ଅଫିସ,୨୪।୧୧**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଦେଖିବାରେ ପୁରୀବାସୀ ବଞ୍ଚିତ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ପୁରୀବାସୀଙ୍କୁ କାର୍ଯ୍ୟକ୍ରମରୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ରଖାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ପୁରୀ ସହରକୁ ବିଶ୍ୱ ଐତିହ୍ୟ ସହର ଭାବେ କରିବା ପାଇଁ ଦେଖିଥିବା ସ୍ୱପ୍ନକୁ ସାକାର କରିବା ନିମନ୍ତେ ପୁରୀବାସୀ ଅନେକ ତ୍ୟାଗ କରିଥିବା ବେଳେ ପ୍ରକଳ୍ପର ଶିଳାନ୍ୟାସ ସମୟରେ ସେମାନଙ୍କୁ କାର୍ଯ୍ୟକ୍ରମରୁ ଦୂରେଇ ରଖିବା ନେଇ ପୁରୀବାସୀ ନାପସନ୍ଦ କରିଛନ୍ତି। କାର୍ଯ୍ୟକ୍ରମରେ ମନ୍ତ୍ରୀ, ବିଧାୟକ, ସେବାୟତ, ବିସ୍ଥାପିତ ଏବଂ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିବା ବେଳେ ପୁରୀବାସୀଙ୍କ ପାଇଁ ବାରଣ କରାଯାଇଥିଲା। ପୁରୀ ସହରବାସୀ, ବୁଦ୍ଧିଜୀବୀ, ଆଇନଜୀବୀମାନଙ୍କୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଥିଲା। ଏପରିକି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଭକ୍ତମାନଙ୍କୁ ଉତ୍ତର ଦ୍ୱାର ଦେଇ ପ୍ରସ୍ଥାନ କରିବାର ଅନୁମତି ଦିଆଯାଇ ନ ଥିଲା। ଭକ୍ତମାନେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିବା ସହ ସେହି ଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ।

## ପାଣ୍ଡିଆନ, କ୍ରିଷନ କୁମାର କାର୍ଯ୍ୟ ଦେଖାଇଥିଲେ

**ପୁରୀ ଅଫିସ,୨୪।୧୧**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉତ୍ସବ ଅବସରରେ ଜିଲାପାଳ ସମର୍ଥ ବର୍ମା ଉପସ୍ଥିତ ଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ତାଙ୍କୁ ଦେଖିବାକୁ ମିଳି ନ ଥିଲା। ସଭାକାର୍ଯ୍ୟଠାରୁ ଆରମ୍ଭ କରି ପ୍ରକଳ୍ପ ଦେଖିବା ଏବଂ ଶିଳାନ୍ୟାସ ସମୟରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାରଙ୍କୁ ଦେଖିବାକୁ ମିଳିଥିଲା। ଏହି ୨ଜଣ ସମସ୍ତ କାର୍ଯ୍ୟ ସମୟରେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ରହି ଅବଗତ କରାଇଥିଲେ। ସମସ୍ତ କାର୍ଯ୍ୟରେ ଉପସ୍ଥିତ ରହୁଥିବା ଜିଲାପାଳ ବର୍ମା ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମଧ୍ୟ ମୁଖ୍ୟମନ୍ତ୍ରୀଙ୍କଠାରୁ ଦୂରେଇ ରହିଥିବା ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

## କାର୍ଯ୍ୟକ୍ରମସ୍ଥଳରୁ ଗଣମାଧ୍ୟମକୁ ଦୂରେଇ ରଖାଗଲା

**ପୁରୀ ଅଫିସ ୨୪।୧୧**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଶିଳାନ୍ୟାସ ଉତ୍ସବ ଅବସରରେ ଉତ୍ସବ ସ୍ଥଳ ନିକଟରୁ ଗଣମାଧ୍ୟମକୁ ଦୂରେଇ ରଖାଯାଇଥିଲା। ଗଣମାଧ୍ୟମଙ୍କ ନିମନ୍ତେ ଆୟୋଜିତ ହୋଇଥିବା ସଭାର କିଛି ଦୂରରେ ଅନ୍ୟ ଏକ ଅସ୍ଥାୟୀ ଗୃହ ନିର୍ମାଣ କରାଯାଇ ସେଠାରେ ରହିବା ପାଇଁ କୁହାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ପ୍ରତିନଧିଙ୍କୁ ପୋଲିସ ପ୍ରଶାସନ ପକ୍ଷରୁ ଏକ ବ୍ୟାରିକେଡ ମଧ୍ୟରେ ରହିବାକୁ କୁହାଯାଇଥିଲା। ଗଣମାଧ୍ୟମ ପ୍ରତିନିଧି ଏଲ୍‌ଇଡି ପରଦାରେ ହେଉଥିବା ସିଧା ପ୍ରସାରଣ ଦେଖିଥିଲେ। ଏପରିକି ସେମାନଙ୍କୁ ଯଜ୍ଞସ୍ଥଳ କିମ୍ବା ଶିଳାନ୍ୟାସ ସ୍ଥଳକୁ ଛଡ଼ାଯାଇ ନ ଥିଲା। ଯାହାକୁ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା ।

## ସହରରେ ଅଘୋଷିତ କର୍ଫ୍ୟୁ

**ପୁରୀ ଅଫିସ, ୨୪।୧୧**

ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତ ବେଳେ ଅଣ୍ଡା ମାଡ଼ ଓ ବିରୋଧକୁ ନେଇ ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପୂର୍ବରୁ ସତର୍କ ହୋଇରହିଥିଲେ। ତେଣୁ ପୋଲିସ ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ରାସ୍ତାକୁ ବ୍ୟାରିକେଡ ଏବଂ କନା ଲଗାଯାଇ ଏକ ପ୍ରକାର ସିଲ୍ କରାଯାଇଥିଲା। ସକାଳଠାରୁ ମୁଖ୍ୟମନ୍ତ୍ରୀ ଫେରିବା ପର୍ଯ୍ୟନ୍ତ ସହରରେ ପ୍ରଶାସନ ପକ୍ଷରୁ ଏକ ପ୍ରକାର ଅଘୋଷିତ କର୍ଫ୍ୟୁ ଲଗାଯାଇଥିଲା। ଏହି ସମୟରେ ପୁରୀର ଦୋକାନ ବଜାର ବନ୍ଦ କରାଯିବା ସହ ବ୍ୟାରିକେଡ ମଧ୍ୟରେ ଲୋକଙ୍କୁ ଅଟକା ଯାଇଥିଲା। ଯେପରି କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତ ସମୟରେ ଏପରି ସୁରକ୍ଷା ବ୍ୟବସ୍ଥା କେବେ ଦେଖିବାକୁ ମିଳି ନ ଥିଲା। ଏପରିକି ପୂର୍ବରୁ ବହୁଥର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ପୁରୀ ଆସିଥିବା ବେଳେ ଏତେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇ ନାହିଁ। ମୁଖ୍ୟମନ୍ତ୍ରୀ ଅଣ୍ଡା ମାଡ଼କୁ ଡରି ଏପରି କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଚର୍ଚ୍ଚା ହେଉଛି।



ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ କରି ଶ୍ରୀମନ୍ଦିର ପରିକ୍ରମା କରୁଛନ୍ତି ।

## ମନ୍ଦିର ପ୍ରତିଷ୍ଠା, ଯଜ୍ଞ ପୂର୍ଣ୍ଣାହୁତି

**ସାକ୍ଷୀଗୋପାଳ,୨୪।୧୧(ଡି.ଏନ୍.ଏ./ସ୍ୱ.ପ୍ର.)**

ସତ୍ୟବାଦୀ ବ୍ଲକ ରାୟଚକ୍ରଧରପୁର ଗ୍ରାମରେ ଶ୍ରୀ ଗୋପୀନାଥ ଦେବ, ଶ୍ରୀ ଗ୍ରାମେଶ୍ୱର ଦେବ ଓ ଗ୍ରାମଦେବତୀ ମା' ଜାଗେଶ୍ୱରୀଙ୍କ ମନ୍ଦିର ପୁନରୁଦ୍ଧାର ଓ ପ୍ରତିଷ୍ଠା ଉତ୍ସବ ଯଜ୍ଞ ବୁଧବାର ପୂର୍ଣ୍ଣାହୁତି ହୋଇଛି। ଏହି ଉପଲକ୍ଷେ ଶ୍ରୀମଦ ଭାଗବତ ପାଠ ନାମ ସଂକୀର୍ତ୍ତନ ଓ ପୂଜାର୍ଚ୍ଚନା କରାଯାଇଥିଲା। ଫନୀ ବାତ୍ୟାରେ ଉଜୁଡି ଯାଇଥିବା ମନ୍ଦିର ଓ ମଣ୍ଡପର ପୁନରୁଦ୍ଧାର କାର୍ଯ୍ୟରେ ଗ୍ରାମବାସୀ ସହଯୋଗ କରିଥିଲେ। କର୍ତ୍ତା ଭାବେ କିଶୋରଚନ୍ଦ୍ର ଶତପଥୀ, କର୍ତ୍ତ୍ରି ଅନୀତା ଶତପଥୀଙ୍କ ସହିତ ବସନ୍ତ କୁମାର ମିଶ୍ର, ରିଙ୍କୁନାଥ ଷଡଙ୍ଗୀ ଓ ଶାନ୍ତିସ୍ୱରୂପ ଦାଶ ପୁରୋଧା ଭାବେ ଯୋଗଦେଇଥିଲେ। ସେହିଭଳି ସୁଳାମାଳ ଗ୍ରାମରେ ୪ଦିନ ବ୍ୟାପୀ ଚାଲିଥିବା ମା' ବିଶ୍ୱେଶ୍ୱରୀଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଙ୍କୁରାରୋପଣ, କଳସଯାତ୍ରା, ସୂର୍ଯ୍ୟପୂଜା ଓ ଅଗ୍ନି ସ୍ଥାପନ ସହିତ ସ୍ନାନ ଶୟନ ଆଦି ବିଧି ଅନୁଯାୟୀ କରାଯାଇଥିଲା।

## ସମସ୍ୟାର ସମାଧାନ ନେଇ ବିଡିଓ ଦେଲେ ପ୍ରତିଶ୍ରୁତି

**ଡେଲାଙ୍ଗ,୨୪।୧୧(ଡି.ଏନ୍.ଏ.)**

ଡେଲାଙ୍ଗ ପଞ୍ଚାୟତ ସମିତିର ୮ମ ଅଧିବେଶନ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ, ତହସିଲଦାର ନିବେଦିତା ପରିଡ଼ା, ଉପାଧ୍ୟକ୍ଷା ସ୍ୱପ୍ନାରାଣୀ ବଳବନ୍ତରାୟ, ଜିଲା ପରିଷଦ ସଭ୍ୟ ଦେବାଶିଷ ନନ୍ଦ, ମଳୟ ମହାନ୍ତି, ପୁଷ୍ପାଞ୍ଜଳି ସାମଲ, ଜେଇ ଚିତ୍ରୋତ୍ପଳା ନାୟକ, ନୃସିଂହ ଚରଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ଥିବା ବିଭିନ୍ନ ସମସ୍ୟା ବିଷୟରେ ଜନପ୍ରତିନିଧିମାନେ ଜଣାଇଥିବା ବେଳେ ଖୁବଶୀଘ୍ର ଏଥିପ୍ରତି ଦୃଷ୍ଟି ଦେଇ ସମାଧାନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ।

ଫନୀକୁ ୩ ବର୍ଷ ପୂରିବାକୁ ବସିଥିବା ବେଳେ ଏପର୍ଯ୍ୟନ୍ତ ଅନେକ ହିତାଧିକାରୀ ଘରଭଙ୍ଗା ସହାୟତାରୁ ବଞ୍ଚିତ ଥିବାବେଳେ କେତେକ ହିତାଧିକାରୀଙ୍କ ଆକାଉଣ୍ଟକୁ ଅଚଳ କରାଯାଇଛି। ଫଳରେ ଅନେକ ହିତାଧିକାରୀ ସେମାନଙ୍କ ଭତ୍ତା ଟଙ୍କା ଉଠାଣରେ ସମସ୍ୟା ଉପୁଜୁଥିବା ସମିତିସଭ୍ୟ ଦୁର୍ଗାଚରଣ ରାଉତରାୟ ଅଭିଯୋଗ କରିଥିଲେ। ସେହିପରି ଡେଲାଙ୍ଗ ବ୍ଲକରେ ଥିବା ୧୯୭ ଅଙ୍ଗନୱାଡି ସେଣ୍ଟର ମଧ୍ୟରୁ ୯୩ଟି ପୂର୍ଣ୍ଣାଙ୍ଗ ସେଣ୍ଟରରେ ବିଦ୍ୟୁତ ସଂଯୋଗ ହୋଇ ନ ଥିବାରୁ ଶିଶୁଙ୍କ ପାଠପଢାରେ ଅସୁବିଧା ହେଉଥିବା ଜିଲା ପରିଷଦ ସଭ୍ୟ ମଳୟ ମହାନ୍ତି କହିଥିଲେ। ଜବରଦଖଲରେ ଥିବା ସରକାରୀ ଜମିକୁ ସରକାର ନିଜସ୍ୱ ଦଖଲକୁ ଆଣିବା ପାଇଁ ସମିତିସଭ୍ୟା ହରପ୍ରିୟା ପାତ୍ର କହିଥିଲେ। ଏଭଳି ବିଭିନ୍ନ ପଞ୍ଚାୟତର ଅନେକ ଦାବି ସରପଞ୍ଚ, ସମିତିସଭ୍ୟମାନେ ରଖିଥିଲେ। ଅଙ୍ଗନୱାଡି ଗୃହ ନିର୍ମାଣ, ପାନୀୟଜଳ ସମସ୍ୟା ସମାଧନ, ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ଅଚଳ ଆକାଉଣ୍ଟକୁ ସଚଳ କରିବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ବିଡିଓ କହିଥିଲେ। ସରପଞ୍ଚ ବାଲୁଙ୍କେଶ୍ୱର ମହାପାତ୍ର, ରମାଦେବୀ ରାଉତରାୟ, କାଳନ୍ଦୀ ଜେନା, ବିଷ୍ଣୁପ୍ରିୟା ଜେନା, ୨୧ ପଞ୍ଚାୟତର ଜନପ୍ରତିନିଧି, କୃଷି ବିଭାଗରୁ ରାକେଶ ରାଉତ, ପ୍ରାଣୀସମ୍ପଦ ବିଭାଗରୁ ପାର୍ଥସାରଥି ଦୋରା, ସ୍ୱାଗତିକା ପ୍ରଧାନ, ରଞ୍ଜନ ମିଶ୍ର, ବିଶ୍ୱଜିତ ନାୟକ, ରତିକାନ୍ତ ସାହୁ, ନିରଞ୍ଜନ ପାତ୍ର, ତପନଚନ୍ଦ୍ର ଦାସ, ହରିଷ୍ ପତି ପ୍ରମୁଖ ଉପସ୍ଥିତ ଥିଲେ।

